୫୬ତମ ବର୍ଷ ୨୧ ଫେବ୍ରୁଆରୀ ୨୦୧୩ ପ୍ରଥମ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୧୫ ଟଙ୍କା, ବାର୍ଷିକ ଚାନ୍ଦା : ୬୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୬୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଫେବ୍ରୁଆରୀ, ୨୦୧୩]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ହୃଦୟରେ ପ୍ରେମ-ସାମର୍ଥ୍ୟ | ··· | ଶ୍ରୀଅରବିନ୍ଦ | ··· | ୫ |
| ପ୍ରେମର ସୋପାନ-କ୍ରମ | ··· | ଶ୍ରୀମା | ··· | ୬ |
| ପ୍ରେମ ଓ ଭକ୍ତି ମାର୍ଗରେ ସାଧନା | ··· | ଶ୍ରୀଅରବିନ୍ଦ | ··· | ୭ |
| ଭଗବତ୍ ପ୍ରେମ ଓ ମାନୁଷୀ ପ୍ରେମ | ··· | ଶ୍ରୀମା | ··· | ୯ |
| ପ୍ରେମ ଦ୍ୱାରା ଦିବ୍ୟପ୍ରେମର ପ୍ରତିଦାନ | ··· | ଶ୍ରୀମା | ··· | ୧୨ |
| ପ୍ରେମ - ଏକ ପରମ ଶକ୍ତି | ··· | ଶ୍ରୀମା | ··· | ୧୩ |
| ଦିବ୍ୟପ୍ରେମର ସଂଧାନ | ··· | ଶ୍ରୀମା | ··· | ୧୪ |
| ପରମଙ୍କ ସହ ପ୍ରେମ | ··· | ଶ୍ରୀଅରବିନ୍ଦ | ··· | ୧୬ |
| ଶକ୍ତିକ୍ଷୟରୁ ନିବୃତ୍ତ ରୁହ | ··· | ଶ୍ରୀମା | ··· | ୧୮ |
| ଶ୍ରୀଅରବିନ୍ଦଙ୍କ ସହ ସାନ୍ଧ୍ୟବୈଠକ | ··· | ଏ. ବି. ପୁରାଣୀ | ··· | ୧୯ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ··· | ଶ୍ରୀଅରବିନ୍ଦ | ··· | ୨୨ |
| ବିବେକାନନ୍ଦ | ··· | ଶ୍ରୀ ନଳିନୀକାନ୍ତ ଗୁପ୍ତ | ··· | ୨୭ |
| ପିତୃଗଣଙ୍କ ବିଜୟ (୨) | ··· | ଶ୍ରୀଅରବିନ୍ଦ | ··· | ୩୦ |
| ବିଶ୍ୱାସ ଓ ଆସ୍ପୃହା | ··· | ଶ୍ରୀ ମନୋଜ ଦାସ | ··· | ୩୫ |
| ଶ୍ରୀଅରବିନ୍ଦଙ୍କର ନିବାସ | ··· | ମମତା ଦାଶ | ··· | ୩୭ |
| ମାନବଜୀବନ ଓ ସମାଜରେ ପୂର୍ଣ୍ଣଯୋଗର ପୂର୍ଣ୍ଣାଙ୍ଗ ପ୍ରୟୋଗ | ··· | ଶ୍ରୀପତି ଦାସ | ··· | ୪୦ |
| ମା'ହିଁ ଚେତନାର ଅମୃତ ଦିଗନ୍ତ | ··· | ଶ୍ରୀ ବିମଳ ପ୍ରସନ୍ନ ଦାସ | ··· | ୪୩ |

**ଜୀବନୀ ଓ ସ୍ମୃତିଚାରଣ**

| | | | | |
|---|---|---|---|---|
| ପଣ୍ଡିଚେରୀ : 'ତପସ୍ୟାର ଗୁହା' | ··· | ··· | ··· | ୪୬ |

**ସାଧନା ପରମ୍ପରା**

| | | | | |
|---|---|---|---|---|
| ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ (୩) | ··· | ··· | ··· | ୪୯ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ଶ୍ରୀମାଙ୍କ କଥିତ କେତୋଟି ସତ୍ୟ ଘଟଣା | ··· | ଶ୍ରୀମା | ··· | ୫୩ |

| | | | | |
|---|---|---|---|---|
| **ସମ୍ପାଦକୀୟ** | ··· | ··· | ··· | ୫୪ |


❖

## ବିଷୟଗୁଡ଼ିକର ମୂଳଗ୍ରନ୍ଥ ସୂଚନା

ପୃ : ୫ (SABCL, Vol. 21, pp. 708-09); ପୃ : ୭-୮ (Letters On Yoga, pp.753 - 780 ମଧ୍ୟରେ ଦ୍ରଷ୍ଟବ୍ୟ); ପୃ : ୯-୧୧ (M.C.W. Vol. 3, pp.69 - 72); ପୃ : ୧୨ (M.C.W. Vol. III, pp.186 - 187); ପୃ : ୧୮, (M.C.W. Vol-15 - page - 370); ପୃ : ୫୩, (M.C.W.. Vol. 5, pp.406 - 408)

Q. *What is true love and how to find it ?*

Do *you* know what is true love ?

There is only *one* true love, the love *from* the Divine, which, in human beings, turns into love *for* the Divine.

Shall we say that the nature of the Divine is Love.

(MCW. Vol. 12, p. 304) – The Mother

*ପ୍ରଶ୍ନ : ପ୍ରକୃତ ପ୍ରେମ କହିଲେ କ'ଣ ବୁଝାଏ ଏବଂ ଆମେ ସେହି ପ୍ରେମକୁ ଲାଭ କରିପାରିବା କିପରି ?*

ଯଥାର୍ଥ ପ୍ରେମ କ'ଣ, ତୁମେ ଜାଣିଛ କି ?

ଯଥାର୍ଥ ପ୍ରେମ କହିଲେ କେବଳ **ଗୋଟିଏ** ପ୍ରେମକୁ ବୁଝାଇବ; ଯେଉଁ ପ୍ରେମ ପରମ ଦିବ୍ୟସତ୍ତାଙ୍କଠାରୁ ନିଷ୍ପନ୍ନ ହୋଇଆସିଛି, ଏବଂ ମନୁଷ୍ୟମାନଙ୍କର ଭୂମିକୁ ଆସି ତାହା ସେହି ପରମ ଦିବ୍ୟସତ୍ତାଙ୍କ **ଲାଗି** ଏକ ପ୍ରେମରେ ପରିଣତ ହୋଇଥାଏ ।

ଆମେ କହିବା ଯେ ଦିବ୍ୟପରମଙ୍କ ସ୍ୱଭାବହିଁ ପ୍ରେମ ।

— ଶ୍ରୀମା



You should not rely on any thing else alone, however helpful it may seem, but chiefly, primarily, fundamentally on the Mother's Force.

– Sri Aurobindo

ତାହା ଯେତେ ବି ଉପଯୋଗୀ ମନେହେଉ ପଛେ ଅନ୍ୟ କୌଣସି କିଛି ଉପରେ ନୁହେଁ, ତୁମକୁ ମୁଖ୍ୟତଃ, ମୂଳତଃ, ପ୍ରଧାନତଃ ନିର୍ଭରତା ରଖିବାକୁ ହେବ କେବଳ ମା'ଙ୍କର ଶକ୍ତି ଉପରେ ।

– ଶ୍ରୀଅରବିନ୍ଦ

*

The Mother's Force will act and bring the result in its own time, provided one offers all to her and aspires and is vigilant, calling and remembering her at all times, rejecting quietly all that stands in the way of the action of her transforming Force.

– Sri Aurobindo

ମା'ଙ୍କ ଶକ୍ତି କ୍ରିୟା କରିବ ଏବଂ ତା' ନିଜ ସମୟରେ ସମସ୍ତ ଫଳାଫଳ ଆଣିଦେବ; ଯଦି ବ୍ୟକ୍ତି ନିଜର ସବୁକିଛିକୁ ମା'ଙ୍କୁ ଅର୍ପଣ କରେ ଏବଂ ସଜାଗ-ସତର୍କ ରହି ମା'ଙ୍କର ରୂପାନ୍ତରକାରିଣୀ ଶକ୍ତିର କ୍ରିୟାରେ ଯାହାକିଛି ବାଧାଦିଏ ସେସବୁକୁ ନୀରବରେ ପ୍ରତ୍ୟାଖ୍ୟାନ କରି ନିରନ୍ତର ତାଙ୍କୁ ଆବାହନ ଓ ସ୍ମରଣପୂର୍ବକ ଅଭୀପ୍ସା କରେ ।

– ଶ୍ରୀଅରବିନ୍ଦ



# ହୃଦୟରେ ପ୍ରେମ-ସାମର୍ଥ୍ୟ

## ଶ୍ରୀଅରବିନ୍ଦ

... ଆଉ ଏକ ଆବଶ୍ୟକ ଉପାଦାନ ହେଉଛି ହୃଦୟରେ ବିଶ୍ୱାସ, ବିଶ୍ୱର ଶୁଭ ଓ କଲ୍ୟାଣରେ ବିଶ୍ୱାସ ଏବଂ ସେଥିପାଇଁ ସଂକଳ୍ପ, ବିଶ୍ୱଗତ ଆନନ୍ଦ ପ୍ରତି ଏକ ଉନ୍ମୋଚନ । ଆମର ଶୁଦ୍ଧ ଚୈତ୍ୟସତ୍ତା ହେଉଛି ମୂଳତଃ ସେହି ଆନନ୍ଦରହିଁ ଏକ ଗଠନ, ଏହା ବିଶ୍ୱର ଆନନ୍ଦ-ଆତ୍ମାରୁହିଁ ଆସିଛି । କିନ୍ତୁ ଆବେଗପ୍ରଧାନ ଯେଉଁ ଉପୁରିଆ ହୃଦୟ ସହ ଆମେ ପରିଚିତ, ତାହା ଜଗତର ନାନା ଦ୍ୱନ୍ଦ୍ୱମୟ ବାହ୍ୟରୂପ ଦ୍ୱାରା ଗ୍ରସ୍ତ ହୋଇ ରହିଛି ଏବଂ ଦୁଃଖ-ଶୋକ, ଭୟ, ଅବସାଦ, ତୀବ୍ର ଆବେଗ, କ୍ଷଣସ୍ଥାୟୀ ଓ ଖଣ୍ଡିତ ଆନନ୍ଦର ନାନା ପ୍ରତିକ୍ରିୟା ଭୋଗକରିଚାଲିଛି । ପୂର୍ଣ୍ଣତା ପାଇଁ ଆବଶ୍ୟକ ଏକ ସମତାଯୁକ୍ତ ହୃଦୟ କିନ୍ତୁ ତାହା କେବଳ ଏକ ନିଷ୍କ୍ରିୟ ସମତା ହେଲେ ଚଳିବ ନାହିଁ । ସକଳ ଅନୁଭୂତି ପଛରେ ଏକ ଦିବ୍ୟଶକ୍ତି ରହି ଯେ ମଙ୍ଗଳ ପାଇଁ କ୍ରିୟା କରୁଛି ଆମର ସେହି ବୋଧ ରହିବା ଆବଶ୍ୟକ; ଆଉ ମଧ୍ୟ ଆମର ସେହି ବିଶ୍ୱାସ ଓ ସଂକଳ୍ପ ରହିବା ଆବଶ୍ୟକ ଯାହା ସଂସାରର ସମସ୍ତ ହଳାହଳକୁ ଅମୃତରେ ପରିଣତ କରିଦେଇପାରେ; ଆମର ସେହି ଦୃଷ୍ଟି ରହିବା ଆବଶ୍ୟକ ଯାହା ସମସ୍ତ ବିପଦ ଓ ଦୁର୍ଦ୍ଦଶା ପଛରେ ରହିଥିବା ଅଧିକ ଆନନ୍ଦପ୍ରଦ ଆଧ୍ୟାତ୍ମିକ ଅଭିପ୍ରାୟଟିକୁ ଦେଖି ପାରୁଥିବ ଏବଂ ସମସ୍ତ ଦୁଃଖଭୋଗ ଓ ଯାତନା ପଛରେ ରହିଥିବା ପ୍ରେମର ରହସ୍ୟଟିକୁ ଓ ସମସ୍ତ ବେଦନାର ବୀଜ ଭିତରେ ରହିଥିବା ଦିବ୍ୟସାମର୍ଥ୍ୟ ଓ ଆନନ୍ଦର ଫୁଲଟିକୁ ଦେଖି ପାରୁଥିବ । ଏହି ବିଶ୍ୱାସ ବା ଶ୍ରଦ୍ଧା, ଏହି 'କଲ୍ୟାଣ-ଶ୍ରଦ୍ଧା'ହିଁ ଆବଶ୍ୟକ ଯାହା ଫଳରେ ଆମର ହୃଦୟ ତଥା ସମଗ୍ର ବ୍ୟକ୍ତ ଚୈତ୍ୟସତ୍ତା ସେହି ଗୋପନ ଦିବ୍ୟ-ଆନନ୍ଦର ଉତ୍ତର ଦେଇପାରିବ ଏବଂ ନିଜକୁ ସେହି ସତ୍ୟମୟ ମୂଳଭୂତ ଉପାଦାନରେ ରୂପାନ୍ତରିତ କରିଦେଇପାରିବ ।

ଏହି ବିଶ୍ୱାସ ଓ ସଂକଳ୍ପ ସଙ୍ଗରେ ପ୍ରେମ ପାଇଁ ଏକ ସୀମାହୀନ, ବ୍ୟାପକତମ ଓ ଗଭୀରତମ ସାମର୍ଥ୍ୟ ରହିବା ଆବଶ୍ୟକ ଏବଂ ସେହି ପ୍ରେମ ଦିଗରେ ଏହା ନିଜକୁ ସମ୍ପୂର୍ଣ୍ଣ ଖୋଲିଦେଇ ପାରୁଥିବା ଆବଶ୍ୟକ । କାରଣ ପ୍ରେମହିଁ ହେଉଛି ହୃଦୟର ପ୍ରଧାନ ବୃତ୍ତି ଏବଂ ତାହାର ଯଥାର୍ଥ କାର୍ଯ୍ୟ । ପୂର୍ଣ୍ଣ ମିଳନ ଓ ଏକତ୍ୱ ପାଇଁ ଏହି ହୃଦୟହିଁ ଆମର ପ୍ରଧାନ ଯନ୍ତ୍ରରୂପେ ନିୟତି-ନିର୍ଦ୍ଧାରିତ ହୋଇ ରହିଛି । କାରଣ କେବଳ ଆମର ବୁଦ୍ଧି ବା ବିଚାର ଦ୍ୱାରା ଜଗତର ଏକତ୍ୱକୁ ବୁଝିଗଲେ ତାହା ଯଥେଷ୍ଟ ହେବ ନାହିଁ, ତହିଁ ସଙ୍ଗରେ ସେହି ଏକତ୍ୱଟିକୁ ଆମର ହୃଦୟରେ ଓ ଚୈତ୍ୟସତ୍ତାରେ ମଧ୍ୟ ଅନୁଭବ କରିବାକୁ ହେବ । ଏହାର ଅର୍ଥ ହେଉଛି ସେହି ପରମ ଏକଙ୍କ ମଧ୍ୟରେ ତଥା ତାଙ୍କ ଭିତରେ ରହିଥିବା ସମଗ୍ର ବିଶ୍ୱ ମଧ୍ୟରେ ଆନନ୍ଦକୁ ଅନୁଭବ କରିବାକୁ ହେବ, ଭଗବାନଙ୍କ ପ୍ରତି ଏବଂ ସକଳ ସତ୍ତାଙ୍କ ପ୍ରତି ପ୍ରେମ ଅନୁଭବ କରିବାକୁ ହେବ । ସକଳ ବସ୍ତୁ ମଧ୍ୟରେ ସେହି ଏକ ଦିବ୍ୟ ପରମହିଁ ଅନ୍ତର୍ବାସୀରୂପେ ବିରାଜିତ ରହିଛନ୍ତି ଓ ସମଗ୍ର ବିଶ୍ୱ ଜଗତକୁ ଚଳାଉଛନ୍ତି – ଏହି ପ୍ରତ୍ୟକ୍ଷଟିକୁ ଭିତ୍ତିକରିହିଁ ଶୁଭ ଓ ମଙ୍ଗଳ ଉପରେ ହୃଦୟର ବିଶ୍ୱାସ ଓ ସଂକଳ୍ପ ପ୍ରତିଷ୍ଠିତ । ସମଗ୍ର ଅସ୍ତିତ୍ୱ ମଧ୍ୟରେ ସେହି ଏକ ଭଗବାନ୍, ସେହି ଏକ ଆତ୍ମା ଯେ ବିରାଜମାନ – ହୃଦୟର ଏହି ଦୃଷ୍ଟି, ଚୈତ୍ୟ ଓ ଆବେଗର ଏହି ବୋଧ ଉପରେହିଁ ବିଶ୍ୱପ୍ରେମକୁ ପ୍ରତିଷ୍ଠିତ ହେବାକୁ ହେବ । ସେତେବେଳେ ଚାରୋଟି ଯାକ ଉପାଦାନ* ପରସ୍ପର ସହ ଐକ୍ୟବଦ୍ଧ ହେବେ ଏବଂ ଶୁଭ ଓ ମଙ୍ଗଳ ପାଇଁ ସଂଗ୍ରାମରେ ନିୟୋଜିତ ରୁଦ୍ରଶକ୍ତି ମଧ୍ୟ ଏହି ବିଶ୍ୱପ୍ରେମର ଏକ ଶକ୍ତିକୁ ନିଜର ଭିତ୍ତି ଓ ଆଧାର କରିବା ପାଇଁ ଆଗେଇ ଆସିବେ । ଏହି ''ପ୍ରେମ-ସାମର୍ଥ୍ୟ''ହିଁ ହେଉଛି ହୃଦୟର ସର୍ବୋଚ୍ଚ ଓ ସବୁଠାରୁ ଅଧିକ ବୈଶିଷ୍ଟ୍ୟସୂଚକ ପୂର୍ଣ୍ଣତା । ❖

---

* ବୁଦ୍ଧି, ହୃଦୟ, ପ୍ରାଣିକ ମନ ଓ ଶରୀର

# ପ୍ରେମର ସୋପାନ-କ୍ରମ

## ଶ୍ରୀମା

ସର୍ବଶେଷ ସୋପାନଟି ହେଲା ଅଖଣ୍ଡ ଅବିମିଶ୍ର ଶୁଦ୍ଧତା ନେଇ ପ୍ରେମ । ଏବଂ ଏହା ଏକ ଶକ୍ତି – ସୃଜନଶୀଳ ଓ ରୂପାନ୍ତରକାରିଣୀ ଶକ୍ତିର ଏପରି ଏକ ସ୍ପନ୍ଦନ ଯାହା ଅକଳ୍ପନୀୟ । ଯେତେବେଳେ ତହିଁରେ ବାସ କରାଯାଏ, ସେତେବେଳେ କୌଣସିକିଛି ମଧ୍ୟ ଅସମ୍ଭବ ନୁହେଁ । ଏହା କଳ୍ପନାର ଅତୀତ ।

ପ୍ରଥମେ, ଆମେ ପ୍ରେମକରୁ ଯେତେବେଳେ ଆମକୁ କେହି ପ୍ରେମକରେ ।

ଆମ ମଧ୍ୟରୁ ଅଧିକାଂଶଙ୍କ ପାଇଁ ଏହାହିଁ ହୋଇଥାଏ ପ୍ରେମର ପଥ । ଆମ ନିଜ ଭିତରେ ପ୍ରେମର ଜାଗୃତି ପାଇଁ ଆମର ଆବଶ୍ୟକ ହୁଏ ଅନ୍ୟଜଣଙ୍କର ପ୍ରେମର ସ୍ପନ୍ଦନ, ତା' ନହେଲେ ଆମେ ଜଡ଼ ହୋଇ ରହିଥାଉ ।

ତା'ପରେ ଆମେ ପ୍ରେମ କରୁ ସ୍ୱତଃସ୍ଫୂର୍ତ୍ତ ଭାବରେ...

ମଣିଷ ପ୍ରକୃତି ପାଇଁ ଏହା ବେଶ୍ ବିରାଟ ଏକ ଅଗ୍ରଗତି । ହଠାତ୍ ଆମ ଭିତରେ ପ୍ରେମ ଆସିଥାଏ, କୌଣସି ବ୍ୟକ୍ତି ବା କୌଣସି କିଛିର ସମ୍ପର୍କରେ ଆସି । ଆଃ, ଏହା ଆସିଥାଏ ! କେବଳ... ...

ଆମେ ଚାହୁଁ ପ୍ରେମର ବିନିମୟରେ ଆମ ପ୍ରତି ପ୍ରେମ ।...

ପ୍ରେମର ବିନିମୟରେ ଏହି ପ୍ରେମ ପାଇବାକୁ ଆମେ ଏକ ବିରାଟ ପୁଞ୍ଜି ବୋଲି ମନେକରୁ !

ଏହାର ପରବର୍ତ୍ତୀ ସୋପାନଟି ହେଉଛି ଆମେ ପ୍ରେମ କରୁ ଏପରିକି ଯଦିବି ତାହାର କୌଣସି ପ୍ରତିଦାନ ନମିଳେ... ...

ସାଧାରଣତଃ ଏହି ଧରଣର ବ୍ୟକ୍ତିମାନେ ଯୋଗର ଏପରି ଏକ ସ୍ତରରେ ପହଞ୍ଚି ଥା'ନ୍ତି ଯାହାକି ଖୁବ୍ ଉନ୍ନତ ।

କିନ୍ତୁ ଆମେ ତଥାପି ଚାହୁଁ ଯେ ଆମର ପ୍ରେମ ଗୃହୀତ ହେଉ... ।

ହଁ, ମୁଁ ଏହା ବ୍ୟକ୍ତିଗତ ଅନୁଭୂତିରୁ ଜାଣେ । ଗୋଟିଏ ସମୟ ଆସେ ଯେତେବେଳେ କୌଣସି ପ୍ରତିଦାନ ନପାଇ ମଧ୍ୟ ଜଣେ ପ୍ରେମ କରିବା ପାଇଁ ସମର୍ଥ ହୁଏ; ସେତେବେଳେ ଜଣେ କାହାଠାରୁ ପ୍ରେମ ପାଇବାର ପ୍ରୟୋଜନର ଊର୍ଦ୍ଧ୍ୱକୁ ଉଠି ଯାଇଥାଏ; କିନ୍ତୁ ସେତେବେଳେ ବି ଠିକ୍ ଆବଶ୍ୟକତା ନହେଲେ ମଧ୍ୟ ଆମ ଭିତରେ ଏହି ଧରଣର ଏକ ଭାବ ରହିଥାଏ ଯେପରି ଆମର ସେହି ପ୍ରେମ ଅନୁଭୂତ ହେଉ ଏବଂ ତା'ର କିଛି ପ୍ରଭାବ ରହୁ । ପରେ ଏଗୁଡ଼ିକ ଆମକୁ ହସ ଲାଗିପାରେ ।

ଶେଷରେ ଆମର ପ୍ରେମ ହୋଇଥାଏ ସରଳ ଓ ସହଜ ଭାବରେ କେବଳ ପ୍ରେମ, ଆମର ଅନ୍ୟ କୌଣସି ପ୍ରୟୋଜନ ନଥାଏ, କେବଳ ଭଲ ପାଇବାର ଆନନ୍ଦ ଛଡ଼ା ଅନ୍ୟ କୌଣସି ଆନନ୍ଦ ନଥାଏ ।

ଏବଂ ମୁଁ ନିଜେ ଜାଣେ ସେହି ପ୍ରେମ ହେଉଛି ସର୍ବଶକ୍ତିମାନ୍ । ❖

# ପ୍ରେମ ଓ ଭକ୍ତି ମାର୍ଗରେ ସାଧନା

## ଶ୍ରୀଅରବିନ୍ଦ

ଦିବ୍ୟପ୍ରେମ, ସୌନ୍ଦର୍ଯ୍ୟ ଓ ଆନନ୍ଦକୁ ଏହି ଜଗତରେ ଉତାରି ଆଣିବା ହେଉଛି ଆମ ଯୋଗର ମୁକୁଟ ଓ ସାରତତ୍ତ୍ୱ । କିନ୍ତୁ ମୋର ବରାବର ମନେହୁଏ, ଏହା ଅସମ୍ଭବ ଯେପର୍ଯ୍ୟନ୍ତ ଦିବ୍ୟସତ୍ୟ – ମୁଁ ଯାହାକୁ ଅତିମାନସ କହେ – ଏବଂ ତାହାର ଦିବ୍ୟଶକ୍ତି ଏଗୁଡ଼ିକର ସହାୟକ, ଭିତ୍ତି ଓ ପ୍ରହରୀରୂପେ ନ ଆସିଛି । ଅନ୍ୟଥା ସ୍ୱୟଂ ପ୍ରେମ ବର୍ତ୍ତମାନର ଚେତନାର ବିଭ୍ରାନ୍ତିଗୁଡ଼ିକ ଦ୍ୱାରା ଦୃଷ୍ଟିହୀନ ହୋଇ ତାହାର ମାନବୀୟ ଆଧାରରେ ଝୁଣ୍ଟି ପଡ଼ିପାରେ, ଅଥବା ମଣିଷର ଇତର ପ୍ରକୃତିର ଦୁର୍ବଳତାରେ ଅସ୍ୱୀକୃତ, ପ୍ରତ୍ୟାଖ୍ୟାତ, କ୍ଷିପ୍ରଭାବେ ଅଧୋପତିତ ଓ ନିଜକୁ ହରାଇଥିବାର ଦେଖିପାରେ । କିନ୍ତୁ ଯେତେବେଳେ ଏହା ଦିବ୍ୟସତ୍ୟ ଓ ଶକ୍ତିରେ ସମନ୍ୱିତ ହୋଇ ଆସେ, ସେତେବେଳେ ଏହି ଦିବ୍ୟପ୍ରେମ ପ୍ରଥମେ ବିଶ୍ୱାତୀତ ଓ ବିଶ୍ୱଗତଭାବେ ଅବତରଣ କରେ ଏବଂ ସେହି ବିଶ୍ୱାତୀତତା ଓ ବିଶ୍ୱଗତତା ଭିତରୁ, ଭଗବତ୍ ସତ୍ୟ ଓ ସଂକଳ୍ପ ଅନୁଯାୟୀ, ତାହା ନିଜକୁ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ପ୍ରୟୋଗ କରେ, ଏବଂ ସେତେବେଳେ ତାହା ସୃଷ୍ଟିକରେ ଏପରି ଏକ ବ୍ୟାପକତର, ବୃହତ୍ତର ଏବଂ ଶୁଦ୍ଧତର ବ୍ୟକ୍ତିଗତ ପ୍ରେମ, ଯାହାକି ମଣିଷର ବର୍ତ୍ତମାନର ମନ ଓ ହୃଦୟ ପାଇଁ ସଂପୂର୍ଣ୍ଣ କଳ୍ପନାତୀତ । ଏବଂ ଯେତେବେଳେ ଜଣେ ଏହି ଅବତରଣକୁ ଅନୁଭବ କରେ ସେତେବେଳେ କେବଳ ସେ ପୃଥିବୀରେ ଭଗବତ୍ ପ୍ରେମର ଆବିର୍ଭାବ ଓ କ୍ରିୟାର ଯଥାର୍ଥ ଯନ୍ତ୍ର ହୋଇପାରେ ।

*

ଭକ୍ତିର ସ୍ୱଭାବ ହେଉଛି ନିଜଠାରୁ ଯାହା ମହତ୍ତର ତାହା ପ୍ରତି ଆରାଧନା, ପୂଜା ଓ ଆତ୍ମନିବେଦନ; ପ୍ରେମର ସ୍ୱଭାବ ହେଉଛି ଅନ୍ତରଙ୍ଗତା ଓ ମିଳନ ପାଇଁ ଏକ ଅନୁଭବ ବା ଅନ୍ୱେଷା । ଉଭୟର ସ୍ୱଭାବରେ ରହିଛି ଆତ୍ମଦାନ; ଯୋଗରେ ଉଭୟହିଁ ଆବଶ୍ୟକ, ଏବଂ ପ୍ରତ୍ୟେକେ ନିଜର ପୂର୍ଣ୍ଣଶକ୍ତି ଲାଭ କରନ୍ତି ଅପରର ସହାୟତାରେ ।

*

ଯେଉଁ ପ୍ରେମ ଭଗବତ୍ ଅଭିମୁଖୀ ହୋଇଥାଏ, ତାହା ମନୁଷ୍ୟମାନେ ପ୍ରେମ ବୋଲି କହୁଥିବା ସେହି ଚିରାଚରିତ ପ୍ରାଣିକ ଭାବାବେଗ ହେବା ଉଚିତ ନୁହେଁ; କାରଣ ତାହା ପ୍ରେମ ନୁହେଁ, ତାହା କେବଳ ଏକ ପ୍ରାଣିକ ବାସନା ମାତ୍ର, ଆତ୍ମସାତ୍ କରିବାର ଏକ ପ୍ରବୃତ୍ତି, ଅଧିକାର କରିବାର ଓ ଏକଚାଟିଆ ଆଧିପତ୍ୟ ବିସ୍ତାର କରିବାର ଏକ ସାମୟିକ ଉନ୍ମାଦନା । ଏହା ଆଦୌ ଦିବ୍ୟପ୍ରେମ ତ ନୁହେଁ, ଯୋଗ ସଙ୍ଗରେ ଏହାର ସାମାନ୍ୟତମ ମିଶ୍ରଣ ପାଇଁ ମଧ୍ୟ ସମ୍ମତି ଦେବା ଉଚିତ ନୁହେଁ । ଭଗବାନଙ୍କ ପାଇଁ ଯଥାର୍ଥ ପ୍ରେମ ହେଉଛି ପୂର୍ଣ୍ଣ ଆନୁଗତ୍ୟ ଓ ସମର୍ପଣ ସହିତ ଏକ ଦାବିମୁକ୍ତ ଆତ୍ମଦାନ । ଏହା କୌଣସି ଦାବି ରଖେ ନାହିଁ, କୌଣସି ସର୍ତ୍ତ ଆରୋପ କରେ ନାହିଁ, କୌଣସି ମୂଲଚାଲ କରେ ନାହିଁ; ଈର୍ଷା, ଗର୍ବ ବା କ୍ରୋଧର କୌଣସି ଉଗ୍ରତାକୁ ପ୍ରଶ୍ରୟ ଦିଏ ନାହିଁ – କାରଣ ଏଗୁଡ଼ିକ ତା'ର ଗଠନର ଉପାଦାନ ନୁହେଁ । ତାହାର ପ୍ରତିଦାନରେ ଦିବ୍ୟଜନନୀ ମଧ୍ୟ ନିଜକୁ ଦେଇଦିଅନ୍ତି, ମୁକ୍ତ ଓ ସ୍ୱଚ୍ଛନ୍ଦ ଭାବରେ – ଏବଂ ସ୍ୱୟଂ ଏହା ହେଉଛି ଅନ୍ତର୍ଦାନରହିଁ ଏକ ନିଦର୍ଶନ – ତୁମର ମାନସିକ, ପ୍ରାଣିକ ଓ ଶାରୀରିକ ଚେତନାରେ ତାଙ୍କର ଉପସ୍ଥିତି, ଦିବ୍ୟ ପ୍ରକୃତିରେ ତୁମକୁ ନୂଆକରି ଗଢ଼ି ଦେଉଥିବା ତାଙ୍କର ଶକ୍ତି, ତୁମ ସତ୍ତାର ସବୁ ଗତିବୃତ୍ତିକୁ ନେଇ ତାହାକୁ ପୂର୍ଣ୍ଣତା ଓ ସାର୍ଥକତା ଦିଗରେ ତାଙ୍କର ଚାଳନା, ତାଙ୍କର ପ୍ରେମ ତୁମକୁ ଆବେଷ୍ଟନ କରି ନିଜର ବାହୁବନ୍ଧନରେ ଭଗବାନଙ୍କ ଆଡ଼କୁ ନେଇଯିବା – ଏହିଗୁଡ଼ିକହିଁ ହେଉଛି ସେହି ଅନ୍ତର୍ଦାନର ନିଦର୍ଶନ । ଏହାକୁହିଁ, ସ୍ଥୂଳ ଭୌତିକ ପର୍ଯ୍ୟନ୍ତ ତୁମର ସମଗ୍ର ସତ୍ତାରେ ଅନୁଭବ ଓ ଅଧିଗତ କରିବା ପାଇଁ ଅଭୀପ୍ସା କରିବା ପ୍ରୟୋଜନ, ଏବଂ ଏଠାରେ ସମୟ ବା ସମ୍ପୂର୍ଣ୍ଣତାର କୌଣସି ସୀମା ନାହିଁ । ଯଦି ଜଣେ ଯଥାର୍ଥରେ ଏଥିପାଇଁ ଅଭୀପ୍ସା କରେ ଓ ଏହା ପ୍ରାପ୍ତ ହୁଏ ତା'ହେଲେ ଅନ୍ୟ କୌଣସି ପ୍ରାପ୍ତି ପାଇଁ ବା ଅପୂର୍ଣ୍ଣ ବାସନା ପାଇଁ ଆଉ କୌଣସି ସ୍ଥାନ ରହିବ ନାହିଁ । ଏବଂ ଯଦି ଜଣେ ଏଥିପାଇଁ ଯଥାର୍ଥରେ ଅଭୀପ୍ସା କରେ ତେବେ ସେ ଏହା ଅବ୍ୟର୍ଥଭାବେ ଲାଭକରିବ, ଶୁଦ୍ଧୀକରଣର ପ୍ରକ୍ରିୟା ଯେତେଯେତେ ଅଗ୍ରସର ହେଉଥିବ ଓ ପ୍ରକୃତି ନିଜର ଆବଶ୍ୟକ

ପରିବର୍ତ୍ତନ ଭିତର ଦେଇ ଯାଉଥିବ, ସେ ଏହା ଆହୁରି ଅଧିକରୁ ଅଧିକ ଲାଭ କରିବ ।

ତୁମର ପ୍ରେମକୁ ସମସ୍ତ ପ୍ରକାର ସ୍ୱାର୍ଥପର ଦାବି ଓ କାମନାବାସନାରୁ ଶୁଦ୍ଧ ରଖ; ତା'ହେଲେ ଦେଖିବ ଯେ ପ୍ରତ୍ୟୁତ୍ତରରେ ତୁମେ ସହ୍ୟ ଓ ଗ୍ରହଣ କରିପାରିବା ଭଳି ସମସ୍ତ ପ୍ରେମ ପାଉଛ ।

*

ପ୍ରାଣିକ ପ୍ରେମର ଝଟକ ଓ ଚାକଚକ୍ୟ ଯାହା ବି ହେଉ ନା କାହିଁକି, ଥରେ ଯେତେବେଳେ ଏହା ଚାଲିଯାଏ ଓ ଜଣେ ଉଚ୍ଚତର ସ୍ତରରେ ପହଞ୍ଚେ ସେତେବେଳେ ତାହାକୁ ଆଉ ପୂର୍ବରୁ କଳ୍ପନା କରିଥିବା ଏକ ବିରାଟ ଜିନିଷ ବୋଲି ଦେଖିବା ଉଚିତ ନୁହେଁ । ଏହାକୁ ଏହି ଧରଣର ଅତିରଞ୍ଜିତ ମୂଲ୍ୟ ଦେବାର ଅର୍ଥ ହେଉଛି ସେହି ମହତ୍ତର ସତ୍ୟ ଦିଗରେ ଚେତନାର ଆରୋହଣକୁ ପଛକୁ ଟାଣିଧରିବା, ଯାହା ସହିତ ଏହାକୁ ମୁହୂର୍ତ୍ତକ ପାଇଁ ବି ତୁଳନା କରାଯାଇ ନପାରେ । ଏକ ନିକୃଷ୍ଟ ଅତୀତ ପ୍ରତି ଜଣେ ଯଦି ଏହି ଧରଣର ଅତିରଞ୍ଜିତ ଭାବ ପୋଷଣ କରେ, ତା'ହେଲେ ଏକ ଉଚ୍ଚତର ଭବିଷ୍ୟତ୍ ଦିଗରେ ସମଗ୍ର ବ୍ୟକ୍ତିଟିର ବିକାଶ ଅଧିକ କଷ୍ଟସାଧ ହୁଏ । ପ୍ରକୃତରେ ଏହା ମା'ଙ୍କ ଇଚ୍ଛା ନୁହେଁ ଯେ କେହି ବି ତା'ର ପୁରୁଣା ପ୍ରାଣିକ ପ୍ରେମକୁ ଏକ ଉତ୍ସାହପୂର୍ଣ୍ଣ ପ୍ରଶଂସାର ମନୋଭାବ ନେଇ ଫେରିଚାହୁଁ । ଜିନିଷସବୁର ଯଥାର୍ଥ ମୂଲ୍ୟାୟନ ଦୃଷ୍ଟିରୁ ବାସ୍ତବରେ ତାହା କେତେ ନଗଣ୍ୟ ଥିଲା ! ଏହା ଆଦୌ ଏକ ତୁଳନାର ପ୍ରଶ୍ନ ବା ଅନ୍ୟଟିର ବିନିମୟରେ ପ୍ରାଣିକ ଆବେଗ ସମ୍ପର୍କରେ ଜଣକର ଉଚ୍ଛ୍ୱସିତ ମନୋଭାବର ପ୍ରଶ୍ନ ନୁହେଁ । ସମଗ୍ର ଜିନିଷଟି ପୂର୍ଣ୍ଣମାତ୍ରାରେ କ୍ଷୟ ହୋଇ ଅତୀତର ସେହି ଛାୟାନ୍ଧକାର ଗଠନ ଭିତରକୁ ଅପସରି ଯିବା ଉଚିତ, ଯାହାରକି ବର୍ତ୍ତମାନ ଆଉ କୌଣସି ଗୁରୁତ୍ୱ ନାହିଁ ।

*

ପ୍ରାଣିକ ପ୍ରେମର ସାଧାରଣ ପ୍ରକୃତି ହେଉଛି ଦୀର୍ଘସ୍ଥାୟୀ ନ ହେବା, ଯଦି ଏହା ଦୀର୍ଘସ୍ଥାୟୀ ହେବାକୁ ଚେଷ୍ଟାକରେ ତେବେ ତାହା ତୃପ୍ତ କରିପାରେ ନାହିଁ, କାରଣ ଏହା ହେଉଛି ଏପରି ଏକ ଆବେଗ, ଯାହାକୁ ପ୍ରକୃତି ଏକ ଅସ୍ଥାୟୀ ଉଦ୍ଦେଶ୍ୟ ସାଧନ ନିମନ୍ତେ ନିକ୍ଷେପ କରିଥାଏ । ତେଣୁ ଏକ ଅସ୍ଥାୟୀ ଉଦ୍ଦେଶ୍ୟ ପୂରଣ ପାଇଁ ଏହା ଉତ୍ତମ ହୋଇପାରେ, କିନ୍ତୁ ଏହାର ସ୍ୱାଭାବିକ ପ୍ରବଣତା ହେଉଛି, ପର୍ଯ୍ୟାପ୍ତ ରୂପେ ପ୍ରକୃତିର ଉଦ୍ଦେଶ୍ୟ ସାଧନ ହୋଇଯିବା ପରେ ଏହା କ୍ରମେ କ୍ଷୟ ହୋଇଯାଏ । ଯେହେତୁ ମଣିଷ ଏକ ଜଟିଳ ସତ୍ତା, ତେଣୁ ମଣିଷସମାଜ କ୍ଷେତ୍ରରେ, ପ୍ରକୃତି ନିଜର ପ୍ରବେଶକୁ ସାହାଯ୍ୟ କରିବା ସକାଶେ କଳ୍ପନା ଓ ଆଦର୍ଶବାଦର ସହାୟତା ଲୋଡ଼ିଥାଏ ଏବଂ ତହିଁରେ ଆଣିଦେଇଥାଏ ଏକ ଅନୁରାଗ, ସୌନ୍ଦର୍ଯ୍ୟ, ପ୍ରଜ୍ୱଳନ ଓ ମହିମାର ବୋଧ । କିନ୍ତୁ ଅଳ୍ପକାଳ ପରେ ଏହା କ୍ଷୟପ୍ରାପ୍ତ ହୋଇଯାଏ । ଏହା ଦୀର୍ଘସ୍ଥାୟୀ ହୋଇପାରେ ନାହିଁ କାରଣ ଏହା ଏକ ଋଣସୂତ୍ରରେ ମିଳିଥିବା ଆଲୋକ ଓ ଶକ୍ତି, ଋଣ — ଏହି ଅର୍ଥରେ ଯେ ଏହା ହେଉଛି ଊର୍ଦ୍ଧ୍ୱସ୍ଥ କିଛିରୁ ମିଳିଥିବା ଏକ ପ୍ରତିଫଳନ; କଳ୍ପନା ଦ୍ୱାରା ବ୍ୟବହୃତ ସେହି ପ୍ରାଣିକ ମାଧ୍ୟମର ନିଜସ୍ୱ ଭାବ ନୁହେଁ । ଅଧିକନ୍ତୁ ମନ ଓ ପ୍ରାଣରେ କିଛି ସ୍ଥାୟୀ ହୋଇ ରହେ ନାହିଁ, ସେଠାରେ ସବୁକିଛି ପ୍ରବହମାନ । ଏକମାତ୍ର ଯାହା ସ୍ଥାୟୀ ତା'ହେଉଛି ଆତ୍ମା ଓ ଅଧ୍ୟାତ୍ମ । ତେଣୁ ପ୍ରେମ ଯଦି ଆତ୍ମା ଓ ଅଧ୍ୟାତ୍ମର ଭିତ୍ତି ଉପରେ ଆଧାରିତ ହୋଇଥାଏ, ସେହିଠାରେ ଯଦି ରହିଥାଏ ତା'ର ମୂଳ ଉପାଦାନ, ତା'ହେଲେ କେବଳ ସେହି ପ୍ରେମ ଚିରସ୍ଥାୟୀ ହୋଇପାରେ ଓ ଯଥାର୍ଥ ତୁଷ୍ଟି-ବିଧାନ କରିପାରେ । କିନ୍ତୁ ତାହାର ଅର୍ଥ ହେଉଛି ପ୍ରାଣସତ୍ତାରେ ବାସ ନକରି ଆତ୍ମା ଓ ଅଧ୍ୟାତ୍ମରେ ବାସ କରିବା ।...

*

ହୃଦୟକୁ ଶୁଷ୍କ କରିଦେବା ଏହି ଯୋଗର ଏକ ଅଂଶ ନୁହେଁ; କିନ୍ତୁ ସମସ୍ତ ଭାବ ଓ ଆବେଗ କେବଳ ଭଗବତ୍ ଅଭିମୁଖୀ ହେବା ଉଚିତ । ଅଳ୍ପକିଛି କାଳ ପାଇଁ ହୃଦୟ ସାଧାରଣ ଅନୁଭବଗୁଡ଼ିକରୁ ମୁହଁ ଫେରାଇ ନୀରବ ରହିଥାଏ ଓ ଊର୍ଦ୍ଧ୍ୱର ପ୍ରବାହ ପାଇଁ ଅପେକ୍ଷା କରୁଥାଏ । କିନ୍ତୁ ଏହି ଅବସ୍ଥାଗୁଡ଼ିକ ଶୁଷ୍କ ଅବସ୍ଥା ନୁହେଁ, ଏଗୁଡ଼ିକ ନୀରବତା ଓ ଶାନ୍ତିର ଅବସ୍ଥା । ବସ୍ତୁତଃ ଯେପର୍ଯ୍ୟନ୍ତ ଚେତନା ଊର୍ଦ୍ଧ୍ୱକୁ ଉତ୍ଥିତ ନ ହୋଇଛି, ଏହି ଯୋଗରେ ହୃଦୟ ଏକାଗ୍ରତାର ପ୍ରଧାନ କେନ୍ଦ୍ର ହେବା ଉଚିତ । ❖

# ଭଗବତ୍ ପ୍ରେମ ଓ ମାନୁଷୀ ପ୍ରେମ

## ଶ୍ରୀମା

*ପ୍ରଶ୍ନ : ଭଗବତ୍-ପ୍ରେମ ସହିତ ମାନୁଷୀ ପ୍ରେମର ସମ୍ବନ୍ଧ କ'ଣ ? ମାନୁଷୀ-ପ୍ରେମ କ'ଣ ଭଗବତ୍-ପ୍ରେମର ଅନ୍ତରାୟ ? ମନୁଷ୍ୟକୁ ଯିଏ ଯେତେ ଅଧିକ ଭଲ ପାଇପାରେ ଭଗବାନଙ୍କୁ ମଧ ସେ ସେତେ ଅଧିକ ଭଲ ପାଇପାରେ, ଏକଥା କ'ଣ ସତ୍ୟ ନୁହେଁ ? ଖ୍ରୀଷ୍ଟ, ଶ୍ରୀରାମକୃଷ୍ଣ, ବିବେକାନନ୍ଦଙ୍କ ପରି ମହାପୁରୁଷଗଣ କ'ଣ ସ୍ୱଭାବତଃ ପ୍ରେମୀ ଓ ସ୍ନେହପ୍ରବଣ ନଥିଲେ ?*

ଶ୍ରୀମା : ବିରାଟ ବିଶ୍ୱଶକ୍ତିଚୟ ମଧରେ ପ୍ରେମ ଅନ୍ୟତମ । ସେ ନିଜ ଭିତରେ ନିଜେହିଁ ସାର୍ଥକ । ଯେଉଁ ବସ୍ତୁ ଭିତର ଦେଇ ବା ଯାହା ମଧଦେଇ ପ୍ରେମର ପ୍ରକାଶ, ତାହା ଉପରେ ପ୍ରେମର ଗତିବୃତ୍ତି ନିର୍ଭର କରେ ନାହିଁ । ସେ ନିଜକୁ ପ୍ରକଟ କରେ ଯେଉଁଠି ଏହାର ଅଭିବ୍ୟକ୍ତି ପାଇଁ ଏକ ସମ୍ଭାବନା ଦେଖେ, ଯେଉଁଠି ଗ୍ରହଣଶୀଳତା ଥାଏ, ଯେଉଁଠି ପଥ ଖୋଲା ଥାଏ । ତୁମେ ଯାହାକୁ ଭଲପାଇବା କୁହ, ତୁମର ବ୍ୟକ୍ତିଗତ ବ୍ୟାପାର ବୋଲି ମନେକର, ତାହା କେବଳ ତୁମର ବିରାଟ ବିଶ୍ୱଶକ୍ତିକୁ ଗ୍ରହଣ କରିବା ଓ ପ୍ରକଟ କରିବାର କ୍ଷମତା । କିନ୍ତୁ ପ୍ରେମ ଏକ ବିଶ୍ୱଶକ୍ତି ବୋଲି ତାହାର ଯେ ଚେତନା ନାହିଁ ଏପରି ନୁହେଁ, ତାହା ସଂପୂର୍ଣ୍ଣ ସଚେତନ । ପୂର୍ଣ୍ଣଚେତନା ନେଇ ସେ ଜଗତରେ ନିଜର ପ୍ରକାଶ ଓ ସିଦ୍ଧି ଖୋଜୁଛି; ସଚେତନ ଭାବରେ ସେ ନିଜର ପ୍ରକାଶର ଆଧାର ବାଛିନେଉଛି । ଯେଉଁ ଆଧାର ତା'ର ସ୍ପନ୍ଦନର ଉତ୍ତର ଦେଇପାରେ, ସେ ତାକୁ ଜାଗ୍ରତ୍ କରେ, ନିଜର ଚିରନ୍ତନ ଉଦ୍ଦେଶ୍ୟକୁ ତାହା ମଧରେ ସିଦ୍ଧ କରିବାକୁ ଚେଷ୍ଟା କରେ । ଯଦି ସେ ଅଯୋଗ୍ୟ ହୋଇଥାଏ, ତାହାକୁ ଛାଡ଼ିଦେଇ ପୁଣି ଅନ୍ୟ ଆଧାରର ସନ୍ଧାନ କରେ । ମନୁଷ୍ୟମାନେ ଭାବନ୍ତି ଯେ ସେମାନେ ଅକସ୍ମାତ୍ ପ୍ରେମରେ ପଡ଼ିଗଲେ, ସେମାନଙ୍କ ଭିତରେ ପ୍ରେମ ଆସିଲା, ବୃଦ୍ଧି ପାଇଲା ପୁଣି କେଉଁଆଡ଼େ ଉଭେଇଗଲା – ହୁଏତ ଯେଉଁମାନେ ପ୍ରେମର ସ୍ଥାୟୀ ଗତିଧାରା ବହନ କରିବା ପାଇଁ ଯୋଗ୍ୟ, ସେମାନଙ୍କ ହୃଦୟରେ ଏହି ଅନୁରାଗ ଅଧିକ କିଛିକାଳ ରହିଥାଏ । କିନ୍ତୁ ପ୍ରେମିକ ଯାହା ମନେକରେ ଯେ ଏସବୁ ତା'ର ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଅନୁଭୂତି ତାହା ଏକ ବିଭ୍ରାନ୍ତି ମାତ୍ର । ତୁମର ଭଲପାଇବା ବିଶ୍ୱପ୍ରେମର ସମୁଦ୍ରରେ ଗୋଟିଏ ଲହରୀ ଛଡ଼ା ଅନ୍ୟ କିଛି ନୁହେଁ ।

ପ୍ରେମ ବିଶ୍ୱଗତ ଓ ଶାଶ୍ୱତ, ସେ ନାନା ଆଧାରରେ ନିଜକୁ ପ୍ରକଟ କରିଥାଏ, କିନ୍ତୁ ତା'ର ସ୍ୱରୂପ ମୂଳତଃ ଏକ । ସର୍ବତ୍ରହିଁ ତାହା ଭଗବାନଙ୍କର ଦିବ୍ୟଶକ୍ତି, କିନ୍ତୁ କାର୍ଯ୍ୟତଃ ତା'ର ଯେଉଁ ବିକୃତି ଆମେ ଦେଖୁ ତାହା ଆଧାରର ଦୋଷହେତୁ । ପ୍ରେମ ସର୍ବତ୍ରହିଁ ରହିଛି । କେବଳ ମାନବ ଭିତରେହିଁ ତା'ର ପ୍ରକାଶ ସେପରି ନୁହେଁ । ତା'ର ଗତିଧାରା ଉଦ୍ଭିଦଜଗତରେ ଅଛି, ହୁଏତ ପ୍ରସ୍ତର ଭିତରେ ବି ରହିଛି, ଜୀବଜନ୍ତୁମାନଙ୍କ ଭିତରେ ଯେ ରହିଛି ତାହା ତ ସହଜରେ ଦେଖିବାକୁ ମିଳେ । ଏହି ବିରାଟ ଭାଗବତ ଶକ୍ତିର ବିକୃତି ଆସେ ସୀମିତ ଆଧାରର ଅନ୍ଧକାର, ଅଜ୍ଞାନ ଓ ଅହମିକା ଯୋଗୁଁ । ପ୍ରେମ ଯାହା ଏକ ଶାଶ୍ୱତ ଶକ୍ତି, ତା' ଭିତରେ କୌଣସି ଆସକ୍ତି, ଲାଖି ରହିବାର ଭାବ, କାମନା, ଅଧିକାରର ଲୋଭ ଓ ସ୍ୱାର୍ଥପରତା ନାହିଁ । ତାହାର ଶୁଦ୍ଧ ଗତିଧାରାରେ ସେ ଚାହେଁ କେବଳ ଭଗବାନଙ୍କ ସଙ୍ଗରେ ମିଳନ; ଏହି ଚାହିଁବା ଅନ୍ୟ କିଛିକୁ ଅପେକ୍ଷା ରଖେ ନାହିଁ, ଅନ୍ୟ କାହା ସହିତ ଏହାର କୌଣସି ସମ୍ପର୍କ ନାହିଁ । ଭାଗବତ ପ୍ରେମ ନିଜକୁ କେବଳ ଦେଇଦିଏ, ତାହାର ଅନ୍ୟ କୌଣସି ଚାହିଦା ନଥାଏ । ମନୁଷ୍ୟ ଏହାକୁ କିପରି ରୂପ ଦେଇଛି ତାହା କହିବାର କୌଣସି ଆବଶ୍ୟକତା ନାହିଁ । ସେ ଏହାକୁ ପରିଣତ କରିଛି ଏକ କୁତ୍ସିତ, ଜଘନ୍ୟ ବସ୍ତୁରେ । ତଥାପି ପ୍ରେମର ପ୍ରଥମ ସ୍ପର୍ଶରେ ମନୁଷ୍ୟର ଅନ୍ତରରେ ଶୁଦ୍ଧ, ଦିବ୍ୟବସ୍ତୁର କିଛିଟା ଦୀପ୍ତି ଓହ୍ଲାଇ ଆସେ, ସେହି ସମୟ ପାଇଁ ସେ ନିଜକୁ ଭୁଲିଯାଇଥାଏ । ସେହି ସମୟ ପାଇଁ ସେହି ଦିବ୍ୟସ୍ପର୍ଶ ତା' ଭିତରେ ଉଦ୍ରେକ ଓ ବର୍ଦ୍ଧିତ କରିଦିଏ ଯାହା କିଛି ଉତ୍ତମ, ଯାହାକିଛି ସୁନ୍ଦର । କିନ୍ତୁ କିଛି କାଳ ପରେ ପୁଣି ଉପରକୁ ଉଠି ଆସେ ମାନୁଷୀ ପ୍ରକୃତି ତା'ର ନାନା ଅଶୁଚି ଦାବି ନେଇ, ବିନିମୟରେ କିଛି ପାଇବାର ନାନା ମୂଲ୍ଚାଲ ଓ ଦର କଷାକଷିର ମନୋବୃତ୍ତି ଓ ଅଭ୍ୟାସ ନେଇ ତାହାର ନିମ୍ନତର ସତ୍ତାର ତୁଷ୍ଟି ପାଇଁ ନାନା ଚିତ୍କାର ଓ କୋଳାହଳ ନେଇ । ଯାହା ଏକ ଶୁଦ୍ଧ ଓ ଦିବ୍ୟ ଅନୁଭୂତି ଥିଲା, ତାହା ହୋଇଉଠେ ବିକୃତ ଓ କଳୁଷିତ ।

ଯଦି ଭାଗବତ ପ୍ରେମ ପ୍ରକଟ କରିବାକୁ ଚାହଁ ତା'ହେଲେ ତ ତୁମର ଭାଗବତ ପ୍ରେମ ଗ୍ରହଣ କରିବାର ଯୋଗ୍ୟତା ରହିଥିବା ଆବଶ୍ୟକ । ସେହି ପ୍ରେମର ବିଶୁଦ୍ଧ ଗତିଧାରାର ସମ୍ମୁଖରେ ଯେଉଁମାନଙ୍କର ଅନ୍ତରର ଦ୍ୱାର ସ୍ୱଭାବତଃ ଉନ୍ମୁକ୍ତ, ସେହିମାନେ କେବଳ ତାହାକୁ ପ୍ରକଟ କରିପାରିବେ । ସେହି ପ୍ରବେଶ ପଥ ଯେତେ ପ୍ରଶସ୍ତ, ଯେତେ ଅବାରିତ ହେବ, ମନୁଷ୍ୟ ସେହି ଅନୁପାତରେ ସେହି ଦିବ୍ୟପ୍ରେମକୁ ତା'ର ମୂଳ ଶୁଦ୍ଧ ଅବସ୍ଥାରେ ପ୍ରକାଶ କରିପାରିବ । ଆଉ ଏହି ଦିବ୍ୟବସ୍ତୁ ମନୁଷ୍ୟର ନିମ୍ନତର ଭାବାବେଗ ସଙ୍ଗରେ ଯେତେ ମିଶ୍ରିତ ହେବ, ବିକୃତି ସେତେ ବଢ଼ିବ । ପ୍ରେମର ମୂଳ ପବିତ୍ରତା ଓ ସତ୍ୟ ପ୍ରତି ଯିଏ ନିଜକୁ ଖୋଲି ଦେଇପାରିବ ନାହିଁ, ସେ କେବେହେଲେ ଭଗବାନଙ୍କ ସାନ୍ନିଧ ଲାଭ କରିପାରିବ ନାହିଁ । ଯେଉଁମାନେ ଜ୍ଞାନମାର୍ଗର ସାଧକ ସେମାନେ ମଧ ସାଧନା-ପଥରେ ଏପରି ଏକ ସ୍ଥାନରେ ଯାଇ ପହଞ୍ଚନ୍ତି ଯେଉଁଠାରୁ ଆହୁରି ଆଗକୁ ଯିବାକୁହେଲେ ସେମାନଙ୍କୁ ଜ୍ଞାନ ସଙ୍ଗେ ସଙ୍ଗେ ପ୍ରେମର ପଥରେ ପ୍ରବେଶ କରିବାକୁ ହୁଏ । ସେଠାରେ ସେମାନେ ଉପଲବ୍ଧି କରନ୍ତି ଯେ ପ୍ରେମ ଓ ଜ୍ଞାନ ଏକହିଁ ବସ୍ତୁ, ଜ୍ଞାନ ହେଉଛି ଦିବ୍ୟମିଳନର ଦୀପ୍ତି, ଆଉ ପ୍ରେମ ହେଉଛି ଜ୍ଞାନର ଅନ୍ତରତମ କେନ୍ଦ୍ର । ଆତ୍ମାର ଅଭିବ୍ୟକ୍ତିରେ ଗୋଟିଏ ସ୍ଥାନ ରହିଛି ଯେଉଁଠି ଜ୍ଞାନ ଓ ଭକ୍ତି ମିଶି ଏକ ହୋଇଯାଏ, ଯେଉଁଠି ଗୋଟିକଠାରୁ ଅନ୍ୟଟିକୁ ପୃଥକ୍ କରି ଦେଖାଯାଇ ପାରିବ ନାହିଁ । ଆରମ୍ଭ ଅବସ୍ଥାରେ ଆମେ ଏହି ଦୁଇ ତତ୍ତ୍ୱରେ, ଏହି ଦୁଇଶକ୍ତିର ଯେଉଁ ପ୍ରଭେଦ କରିଥାଉ, ତାହା ହେଉଛି ଆମ ମନର କାରସାଦି । ଥରେ ଊର୍ଦ୍ଧ୍ୱତନ ଭୂମିକୁ ଉଠିଲେ ସେହି ଭେଦ ଆପଣାଛାଏଁ ଲୋପ ପାଇଯାଏ ।

ଯେଉଁମାନେ ଏହି ପୃଥିବୀକୁ ଆସିଛନ୍ତି ଭଗବାନଙ୍କୁ ଏଠାରେ ପ୍ରକଟ କରିବାକୁ, ପାର୍ଥିବ ଜୀବନକୁ ଦିବ୍ୟରୂପ ଦେବାକୁ, ସେମାନଙ୍କ ମଧ୍ୟରେ କେହି କେହି ଅଛନ୍ତି ଯେଉଁମାନେ ଭାଗବତ ପ୍ରେମକୁ ପ୍ରକାଶ କରିଛନ୍ତି ତା'ର ଅଧିକତର ପୂର୍ଣ୍ଣତାରେ । କାହା କାହା ମଧ୍ୟରେ ଏହି ପ୍ରକାଶର ବିଶୁଦ୍ଧି ଏତେ ବେଶୀ ଯେ ମନୁଷ୍ୟ ସେମାନଙ୍କୁ ଭୁଲ୍ ବୁଝୁଛି, ଏବଂ ଅଭିଯୋଗ କରିଛି ଯେ ଦିବ୍ୟପ୍ରେମ ଥିବାସତ୍ତ୍ୱେ ଏମାନେ କଠୋର ଓ ନିର୍ମମ । ପ୍ରକୃତ କଥା ହେଲା ସେମାନଙ୍କର ଏହି ଦିବ୍ୟପ୍ରେମ, ରୂପ ତଥା ଉପାଦାନ ଦୁଇଥିରେହିଁ ଦିବ୍ୟ — ମନୁଷ୍ୟ ଯେଉଁଥିରେ ଅଭ୍ୟସ୍ତ, ତା' ନୁହେଁ । ମନୁଷ୍ୟ ଯେତେବେଳେ ପ୍ରେମର କଥା କହେ ସେତେବେଳେ ଭାବାବେଗର ଏକ ଦୁର୍ବଳତାକୁ ତାହାର ଅଂଶ ବୋଲି ଭାବେ । କିନ୍ତୁ ଭାଗବତ ପ୍ରେମର ସ୍ୱରୂପ ହେଉଛି ନିଜକୁ ସମ୍ପୂର୍ଣ୍ଣରୂପେ ଭୁଲିଯିବାର କ୍ଷମତା, ନିଶେଃଷ ଓ ଅବାଧରେ ଆତ୍ମ-ସମର୍ପଣ କରିବାର କ୍ଷମତା, ପ୍ରତିଦାନରେ କିଛି ନଚାହିଁ କେବଳ ନିଜକୁ ଦେଇ ଦେବାର କ୍ଷମତା — ମନୁଷ୍ୟ ଏ ବିଷୟରେ କିଛି ବି ଜାଣେ ନାହିଁ । ଯେତେବେଳେ ଏହି ସମସ୍ତ ଲକ୍ଷଣ ରହିଛି ଅଥଚ ତାହା ସଙ୍ଗରେ ଶକ୍ତିହୀନ ଭାବାବେଗର ଉଚ୍ଛ୍ୱାସ ମିଶି ନାହିଁ, ସେତେବେଳେ ମନୁଷ୍ୟ ତାହାକୁ ମନେକରେ ଶୀତଳ ହୃଦୟହୀନତା । ସେ ତାହାକୁ ମହତ୍ତମ ଓ ତୀବ୍ରତମ ପ୍ରେମର ଶକ୍ତି ବୋଲି ଚିହ୍ନିପାରେ ନାହିଁ ।

ଭଗବାନଙ୍କର ମହାନ୍ ଆତ୍ମଦାନ ତଥା ତାଙ୍କର ବିରାଟ ଆହୁତି ହେଲା, ଜଗତରେ ତାଙ୍କ ପ୍ରେମର ଅଭିବ୍ୟକ୍ତି । ଯେ ପରମ ଚୈତନ୍ୟ ସ୍ୱରୂପ ସେ ସ୍ୱେଚ୍ଛାରେ ଜଡ଼ର ନିଶ୍ଚେତନାରେ ମଗ୍ନ ହୋଇ ତହିଁରେ ମିଶିଗଲେ ଏହି ସଙ୍କଳ୍ପ କରି ଯେ ସେହି ଅନ୍ଧକାରର ଗଭୀରରେ ଚେତନା ଫୁଟିଉଠିବ, ଏବଂ ତା' ମଧ୍ୟରେ ଧୀରେ ଧୀରେ ଏକ ଦିବ୍ୟଶକ୍ତି ଜାଗ୍ରତ୍ ହୋଇ ସାରା ବିଶ୍ୱଭୁବନକୁ ଭାଗବତ ଚେତନା ଓ ଭାଗବତ ପ୍ରେମର ଶ୍ରେଷ୍ଠତମ ଅଭିବ୍ୟକ୍ତିର କ୍ଷେତ୍ରରେ ପରିଣତ କରିବ । ଏହାହିଁ ହେଉଛି ତାଙ୍କର ପରମ ପ୍ରେମର ନିଦର୍ଶନ; ଆପଣାର ପରିପୂର୍ଣ୍ଣ ଦିବ୍ୟସ୍ୱରୂପ, ଅଖଣ୍ଡ ଚେତନା ଓ ଶାଶ୍ୱତ ଜ୍ଞାନକୁ ଛାଡ଼ି ବୁଡ଼ିଗଲେ ନିଶ୍ଚେତନା ମଧ୍ୟରେ ଅଜ୍ଞାନ ଓ ଅନ୍ଧକାର ସଙ୍ଗରେ ଜଗତରେ ବାସ କରିବା ପାଇଁ । ତଥାପି ଏହାକୁ କେହି ହୁଏତ ପ୍ରେମ କହିବ ନାହିଁ କାରଣ ଏହାର ତ ଭାବପ୍ରବଣତାର କୌଣସି ଆବରଣ ନାହିଁ; ଆତ୍ମଦାନ କେବେହେଲେ ଆଡ଼ମ୍ବର କରେ ନାହିଁ, ନିଜ ଦାନର କୌଣସି ପ୍ରତିଦାନ ଚାହେଁ ନାହିଁ । ବିଶ୍ୱରେ ପ୍ରେମର ଶକ୍ତି ସର୍ବଦା ସନ୍ଧାନ କରୁଛି ଏପରି ଚେତନାର ଯାହା ଏହି ଦିବ୍ୟଗତିଧାରାକୁ ଗ୍ରହଣ କରିପାରେ ଓ ବ୍ୟକ୍ତ କରିପାରେ । ମନୁଷ୍ୟ ଯେ ପ୍ରେମ ପଛରେ ଧାଇଁଚାଲିଛି, ଏହି ଯେଉଁ ଏକ ଅଦମ୍ୟ ତାଡ଼ନା ନେଇ ସେ ଜଗତର ହୃଦୟରେ, ସମସ୍ତଙ୍କ ଅନ୍ତରରେ ଏହି ବସ୍ତୁଟିକୁ ଖୋଜିବୁଲୁଛି, ତାହା ହେଉଛି ତା'ର କାମନାବାସନା ପଛରେ ଅଲକ୍ଷ୍ୟରେ ଯେଉଁ ଭାଗବତ ପ୍ରେମ ରହିଛି ତାହାରହିଁ ପ୍ରେରଣା । ଏହି ପ୍ରେରଣା ଲକ୍ଷ ଲକ୍ଷ ଆଧାରକୁ ସ୍ପର୍ଶ କରୁଛି, ତା'ର କାର୍ଯ୍ୟ-ସିଦ୍ଧି ପାଇଁ ସର୍ବଦା ପ୍ରୟାସ କରୁଛି କିନ୍ତୁ ସର୍ବଦା ବ୍ୟର୍ଥ ହେଉଛି । ତଥାପି ଏହି ଅବିରାମ ସ୍ପର୍ଶ ଆଧାରଗୁଡ଼ିକୁ ପ୍ରସ୍ତୁତ କରୁଛି ଏବଂ ଅକସ୍ମାତ୍ ଦିନେ ତା' ଭିତରେ ଜାଗ୍ରତ୍ ହୋଇଉଠିବ ଆତ୍ମଦାନ ଓ ଯଥାର୍ଥ ପ୍ରେମର ପ୍ରେରଣା ।

ପ୍ରେମର ଗତିବୃତ୍ତି ଯେ କେବଳ ମନୁଷ୍ୟଙ୍କ ମଧ୍ୟରେ ଆବଦ୍ଧ, ତା' ନୁହେଁ; ହୁଏତ ଅନ୍ୟାନ୍ୟ ଜଗତରେ ତା'ର ବିକୃତି ମାନବଜଗତଠାରୁ ଅପେକ୍ଷାକୃତ କମ୍ । ଗଛଟିଏ ଆଡ଼କୁ, ଫୁଲଟିଏ ଆଡ଼କୁ ଦୃଷ୍ଟିଦିଅ । ସୂର୍ଯ୍ୟାସ୍ତ ସମୟରେ ଯେତେବେଳେ ଚତୁର୍ଦ୍ଦିଗ ନୀରବ ହୋଇଯାଏ ସେତେବେଳେ କ୍ଷଣକ ପାଇଁ ନିଜକୁ ପ୍ରକୃତି ସଙ୍ଗରେ ମିଳାଇ ଦିଅ; ତୁମର ବୋଧହେବ ଯେପରି ମାଟି ଭିତରୁ, ବୃକ୍ଷଗୁଡ଼ିକର ମୂଳରୁ ତାହାର ଦେହ ମଧ୍ୟଦେଇ ଉଚ୍ଚତମ ଶାଖାପ୍ରଶାଖା ପର୍ଯ୍ୟନ୍ତ ଉପରକୁ ଉଠିଯାଉଛି ଏକ ତୀବ୍ର ପ୍ରେମ ଓ ଆକାଂକ୍ଷାର ଆସ୍ପୃହା – ଏପରି କିଛି ପାଇଁ ଅଭୀପ୍ସା ଯାହା ଆଲୋକ ନେଇଆସେ, ଆନନ୍ଦ ଆଣିଦିଏ – ଯେଉଁ ଜ୍ୟୋତିଃ ଅସ୍ତ ହୋଇଯାଇଛି, ତାହାକୁ ଫେରାଇ ଆଣିବାର ଅଭୀପ୍ସା । ଏହି ଅଭୀପ୍ସା ଏପରି ତୀବ୍ର ଓ ପବିତ୍ର ଯେ ତୁମେ ଗଛ ଭିତରେ ତା'ର ଧାରା ଅନୁଭବ କରିବା ସଙ୍ଗେ ସଙ୍ଗେ ତୁମ ନିଜ ଭିତରୁ ମଧ୍ୟ ଊର୍ଦ୍ଧ୍ୱକୁ ଉଠିଚାଲିବ ଏକ ଜ୍ୱଳନ୍ତ ପ୍ରାର୍ଥନା ସେହି ଶାନ୍ତି, ଆଲୋକ ଓ ପ୍ରେମ ପାଇଁ ଯାହା ଆଜି ଅପ୍ରକଟ ହୋଇ ରହିଛି । ଥରେ ଯଦି ତୁମେ ଏହି ବିରାଟ ଶୁଦ୍ଧ ସତ୍ୟ, ଭାଗବତ ପ୍ରେମର ସଂସ୍ପର୍ଶରେ ଆସିଥାଅ, ଖୁବ୍ ଅଳ୍ପକ୍ଷଣ ପାଇଁ ହେଲେ ମଧ୍ୟ, ସାମାନ୍ୟ ଭାବରେ ହେଲେ ମଧ୍ୟ ଏହାକୁ ଅନୁଭବ କରିଥାଅ, ତା'ହେଲେ ବୁଝିବ ଯେ ମନୁଷ୍ୟର କାମନାବାସନା ଏହି ବସ୍ତୁଟିକୁ କେତେ ହୀନ କରିଦେଇଛି । ଏହି ଦିବ୍ୟଜିନିଷଟି ମାନବପ୍ରକୃତି ଭିତରେ ଆସି ହୋଇଯାଏ ନୀଚ, ପାଶବ, ସ୍ୱାର୍ଥପର, ହିଂସ୍ର ଓ କୁତ୍ସିତ କିଛି, ନହେଲେ ପରିଣତ ହୁଏ ଶକ୍ତିହୀନ ଭାବପ୍ରବଣତାରେ, ସଂକୀର୍ଣ୍ଣ ଭଙ୍ଗୁର ବାହ୍ୟ ଆବେଗର ସମଷ୍ଟିରେ ଯାହାର ଚାହିଦା ଓ ଦାବିର କୌଣସି ଅନ୍ତ ନାହିଁ । ଏବଂ ଏହି ହୀନ ପାଶବ ସ୍ୱାର୍ଥପର ଦୁର୍ବଳତାକୁ କୁହାଯାଏ ପ୍ରେମ । ❖

''ବ୍ୟକ୍ତି ପ୍ରେମର ପଛରେ ତାହାର ଅଜ୍ଞାନମୟ ମାନୁଷୀ ରୂପ ଦ୍ୱାରା ଆବୃତ ହୋଇ ଓ ଲୁକ୍କାୟିତ ହୋଇ ରହିଥାଏ ଏକ ରହସ୍ୟ ଯାହାକୁ ମନ କେବେହେଲେ ଧରିପାରିବ ନାହିଁ, ସେହି ରହସ୍ୟଟି ହେଉଛି ଭଗବାନଙ୍କ ଦିବ୍ୟଶରୀରର ରହସ୍ୟ, ଦିବ୍ୟ ଅନନ୍ତଙ୍କର ଏକ ରହସ୍ୟମୟ ରୂପର ସେହି ଗୋପନ ନିଗୂଢ଼ ସତ୍ୟ ଯାହାକୁ ଆମେ କେବଳ ଆମ ହୃଦୟର ପୁଲକିତ ଉଲ୍ଲାସ ଓ ଶୁଦ୍ଧ ତଥା ଉନ୍ନୀତ ଇନ୍ଦ୍ରିୟାନୁଭୂତିର ପୂର୍ଣ୍ଣ ଆବେଗ ମଧ୍ୟଦେଇହିଁ କିଛିଟା ଧରିପାରିବା । ଏହାର ଆକର୍ଷଣ ହେଉଛି ସେହି ଦିବ୍ୟ ମୁରଲୀଧାରୀଙ୍କର ଆହ୍ୱାନ । ସେହି ପରମ ସର୍ବସୁନ୍ଦରଙ୍କର ସମ୍ମୋହନକାରୀ ପ୍ରେରଣାକୁ ଆମେ ଧରିପାରିବା ଓ ତାହା ମଧ୍ୟ ଆମକୁ ଅଧିକାର କରିପାରିବ କେବଳ ଏପରି ଏକ ଗୂଢ଼ପ୍ରେମ ଓ ଉଚ୍ଚାଟନ ଦ୍ୱାରା ଯାହାକି ଶେଷରେ ଦିବ୍ୟ ଆକାର ଓ ଦିବ୍ୟ ନିରାକାରଙ୍କୁ ଏକ କରିଦେବ ଏବଂ ଦିବ୍ୟଚେତନା ଓ ଦିବ୍ୟଜଡ଼କୁ ଅଭିନ୍ନ ଓ ଏକାତ୍ମ କରିଦେବ । ଅଜ୍ଞାନର ଏହି ଅନ୍ଧକାର ମଧ୍ୟରେ ଏଠାରେ ଦିବ୍ୟପ୍ରେମର ଆତ୍ମା ତାହାରହିଁ ଅନ୍ୱେଷଣ କରୁଛି ଏବଂ ଯେତେବେଳେ ବ୍ୟକ୍ତିଗତ ମାନୁଷୀ ପ୍ରେମ ରୂପାନ୍ତରିତ ହୋଇଯାଏ ଏହି ଜଡ଼ ବିଶ୍ୱରେ ଅବତୀର୍ଣ୍ଣ ହୋଇ ରହିଥିବା ପରମ ଅନ୍ତର୍ଯାମୀ ଭଗବାନଙ୍କ ପ୍ରେମରେ ସେତେବେଳେହିଁ ଏହା ତାହାର ସାକ୍ଷାତ୍ ଉପଲବ୍ଧି ଲାଭ କରିଥାଏ ।''

(ଯୋଗ ସମନ୍ୱୟ) – ଶ୍ରୀଅରବିନ୍ଦ

# ପ୍ରେମ ଦ୍ୱାରା ଦିବ୍ୟପ୍ରେମର ପ୍ରତିଦାନ

## ଶ୍ରୀମା

*''ପ୍ରକୃତ ସତ୍ୟ ହେଉଛି, ଏହି ପୃଥିବୀରେ ଘୃଣା ଦ୍ୱାରା ଘୃଣାର ଉପଶମ ହେବ ନାହିଁ; କେବଳ ପ୍ରେମ ଦ୍ୱାରାହିଁ ଘୃଣାର ଉପଶମ ହୋଇପାରେ । ଏହାହିଁ ହେଉଛି ଚିରନ୍ତନ ବିଧାନ ।''* (ଧମ୍ମପଦ)

ଧମ୍ମପଦର ଏହା ଏକ ଅତି ବିଖ୍ୟାତ ପଦ; ଲୋକମାନେ ବରାବର ଉଦ୍ଧାର ଓ ଆବୃତ୍ତି କରୁଥିବା ପଦମାନଙ୍କ ଭିତରୁ ଅନ୍ୟତମ । ମୁଁ ଖୁସୀ ହୋଇଥାଆନ୍ତି ଯଦି କହିପାରନ୍ତି ଯେ ଲୋକମାନେ ବରାବର ମାନି ଚଳୁଥିବା ପଦମାନଙ୍କ ଭିତରୁ ଏହା ଅନ୍ୟତମ । ଦୁର୍ଭାଗ୍ୟବଶତଃ ତାହା ସତ୍ୟ ନୁହେଁ । କାରଣ ଲୋକମାନେ ଏହି ଶିକ୍ଷାଟି ସମ୍ପର୍କରେ ବହୁତ କହନ୍ତି, କିନ୍ତୁ ଏହାର ଅନୁସରଣ କରନ୍ତି ନାହିଁ ।

ତଥାପି ଏହି ସମସ୍ୟାଟିର ଆଉ ଗୋଟିଏ ବିଭାବ ରହିଛି, ଯାହା ସମ୍ପର୍କରେ କ୍ୱଚିତ୍ କୁହାଯାଇଥାଏ । କିନ୍ତୁ ତୁମେ ଯଦି ପୃଥିବୀରେ ଯଥାର୍ଥ ପରିବର୍ତ୍ତନ ଆଣିବାକୁ ଚାହୁଁଥାଅ, ତେବେ ସେଇ ବିଭାବଟି ବୋଧହୁଏ ଆହୁରି ଅଧିକ ଜରୁରୀ, ଅଥଚ ସେ ସମ୍ପର୍କରେ ଲୋକମାନେ ଖୁବ୍ କମ୍ ଚିନ୍ତା କରନ୍ତି । ସେହି ବିଷୟଟି ସମ୍ପର୍କରେ ମୁଁ କହିବାକୁ ଯାଉଛି, ତୁମକୁ ହୁଏତ ଏକ ନୂତନ ଆଶ୍ଚର୍ଯ୍ୟ କଥା ଶୁଣିଲା ଭଳି ଲାଗିବ । କଥାଟି ହେଉଛି ଏହା ଯେ ପୃଥିବୀର ପରିବର୍ତ୍ତନ ଆଣିବା ପାଇଁ ଯଦି ଘୃଣାର ପ୍ରତିଦାନରେ ପ୍ରେମ ଦେବାହିଁ ବାଞ୍ଛନୀୟ ହୁଏ, ତେବେ ଭଗବତ୍ ଦିବ୍ୟପ୍ରେମର ପ୍ରତିଦାନରେ ଆମର ପ୍ରେମ ପ୍ରଦାନ କ'ଣ ଆହୁରି ଅଧିକ ସ୍ୱାଭାବିକ ନୁହେଁ ?

ବର୍ତ୍ତମାନ ମଣିଷର ଜୀବନ, କର୍ମ ଓ ହୃଦୟ ଯେପରି ଅବସ୍ଥାରେ ରହିଛି ଯଦି ତାହା ବିଚାର କରାଯାଏ ତେବେ ଦେଖାଯିବ ଯେଉଁ ଭଗବତ୍ କୃପା ପୃଥିବୀ ଉପରେ ଅହରହ ଦିବ୍ୟପ୍ରେମ ଢାଳିଚାଲିଛି ତାହାର ପ୍ରତିଦାନରେ ସେଥିପ୍ରତି କିଭଳି ବିଦ୍ୱେଷ, ତାଚ୍ଛଲ୍ୟ ଓ ଅବଜ୍ଞା ପ୍ରଦର୍ଶନ କରାଯାଇଥାଏ, କିଭଳି ଉଦାସୀନତା ପ୍ରକାଶ କରାଯାଇଥାଏ । ଏଥିରେ ବିସ୍ମିତ ହେବା ଖୁବ୍ ସ୍ୱାଭାବିକ, କାରଣ ଏହି ଯେଉଁ ବିପୁଳ ଦିବ୍ୟପ୍ରେମ ପ୍ରତ୍ୟେକଟି ମୁହୂର୍ତ୍ତରେ ପୃଥିବୀ ଉପରେ କ୍ରିୟା କରିଚାଲିଛି, ତାହାକୁ ଦିବ୍ୟ-ଆନନ୍ଦ ଦିଗରେ ଆଗେଇ ନେଇଚାଲିଛି, ସେହି ଦିବ୍ୟପ୍ରେମର ପ୍ରତ୍ୟୁତ୍ତର ପାଇଁ ମଣିଷ ନିଜ ହୃଦୟରେ କେତେ ଟିକେ ସ୍ଥାନ ରଖିଛି ? ମଣିଷ ହୃଦୟର ଦରଦ କେବଳ ଦୁଷ୍ଟ ଓ ଦୁର୍ବୃତ୍ତମାନଙ୍କ ପାଇଁ, ଅକ୍ଷମ ଅସମର୍ଥମାନଙ୍କ ପାଇଁ, ଦୁର୍ବିପାକଗ୍ରସ୍ତ ଅସଫଳ, ବ୍ୟର୍ଥ ଓ ହତାଶ ବ୍ୟକ୍ତିମାନଙ୍କ ପାଇଁ,– ପ୍ରକୃତରେ ଏହା ଯେପରି ସମସ୍ତ ମନ୍ଦ ଆଚରଣ ଓ ବ୍ୟର୍ଥତା ପାଇଁ ଏକ ଉତ୍ସାହ ପ୍ରଦାନ ।

ଯଦି ଏହି ସମସ୍ୟାଟି ସମ୍ପର୍କରେ ଆଉ ଟିକେ ଅଧିକ ଚିନ୍ତା କରାଯାଏ ତେବେ ଘୃଣାର ପ୍ରତିଦାନରେ ପ୍ରେମ ଉପରେ ଜୋର୍ ଦେବା ସେତେ ଆବଶ୍ୟକ ବୋଲି ମନେହେବ ନାହିଁ । କାରଣ ଯଦି ମଣିଷର ହୃଦୟ ସମସ୍ତ ଆନ୍ତରିକତା ନେଇ ସେହି ଦିବ୍ୟପ୍ରେମର ପ୍ରତ୍ୟୁତ୍ତର ଦିଅନ୍ତା, ତା' ଉପରେ ଅବିରତ ବର୍ଷଣ ହେଉଥିବା ସେହି ଦିବ୍ୟପ୍ରେମକୁ ଯଥାର୍ଥ ଭାବେ ବୁଝି ପାରୁଥିବା ଓ ଯଥାର୍ଥ ମୂଲ୍ୟ ଦେଉଥିବା ଏକ ପ୍ରେମର ସ୍ୱତଃସ୍ଫୂର୍ତ୍ତ କୃତଜ୍ଞତା ନେଇ ଯଦି ତାହାର ଉତ୍ତର ଦେଉଥା'ନ୍ତା, ତେବେ ପୃଥିବୀର ପରିବର୍ତ୍ତନ ଅନେକ ଦ୍ରୁତତର ହୁଅନ୍ତା । ❖

# ପ୍ରେମ - ଏକ ପରମ ଶକ୍ତି

## ଶ୍ରୀମା

....ପ୍ରେମ ହେଉଛି ଏକ ପରମ ଶକ୍ତି, ଯାହାକୁ ଶାଶ୍ୱତ ଦିବ୍ୟ-ଚେତନା ନିଜ ଭିତରୁ ପଠାଇଛି ଏକ ଅଜ୍ଞାନ ଓ ତମସାଚ୍ଛନ୍ନ ଜଗତ୍ ଭିତରକୁ ଯେପରିକି ସେହି ଜଗତକୁ ଓ ତା'ର ଜୀବନମାନଙ୍କୁ ତାହା ପୁଣି ଥରେ ଭଗବାନଙ୍କ ନିକଟକୁ ଫେରାଇ ଆଣିପାରେ । ନିଜର ଅନ୍ଧକାର ଓ ଅଜ୍ଞାନରେ ବୁଡ଼ିଯାଇଥିବା ଏହି ସ୍ଥୂଳ, ଭୌତିକ ଜଗତ୍ ଭଗବାନଙ୍କୁ ଭୁଲି ଯାଇଥିଲା । ପ୍ରେମହିଁ ଆସିଥିଲା ସେହି ଅନ୍ଧକାର ଭିତରକୁ, ଏବଂ ସେଠାରେ ଯାହାସବୁ ସୁପ୍ତ ଓ ନିଦ୍ରିତ ହୋଇ ରହିଥିଲା ସେସମସ୍ତଙ୍କୁ ଜାଗରିତ କରିଦେଲା, ଏବଂ ନିବୁଜ ହୋଇଯାଇଥିବା କର୍ଣ୍ଣ କୁହରସବୁକୁ ଖୋଲିଦେଇ ତହିଁରେ ମୃଦୁ ସ୍ୱରରେ ଏହି ସନ୍ଦେଶ ଶୁଣାଇଲା ଯେ ''ଏପରିକିଛି ବସ୍ତୁ ରହିଛି ଯାହା ପ୍ରତି ତୁମେ ଜାଗ୍ରତ୍ ହେବାର, ଯାହା ପାଇଁ ତୁମ ଜୀବନ ଧାରଣ କରିବାର କିଛି ମୂଲ୍ୟ ରହିଛି – ତାହା ହେଉଛି ପ୍ରେମ ।'' ଏବଂ ପ୍ରେମ ପ୍ରତି ଏହି ଜାଗରଣ ସହିତ ଭଗବାନଙ୍କ ନିକଟକୁ ପୁଣି ଫେରି ଆସିବାର ସମ୍ଭାବନାଟି ଜଗତ୍ ଭିତରକୁ ପ୍ରବିଷ୍ଟ ହେଲା । ପ୍ରେମ ଜରିଆରେହିଁ ସମଗ୍ର ସୃଷ୍ଟି ଭଗବାନଙ୍କ ଅଭିମୁଖରେ ଉର୍ଦ୍ଧ୍ୱ ଆଡ଼କୁ ଉଠିଚାଲିଛି ଏବଂ ତାହାର ଉତ୍ତରସ୍ୱରୂପ ସୃଷ୍ଟିକୁ ଭେଟିବା ପାଇଁ ଭଗବାନଙ୍କ ପ୍ରେମ ଓ କୃପା ନିମ୍ନ ଆଡ଼କୁ ଆନତ ହୋଇ ରହିଛି । ପ୍ରେମ ତା'ର ଶୁଦ୍ଧ ସୌନ୍ଦର୍ଯ୍ୟ ନେଇ ରହିପାରିବ ନାହିଁ, ନିଜର ସ୍ୱାଭାବିକ ଶକ୍ତି ଓ ନିଜ ପୂର୍ଣ୍ଣତାର ପ୍ରଗାଢ଼ ଆନନ୍ଦ ନେଇ ରହିପାରିବ ନାହିଁ ଯେପର୍ଯ୍ୟନ୍ତ ପୃଥିବୀ ଓ ପରମଙ୍କ ଭିତରେ ତଥା ସୃଷ୍ଟି ପ୍ରତି ଭଗବାନଙ୍କର ଏହି ପ୍ରେମ ଓ ଭଗବାନଙ୍କ ପ୍ରତି ସୃଷ୍ଟିର ଏହି ପ୍ରେମ ଭିତରେ ଯଥାର୍ଥ ଆଦାନ-ପ୍ରଦାନ ଓ ମିଳନ ସଂଘଟିତ ନ ହୋଇଛି ।

ଏହି ଜଗତ୍ ଏକ ମୃତ ଜଡ଼ପିଣ୍ଡ ମାତ୍ର ଥିଲା, ଯେତେବେଳେ ଏହା ଭିତରକୁ ଦିବ୍ୟପ୍ରେମ ଅବତରଣ କଲା ଏବଂ ଏହାକୁ ଜୀବନ ପ୍ରତି ଜାଗ୍ରତ୍ କରିଦେଲା ସେହିଦିନଠାରୁ ଏହା ଜୀବନର ସେହି ଆଦି ଦିବ୍ୟଉତ୍ସର ସନ୍ଧାନରେ ବାହାରି ତାକୁ ଖୋଜିଚାଲିଛି । କିନ୍ତୁ ଏହା ନିଜ ଅନ୍ୱେଷଣରେ ସମସ୍ତ ପ୍ରକାରର ଭୁଲ୍ ମୋଡ଼ ଓ ଭୁଲ୍ ରାସ୍ତା ନେଇ ଅନ୍ଧକାରରେ ଇତସ୍ତତଃ ଘୂରିବୁଲୁଛି । ଏହି ସୃଷ୍ଟିର ସମଗ୍ର ଉପାଦାନ ଅଜଣାର ସନ୍ଧାନରେ ଏକ ଅନ୍ଧ ବ୍ୟକ୍ତି ପରି ନିଜ ରାସ୍ତାରେ ବାହାରି ପଡ଼ିଛି, ଖୋଜି ଚାଲିଛି, କିନ୍ତୁ କ'ଣ ଖୋଜୁଛି ସେସଂପର୍କରେ ତାହାର କୌଣସି ଜ୍ଞାନ ନାହିଁ । ଏସଂପର୍କରେ ମନୁଷ୍ୟ ଯେଉଁ ସର୍ବାଧିକ ଧାରଣାରେ ପହଞ୍ଚିଛି ତା' ହେଉଛି ସନ୍ତାନ ପ୍ରତି ଜନନୀର ପ୍ରେମ ଭଳି କିଛି; ମନୁଷ୍ୟ ପାଇଁ ତାହାହିଁ ମନେ ହୋଇଛି ପ୍ରେମର ସର୍ବୋଚ୍ଚ ରୂପ, ତାହାର ସବୁଠୁ ଶୁଦ୍ଧ ଓ ନିଃସ୍ୱାର୍ଥପର ରୂପ ବୋଲି । ପ୍ରେମର ଏହି ମାନୁଷୀ ଗତିବୃତ୍ତି ଏପର୍ଯ୍ୟନ୍ତ ଯାହା ପାଇଛି ତା'ଠାରୁ ଅଧିକ ଅନ୍ୟ କିଛିକୁ ଏହା ଗୋପନରେ ଖୋଜି ଚାଲିଛି, କିନ୍ତୁ ଜାଣେ ନାହିଁ ପ୍ରକୃତରେ ଏହା କେଉଁଠି ମିଳିବ, ଏପରିକି ଏହା ପ୍ରକୃତରେ ଜାଣେ ନାହିଁ ପ୍ରକୃତରେ ସେହି ଜିନିଷଟି କ'ଣ । ଯେଉଁ ମୁହୂର୍ତ୍ତରେ ମନୁଷ୍ୟର ଚେତନା ଦିବ୍ୟପ୍ରେମ ପ୍ରତି ଜାଗ୍ରତ୍ ହେବ, ଯାହାକି ସବୁମନ୍ତେ ଶୁଦ୍ଧ ଓ ଯେଉଁ ପ୍ରେମ ମାନବ ରୂପଗୁଡ଼ିକ ଭିତରେ ହେଉଥିବା ନିଜର ଅଭିବ୍ୟକ୍ତିଠାରୁ ପୂରା ସ୍ୱତନ୍ତ୍ର ଓ ମୁକ୍ତ, ସେତେବେଳେ ଯାଇ ସେ ଜାଣିପାରିବ କେଉଁ ଜିନିଷଟି ପାଇଁ ତା'ର ହୃଦୟ ସବୁ ସମୟରେ ଆକୁଳିତ ହେଉଥିଲା । ଏହାହିଁ ହେଉଛି ଆତ୍ମାର ଅଭୀପ୍ସାର ଆରମ୍ଭ । ଯାହା ଆଣିଦିଏ ଚେତନାର ଜାଗୃତି, ଭଗବାନଙ୍କ ସଙ୍ଗେ ମିଳିତ ଓ ଏକ ହେବା ପାଇଁ ଏହାର ଆକୁତି । ସେହି ମୁହୂର୍ତ୍ତରୁହିଁ ଅଜ୍ଞାନର ସମସ୍ତ ରୂପ ଓ ଯେଉଁ ବିକୃତିସବୁ ଏହା ଲଦିଦେଇଥିଲା ତାହା ମ୍ଳାନ ଓ ଅନ୍ତର୍ଦ୍ଧାନ ହୋଇଯିବାକୁ ଆରମ୍ଭ କରିବ ଓ ତାହା ସ୍ଥାନରେ ଆବିର୍ଭାବ ହେବ ସେହି ଗୋଟିଏ ମାତ୍ର ଏକକ ଗତିବୃତ୍ତିର, ଯେଉଁଥିରେ ଭଗବାନଙ୍କ ପ୍ରତି ନିଜର ସମସ୍ତ ପ୍ରେମ ନେଇ ଏହି ସୃଷ୍ଟି ଉତ୍ତର ପ୍ରଦାନ କରିଥାଏ ସେହି ଦିବ୍ୟପ୍ରେମକୁ । ଥରେ ଏହି ସୃଷ୍ଟି ଭଗବାନଙ୍କ ପାଇଁ ପ୍ରେମ ପ୍ରତି ସଚେତ ଜାଗ୍ରତ୍ ଓ ଉନ୍ମୋଚିତ ହୋଇଗଲେ ସେହି ଦିବ୍ୟପ୍ରେମ କୌଣସି ସୀମା ନ ରଖି ନିଜକୁ ବର୍ଷଣ କରିଚାଲେ ସୃଷ୍ଟି ଭିତରକୁ । ଏହି ଗତିବୃତ୍ତିଟି ପୁଣି ବୃତ୍ତାକାରରେ ନିଜ ଉପରକୁ ଫେରିଆସେ ଏବଂ ପ୍ରାନ୍ତଗୁଡ଼ିକ ପରସ୍ପର ସହ ମିଳି ଏକ ହୋଇଯାଆନ୍ତି; ଉଭୟ ଚରମ ସତ୍ୟ ଅର୍ଥାତ୍ ପରମ ଆତ୍ମା ଏବଂ ପ୍ରକାଶୋନ୍ମୁଖ ଜଡ଼ ଏକତ୍ର ମିଳିତ ହୋଇ ଯାଆନ୍ତି ଏବଂ ସେମାନଙ୍କର ସେହି ଦିବ୍ୟମିଳନ ପୂର୍ଣ୍ଣ ଓ ନିରନ୍ତର ହୋଇଉଠେ ।

*(ଅବଶିଷ୍ଟାଂଶ ୧୫ ପୃଷ୍ଠାରେ ଦେଖନ୍ତୁ)*

# ଦିବ୍ୟପ୍ରେମର ସଂଧାନ

## ଶ୍ରୀମା

*ପ୍ରଶ୍ନ : କୁହାଯାଇଥାଏ ଯେ ଦିବ୍ୟପ୍ରେମ ସମ୍ପର୍କରେ ସଚେତ ହେବାକୁ ହେଲେ ଅନ୍ୟ ସମସ୍ତ ପ୍ରେମ ଛାଡ଼ିଦେବାକୁ ହେବ । ଅନ୍ୟ ସମସ୍ତ ପ୍ରେମ, ଯାହା ଆମକୁ ଏତେ ଜିଦ୍‌ର ସହ (ହାସ୍ୟ) ଜାବୁଡ଼ି ଧରିଥାଏ ଓ ସହଜରେ ଛାଡ଼େ ନାହିଁ, ତାହାକୁ ପ୍ରତ୍ୟାଖ୍ୟାନ କରିବାର ସର୍ବୋତ୍ତମ ବାଟଟି କ'ଣ ?*

ଶ୍ରୀମା : ତାହାରି ଭିତର ଦେଇ ଯିବା । ଆଃ ।

ତାହାରି ଭିତର ଦେଇ ଦେଖିବାକୁ ହେବ ତା' ପଛରେ କ'ଣ ରହିଛି, ବାହ୍ୟରୂପଟିରେ ଅଟକି ଗଲେ ଚଳିବ ନାହିଁ, ବାହ୍ୟ ରୂପଟିରେ ସନ୍ତୁଷ୍ଟ ରହିଲେ ଚଳିବ ନାହିଁ । ଏହି ପ୍ରେମ ପଛରେ ଯେଉଁ ତତ୍ତ୍ୱଟି ରହିଛି ତାହାକୁ ଖୋଜି ଚାଲିବାକୁ ହେବ, ଏବଂ ନିଜ ଭିତରେ ସେହି ଅନୁଭବଟିର ମୂଳ ଉତ୍ସକୁ ଖୋଜି ନ ପାଇବା ପର୍ଯ୍ୟନ୍ତ ତୁମେ ଯେପରି ସନ୍ତୁଷ୍ଟ ନ ହୁଅ । ତା'ହେଲେ ସେହି ବାହ୍ୟରୂପଟି ଆପେ ଆପେ ଝଡ଼ିପଡ଼ିବ ଏବଂ ତୁମେ ସେହି ଦିବ୍ୟପ୍ରେମ ସହ ସଂଯୋଗ ସ୍ଥାପନ କରିବ, ଯାହା ସବୁକିଛିର ପଶ୍ଚାତରେ ରହିଛି ।

ଏହାହିଁ ସର୍ବୋତ୍ତମ ପନ୍ଥା ।

ଗୋଟିକୁ ପାଇବା ପାଇଁ ଅନ୍ୟଟିକୁ ଛାଡ଼ିବାକୁ ଚାହିଁବା ଅତ୍ୟନ୍ତ କଷ୍ଟସାଧ୍ୟ । ପ୍ରାୟ ଅସମ୍ଭବ । କାରଣ ମନୁଷ୍ୟ-ପ୍ରକୃତି ଏତେ ସୀମିତ, ଏତେସବୁ ପରସ୍ପର ବିରୋଧୀ ଜିନିଷରେ ଭରା ଏବଂ ନିଜର ଗତିବୃତ୍ତିରେ ଏହା ଏତେ ଅନନ୍ୟପରାୟଣ ହୋଇ ଅନ୍ୟସବୁକୁ ବାଦ୍ ଦେଇଥାଏ ଯେ ଯଦି ଜଣେ ପ୍ରେମକୁ ତା'ର ନିମ୍ନତର ରୂପରେ, ଅର୍ଥାତ୍ ମନୁଷ୍ୟମାନେ ଅନୁଭବ କରୁଥିବା ମାନୁଷ ପ୍ରେମକୁ ପ୍ରତ୍ୟାଖ୍ୟାନ କରିବାକୁ ଚାହେଁ, ଯଦି ଜଣେ ଏହାକୁ ପ୍ରତ୍ୟାଖ୍ୟାନ କରିବାକୁ ଏକ ଆନ୍ତର ପ୍ରଚେଷ୍ଟା କରେ, ତା'ହେଲେ ସାଧାରଣତଃ ସେ ପ୍ରେମାନୁଭୂତିର ସମଗ୍ର ସାମର୍ଥ୍ୟଟିକୁ ହରାଇ ବସେ ଓ ଏକ ପ୍ରସ୍ତରଖଣ୍ଡ ପରି ହୋଇଯାଏ । ସେତେବେଳେ, କେତେକ ସମୟରେ ତା' ଭିତରେ ପ୍ରେମକୁ ଗ୍ରହଣ କରିବା ଓ ଅଭିବ୍ୟକ୍ତ କରିବାର ସାମର୍ଥ୍ୟ ପୁଣି ଥରେ ଜାଗ୍ରତ୍ ହେବା ପୂର୍ବରୁ ତାହାକୁ ହୁଏତ ବର୍ଷ ବର୍ଷ ବା ଶତାବ୍ଦୀ ଶତାବ୍ଦୀ ଧରି ଅପେକ୍ଷା କରିବାକୁ ପଡ଼େ ।

ତେଣୁ ସର୍ବୋତ୍ତମ ପନ୍ଥା ହେଉଛି ଯେତେବେଳେ ତୁମ ଭିତରେ ପ୍ରେମ ଆସେ, ତାହା ଯେକୌଣସି ରୂପରେ ଆସୁନା କାହିଁକି, ସେତେବେଳେ ତା'ର ବାହ୍ୟରୂପଟିକୁ ଭେଦ କରି ତାହା ପଛରେ ରହିଥିବା ଓ ତାହାକୁ ସଜୀବ କରିରଖିଥିବା ଦିବ୍ୟତତ୍ତ୍ୱଟିକୁ ଖୋଜି ବାହାର କରିବା । ସ୍ୱାଭାବିକ ଭାବରେ ଏହା ନାନା ପ୍ରଲୋଭନର ଫାଶ ଓ ବାଧାବିଘ୍ନରେ ପୂରି ରହିଥାଏ, କିନ୍ତୁ ଏହା ଅଧିକ ଫଳପ୍ରଦ । ମୋର କହିବା କଥା ହେଉଛି – ଭୁଲ୍ ଭାବରେ ପ୍ରେମ କରୁଛ ବୋଲି ପ୍ରେମ କରିବା ବନ୍ଦ କରିଦେବା ଅପେକ୍ଷା, ଭୁଲ୍ ଭାବରେ ପ୍ରେମ ନ କରି ଠିକ୍ ଭାବରେ ପ୍ରେମ କରିବାକୁ ଚାହିଁବା ଉଚିତ ।

ଉଦାହରଣ ସ୍ୱରୂପ, ମନୁଷ୍ୟମାନଙ୍କ ଭିତରେ ଯେଉଁ ପ୍ରେମ ରହିଥାଏ, ତାହାର ସବୁଗୁଡ଼ିକ ରୂପ – ସନ୍ତାନ ପାଇଁ ପିତାମାତାଙ୍କ ପ୍ରେମ ବା ପିତାମାତାଙ୍କ ପାଇଁ ସନ୍ତାନର ପ୍ରେମ, ଭାଇଭଉଣୀମାନଙ୍କ ଭିତରେ ପ୍ରେମ, ବନ୍ଧୁ ଓ ପ୍ରେମିକମାନଙ୍କ ଭିତରେ ପ୍ରେମ, ସବୁଗୁଡ଼ିକ ଭିତରେ ଅଜ୍ଞାନତା, ସ୍ୱାର୍ଥପରତା ଓ ଅନ୍ୟାନ୍ୟ ନାନା ଦୋଷତ୍ରୁଟିର ମଳିନତା ରହିଥାଏ, ଯେଉଁଗୁଡ଼ିକକି ମନୁଷ୍ୟର ସାଧାରଣ ଦୁର୍ବଳତା । ତେଣୁ ପ୍ରେମ କରିବାରୁ ପୂରାପୂରି ନିବୃତ୍ତ ରହିବା, ଯାହା ମଧ୍ୟ ଖୁବ୍ କଷ୍ଟସାଧ୍ୟ ଏବଂ ଶ୍ରୀଅରବିନ୍ଦ ଯେପରି କହିଛନ୍ତି ଯାହା କେବଳ ହୃଦୟକୁ ଶୁଷ୍କ କରିଦେବା ବ୍ୟତୀତ ଅନ୍ୟ କୌଣସି ଯଥାର୍ଥ ଉଦ୍ଦେଶ୍ୟ ସାଧନ କରେ ନାହିଁ, ତା'ପରିବର୍ତ୍ତେ ଆମକୁ ଶିଖିବାକୁ ହେବ କିପରି ଯଥାର୍ଥ ଓ ଉତ୍ତମ ଭାବରେ ପ୍ରେମ କରିବାକୁ ହୁଏ, ନିଷ୍ଠା ଓ ଆନ୍ତରିକତା ସହ, ଆତ୍ମଦାନ ଓ ଆତ୍ମତ୍ୟାଗ ସହ ଏହା କିପରି କରିବାକୁ ହୁଏ ଏବଂ ସ୍ୱୟଂ ପ୍ରେମ ବିରୋଧରେ ନୁହେଁ, ତାହାର ବିକୃତ ରୂପଗୁଡ଼ିକ ବିରୋଧରେ, ସମସ୍ତ ପ୍ରକାର ଏକଚାଟିଆ ଭାବ ବିରୋଧରେ, ସମସ୍ତ ଆସକ୍ତି, ଅଧିକାରବୋଧ ଓ ଈର୍ଷା ବିରୋଧରେ ଏବଂ ଏଇସବୁ ମୁଖ୍ୟ ଗତିବୃତ୍ତିଗୁଡ଼ିକ ନିଜ ସଙ୍ଗରେ ନେଇ ଆସୁଥିବା ଅନ୍ୟାନ୍ୟ ଭୁଲ୍ ଗତିବୃତ୍ତିଗୁଡ଼ିକ ବିରୋଧରେ କିପରି ସଂଗ୍ରାମ କରିବାକୁ ହୁଏ । ଅଧିକାର କରିବାକୁ, ଆଧିପତ୍ୟ ବିସ୍ତାର କରିବାକୁ, କାମନା-ବାସନାକୁ ଏବଂ ନିଜର ଇଚ୍ଛା ଓ ଖିଆଲ-ଖୁସିକୁ ଅନ୍ୟ ଉପରେ ଲଦିଦେବାକୁ ନ ଚାହିଁବା, ଖାଲି ନେବା ପାଇଁ ଓ ଗ୍ରହଣ କରିବା

ପାଇଁ ନ ଚାହିଁ ଦେବା ପାଇଁହିଁ ଚାହିଁବା, ଅନ୍ୟର ପ୍ରତିଦାନ ଓ ଉତ୍ତରଦେବା ଉପରେ ଜିଦ୍ ନ କରି ନିଜର ପ୍ରେମରେ ସନ୍ତୁଷ୍ଟ ଓ ତୃପ୍ତ ରହିବା, ନିଜର ବ୍ୟକ୍ତିଗତ ସ୍ୱାର୍ଥ ଓ ସୁଖ ନ ଖୋଜି, ନିଜର ବ୍ୟକ୍ତିଗତ ବାସନା-ଅଭିଳାଷର ପୂରଣ ନ ଖୋଜି କେବଳ ନିଜର ପ୍ରେମ ଓ ସ୍ନେହକୁ ଦେଇଦେବାରେହିଁ ତୃପ୍ତ ରହିବା ଏବଂ ତା' ବଦଳରେ କୌଣସି ପ୍ରତିଦାନ ନ ଚାହିଁବା – ଏହାହିଁ ପ୍ରେମର ମାର୍ଗ । ଅଧିକ କିଛି ନଚାହିଁ କେବଳ ପ୍ରେମ କରିବାରେହିଁ ତୃପ୍ତି ଓ ଆନନ୍ଦ ଲାଭ କରିବାକୁ ହେବ ।

ତୁମେ ଯଦି ଏହା କରିପାର ତେବେ ଅଗ୍ରସର ହେବା ଦିଗରେ ତୁମେ ଏକ ବିରାଟ ପଦକ୍ଷେପ ନେଇଛ, ଏବଂ ଏହି ମନୋଭାବର ମାଧ୍ୟମରେହିଁ ସ୍ୱୟଂ ପ୍ରେମର ଅନୁଭୂତିରେ ତୁମେ କ୍ରମଶଃ ଆହୁରି ଅଧିକ ଅଗ୍ରସର ହୋଇ ଚାଲିବ ଏବଂ ଦିନେ ଉପଲବ୍ଧି କରିବ ଯେ ପ୍ରେମ ଏକ ବ୍ୟକ୍ତିଗତ ଜିନିଷ ନୁହେଁ, ପ୍ରେମ ହେଉଛି ଏକ ବିଶ୍ୱଗତ ଦିବ୍ୟ-ଅନୁଭବ, ଯାହା ତୁମ ଭିତରେ ଊଣା-ଅଧିକେ ସୁନ୍ଦର ଭାବରେ ଅଭିବ୍ୟକ୍ତ ହୋଇଛି, କିନ୍ତୁ ଯାହା କି ତା'ର ସାରମର୍ମରେ ଏକ ଦିବ୍ୟବସ୍ତୁ ।

ପ୍ରଥମ ପଦକ୍ଷେପଟି ହେଉଛି ସ୍ୱାର୍ଥପର ନ ହେବା । ପ୍ରତ୍ୟେକଙ୍କ ପାଇଁ ଏହା ପ୍ରଯୁଜ୍ୟ, ଯେଉଁମାନେ ଯୋଗ କରନ୍ତି କେବଳ ସେମାନଙ୍କ ପାଇଁ ନୁହେଁ, ଯେଉଁମାନେ ସାଧାରଣ ଜୀବନଯାପନ କରୁଛନ୍ତି ସେମାନଙ୍କ ପାଇଁ ମଧ୍ୟ । ଯଦି ଜଣେ ଜାଣିବାକୁ ଚାହେଁ କିପରି ପ୍ରେମ କରିବାକୁ ହେବ ତେବେ ତା'ର ପ୍ରଥମ କାମଟି ହେଲା ନିଜେ ନିଜକୁ ପ୍ରେମ ନ କରିବା, ସର୍ବୋପରି ଆଦୌ କୌଣସି ସ୍ୱାର୍ଥପରଭାବ ନ ରଖିବା, ପ୍ରତିଦାନ ଆଦାୟ ପାଇଁ କୌଣସି ଜିଗର ନ କରି ନିଜକୁ ପ୍ରେମାସ୍ପଦର ପାଖରେ ସମ୍ପୂର୍ଣ୍ଣ ଦେଇଦେବା । ନିଜ ଉପରେ ବିଜୟ ଲାଭକରି, ନିଜକୁ ଅତିକ୍ରମ କରି ଏପରି ଏକ ଜୀବନ ଯାପନ କରିବାକୁ ହେବ ଯାହା ପୂରାପୂରି ସ୍ଥୂଳ ନୁହେଁ ।

ଯୋଗର କ୍ଷେତ୍ରରେ ଆମକୁ ଏହା ସହିତ ଆଉ କିଛି ଯୋଡ଼ି ଦେବାକୁ ହେବ । ଏହା ହେଉଛି, ମୁଁ ଆରମ୍ଭରୁ ଯାହା କହିଥିଲି, ପ୍ରେମର ଏହି ସୀମିତ ମାନୁଷ ରୂପକୁ ଭେଦ କରିବାର ସଂକଳ୍ପ ନେଇ ଏହା ପଛରେ ରହିଥିବା ଦିବ୍ୟପ୍ରେମର ତତ୍ତ୍ୱକୁ ଆବିଷ୍କାର କରିବାକୁ ହେବ । ତା'ହେଲେ ତୁମର ଫଳଲାଭ ସୁନିଶ୍ଚିତ । ନିଜର ହୃଦୟକୁ ଶୁଷ୍କ କରିଦେବା ଅପେକ୍ଷା ଏହା ଅନେକ ଅଧିକ ଉତ୍ତମ । ଏହା ହୁଏତ କିଛିଟା ଅଧିକ କଷ୍ଟସାଧ୍ୟ, କିନ୍ତୁ ସବୁଦିଗରୁ ଏହା ଉତ୍ତମ । କାରଣ ଏହି ଭାବରେ ତୁମ ନିଜର ଅହଂଭାବ ନେଇ ଅନ୍ୟମାନଙ୍କୁ ଦୁଃଖଭୋଗ କରାଇବା ପରିବର୍ତ୍ତେ ତୁମେ ସେମାନଙ୍କୁ ସେମାନଙ୍କ ନିଜ ନିଜର ଗତିବୃତ୍ତି ଧରି ରହିବାକୁ ଚୁପ୍‌ଚାପ୍ ଛାଡ଼ିଦିଅ ଓ ଅନ୍ୟମାନଙ୍କ ଉପରେ ତୁମ ନିଜର ଇଚ୍ଛାକୁ ଲଦି ନଦେଇ ତୁମେ କେବଳ ନିଜର ରୂପାନ୍ତର-ସାଧନ ପାଇଁ ତତ୍ପର ଓ ସଚେଷ୍ଟ ହୁଅ, ଏହା ସାଧାରଣ ଜୀବନରେ ମଧ୍ୟ ଉଚ୍ଚତର କିଛି ଓ ଅଧିକ ସୁସଙ୍ଗତିପୂର୍ଣ୍ଣ କିଛି ଦିଗରେ ଆଗେଇଯିବା ପାଇଁ ଏକ ପଦକ୍ଷେପ । ❖

---

(*ପୃଷ୍ଠା ୧୩ ର ଅବଶିଷ୍ଟାଂଶ*)

ଦିବ୍ୟପ୍ରେମର ସାର୍ବଭୌମ ଶୁଦ୍ଧତା ଓ ଶକ୍ତିର କିଛି ଅଂଶକୁ ଏଠାରେ ଉତାରି ଆଣିବା ପାଇଁ ମହାନ୍ ଆତ୍ମାମାନେ ଏହି ପୃଥିବୀରେ ଜନ୍ମଗ୍ରହଣ କରିଛନ୍ତି । ସେମାନଙ୍କ ଭିତରେ ଦିବ୍ୟପ୍ରେମ ନିଜକୁ ଏକ ବ୍ୟକ୍ତିଗତ ରୂପରେ ପ୍ରକଟ କରିଛି ଯେପରିକି ସଂସାର ଭିତରେ ତାହାର ସିଦ୍ଧି ଏକ ସଙ୍ଗରେ ଆହୁରି ସହଜ ଓ ପୂର୍ଣ୍ଣତର ହେବ । ଦିବ୍ୟପ୍ରେମ ଯେତେବେଳେ ଏକ ବ୍ୟକ୍ତିସତ୍ତା ଭିତରେ ଅଭିବ୍ୟକ୍ତ ହୁଏ, ସେତେବେଳେ ତାହାକୁ ଉପଲବ୍ଧି କରିବା ଅଧିକ ସହଜ ହୁଏ, କିନ୍ତୁ ଏହାର ଅପ୍ରକଟ ବା ନୈର୍ବ୍ୟକ୍ତିକ ଗତିବୃତ୍ତିଗୁଡ଼ିକ ଭିତରେ ଏହାକୁ ଉପଲବ୍ଧି କରିବା ଅଧିକ କଷ୍ଟସାଧ୍ୟ । ଏକ ମାନବ-ସତ୍ତା ଯେତେବେଳେ ଏହି ବ୍ୟକ୍ତିଗତ ସ୍ପର୍ଶ ଓ ଏହି ବ୍ୟକ୍ତିଗତ ପ୍ରଗାଢ଼ତା ଲାଭକରି ଦିବ୍ୟପ୍ରେମର ଚେତନା ପ୍ରତି ଜାଗ୍ରତ୍ ହୁଏ, ସେତେବେଳେ ସେ ଅନୁଭବ କରେ ଯେ ତା'ର କାମଟି, ତା'ର ପରିବର୍ତ୍ତନଟି ଅଧିକ ସହଜ ହୋଇ ଯାଇଛି ଏବଂ ସେ ଯେଉଁ ମିଳନର ପ୍ରତ୍ୟାଶା ତାହା ଆହୁରି ସ୍ୱାଭାବିକ ଓ ଆହୁରି ଘନିଷ୍ଠ ହୋଇ ଉଠୁଛି । ଏବଂ ସେହି ମିଳନ, ସେହି ସିଦ୍ଧି ତା' ପାଇଁ ମଧ୍ୟ ହୋଇ ଉଠୁଛି ଅଧିକ ପୂର୍ଣ୍ଣ, ଅଧିକ ଅଭ୍ରାନ୍ତ; କାରଣ ସେତେବେଳେ ଏକ ବିଶ୍ୱଗତ ନୈର୍ବ୍ୟକ୍ତିକ ଦିବ୍ୟପ୍ରେମର ବିପୁଳ ଏକରୂପତା ତା' ଆଗରେ ଦେଦୀପ୍ୟମାନ ଓ ଭାସ୍ୱର ହୋଇଉଠେ ଏବଂ ତାହା ଭଗବାନଙ୍କ ସହ ସମସ୍ତ ସମ୍ଭାବ୍ୟ ସଂପର୍କର ବର୍ଣ୍ଣବିଭା ଓ ସୌନ୍ଦର୍ଯ୍ୟରେ ମଣ୍ଡିତ ହୋଇ ଉଦ୍ଭାସିତ ହୁଏ । ❖

# ପରମଙ୍କ ସହ ପ୍ରେମ

## ଶ୍ରୀଅରବିନ୍ଦ

... ...ମାତ୍ର ସବୁଠାରୁ ଉଚ୍ଚ ଓ ସବୁଠାରୁ ମହାନ୍ ସମ୍ବନ୍ଧଟି କୌଣସି ସାଧାରଣ ଧର୍ମଗତ ପ୍ରେରଣାରୁ ଆରମ୍ଭ ହୋଇ ନ ଥାଏ, ବରଂ ଏହାହିଁ ହେଉଛି ଯୋଗର ସାରମର୍ମ ଓ ଏହା ଉତ୍ସାରିତ ହୋଇଥାଏ ସ୍ୱୟଂ ପ୍ରେମର ନିଜସ୍ୱ ସ୍ୱଭାବରୁ – ଏହା ହେଉଛି ପରମ ପ୍ରେମିକ ଓ ପରମ ପ୍ରେମାସ୍ପଦଙ୍କ ଭିତରେ ରୂପାୟିତ ସେହି ତୀବ୍ର ଆବେଗମୟ ଅନୁରାଗ । ଭଗବାନଙ୍କ ସହ ପୂର୍ଣ୍ଣ ମିଳନ ପାଇଁ ଯେଉଁଠିକି ଆତ୍ମାର ଏକ ବାସନା ଓ ଅଭିଳାଷ ରହିଥାଏ, ସେହି ଦିବ୍ୟ ଆକୁତିର ଏହି ରୂପଟି ସେହି ସବୁ ଧର୍ମ ଭିତରକୁ ମଧ୍ୟ ନିଜର ପଥ ନିର୍ମାଣ କରିନିଏ, ଯେଉଁ ଧର୍ମଗୁଡ଼ିକ ଏହାକୁ ବାଦ୍‌ଦେଇ ଚଳୁଥିବା ପରି ମନେହୁଅନ୍ତି ଓ ସେମାନଙ୍କ ସାଧାରଣ ପ୍ରଣାଳୀ ଭିତରେ ଏହା ପାଇଁ କୌଣସି ସ୍ଥାନ ରଖି ନ ଥା'ନ୍ତି । ଏଠାରେ ଏକମାତ୍ର ଯେଉଁ ଜିନିଷ ପାଇଁ ପ୍ରାର୍ଥନା କରାଯାଏ ତାହା ହେଉଛି ପ୍ରେମ, ଏକମାତ୍ର ଯେଉଁ ଜିନିଷକୁ ଭୟ କରାଯାଏ ତାହା ହେଉଛି ସେହି ପ୍ରେମକୁ ହରାଇ ବସିବା, ଏକମାତ୍ର ଦୁଃଖ ହେଉଛି ସେହି ପ୍ରେମରୁ ବିଚ୍ଛେଦର ଦୁଃଖ । କାରଣ ପ୍ରେମିକ ପାଇଁ ଆଉ ଅନ୍ୟକିଛି ଜିନିଷର କୌଣସି ଅସ୍ତିତ୍ୱ ନ ଥାଏ ଅଥବା ସେଗୁଡ଼ିକ ଆସିଥାଏ ପ୍ରେମର ପ୍ରସଙ୍ଗ ବା ଫଳସ୍ୱରୂପ ହୋଇ, ପ୍ରେମର ବିଷୟ ବା ଅବସ୍ଥାରୂପେ ନୁହେଁ ।

ବାସ୍ତବରେ ସମସ୍ତ ପ୍ରେମ ହେଉଛି ତା'ର ନିଜର ସ୍ୱଭାବରେ ସ୍ୱୟଂ-ପ୍ରତିଷ୍ଠ, କାରଣ ଏହାର ଉଦ୍‌ଗମ ହୋଇଥାଏ ଦୁଇଟି ଆତ୍ମା ଭିତରେ ସତ୍ତାର ଏକ ଗୋପନ ଏକତ୍ୱ ଭିତରୁ ଏବଂ ସେମାନଙ୍କ ହୃଦୟରେ ସେହି ଏକତ୍ୱର ଏକ ବୋଧ ବା ବାସନା ଭିତରୁ, ଯଦିଓ ସେମାନେ ଏପର୍ଯ୍ୟନ୍ତ ପରସ୍ପରଠାରୁ ପୃଥକ୍ ଓ ବିଭକ୍ତ ବୋଲି ଭାବିବାକୁ ସମର୍ଥ ହୋଇଥିଲେ । ସେଇଥିପାଇଁ କେବଳ ପ୍ରେମର ଉଦ୍ଦେଶ୍ୟସାଧନ ନିମନ୍ତେହିଁ ଅନ୍ୟାନ୍ୟ ସମ୍ବନ୍ଧଗୁଡ଼ିକ ମଧ୍ୟ ସେମାନଙ୍କ ନିଜ ନିଜର ସ୍ୱୟଂ-ପ୍ରତିଷ୍ଠ ଅହେତୁକ ସତ୍ତାର ଆନନ୍ଦରେ ପହଞ୍ଚିପାରିବେ । ତଥାପି, ସେଗୁଡ଼ିକ ଅନ୍ୟାନ୍ୟ ପ୍ରେରଣାସବୁକୁ ପାଥେୟ କରି ନିଜର ଯାତ୍ରାରମ୍ଭ କରିଥାଆନ୍ତି ଓ ଶେଷପର୍ଯ୍ୟନ୍ତ ଅନ୍ୟାନ୍ୟ ଉଦ୍ଦେଶ୍ୟ-ସାଧନ ଭିତରେ କିଛି ପରିମାଣରେ ନିଜ କ୍ରୀଡ଼ାର ସନ୍ତୋଷ-ଲାଭ କରିଥାଆନ୍ତି । କିନ୍ତୁ ପ୍ରେମର ସମ୍ବନ୍ଧଟି କ୍ଷେତ୍ରରେ ପ୍ରେମହିଁ ହେଉଛି ଆରମ୍ଭ ଓ ପ୍ରେମହିଁ ହେଉଛି ଶେଷ, ଏବଂ ସମଗ୍ର ଲକ୍ଷ୍ୟଟି ହେଉଛି ପ୍ରେମ । ଅବଶ୍ୟ ଏଥିରେ ଅଧିକାରର ଏକ ବାସନା ରହିଥାଏ, ମାତ୍ର ତାହା ମଧ୍ୟ ଏହି ସ୍ୱୟଂ-ପ୍ରତିଷ୍ଠ ପ୍ରେମର ପୂର୍ଣ୍ଣତା ଭିତରେ କେଉଁ ଆଡ଼େ ଅତିକ୍ରାନ୍ତ ହୋଇଯାଏ, ଏବଂ ସହଜ ଭାବରେ ଭକ୍ତର ସର୍ବଶେଷ ଦାବି ହୋଇଥାଏ କେବେହେଲେ ଯେପରି ତାହାର ଭକ୍ତିର କୌଣସି ବିଲୋପ ବା କ୍ଷୟ ନ ହେଉ । ସେ ସ୍ୱର୍ଗର କାମନା କରେ ନାହିଁ, ବା ଜନ୍ମଚକ୍ରରୁ ମୁକ୍ତି ଚାହେଁ ନାହିଁ ବା ଅନ୍ୟ କୌଣସି କିଛି ପାଇଁ ଅଭିଳାଷ ରଖେ ନାହିଁ, ସେ କେବଳ ଚାହୁଁଥାଏ ତା'ର ପ୍ରେମ ଚିରନ୍ତନ ଓ ଅଖଣ୍ଡ ହେଉ ।

ପ୍ରେମ ହେଉଛି ଏକ ଗଭୀର ଆବେଗ ଏବଂ ଏହା ଦୁଇଟି ଜିନିଷ ଖୋଜୁଥାଏ, ଚିରନ୍ତନତା ଓ ପ୍ରଗାଢ଼ତା । ଏବଂ ପରମ ପ୍ରେମିକ ଓ ପରମ ପ୍ରେମାସ୍ପଦଙ୍କ ସମ୍ବନ୍ଧ ଭିତରେ ଏହି ଚିରନ୍ତନତା ଓ ପ୍ରଗାଢ଼ତାର ଅନ୍ୱେଷଣ ହୋଇଥାଏ ସହଜାତ ପ୍ରବୃତ୍ତିଗତ ଓ ତାହା ଆପେ ଆପେ ଜନ୍ମଲାଭ କରିଥାଏ । ପ୍ରେମ ହେଉଛି ପରସ୍ପରକୁ ଅଧିକାର କରିବାର ଏକ ଚାହିଦା ଓ ଏହିଠାରେହିଁ ପରସ୍ପରକୁ ଅଧିକାର କରିବାର ଏହି ଦାବିଟି ତା'ର ପରମ ପୂର୍ଣ୍ଣତା ଲାଭକରେ । ଅଧିକାର କରିବାର ଏହି ଆକାଙ୍କ୍ଷା, ଯାହାର ଅର୍ଥ ହେଉଛି ଉଭୟଙ୍କ ଭିତରେ ଏକ ପାର୍ଥକ୍ୟ ବା ଦ୍ୱୈତଭାବ, ସେହି ଅବସ୍ଥାକୁ ଅତିକ୍ରମକରି ଏହା ହୋଇଉଠେ ଏକତ୍ୱର ଏକ ଅନ୍ୱେଷଣ, ଏବଂ ଏହିଠାରେହିଁ ଏକତ୍ୱର ସେହି ଧାରଣା, ଦୁଇଟି ଆତ୍ମା ପରସ୍ପର ଭିତରେ ନିମଜ୍ଜିତ ଓ ଲୀନ ହୋଇଯାଇ ଏକ ହୋଇଉଠିବାର ସେହି ଆନ୍ତର ଅଭିଳାଷ, ତା'ର ଚରମ ସୀମାରେ ପହଞ୍ଚେ ଓ ତୃପ୍ତିର ଚୂଡ଼ାନ୍ତ ପୂର୍ଣ୍ଣତା ଲାଭକରେ । ପ୍ରେମ ମଧ୍ୟ ସୌନ୍ଦର୍ଯ୍ୟ ପାଇଁ ଏକ ଆକାଙ୍କ୍ଷା ଏବଂ ଏହିଠାରେହିଁ ସେହି ଆକାଙ୍କ୍ଷା ପରମ ସର୍ବସୌନ୍ଦର୍ଯ୍ୟମୟଙ୍କର ଦର୍ଶନ, ସ୍ପର୍ଶ ଓ ଆନନ୍ଦ ଭିତରେ ତା'ର ଶାଶ୍ୱତ ତୃପ୍ତିଲାଭ କରେ । ପ୍ରେମ ହେଉଛି ଦିବ୍ୟ-ଆନନ୍ଦର ଏକ ଶିଶୁ, ଏକ ସନ୍ଧାନୀ, ଏବଂ ଏହିଠାରେହିଁ ତା'ର ହୃଦୟ-ଚେତନା ତଥା ସତ୍ତାର ପ୍ରତ୍ୟେକଟି ତନ୍ତୁ ସର୍ବୋଚ୍ଚ ସମ୍ଭବ ଏକ ଆନନ୍ଦାନୁଭୂତିରେ ବିଭୋର ଓ ଉଲ୍ଲସିତ ହୋଇଉଠେ । ଅଧିକନ୍ତୁ,

ଏହା ହେଉଛି ସେହି ସମ୍ବନ୍ଧ, ମନୁଷ୍ୟ ମନୁଷ୍ୟ ଭିତରେ ଯେଉଁ ସମ୍ବନ୍ଧଟି ଗଢ଼ିଉଠିବା ବେଳେ ଅଧିକରୁ ଅଧିକ ପାଇବା ପାଇଁ ଦାବି କରିଥାଏ ଏବଂ ଏହାର ସର୍ବୋତ୍ତମ ପ୍ରଗାଢ଼ତାରେ ପହଞ୍ଚି ମଧ୍ୟ ଏହା ତଥାପି ସନ୍ତୋଷ ଲାଭ କରିପାରେ ନାହିଁ; କାରଣ କେବଳ ଭଗବାନଙ୍କ ଭିତରେହିଁ ଏହା ତାହାର ଯଥାର୍ଥ ଓ ଚରମ ତୃପ୍ତି ଲାଭ କରିପାରିବ । ତେଣୁ ଏହିଠାରେହିଁ ଭଗବାନଙ୍କ ଅଭିମୁଖରେ ଅଗ୍ରସର ହେଉଥିବା ମାନବୀୟ ଆବେଗ ତାହାର ପୂର୍ଣ୍ଣ ଅର୍ଥ ଓ ତାତ୍ପର୍ଯ୍ୟକୁ ଉପଲବ୍ଧି କରେ ଓ ସେହି ସମଗ୍ର ସତ୍ୟକୁ ଆବିଷ୍କାର କରେ ଯାହାର ମାନୁଷୀ ପ୍ରତୀକ ହେଉଛି ପ୍ରେମ । ସେତେବେଳେ ତାହାର ସମସ୍ତ ମୂଳପ୍ରବୃତ୍ତି ଦିବ୍ୟାୟିତ ହୋଇଉଠେ, ଊର୍ଦ୍ଧ୍ୱକୁ ଉନ୍ନୀତ ହୁଏ, ଓ ସେହି ଆନନ୍ଦରେ ପରମ ତୃପ୍ତି ଲାଭକରେ ଯେଉଁ ଆନନ୍ଦ ଭିତରୁ ଆମର ଜୀବନ ଜନ୍ମ ନେଇଥିଲା ଏବଂ ଯେଉଁ ଆନନ୍ଦ ଭିତରକୁ ଏହା ପୁଣି ଫେରି ଯାଏ ସେହି ଦିବ୍ୟ-ଅସ୍ତିତ୍ୱର ଆନନ୍ଦ ଭିତରେ ଯେଉଁଠି ପ୍ରେମ ନିଜର ଅଖଣ୍ଡ, ଶାଶ୍ୱତ ଓ ଅବିମିଶ୍ର ରୂପରେ ନିତ୍ୟ ବିଦ୍ୟମାନ । ✥

## ଭଗବତ୍-ବିରୋଧୀ ଶକ୍ତି

ଗୋଟିଏ ଜିନିଷ ମୁଁ ଲକ୍ଷ୍ୟ କରିଛି ଯେ ଶହେରୁ ଅନେଶତ ଭାଗ କ୍ଷେତ୍ରରେ ଲୋକମାନେ ନିଜର ଭୁଲ୍ ଘୋଡ଼ାଇବା ପାଇଁ ଏହି ବାହାନାଟିର ଆଶ୍ରୟ ନିଅନ୍ତି । ମୁଁ ଦେଖିଛି ପ୍ରକୃତରେ ଯେଉଁମାନେ ମୋତେ ଲେଖନ୍ତି ଯେ, ''ମୁଁ ଭୟାନକ ଭାବରେ ବିରୋଧୀ ଶକ୍ତି ଆକ୍ରମଣର ଶିକାର ହୋଇଛି,'' ସେମାନେ ସମସ୍ତେ ଏହି ଧରଣର ଏକ ବାହାନା କରନ୍ତି । ଏହାର କାରଣ ହେଉଛି ସେମାନଙ୍କ ପ୍ରକୃତିରେ ଏପରି ଅନେକ ଜିନିଷ ଥାଏ ଯାହାକୁ ସେମାନେ ସମର୍ପଣ କରିବାକୁ ଚାହାନ୍ତି ନାହିଁ ଓ ଦୋଷ ଦିଅନ୍ତି ବିରୋଧୀ ଶକ୍ତିକୁ ।

ବାସ୍ତବରେ ମୁଁ ଏପରି ଏକ ଦିଗରେ ଅଧିକରୁ ଅଧିକ ଆଗଉଛି ଯେଉଁଠି ବିରୋଧୀ ଶକ୍ତିର ଭୂମିକା ହ୍ରାସ ପାଇ ଏକ ପରୀକ୍ଷକର ଭୂମିକା ହୋଇଯିବ ଅର୍ଥାତ୍ ସେମାନେ ରହିବେ ତୁମର ଆଧ୍ୟାତ୍ମିକ ଅନ୍ୱେଷଣରେ ତୁମ ଆନ୍ତରିକତାକୁ ପରୀକ୍ଷା କରିବା ପାଇଁ । ଏହିସବୁ ଜିନିଷର ବାସ୍ତବତା ରହିଛି କର୍ମ ଓ ନାନାପ୍ରକାର କ୍ରିୟାରେ — ଏବଂ ଏହା ଏକ ବିରାଟ ବାସ୍ତବତା, କିନ୍ତୁ ତୁମେ ଯେତେବେଳେ ଏକ ପ୍ରକାର ଅଞ୍ଚଳରୁ ପାର ହୋଇ ଆଗକୁ ଚାଲିଯାଅ ସେତେବେଳେ ଏପରି ଏକ ସ୍ଥାନରେ ପହଞ୍ଚ ଯେଉଁଠି ଏମାନଙ୍କର ଏକ ସ୍ୱଷ୍ଟ ଓ ପରିଷ୍କାର ଉପସ୍ଥିତି ନଥାଏ । ଗୁହ୍ୟ ଜଗତରେ, ବା ବରଂ ଯଦି ତୁମେ ଜଗତକୁ ଗୁହ୍ୟ ବିଦ୍ୟାର ଦୃଷ୍ଟିକୋଣରେ ଦେଖ ତା'ହେଲେ ଏହିସବୁ ବିରୋଧୀ ଶକ୍ତି ଅତି ବାସ୍ତବ ରୂପ ନିଅନ୍ତି ଏବଂ ସେମାନଙ୍କର କ୍ରିୟା ବେଶ୍ ବାସ୍ତବ ହୋଇଉଠେ, ପୂରାପୂରି ସୁନିର୍ଦ୍ଦିଷ୍ଟ ଏବଂ ଭଗବତ୍ ଉପଲବ୍ଧି ବିରୋଧରେ ସେମାନଙ୍କ କ୍ରିୟା ପୂରାପୂରି ସ୍ୱଷ୍ଟଭାବରେ ବିରୋଧୀ ହୋଇଥାଏ । କିନ୍ତୁ ଯେତେବେଳେ ତୁମେ ଏହି ଅଞ୍ଚଳଟି ପାର ହୋଇଯାଅ ଏବଂ ଆଧ୍ୟାତ୍ମିକ ଜଗତରେ ପ୍ରବେଶ କର, ଯେଉଁଠି ଭଗବାନଙ୍କ ବ୍ୟତୀତ ଆଉ କିଛି ନାହିଁ, ଯେଉଁଠି ସେହିଁ ସବୁକିଛି, ଯେଉଁଠି ଏପରି କିଛି ନାହିଁ ଯାହାକି ଭଗବାନ୍ ନୁହନ୍ତି, ସେଠାରେ ଏହି ''ବିରୋଧୀ ଶକ୍ତିମାନେ ଭଗବାନଙ୍କ ସାମଗ୍ରିକ ଲୀଳାରେ ଏକ ଅଂଶବିଶେଷ ହୋଇଯାଆନ୍ତି ଏବଂ ଆଉ ସେମାନେ ବିରୋଧୀ ପଦବାଚ୍ୟ ହୋଇ ରହନ୍ତି ନାହିଁ । ସେତେବେଳେ ଏହା ହୋଇଉଠେ ଏକ ଭାବଭଙ୍ଗୀ ମାତ୍ର, ଅଧିକ ନିର୍ଭୁଲଭାବେ କହିବାକୁ ଗଲେ ଭଗବାନହିଁ ତାଙ୍କ ଲୀଳାରେ ଏପରି ଏକ ଭାବଭଙ୍ଗୀ ଗ୍ରହଣ କରିଛନ୍ତି ।

ଶ୍ରୀଅରବିନ୍ଦ ତାଙ୍କ 'ଯୋଗ-ସମନ୍ୱୟ'ରେ ଯେଉଁ ଦ୍ୱୈତର ବିଷୟ କହିଛନ୍ତି ଏହା ମଧ୍ୟ ତାହାର ଏକ ଅଂଶ । ମୁଁ ଠିକ୍ ଜାଣେ ନାହିଁ ସେ ଏହି ବିଶେଷ ଦ୍ୱୈତ କଥା କହିଛନ୍ତି — ମୁଁ ଭାବୁଛି ନୁହେଁ — କିନ୍ତୁ ଏହା ସେହି ଏକ ଜିନିଷ, ଦେଖିବାର ଏହା ଏକ ଧାରା ମାତ୍ର । ସେ ଯେଉଁ ଦ୍ୱୈତ କଥା କହିଛନ୍ତି ବ୍ୟକ୍ତିକ-ନୈର୍ବ୍ୟକ୍ତିକ, ଈଶ୍ୱର-ଶକ୍ତି, ପୁରୁଷ-ପ୍ରକୃତି । ଆଉ ଗୋଟିଏ ଅଧିକ ହେଉଛି ଭଗବତ୍ ଓ ଭଗବତ୍-ବିରୋଧୀ ।

(M.C.W. Vol- 15 - page - 366)

— ଶ୍ରୀମା

# ଶକ୍ତିକ୍ଷୟରୁ ନିବୃତ୍ତ ରୁହ

## ଶ୍ରୀମା

ମଣିଷମାନେ ଜାଣନ୍ତି ନାହିଁ କିପରି ଶକ୍ତିକୁ ସୁରକ୍ଷିତ ରଖିବାକୁ ହେବ । ଯେତେବେଳେ ଦୁର୍ଘଟଣା ବା ରୋଗର ଆକ୍ରମଣ ଆଦି କିଛି ଘଟେ ସେମାନେ ସାହାଯ୍ୟ ଚାହାନ୍ତି ଏବଂ ସେମାନଙ୍କୁ ଦ୍ୱିଗୁଣ ବା ତ୍ରିଗୁଣ ଶକ୍ତି ଦିଆଯାଏ । ସେମାନେ ଗ୍ରହଣଶୀଳ ବୋଲି ଅନୁଭବ କରନ୍ତି ଏବଂ ସେମାନେ ଏହା ଗ୍ରହଣ କରନ୍ତି । ଦୁଇଟି କାରଣରୁ ଏହି ଶକ୍ତି ଦିଆଯାଏ, ଦୁର୍ଘଟଣା ବା ରୋଗ ଯୋଗୁଁ ଘଟିଥିବା ବିଶୃଙ୍ଖଳାକୁ ସଜାଡ଼ି ଦେବା ପାଇଁ ଏବଂ ସେହି ଦୁର୍ଘଟଣା ବା ବ୍ୟାଧିର ଯଥାର୍ଥ କାରଣଟିକୁ ସୁଧାରିବା ଓ ପରିବର୍ତ୍ତିତ କରିବା ପାଇଁ ଏକ ରୂପାନ୍ତରକାରୀ ଶକ୍ତି ।

କିନ୍ତୁ ସେହି ଭାବରେ ସେହି ଶକ୍ତିକୁ ନିୟୋଜିତ କରିବା ପରିବର୍ତ୍ତେ ସେମାନେ ତତ୍‌କ୍ଷଣାତ୍ ତାହାକୁ ବାହାରେ ନିକ୍ଷିପ୍ତ କରନ୍ତି । ସେମାନେ ହଲ୍‌ଚଲ୍ ହେବାକୁ ଆରମ୍ଭ କରନ୍ତି, ସକ୍ରିୟ ହେବାକୁ ଆରମ୍ଭ କରନ୍ତି, କଥା କହିବାରେ ଲାଗନ୍ତି... ସବୁକିଛି ଆରମ୍ଭ କରି ଦିଅନ୍ତି... ସେମାନେ ଶକ୍ତିରେ ପରିପୂର୍ଣ୍ଣ ବୋଲି ଅନୁଭବ କରନ୍ତି ଓ ସବୁକିଛିକୁ ବାହାରେ ଉଜାଡ଼ି ଦିଅନ୍ତି । ସେମାନେ କିଛି ବି ସୁରକ୍ଷିତ କରି ରଖିପାରନ୍ତି ନାହିଁ । ତା'ପରେ ଯେହେତୁ ଶକ୍ତିର ସେଭଳି ଅପଚୟ ଇପ୍ସିତ ନଥିଲା, ଉଦ୍ଦେଶ୍ୟ ଥିଲା ଏହାର ଏକ ଆନ୍ତର ବିନିଯୋଗ, ତେଣୁ ସେମାନେ ପୂରା ଚିତ୍-ପଟାଙ୍ଗ ହୋଇଯାଆନ୍ତି । ଏବଂ ଏହା ଏକ ସାର୍ବଜନୀନ କଥା । ସେମାନେ ଜାଣନ୍ତି ନାହିଁ, ଏହା କିପରି କରିବାକୁ ହୁଏ ସେ ସମ୍ପର୍କରେ ସେମାନେ ସମ୍ପୂର୍ଣ୍ଣ ଅଜ୍ଞ । ସେମାନେ ଜାଣନ୍ତି ନାହିଁ କିପରି ଭିତରକୁ ଯିବାକୁ ହୁଏ, ସେହି ଶକ୍ତିର ଉପଯୋଗ କରିବାକୁ ହୁଏ – ଏହାକୁ ରଖିବା କଥା ଉଠୁ ନାହିଁ, କାରଣ ଶକ୍ତିକୁ ଏଭଳି ରଖାଯାଇ ପାରିବ ନାହିଁ । – ଦେହର ସେହି କ୍ଷତିକୁ ଭରଣା କରିବା ପାଇଁ ଏହାକୁ ଉପଯୋଗ କରିବାକୁ ହେବ – ଏହାହିଁ ପ୍ରଶ୍ନ – ସେହି ଦୁର୍ଘଟଣା ବା ରୋଗର ସଠିକ୍ କାରଣ ଜାଣି ସେହିଠାରେହିଁ ତାହାକୁ ଏକ ଅଭୀପ୍ସା, ଏକ ଆନ୍ତର ରୂପାନ୍ତରରେ ପରିଣତ କରିବାହିଁ ଏହାର ଲକ୍ଷ୍ୟ ହେବା କଥା । ଏହା ପରିବର୍ତ୍ତେ ଲୋକମାନେ ସଙ୍ଗେ ସଙ୍ଗେ ଏଣୁତେଣୁ ଗପିବାରେ, ଏଣୁତେଣୁ କାମରେ ଓ ଏଆଡ଼େ-ସେଆଡ଼େ ବୁଲିବାରେ ଲାଗିଯାଆନ୍ତି ।

ଅବଶ୍ୟ ଏହା ସତ ଯେ ମଣିଷମାନଙ୍କ ଭିତରୁ ଏକ ବ୍ୟାପକ ଅଂଶ ଅନୁଭବ କରନ୍ତି ଯେ ଶକ୍ତିକ୍ଷୟ କରିବାହିଁ ଜୀବନ, ଶକ୍ତିକ୍ଷୟ ନକଲେ ଆଉ ଜୀବନ ବୋଲି କ'ଣ ରହିବ ।

ଶକ୍ତିକ୍ଷୟ ନକରିବାର ଅର୍ଥ ହେଉଛି, ଯେଉଁଥିପାଇଁ ସେହି ଶକ୍ତି ଦିଆଯାଇଥିଲା ତାହାକୁ ସେହି ଦିଗରେହିଁ ଉପଯୋଗ କରିବା । ଯଦି ରୂପାନ୍ତର ପାଇଁ, ସତ୍ତାର ବିକାଶ ଓ ଉନ୍ନୟନ ପାଇଁ ଶକ୍ତି ଦିଆଯାଇଥାଏ, ତାହାକୁ ସେହି ଦିଗରେହିଁ ଉପଯୋଗ କରିବାକୁ ହେବ । ଯଦି ଶରୀରର କୌଣସି ବିଶୃଙ୍ଖଳାକୁ ସଜାଡ଼ିବା ପାଇଁ ତାହା ଦିଆଯାଇଥାଏ ତା'ହେଲେ ତାହାକୁ ସେଇଥିପାଇଁହିଁ ଉପଯୋଗ କରିବାକୁ ହେବ ।

ଅବଶ୍ୟ ଏହା ସ୍ୱାଭାବିକ ଯେ ଯଦି କାହାକୁ କୌଣସି ସ୍ୱତନ୍ତ୍ର କାମ ଦିଆଯାଇଥାଏ, ଏବଂ ସେହି କାମଟି ପାଇଁ ତାହାକୁ ଶକ୍ତି ଦିଆଯାଇଥାଏ ତେବେ ସେହି କାମଟିରେହିଁ ତାହାର ଉପଯୋଗ କରିବାକୁ ହେବ । ଏହା ଯଥାର୍ଥ, ଦିଆଯାଇଥିବା ଉଦ୍ଦେଶ୍ୟରେହିଁ ଏହାର ଉପଯୋଗ ହେବ, ସେଇଥିପାଇଁହିଁ ସେହି ଶକ୍ତି ଦିଆଯାଇଥିଲା ।

ମଣିଷ ଯେତେବେଳେ ଶକ୍ତିପୂର୍ଣ୍ଣ, ଉତ୍ସାହୀ ଅନୁଭବ କରେ ସେ ସଙ୍ଗେସଙ୍ଗେ କାମ କରିବାକୁ ଆଗେଇ ଯାଏ । କିଂବା ଯଦି କିଛି କାମ କରିବାର ବୋଧ ନଥାଏ, ଏଣୁ ତେଣୁ ବାଜେ ଗପ କରିବାରେ ଲାଗିପଡ଼େ । ଆହୁରି ଖରାପ ହେଉଛି ନିଜ ଉପରେ ଯେଉଁମାନଙ୍କର କିଛି ନିୟନ୍ତ୍ରଣ ନଥାଏ ସେମାନେ ଅସହିଷ୍ଣୁ ହୋଇଉଠନ୍ତି ଓ ବାକ୍-ବିତଣ୍ଡାରେ ଲାଗିଯାଆନ୍ତି । ଯଦି ସେମାନଙ୍କ ଇଚ୍ଛାର କେହି ବିରୁଦ୍ଧାଚରଣ କରେ ସେମାନେ ସଙ୍ଗେ ସଙ୍ଗେ ନିଜକୁ ଶକ୍ତିମାନ୍ ଅନୁଭବ କରି ଦ୍ୱନ୍ଦ୍ୱ ଓ ସଂଘର୍ଷରେ ଓହ୍ଲାଇ ପଡ଼ନ୍ତି । ❖

# ଶ୍ରୀଅରବିନ୍ଦଙ୍କ ସହ ସାନ୍ଧ୍ୟବୈଠକ

## ଏ. ବି. ପୁରାଣୀ

**୧୫ ଅଗଷ୍ଟ ୧୯୨୪ :**

[ଏବର୍ଷ ଏଇଦିନରେ ଶ୍ରୀଅରବିନ୍ଦ ସକାଳବେଳା ୯.୧୫ରେ ଏବଂ ପୁଣିଥରେ ଅପରାହ୍ଣ ୪ଟାବେଳେ ବାହାରକୁ ଆସିଥିଲେ ଏବଂ କିଛିସମୟ କଥୋପକଥନ ଓ ଆଲୋଚନାରେ ବିତାଇଲେ ।]

ଶ୍ରୀଅରବିନ୍ଦ ସେଦିନ ସନ୍ଧ୍ୟାକାଳରେ ନିଜ ପ୍ରକୋଷ୍ଠରୁ ବାହାରି ଆସିଲେ ଏବଂ ତାଙ୍କ ନିଜ ସାଧନା ସମ୍ପର୍କରେ କାଳେ କାହାର କିଛି ପଚାରିବାକୁ ଥିବ, ଏଇ ପ୍ରତ୍ୟାଶାରେ ସେ 'କ'ଙ୍କୁ ପଚାରିଲେ, ''ମୁଁ ପରମ୍ପରା ରକ୍ଷାକରେ ବୋଲି ତୁମେ ଚାହଁ କି ?''

ଶିଷ୍ୟ : ଆପଣଙ୍କ ସାଧନା ବିଷୟ ପଚାରିବାକୁ ଇଚ୍ଛା ଥିଲେ ବି 'ନୀରବ ଚେତନା'ର କଥା ଆପଣ ଯେଉଁଭଳି କହିଲେ, ସେଥିପାଇଁ ଆମକୁ ପଚାରିବାକୁ ସଂକୋଚ ଲାଗୁଥିଲା ।

**ଶ୍ରୀଅରବିନ୍ଦ** : ତା'ହେଲେ କ'ଣ Carlyleଙ୍କ ଭଳି Silent Consciousness ସମ୍ପର୍କରେ ମୋତେ କିଛି କହିବାକୁ ପଡ଼ିବ ଯାହାର ଚର୍ଚ୍ଚା ସେ ୪୦ଗୋଟି ପୋଥିରେ ପ୍ରଚାର କରିଛନ୍ତି ।

ଶିଷ୍ୟ : ଆମର ବେଶୀ ଅସୁବିଧା ହେଉଛି – ଏଇ ଯେଉଁ ନୀରବ ଚେତନା, ତା' ଭିତରେ ଆପଣଙ୍କ ସ୍ଥିତି କେଉଁଠି, ତାହାର ସନ୍ଧାନ ଆମେ ଖୋଜି ପାଉନା ।

ଅନ୍ୟ ଜଣେ ଶିଷ୍ୟ : ଆପଣଙ୍କ ନିଜସ୍ୱ ସାଧନା ସମ୍ପର୍କରେ ଆମେ କିଛି ଜାଣିବାକୁ ଚାହୁଁ ।

**ଶ୍ରୀଅରବିନ୍ଦ** : ମୁଁ କେବଳ ଏତିକି କହିପାରେ – ମୁଁ ସେଇ ଏକହିଁ ଅଭ୍ୟାସଟିକୁ ଥରକୁ ଥର କରୁଛି, ଖାଲି ଏତିକି, ପୂର୍ବଥର ଅପେକ୍ଷା ପରବର୍ତ୍ତୀ ଥର ଉତ୍ତମଭାବେ ସେଥିରେ ସଫଳ ହେଉଛି ।

ଶିଷ୍ୟ : ଏହା ତ ଆବିଷ୍କାର ଦୃଷ୍ଟିରୁ ବେଶ୍ ଉତ୍ତେଜନାପୂର୍ଣ୍ଣ ।

ଅନ୍ୟ ଜଣେ ଶିଷ୍ୟ : ଏକଥା ଆମକୁ ଜଣାଥିଲା ।

**ଶ୍ରୀଅରବିନ୍ଦ** : ସତରେ କି ? ମୁଁ ଭାବୁଥିଲି, ଏହା ବେଶ୍ ତାଜା ଖବର । ଭୌତିକ ପରସ୍ତ ଅତିମାତ୍ରାରେ ନଛୋଡ଼ବନ୍ଦା ଏବଂ ସେଥିରେ ପୁଙ୍ଖାନୁପୁଙ୍ଖଭାବେ କାମ କରିଯିବାକୁ ପଡ଼େ । ତୁମେ ଗୋଟିଏ ଦିଗ ସଜାଡ଼ି ନେଇଛ ଓ ଭାବିନେଇଛ ଯେ କାମଟି ସମାପ୍ତ ହୋଇଯାଇଛି; ମାତ୍ର ସେତିକି ମଧ୍ୟରେ ଅନ୍ୟକିଛି ମୁଣ୍ଡ ଟେକିଲାଣି, ତୁମକୁ ପୁଣି ଥରେ ସେଇ କ୍ଷେତ୍ରକୁ ପ୍ରବେଶ କରିବାକୁ ପଡ଼ିବ । ମନସ୍ତର ଓ ପ୍ରାଣସ୍ତର ମଧ୍ୟରେ ପ୍ରବେଶ କରି ଉଚ୍ଚତର ଶକ୍ତି ଯେମିତି ସହଜରେ କାମ କରିପାରେ, ଏଠାରେ ସେପରି ନୁହେଁ । ଏତଦ୍‌ବ୍ୟତୀତ – ମନରେ ଓ ପ୍ରାଣରେ ତୁମେ ଏକ ସାଧାରଣ ନିୟମ ପ୍ରତିଷ୍ଠା କରି ଦେଇପାରିବ, ଟିକିନିଖି କଥା ବାଦ୍ ଦେଲେ ଚଳିବ; କିନ୍ତୁ ପାର୍ଥିବ ଶରୀର କ୍ଷେତ୍ରରେ ସେମିତି କଥା ଚଳିବ ନାହିଁ, ଏଥିରେ ନିରନ୍ତର ଧୈର୍ଯ୍ୟ ରଖିବାକୁ ହେବ ଓ ତା' ସାଙ୍ଗରେ ବାସ୍ତବ କ୍ଷେତ୍ରର ଟିକିନିଖି ବିଷୟଗୁଡ଼ିକ ଉପରେ ବି ନଜର ରଖିବାକୁ ପଡ଼ିବ ।

ଶିଷ୍ୟ : ପ୍ରାଣିକ ସ୍ତରରେ କାମ ଚାଲୁଥିଲାବେଳେ ତୁମର ବୋଧହେବ ବ୍ୟକ୍ତି ଯେପରି ଘୋଡ଼ାରେ ଗତିକରୁଛି ।

**ଶ୍ରୀଅରବିନ୍ଦ** : ହଁ, ସେ କ୍ଷେତ୍ରରେ ଗତିଶୀଳ ହେବାର ଏକ ଅନୁଭବ ଏବଂ ପ୍ରାଣରେ ବିଜୟଲାଭ କରିଛ ବୋଲି ବୋଧ ଜାଗ୍ରତ୍ ହେଉଥିବ ଅଥଚ ପାର୍ଥିବକ୍ଷେତ୍ରର ସାଧନା କାଳରେ କିଛି ଅଭିବୃଦ୍ଧି ହେଉଛି ବୋଲି ତାହା କେବେବି ସ୍ୱୀକାର କରୁ ନଥିବ ଏବଂ ପୁନରାୟ ସେଇ ଜିନିଷକୁ କରିଯିବାକୁ ଚାପ ଦେଉଥିବ; ତେଣୁ ବିଶେଷ କିଛି କହିବା ଭଳି ସେ ଜାଗାରେ ଘଟେ ନାହିଁ ।

ଶିଷ୍ୟ : ଊର୍ଦ୍ଧ୍ୱସ୍ଥ ଶାନ୍ତ-ସ୍ଥିରତା ପାର୍ଥିବ ସତ୍ତାରେ ପ୍ରତିଷ୍ଠିତ ହେଲାଣି ବୋଲି କେମିତି ବୁଝିବା – ତା'ର ଲକ୍ଷଣ କ'ଣ ?

**ଶ୍ରୀଅରବିନ୍ଦ** : କ'ଣ ଆଂଶିକ ଭାବରେ ନା ସମୁଦାୟ ସତ୍ତା ଉପରେ ?

ଶିଷ୍ୟ : ଏଇ ପାର୍ଥିବ ଆଧାରର ସମୁଦାୟ ସତ୍ତାକୁ ଘେରି ।

ଶ୍ରୀଅରବିନ୍ଦ : ଊର୍ଦ୍ଧ୍ୱସ୍ଥ ପ୍ରଶାନ୍ତି ସେଠାରେ ସ୍ଥିର ପ୍ରତିଷ୍ଠା ଲାଭ କରିବା ଆଗରୁ, ତୁମକୁ ତୁମର ପାର୍ଥିବ ସତ୍ତା ସମ୍ବନ୍ଧରେ ସଚେତନତା ବଢ଼ାଇବାକୁ ହେବ ।

ଶିଷ୍ୟ : କେମିତି ?

ଶ୍ରୀଅରବିନ୍ଦ : ତୁମ ମନ ନିଜ ସମ୍ବନ୍ଧରେ ଯେମିତି ସଚେତନ, ପ୍ରାଣ ନିଜ ସମ୍ପର୍କରେ ଯେପରି ସଚେତନ ଠିକ୍ ସେଇଭଳି ତୁମ ଶରୀର ତା'ର ନିଜର ସତ୍ତା ବିଷୟରେ ସଚେତନ ହେବ ଅର୍ଥାତ୍ ତୁମ ମନର ଓ ପ୍ରାଣସତ୍ତାର ଚେତନାକୁ

ସେମାନେ ଯେମିତି ପାଇଛନ୍ତି, ସେମିତି ତୁମ ଶରୀର ତା'ର ନିଜର ଚେତନାକୁ ପାଇବ । ଯେତେବେଳେ ଉକ୍ତ ସଚେତନତା ଆସିଯିବ, ତୁମେ ଏକ ଘନବସ୍ତୁ ଭଳି ପ୍ରଶାନ୍ତିକୁ ବୋଧ କରିପାରିବ – ତାହା ଏପରି ଅଚଳାୟତନ ଦୃଢ଼, ଯେମିତି କୌଣସି ସ୍ଥୂଳ ଆଘାତ (ମାନସିକ ବା ପ୍ରାଣିକ ଆଘାତ ଦ୍ୱାରା ଅପେକ୍ଷାକୃତ ଆହୁରି କମ୍) ଦ୍ୱାରା ଟିକିଏବି ବିଚଳିତ ହେବ ନାହିଁ ।

ଶିଷ୍ୟ : ଆପଣଙ୍କ ସାଧନା କ୍ଷେତ୍ରରେ ଅଧୁନା ଯେଉଁ ସ୍ତରରେ ସାଧନା ଚାଲୁଛି, ସେଠାରେ ମୃତ୍ୟୁ ସମ୍ପର୍କୀୟ ପ୍ରଶ୍ନରେ ଆପଣଙ୍କ ସ୍ଥାନ କେଉଁଠି ?

**ଶ୍ରୀଅରବିନ୍ଦ** : କ'ଣ, ମୋ ନିଜ କ୍ଷେତ୍ରରେ ?

ଶିଷ୍ୟ : ହଁ ।

**ଶ୍ରୀଅରବିନ୍ଦ** : ତିନୋଟି ଜିନିଷ ରହିଛି, ଯାହା ମୃତ୍ୟୁକୁ ନେଇ ଆସିପାରେ :–

୧. ପ୍ରଚଣ୍ଡ ଅତର୍କିତତା ତଥା ଦୁର୍ଘଟଣା ଫଳରେ ।

୨. ବୟସର ପରିଣାମ ହେତୁ ।

୩. ମୋର ନିଜସ୍ୱ ନିର୍ବାଚନ ହେତୁ, ଏଇଥର କାମଟି ସମ୍ପନ୍ନ କରିବା ସମ୍ଭବ ନୁହେଁ ମନେହେଲେ କିଂବା ଏଇଥର ସମ୍ପନ୍ନ କରାଯାଇ ପାରିବନି ବୋଲି ଯଦି କିଛି ଜିନିଷ ମୋତେ ପ୍ରମାଣ ସହ ଦେଖାଇ ଦିଆଯାଏ, ତା'ଫଳରେ ।

ଶିଷ୍ୟ : ଏକପ୍ରକାର ଧାରଣା ବେଳେ ବେଳେ ଆସେ ଯେ ଯଦି ଶାରୀର-ସତ୍ତା ତା'ର ଊର୍ଦ୍ଧ୍ୱସ୍ତରର ପ୍ରଶାନ୍ତି, ଶକ୍ତି ଓ ଆନନ୍ଦକୁ ବଜାୟ ରଖିପାରେ, ତେବେ ଶରୀର ମୃତ୍ୟୁ କବଳିତ ହେବ ନାହିଁ ।

**ଶ୍ରୀଅରବିନ୍ଦ** : ଏଇ ଧାରଣା ସାଧାରଣ ତତ୍ତ୍ୱ ଭାବେ ଠିକ୍ ଅଛି । ମାତ୍ର ଭୌତିକ ସ୍ତରରେ ଏହା କାର୍ଯ୍ୟକାରୀ ନହୋଇପାରେ । ତୁମକୁ ପ୍ରାଞ୍ଜଳ ଭାବେ ସବୁ ଅଂଶକୁ ସୁସମ୍ପନ୍ନ କରିବାକୁ ପଡ଼ିବ । ଏଇ କାର୍ଯ୍ୟଟି ଭାରତର ରାଜନୈତିକ ଗତିପ୍ରବୃତ୍ତି ଭଳି, ଯେଉଁଠାରେ ଏକ ସାଧାରଣ ନିୟମ ପ୍ରବର୍ତ୍ତନ କରାଇପାରନ୍ତା । ସେଠାରେ ମୋଟାମୋଟି ଯଥେଷ୍ଟ ହେଲା ବୋଲି ଧରାଯାଏ – ଠିକ୍ ସେମିତି । ମାତ୍ର ସେଥିରେ କେବେ ବି ଟିକିନିଖି ଭାବେ କାର୍ଯ୍ୟ ନିଷ୍ପନ୍ନ ହୋଇ ନଥାଏ ।

ଶିଷ୍ୟ : ଯେତେବେଳେ ପ୍ରାଣିକ ସତ୍ତା ପ୍ରଶାନ୍ତ ସ୍ଥିରତା ଓ ଶକ୍ତିମତ୍ତା ଏବଂ ଆନନ୍ଦରେ ସମନ୍ୱିତ ହୋଇଥାଏ, ସେତେବେଳେ ଗୋଟିଏ ଅଭିଭାବନ ମନକୁ ଆସେ ଯେ ଶରୀରସତ୍ତା ବି ଅମର ।

**ଶ୍ରୀଅରବିନ୍ଦ** : ଏପରି ଘଟିଥାଏ ସେତିକିବେଳେ ଯେଉଁ ସମୟରେ ପ୍ରାଣିକ ସତ୍ତା, ନିଜର ଦୀପ୍ତ ଉଜ୍ଜ୍ୱଳତା ପାର୍ଥିବ ଶରୀର ଉପରେ ପକାଏ । ପ୍ରାଣମୟ ପୁରୁଷ ଅମର ଏବଂ ତାହାହିଁ ଶରୀରରେ ଅମରତ୍ୱର ଭାବ ସଞ୍ଚାର କରେ, ତେବେ ତାହାକୁ ସତରେ ବିଜୟ କୁହାଯିବ ନାହିଁ । ସ୍ୱାମୀ ବ୍ରହ୍ମାନନ୍ଦଙ୍କ (ଚାନ୍ଦୋଦର) କ୍ଷେତ୍ରରେ – ସେ ତ ତିନିଶହ ବର୍ଷ ଯାଏଁ ଜୀବିତ ଥିଲେ । ମାନୁଷୀ ବୟସର ସୀମା ତାଙ୍କଠାରେ ଲାଗୁ ହୋଇ ନଥିଲା, ମାତ୍ର ଥରେ କଳଙ୍କି ଧରିଥିବା ଲୁହାକଣ୍ଟାଟିଏ ତାଙ୍କ ପାଦରେ ଫୋଡ଼ିହୋଇ ଗଳିଗଲା । ସେଇ ସାମାନ୍ୟ ଆଘାତ ତାଙ୍କର ଜୀବନ ନେଲା, ଭୌତିକ ସ୍ତରରେ କିଛି ଏକ ଜିନିଷ ରହିଥିବ ଯାହାକୁ ତୁମେ ଅଦେଖା ଛାଡ଼ି ଦେଇଥିବ – ସେଇ ଜିନିଷଟି ପରେ ଓଲଟି ପଡ଼ିବ ଓ ଜଣାଇଦେବ ଯେ ତୁମର ବିଜୟ ସମ୍ପୂର୍ଣ୍ଣ ହୋଇନି । ସେଇ କାରଣରୁହିଁ ଏଇ ପ୍ରକ୍ରିୟା ସୁଦୀର୍ଘକାଳଯାଏଁ ଚାଲୁଛି । ଶରୀରର ପ୍ରତିଟି ଅଣୁ ଉପରେ ତୁମେ ଉଚ୍ଚତର ଚେତନାକୁ ପ୍ରତିଷ୍ଠିତ କରିବ, ତା' ନହେଲେ ଯାହା ସାଧାରଣତଃ ହୋଇଥାଏ, ତା' ହେଉଛି ତୁମର ନିମ୍ନତର ପ୍ରାଣିକ ସତ୍ତାର କେଉଁ ଗୁପ୍ତ ଗୁହା ଭିତରେ ଯାହା ରହିଥିବ, ବିରୋଧିଶକ୍ତି ତାହାର ଖବର ପାଇଯିବ ଆଉ ଉକ୍ତ ଦୁର୍ବଳ ଅଂଶ ଦେଇ ତୁମକୁ ଆକ୍ରମଣ କରିବ । ସେମାନେ ଏଇଭଳି ପରିସ୍ଥିତି ସମୂହର ଏପରି ଏକ ସମାବେଶ ସୃଷ୍ଟି କରିବେ ଯାହା ଫଳରେ ଦୃଷ୍ଟି ଆଢୁଆଳରେ ଥିବା ଜିନିଷଟିର ପ୍ରକୃତି ଏତେଦୂର ବଢ଼ିଯିବ ଯେ ତୁମେ ତା'ର ନିୟନ୍ତ୍ରଣ କରିବା ଆଗରୁ ତାହା ତୁମ ଶୃଙ୍ଖଳାର ବାହାରକୁ ଚାଲିଯାଇଥିବ । ସେ କ୍ଷେତ୍ରରେ ସେମାନେ ତୁମର ସର୍ବନାଶ କରିପାରନ୍ତି ।

ଶିଷ୍ୟ : ପାର୍ଥିବ ସତ୍ତାଟି କାହିଁକି ଏତେ ମାତ୍ରାରେ ଦୁର୍ଦ୍ଦମନୀୟ ଓ ଦୁର୍ବୋଧ ?

**ଶ୍ରୀଅରବିନ୍ଦ** : ତାହାର ସ୍ୱଭାବ ସେଇଭଳି, ସେଇପରି ବ୍ୟବସ୍ଥିତ ହୋଇଛି ସିଏ । ପାର୍ଥିବ ବସ୍ତୁର ସ୍ଥିତି ଯଦି ସେପରି ହୋଇ ନଥାନ୍ତା, ତା'ହେଲେ ସବୁକଥା କେବେଠାରୁ ଓ କେତେ ସହଜରେ ହୋଇଯାଇଥା'ନ୍ତା – କଳ୍ପ ପରେ କଳ୍ପ, ମନ୍ୱନ୍ତର ପରେ ମନ୍ୱନ୍ତର ବିତିଯାଇ ନଥା'ନ୍ତା । ସାଧନା ହୋଇଥା'ନ୍ତା ସହଜସାପେକ୍ଷ । ଏତେ ସହଜରେ ସବୁକିଛି ହୋଇଯାଉ – ଭଗବାନ୍ ତାହା ଚାହାନ୍ତିନି ।

ଶିଷ୍ୟ : କିଛିଦିନ ତଳେ ଆପଣ କହିଥିଲେ ଏଇ ଚେଷ୍ଟା ଆଗରୁ ବହୁବାର ହୋଇଛି, କୌଣସି ନା କୌଣସି କାରଣ

ହେତୁ ଏହା ଫଳବତୀ ହୋଇନି । ଏଥରର ଚେଷ୍ଟା ସଫଳ ହେବ କି ନାହିଁ ?

**ଶ୍ରୀଅରବିନ୍ଦ** : ମୁଁ କହିପାରିବିନି ।

ଶିଷ୍ୟ : କିନ୍ତୁ ଆପଣ କହିଥିଲେ ଏହା ହୋଇପାରିବ, ଆଉ ଏଥର କିଛି ନା କିଛି ହେବ ।

**ଶ୍ରୀଅରବିନ୍ଦ** : କିନ୍ତୁ 'ଏହା ହୋଇପାରିବ' ଏବଂ 'ଏଥରକ ଏହା ହୋଇଯିବ' — ଏ ଦୁଇଟି ଏକା ଜିନିଷ ନୁହେଁ ।

ଅନ୍ୟ ଜଣେ ଶିଷ୍ୟ : ତା'ର ଜାଣିବାକୁ ଇଚ୍ଛା, ଆପଣ ଏଦିଗରେ ଆଉ କିଛି ଅଧିକ ଉନ୍ନତି ଆଶା କରୁଛନ୍ତି କି ?

**ଶ୍ରୀଅରବିନ୍ଦ** : ଏତିକି ମାତ୍ର ମୁଁ କହିପାରେ — ପରବର୍ତ୍ତୀ ଅଗଷ୍ଟରେ ମୋତେ ପଚାରିବ । ପୂର୍ବବର୍ଷ ଅପେକ୍ଷା ମୁଁ ଏବେ ଅଧିକ ଆଶାନ୍ୱିତ । ଗତବର୍ଷ ମୋ ସାଧନାପର୍ବ ଏକ କଠିନତାର କାଳ ଥିଲା । ମୋ ଉପରେ ଭୌତିକ ସ୍ତରର ଘନ ଅନ୍ଧକାରାବୃତ ଅଂଶରୁ ଆକ୍ରମଣ ରହିଥିଲା । ଏ ବର୍ଷ ସେସବୁ ନାହିଁ ।

ଶିଷ୍ୟ : ଏସବୁର ଅନ୍ତ କେବେ ହେବ ?

**ଶ୍ରୀଅରବିନ୍ଦ** : ମୁଁ ଭବିଷ୍ୟତବାଣୀ କରେ ବୋଲି ତୁମେ ଚାହଁ କି ? ସବୁକିଛିର କାର୍ଯ୍ୟକାରିତା କେବଳ ମୋ ଉପରେ ନିର୍ଭର କରୁନି । ସବୁକାର୍ଯ୍ୟ କେବେ ଘଟିବ, ଏହା ଅନୁମାନ କରିବା ସବୁଠାରୁ କଠିନ । ଏବଂ ସମୟଟିକୁ ନିଧାର୍ଯ୍ୟ କରିବା ଜିନିଷ 'ବର୍ଷକ ଭିତରେ ସ୍ୱରାଜ ଲାଭ' ଭଳି ହେବ । ଏହାଛଡ଼ା ଜଣେ ଯୋଗୀ ଯିଏ କର୍ମସମ୍ପନ୍ନ କରିବାରେ ଅଂଶଗ୍ରହଣ କରିଛନ୍ତି, ପରମାତ୍ମା ତାଙ୍କୁ ସବୁ ଅନାଗତ ଜିନିଷ ଦେଖାନ୍ତି ନାହିଁ । କେବଳ ଯେତେବେଳେ ବିଶ୍ୱର ପରିସ୍ଥିତିମାନ ଅନୁକୂଳ-ଭାବେ ପ୍ରସ୍ତୁତ ହୋଇଯା'ନ୍ତି, ସେତିକିବେଳେ ଯାଇଁ ସବୁକିଛି ତାଙ୍କୁ ଦେଖାଇ ଦିଆଯାଏ; ତେବେ ଜଣେ ଯଦି ନିରାସକ୍ତ ଥାଏ, ସେ ଯଥେଷ୍ଟ ଅଧିକ ଦେଖିପାରେ । ଏହା ମଧ୍ୟ ଠିକ୍ ଯେ ବିଶ୍ୱସ୍ତରରେ ପରିସ୍ଥିତିମାନ ପ୍ରସ୍ତୁତ ହେବାର ପୂର୍ବଯାଏଁ ପରମାତ୍ମାଙ୍କ ଦ୍ୱାରା ସବୁକିଛି ପ୍ରାଞ୍ଜଳଭାବେ ସ୍ଥିର ହୋଇ ନଥାଏ, ଉପଯୁକ୍ତ ସମୟରେହିଁ ଚରମ ଅନୁଜ୍ଞା ନେଇ ସେସବୁ ଓହ୍ଲାଇ ଆସେ । ଇତ୍ୟବସରେ ଯାହା ଘଟୁଥାଏ, ତାହା ବିଶ୍ୱାତ୍ମକ ଶକ୍ତିର ପ୍ରଭାବରେହିଁ ଘଟେ । ଦୃଷ୍ଟାନ୍ତସ୍ୱରୂପ ଶାରୀରିକ ରୋଗବ୍ୟାଧିର କଥା; ଧରାଯାଉ,— ଯାହା ପ୍ରତି ତୁମର ପ୍ରକୃତିଗତ ଦୁର୍ବଳତା ରହିଛି । ଯେତେବେଳେ ଦେଖିନିଅ ଯେ ତା'ର ନିରାମୟ ହୋଇଯାଇଛି, କିଛିଦିନ ପରେ ତାହା ଅନ୍ୟ ଏକ ରୂପ ନେଇ ଦେଖାଦିଏ । ତେଣୁ ପ୍ରତିଟି ଜିନିଷକୁ ଟିକିନିଖିଭାବେ ନେବ ଓ ପ୍ରତିଟି ଟିକିନିଖି ଜିନିଷ ଭିତରେ ତୁମେ ଖାଲି ସମ୍ଭାବ୍ୟତା ଏବଂ ନୀତିଗତ ନିଶ୍ଚୟତା ଲକ୍ଷ୍ୟ କରିପାରିବ — ତା' ପୂର୍ବଯାଏଁ ତୁମ ସେଇ ଅସୁସ୍ଥତାକୁ ବାଦ୍ ଦେଇ ପାରିବନି । ଏକଥା ନୁହେଁ ଯେ ପରମାତ୍ମା ସେସବୁ କଥା ଜାଣି ନଥାନ୍ତି ।... ବିଶ୍ୱାତ୍ମକ ଶକ୍ତିଗଣ ଯେଉଁ କାର୍ଯ୍ୟ ସମ୍ପନ୍ନ କରନ୍ତି, ସେସବୁ ବି ତାଙ୍କର ସ୍ଥିରୀକୃତ ନିର୍ଣ୍ଣୟ ଅନୁଯାୟୀ ।... ଏବେ କିନ୍ତୁ ଅତିମାତ୍ରାରେ ଯାହା ଭୌତିକ, ସେଇଥିରୁହିଁ ବାଧା ଆସୁଛି ଏବଂ ତାହା ଭୟାନକ କ୍ଷତିକାରକ ।

ଶିଷ୍ୟ : ତାହା କାହିଁକି ଏତେ ଅନିଷ୍ଟକାରକ ?

**ଶ୍ରୀଅରବିନ୍ଦ** : କାହିଁକି ନା, ତାହା ଘନତ୍ୱବ୍ୟଞ୍ଜକ, ଶକ୍ତ ନିଦାଭଳି ଓ ତା'ର ନିଜସ୍ୱ ବସ୍ତୁ ବିଶେଷକୁ ପୂରାପୂରି ଛାଡ଼ିଦେବାକୁ ମନା କରିଦିଏ କିଂବା ନିଜସ୍ୱ ବସ୍ତୁ ବୋଲି ଯାହାକୁ ମନେ କରିଥାଏ, ସେସବୁକୁ ପୂରାପୂରି ନିଜଠାରୁ ବାଦ୍‌ଦେବାକୁ ବି ରାଜି ହୁଏ ନାହିଁ । ଯୁକ୍ତିଯୁକ୍ତତା ପ୍ରତି ଏହା ସବୁଠାରୁ କମ୍ ଉନ୍ମୁକ୍ତ; ଏହାକୁ ବାଟକୁ ଆଣିବା ଓ ମନାଇବା ନିମନ୍ତେ ତୁମକୁ ଉଚ୍ଚତମ ଦିବ୍ୟଶକ୍ତିର ସହାୟତା ଲୋଡ଼ିବାକୁ ହେବ । ଏହାଛଡ଼ା, ସମଗ୍ର ସଂସ୍କାର — ସୁପ୍ରତିଷ୍ଠିତ ମୁଦ୍ରଣ ଭଳି ମନୋଭାବ — ଜଗତଯାକର ବିରୁଦ୍ଧ ମନୋବୃତ୍ତି ତୁମ ପ୍ରଯତ୍ନ ବିପକ୍ଷରେ ଠିଆହେବ । କେବଳ ପରମ ଊର୍ଦ୍ଧ୍ୱରୁ କିଛି ଅବତରଣ କରିବ ଓ ତାହା ସକଳ ବାଧାକୁ ନିର୍ମୂଳ କରିଦେବ ।

ଶିଷ୍ୟ : ମୋର ଧାରଣା ଯେ ଯେଉଁମାନେ ସାଧନାରେ ଚିରାଚରିତ ରୀତିରେ ଅଗ୍ରସର ହୁଅନ୍ତି, ସେଇସବୁ ସାଧନାରେ କୌଣସି ଏକ ସମୟରେ ପାର୍ଥିବପ୍ରକୃତି ଉପରେ ବିଜୟ ପାଇବା ସେମାନଙ୍କ ପାଇଁ ଠିକ୍ ବର୍ତ୍ତମାନ ଯେଉଁଭଳି କଷ୍ଟକର ହେଉଛି କେନ୍ଦ୍ରୀଭୂତ ପଦ୍ଧତିରେ, ସେକ୍ଷେତ୍ରରେ ବି ସେଇ ସମାନ ଧରଣ କଷ୍ଟକର ହୋଇଥିବ ।

**ଶ୍ରୀଅରବିନ୍ଦ** : ହଁ, ତାହା ତ ରହିଥିବ । ପରନ୍ତୁ, କ୍ରମିକ ପର୍ଯ୍ୟାୟରେ ପୁରାତନ ସାଧନାର କ୍ଷେତ୍ରରେ ପ୍ରତିଥର ସଂଘର୍ଷ ପାଇଁ ପୂରା ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିଥାଏ; ଖାଲି ସେତିକି ନୁହେଁ, ଉକ୍ତ ବାଧାବିଘ୍ନ ଥରକୁ ଥର ଆସୁଥାଏ, ମାତ୍ର ଏଇ ଯୋଗରେ ଯେଉଁ ଅନ୍ତର୍ଭୁକ୍ତ ପ୍ରକ୍ରିୟା (ଯାହାର ବିବର୍ତ୍ତନଧାରା ମୁଁ ଅନୁସରଣ କରୁଛି), ତହିଁରେ ସାଧନା ଅଗ୍ରସର ହୁଏ ସହଜରେ ଓ ତ୍ୱରାନ୍ୱିତ ଭାବେ । ପରମ ଶକ୍ତିମତ୍ତାର ଏକ ପ୍ରଚଣ୍ଡ **ଆଘାତ** ଆସେ ଓ କାର୍ଯ୍ୟଟି ସୁସମ୍ପନ୍ନ ହୋଇଯାଏ !

(*Evening Talks with Sri Aurobindo,*
Series IIରୁ ସଂଗୃହୀତ)

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ପୁରୁଣା ଓ ନୂଆନୀତି

'ବେଙ୍ଗଲୀ'ରେ ବାବୁ ଭୂପେନ୍ଦ୍ରନାଥ ବୋଷ ତାଙ୍କ ଦୃଷ୍ଟିକୋଣରୁ ଏକ ଇସ୍ତାହାର ପ୍ରକାଶ କରିଛନ୍ତି ଯେଉଁଥିରେ ସେ କୋମିଲାରେ ଜନସମାଜ (People's Association)ର ସଂପାଦକଙ୍କୁ ଲେଖିଥିବା ପତ୍ରଟିର ବ୍ୟାଖ୍ୟା କରିଛନ୍ତି । ଯାହା ମନେହେଉଛି ସେଇ ଦଲିଲଟି ଏକ ଘରୋଇ ଚିଠି ଥିଲା ଯଦିଓ ସ୍ପଷ୍ଟଭାବେ କହିବାକୁ ଗଲେ ଜନସାଧାରଣଙ୍କ ଉପରେ ପ୍ରଭାବ ପକାଇବା ପାଇଁ ଏହା ଅଭିପ୍ରେତ ଥିଲା ଯଥା ମିଃ. ତିଳକଙ୍କୁ ମନୋନୀତ କରିବାରେ ପ୍ରତିବନ୍ଧକ ସୃଷ୍ଟି କରିବା ଆଉ କୋମିଲାରେ ବାବୁ ବିପିନ୍ ଚନ୍ଦ୍ର ପାଲଙ୍କର ସଭା ଓ ଅଭିଭାଷଣର ଫଳାଫଳକୁ ପ୍ରତିରୋଧ କରିବା । ସେ ଯାହାହେଉ, ବାବୁ ଭୂପେନ୍ଦ୍ରନାଥଙ୍କ 'ନୀତି'ର ଏକ ବିଶ୍ୱାସଯୋଗ୍ୟ ବିବରଣୀ ଆମର ହସ୍ତଗତ ହୋଇଛି ଏବଂ ଏଣିକି ଆଉ ଭୁଲ-ବୁଝାମଣା ସମ୍ଭବ ନୁହେଁ । ଏମିତି ଏକ ନୀତିହିଁ ଆମେ ଠିକ୍ ଆଶା କରିଥିଲୁ; ଏଇଟା ପ୍ରାକ୍-ବିଭାଜନ ଓ ପ୍ରାକ୍-ସ୍ୱଦେଶୀ ସମୟରେ ହୁଏତ ଲେଖାଯାଇ ପାରିଥାଏ, ଆଉ ଏହା ଖାଲି ପୁରାତନ କଂଗ୍ରେସର କାର୍ଯ୍ୟକ୍ରମଟିକୁ ମୋଟାମୋଟି ବିଚାର କରୁଛି । ପୂର୍ବଭଳି ଆମକୁ ସରକାରଙ୍କ ସାହାଯ୍ୟ ଓ ସମର୍ଥନ ଲୋଡ଼ିବାକୁ ହେବ, ଯେତେବେଳେ ତାଙ୍କ ତରଫରୁ କିଛି ବାଜେ ପଦକ୍ଷେପ ନିଆଯାଉଛି ତାକୁ ବିରୋଧ କରିବା ପାଇଁ, ଆଉ ଯେତେବେଳେ ଏହା ଅତି ଖରାପ ଆଡ଼କୁ ଗତି କରିବ, ''ସମଗ୍ର ରାଷ୍ଟ୍ରର ଦୁର୍ବାର ପ୍ରାଣଶକ୍ତି ବଳରେ ଏଇ ପ୍ରତିରୋଧକୁ ସମ୍ଭାଳି ଧରିବାକୁ ପଡ଼ିବ ।'' କିନ୍ତୁ ସରକାରଙ୍କଠାରୁ ଦୂରେଇ ଠିଆହେବା ସକାଶେ କୌଣସି ଉଦ୍ୟମ କରିବା ଆମର ଉଚିତ ହେବନି । ବିଶ୍ୱର ସ୍ୱୟଂଶାସିତ ଦେଶମାନଙ୍କ ଭିତରେ ଦଣ୍ଡାୟମାନ ହେବା ପାଇଁ ଆମେ ମଧ୍ୟ ଯୋଗ୍ୟ ନୋହୁଁ (କାରଣ ଆମର ଅନେକ ଜାତି ରହିଛି ବୋଲି !) । ଆମେ ତେଣୁ ପରାଧୀନତାକୁ ନିଶ୍ଚୟ ବରଣ କରିବା ଆଉ ସେଇ ସ୍ୱର୍ଣ୍ଣଯୁଗର ପ୍ରତୀକ୍ଷା କରିବା ଯେତେବେଳେ ଆମେ ପୂରାପୂରି ୟୁରୋପୀୟ ହୋଇସାରିଥିବା, ଆମର ଜାତୀୟ ଅସ୍ତିତ୍ୱକୁ ଜାହିର କରିବା ସକାଶେ କୌଣସି ପ୍ରଚେଷ୍ଟା କରିବା ପୂର୍ବରୁ । ଠିକ୍ ସେଇ ସମୟରେ ବଙ୍ଗ ଲକ୍ଷ୍ମୀ ମିଲ୍ ପରି ଏମିତି କେତେ ଉଦ୍ୟୋଗ ଜରିଆରେ, ଆମେ ଶିଳ୍ପଗତ ବ୍ୟାପାରରେ ଆମର ମୁକ୍ତି ଆଣିପାରୁ, ଜାତିପ୍ରଥାର ବିଲୋପ ଦ୍ୱାରା ସାମାଜିକ ପ୍ରସଙ୍ଗଗୁଡ଼ିକରେ, ଆଉ ଏମିତିକି ଶିକ୍ଷା ସଂପର୍କିତ ବିଷୟ ଦ୍ୱାରା ମଧ୍ୟ ନୁହେଁ,– କିନ୍ତୁ ବାବୁ ଭୂପେନ୍ଦ୍ରନାଥ ବୋଷ ତ କେବେବି ଜାତୀୟ ବିଶ୍ୱବିଦ୍ୟାଳୟ ଆଦର୍ଶର ମିତ୍ର ନଥିଲେ । ସମସ୍ତ ଉକ୍ତିରୂପକ ଆଭୂଷଣମାନ ଯେତେବେଳେ ଫିଟାଇ ଦିଆଗଲାଣି, ଆଉ ତ କିଛି ବାକୀ ନାହିଁ, ଏବେ ଖାଲି ରହିଲା ଏଇ କାର୍ଯ୍ୟକ୍ରମଟି ଯାହାକୁ ବାବୁ ଭୂପେନ୍ଦ୍ରନାଥ ଆମ ସମ୍ମୁଖରେ ତୋଳି ଧରିଛନ୍ତି । ଅତି ନମ୍ରତାର ସହିତ ଏକଥା ଅସ୍ୱୀକାର କରିବା ସତ୍ତ୍ୱେ ଆମ ନେତୃବର୍ଗଙ୍କର ସକ୍ରିୟ ନୀତି-ନିର୍ଦ୍ଧାରଣରେ ଯେହେତୁ ତାଙ୍କର କର୍ତ୍ତୃତ୍ୱ ଜାହିର କରିବାର ଏକ ପଡିଆରା ରହିଛି, ତେଣୁ ତାଙ୍କ କାର୍ଯ୍ୟକ୍ରମଟି ପାର୍ଟିର ଚୂଡ଼ାନ୍ତ ବୋଲି ଧରିନିଆଯାଇପାରେ ।

ସରକାରଙ୍କର ପରିକଳ୍ପନାଗୁଡ଼ିକୁ ବିରୋଧ କରିବା କଥା କହିଲେ ବାବୁ ଭୂପେନ୍ଦ୍ରନାଥ ସଠିକ୍ ଭାବେ କ'ଣ ବୁଝନ୍ତି, ତାହା ଆମେ ଜାଣିବା ଉଚିତ । ଆମେ ଯେତେଦୂର ତାଙ୍କୁ ଜାଣିଛୁ, ସେଭଳି ଚରମ ପ୍ରସଙ୍ଗ ବ୍ୟତିରେକେ ସରକାରଙ୍କୁ ଜାତିର ଜୀବନୀଶକ୍ତି ବାଧ କରିବା ନୀତିକୁ ସେ ବିରୋଧ କରନ୍ତି; ଆଉ ତାଙ୍କ ପାଇଁ ଖାଲି ଗୋଟିଏ ବିକଳ୍ପ ନୀତି ହେଉଛି ଗୁହାରି ଓ ଆବେଦନ କରିବା । ବ୍ରିଟିଶ୍ ସରକାର ଉପରେ ଗୁହାରି ଓ ଆବେଦନର ସେମିତି ହୃଦୟଗ୍ରାହ୍ୟ ପ୍ରଭାବ ଯେ କିଛି ନାହିଁ, ଏକଥା ବାରଂବାର ଦର୍ଶାଯାଇଛି ଆଉ ଏହାର ଯାହା ସାମାନ୍ୟ ପ୍ରଭାବ ଟିକକ ଦିନେ ଥିଲା, ଏବେ ହୁଏତ ଥାଇପାରେ କିନ୍ତୁ ତାହା ନିଷ୍ଫଳତା ଭିତରେ ନିଷ୍ପ୍ରଭ ହୋଇଯାଇଛି । ଗୁହାରି ଓ ଆବେଦନ ପ୍ରତ୍ୟାଖ୍ୟାନ ହୋଇଯିବା କଥା ଏ ଜାତି ଯେତେବେଳେ ଉପଲବ୍ଧି କରି ତା' ପରାକାଷ୍ଠାର ଏଭଳି ପ୍ରଦର୍ଶନ ଆରମ୍ଭ କରିଦେଲାଣି, ସେତେବେଳେ ବ୍ରିଟିଶ୍ ସରକାର କାନଡ଼େରି ରହିଛି ଆଉ କୃପାପରବଶ ହୋଇପଡ଼ିଛି ଗୋଟିଏ ବିଜ୍ଞପ୍ତିର ପ୍ରତ୍ୟାହାର ପାଇଁ, ଫୁଲାର୍‌ଙ୍କ ପରି ଏକ ପଦାଧିକାରୀଙ୍କୁ ବରଖାସ୍ତ କରିବା ପାଇଁ କିଂବା ନିଶ୍ଚିତ ବିଷୟଟିକୁ ଅନିଶ୍ଚିତ କରିପାରିବା ସକାଶେ ଗଭୀର ଚିନ୍ତା ପ୍ରକଟ କରିବା ପାଇଁ । କିନ୍ତୁ ବାବୁ ଭୂପେନ୍ଦ୍ରନାଥ ଯୁକ୍ତି ବାଢ଼ିଛନ୍ତି ଯେ ସରକାରଙ୍କର

ଯେକୌଣସି କିଂବା ପ୍ରତିଟି ପଦକ୍ଷେପର ବିରୋଧକୁ ସମର୍ଥନ ଜଣେଇବା ସକାଶେ ଆମ ଜାତିର ଏକାନ୍ତ ଅପରିହାର୍ଯ୍ୟ ଶକ୍ତି-ସାମର୍ଥ୍ୟଗୁଡ଼ିକୁ ଆଣି ଠୁଳ କରିପାରିବୁ ନାହିଁ । ଆମେ ତାଙ୍କ ସହିତ ଏକମତ, କିନ୍ତୁ ସେ ଯେଭଳିଭାବେ ଏଇ ଧାରଣାର ବଶବର୍ତ୍ତୀ ହୋଇ ବିଚିତ୍ର ପ୍ରକାରର ଅଯୌକ୍ତିକ ସିଦ୍ଧାନ୍ତ ଦେଇଛନ୍ତି, ତାକୁ ଆମେ ଅନୁସରଣ କରିପାରିବୁ ନାହିଁ । ସେ ଏଥିରୁ ସିଦ୍ଧାନ୍ତ କରିଛନ୍ତି ଯେ ଆମ ପାଇଁ ସଠିକ୍ ମାର୍ଗ ହେଉଛି ସବୁ କ୍ଷେତ୍ରରେ ଓଜର-ଆପତ୍ତି ପରି ଭଗ୍ନ ଅସ୍ତ୍ର ଆଉ ନିରର୍ଥକ ଆବେଦନ ଉପରେ ଆସ୍ଥା ରଖିବା କିନ୍ତୁ ବିଭାଜନ ପରି ଅସାମାନ୍ୟ ପ୍ରସଙ୍ଗକୁ ବାଦ୍ ଦେବା । ପରିଶେଷରେ ଆମର ବକ୍ତବ୍ୟ ହେଲା, ଛୋଟିଆ ଛୋଟିଆ ବିଷୟକୁ ନେଇ ଅଯଥା ସମୟ ଅପଚୟ କରିବା ଯେ ସଠିକ୍ ମାର୍ଗ ନୁହେଁ କିନ୍ତୁ ସମସ୍ୟାଟିର ଉଦ୍ଭବ ଯେଉଁଠୁ ହୋଇଛି ସ୍ୱାୟତ୍ତ ଶାସନର ସେଇ ମୂଳଦୁଆଟିକୁ ଖୋଜି ବାହାର କରିବାକୁ ପଡ଼ିବ ଆଉ ସ୍ୱାଧୀନ ରାଷ୍ଟ୍ରନିର୍ମାଣର ଅଭିମୁଖେ ପ୍ରଥମ ସୋପାନ ରୂପକ ସେଇ ଆର୍ଥିକ ସମ୍ବଳ ଓ ଆଇନ-ପ୍ରଣୟନ ବ୍ୟବସ୍ଥାର ନିୟନ୍ତ୍ରଣ ପାଖରେ ପହଞ୍ଚିବାକୁ ପଡ଼ିବ ।

ଜାତୀୟ ପରାକ୍ରମର ମହାନ୍ ଏକ ଉଚ୍ଛ୍ୱାସ ତେଜି ଉଠିଛି ବିଭାଜନ ପରିପ୍ରେକ୍ଷୀରେ, ପୁରାତନ ପାର୍ଟି ପ୍ରସ୍ତାବ ଦେଇଛି ତା'ର ସଦୁପଯୋଗ ପାଇଁ ବିଭାଜନକୁ ରଦ୍ଦ କରିଦେବା ଉଦ୍ଦେଶ୍ୟରେ ଆଉ ତା'ପରେ ଆବଶ୍ୟକ ନପଡ଼ିବା ଯାଏ ତାକୁ କାଠ ଆଲମିରାରେ ପୁଣି ସାଇତି ରଖିବାକୁ । ଏମିତି ଏକ ନୀତି ନିର୍ବିଶେଷରେ ଆତ୍ମଘାତୀ ହେବ । ଗୋଟିଏ ଶତାବ୍ଦୀ ଭିତରେ ଏଇ ଜାଗରଣସବୁ ଥରେ କିଂବା ଦୁଇଥର ମାତ୍ର ଦେଖା ଦେଇପାରେ, କୌଣସି ନେତାର ଇଚ୍ଛା ଅନୁସାରେ ଏଗୁଡ଼ିର ସୃଷ୍ଟି କିଂବା ନିୟନ୍ତ୍ରଣ ହୋଇପାରିବ ନାହିଁ । ସିଏ ପଛକେ ସୁରେନ୍ଦ୍ରନାଥ ବାନାର୍ଜୀ ହୁଅନ୍ତୁ ବା ସୁରେନ୍ଦ୍ରନାଥ ବାନାର୍ଜୀଙ୍କଠାରୁ ଆଉ କେହି ମହାନ୍ ନେତା ହୋଇଥା'ନ୍ତୁ । ଏଇମିତି ବାରଂବାର ଉଚ୍ଛ୍ୱାସଗୁଡ଼ିକରେ ତ ଦେଶର କିଛି ହିତ ସାଧନ ହୋଇ ପାରିବନି ବରଂ ତୁହାକୁ ତୁହା ଜ୍ୱରରେ ଆକ୍ରାନ୍ତ ହେଲାପରି ରାଷ୍ଟ୍ରଟିକୁ କ୍ରମେ ଏହା ଦୁର୍ବଳ କରିବା ସଙ୍ଗେ ସଙ୍ଗେ ଶେଷରେ ସଂକଳ୍ପଶକ୍ତିରହିତ ପୌରୁଷହୀନ କରି ଛାଡ଼ିଦେବ । ଏଇପରି ମୁହୂର୍ତ୍ତରେ ରାଜନୈତିକ ଦୂରଦୃଷ୍ଟି ଆଗରେ ସମସ୍ୟାଟି ହେଉଛି ସେଇ ଶକ୍ତିର ଉଚ୍ଛ୍ୱାସକୁ ସଂଗଠିତ ଓ ବିନିଯୋଗ କରିବା ଯାହା ଆମ ଜାତୀୟ ବିକାଶ ପାଇଁ ସର୍ବପ୍ରଥମ ଗୁରୁତ୍ୱପୂର୍ଣ୍ଣ ବିଷୟ । ବିଭାଜନ ଆପଣାଛାଏଁ ପ୍ରତ୍ୟାହାର ହୋଇଗଲେ ଶାସକମାନଙ୍କୁ ନେଇ ଏ ଜାତିର ସ୍ଥିତିରେ କିଛିହେଲେ ସୁଧାର ଆସିବନି କିଂବା ଲର୍ଡ଼ କର୍ଜନଙ୍କ ଶାସନ ପୂର୍ବରୁ ସ୍ଥିତି ଯାହା ଥିଲା ତା' ଅପେକ୍ଷା କାଣିଚାଏ ହେଲେ ଅଧିକ ଉନ୍ନତି ହୋଇପାରିବ ନାହିଁ । ଏପରିକି ଯଦି ବର୍ତ୍ତମାନର ଶାସକ ଦୟାର୍ଦ୍ରଭରା ଉଦାରତାରେ ଉଛୁଳି ଉଠନ୍ତି ତାହା ସବୁକାଳ ପାଇଁ ନୁହେଁ ଓ ଏକ ସାମ୍ରାଜ୍ୟ-ଲୋଲୁପୀ ସରକାରର ସୁପାରିଶରେ ଆଉ ଜଣେ ସାମ୍ରାଜ୍ୟବାଦୀ ବଡ଼ଲାଟ୍ (Viceroy) ଯଦି ଆସନ୍ତି, ଜାତିର ସ୍ୱାର୍ଥ ଓ ଭାବାବେଗ ପ୍ରତି ହାନିକାରକ ଗୁଡ଼ିଏ ଅପକର୍ମକୁ ତାଙ୍କର କେହିହେଲେ ରୋକି ପାରିବେ ନାହିଁ । ଅପ୍ରତ୍ୟାଶିତ ପରିସ୍ଥିତି ବିରୋଧରେ ପ୍ରକୃତ ନିରାପତ୍ତା ମିଳିବ, ନିଜ ଭାଗ୍ୟର ଡୋରିକୁ ନିଜ ହାତରେ ରଖିଲେ ଆଉ ଏଇ ନିୟନ୍ତ୍ରଣର ଫଳପ୍ରଦ ପ୍ରତିଷ୍ଠାକୁ ଆମର ସକଳ ରାଜନୈତିକ କାର୍ଯ୍ୟକ୍ରମର ପ୍ରଥମ ଉଦ୍ଦେଶ୍ୟଭାବେ ହାସଲ କରିନେଲେ । ଫଳପ୍ରଦ ନିୟନ୍ତ୍ରଣର ବିଶେଷତ୍ୱ ଦୃଷ୍ଟିରୁ କୌଣସି ବ୍ରିଟିଶ୍ ଶାସକ ଇଚ୍ଛାକୃତ ଭାବେ କିଛିହେଲେ ମଞ୍ଜୁର କରିବନି । ''ସମଗ୍ର ରାଷ୍ଟ୍ରର ଶକ୍ତିଗୁଡ଼ିକୁ'' ସରକାର-ବିରୋଧୀ ଶକ୍ତି ଭାବରେ ଆଣି କେନ୍ଦ୍ରୀଭୂତ କରିବା ଦ୍ୱାରା ଆଉ ଯେପର୍ଯ୍ୟନ୍ତ ଅଭିଳଷିତ ଲକ୍ଷ୍ୟ ପୂରଣ ନହୋଇଛି, ସେପର୍ଯ୍ୟନ୍ତ ସଂଘର୍ଷର କୌଣସି ବିରତି ପାଇଁ ରାଜି ନହେବା ଦ୍ୱାରା ଏଇ ଶାସନ-ଡୋରିକୁ ସେମାନଙ୍କ ପାଖରୁ ଛଡ଼େଇ ଅଣାଯାଇପାରିବ । ନୂଆପାର୍ଟି ଅନୁସରଣ କରି ଚାଲୁଥିବା ନୀତିଟିର ଏଇୟା ହେଲା ସାରମର୍ମ ଆଉ ବାବୁ ଭୂପେନ୍ଦ୍ରନାଥଙ୍କର ଅର୍ଥହୀନ ଓ ବୃଥା କାର୍ଯ୍ୟକ୍ରମଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ ।

## ଏକ ସଂଘର୍ଷ କ'ଣ ସତରେ ଲୋଡ଼ା ?

ପୁରୁଖା ନେତାମାନେ ବର୍ତ୍ତମାନ ଦେଶସାରା କହିବୁଲୁଛନ୍ତି ଯେହେତୁ ସେମାନେ ଅନୁସରଣ କରି ଚାଲିଥିବା ଆଦର୍ଶଗୁଡ଼ିକ ନୂତନ ପାର୍ଟିର ଆଦର୍ଶ ସହିତ ମେଳ ଖାଉଛି ତେଣୁ କୌଣସି ପ୍ରକାର ସଂଘର୍ଷର ଆବଶ୍ୟକତା ନାହିଁ ଆଉ ଏଇ ପରବର୍ତ୍ତୀଦଳର ସଭ୍ୟମାନେ ତୁଚ୍ଛା ଭାବପ୍ରବଣତାର ବଶବର୍ତ୍ତୀ ହୋଇ ନିଜକୁ ଉତ୍ତେଜିତ କରିଚାଲିଛନ୍ତି । ଅଳ୍ପଦିନ ପୂର୍ବେ ବାବୁ ନରେଶ ଚନ୍ଦ୍ର ସେନଗୁପ୍ତ ପୂର୍ଣ୍ଣ ସରଳ ବିଶ୍ୱାସର ସହିତ ଏ ଉକ୍ତିଟିକୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ ସମବେତ ଛାତ୍ରମାନଙ୍କ ସମ୍ମୁଖରେ ଘୋଷଣା କରିଥିଲେ । କିନ୍ତୁ ଗତକାଲି ଆମେ ଜାଣିଲୁ ଯେ ବାବୁ ଭୂପେନ୍ଦ୍ରନାଥ ବୋଷ ସରକାରଙ୍କୁ

ବିରୋଧ ନକରି ବରଂ ତାଙ୍କ ସହ ସମ୍ମିଳିତ ହୋଇ କାର୍ଯ୍ୟ କରିଯିବାକୁ ଜିଦ୍ ଧରିଛନ୍ତି ! ଜୋର୍‌ଦେଇ କହିବାକୁ ଗଲେ ଏହା ନୂତନ ଦଳର ଆଦର୍ଶ ନୁହେଁ, କାରଣ ଯେଉଁ ସରକାର ଭାରତୀୟ ଜନସାଧାରଣଙ୍କୁ ଫଳପ୍ରଦ ସ୍ୱାୟତ୍ତ ଶାସନର ସୁବିଧା ପ୍ରଦାନ ପୂର୍ବରୁ ଟାଳିଯାଏ କିଂବା ସୁବିଧାକୁ ଅଗ୍ରାହ୍ୟ କରିଦିଏ ସେଭଳି ସରକାରଙ୍କ ସହିତ କୌଣସି ପ୍ରକାର ରାଜିନାମାକୁ ଆମେ ବିରୋଧ କରୁ । ଆମର କାର୍ଯ୍ୟକ୍ରମ ଆଉ ଦାବିଗୁଡ଼ିକର ଏକ ସଂକ୍ଷିପ୍ତ ଓ ଚୂଡ଼ାନ୍ତ ବିବରଣୀ ଆମେ ଅନତିବିଳମ୍ବେ ପ୍ରସ୍ତୁତ କରିବୁ; ଆଉ ଯଦି ସତରେ କୌଣସି ଆଦର୍ଶଗତ ପାର୍ଥକ୍ୟ ନଥାଏ, ସମୁଦାୟ ବିବାଦଟି ଯଦି ଗୋଟିଏ ଭୁଲ୍‌ବୁଝାମଣା ହୋଇଥାଏ, ଯଦି ବୟୋବୃଦ୍ଧ ନେତାମାନେ ଖାଲି କଥାରେ ଘୋଷଣା କରିବା ପାଇଁ ନୁହେଁ କିନ୍ତୁ ନୂଆ ଦଳ ସହିତ ସହଯୋଗ ରକ୍ଷାକରି ସେଇସବୁ ଆଦର୍ଶକୁ କାର୍ଯ୍ୟକାରୀ କରିବା ଦିଗରେ ଆଗେଇ ଆସନ୍ତି, ତା'ହେଲେ ଏ ସଂଘର୍ଷର ଏକ ସ୍ୱାଭାବସିଦ୍ଧ ପରିସମାପ୍ତି ଘଟିବହିଁ ଘଟିବ । କିନ୍ତୁ ଏକଥା ସମସ୍ତେ ମର୍ମେ ମର୍ମେ ଉପଲବ୍ଧି କରିବା ଉଚିତ ଯେ ଆନ୍ତରିକତା ଆଉ ନିଷ୍କପଟତା ସହିତ ନିଜକୁ ଖୋଲି ନଧରିଲେ ଏକ ବୁଝାମଣା ପାଇଁ କୌଣସି ପ୍ରକାର ଉଦ୍ୟମ ଆମର ସାଫଲ୍ୟମଣ୍ଡିତ କିଂବା ଯୋଗ୍ୟ ବୋଲି ବିବେଚିତ ହେବ ନାହିଁ ।

## ମିଥ୍ୟାପବାଦର ଆରୋପ

ନୂଆଦଳ ବିରୋଧରେ ଯେଉଁ ଅଭିଯୋଗଟି ଅବାଧରେ ନିକ୍ଷେପ କରାଯାଉଛି, ତାହା ହେଲା ସେଇ ଦଳର ସଭ୍ୟମାନେ କିଂବା ଅନ୍ତତଃ ସେମାନଙ୍କର ଏକ ସକ୍ରିୟଭାଗ ବୟୋଜ୍ୟେଷ୍ଠ ନେତାମାନଙ୍କ ଉଦ୍ଦେଶ୍ୟରେ ଜଘନ୍ୟ ଗାଳିଗୁଲଜକୁ ପ୍ରଶ୍ରୟ ଦେଉଛନ୍ତି । ଆମ ଲେଖକ ଓ ବକ୍ତାମାନଙ୍କ ଭିତରୁ କିଛି ଅଛନ୍ତି ଯେଉଁମାନେ ବିଶିଷ୍ଟ ନେତାମାନଙ୍କୁ ଆକ୍ଷେପ କରି କହିଲାବେଳେ ଯେ ଅତି ନିର୍ମମଭାବେ ଓ ମୁହେଁ ମୁହେଁ କହିଥାଆନ୍ତି ଆଉ ଏମିତିକି ବେଳେବେଳେ ସେସବୁ ସୀମା ଅତିକ୍ରମ କରିଯାଏ, ଏ ଅଭିଯୋଗକୁ ଖଣ୍ଡନ କରିବା ସକାଶେ ଆମେ ଆଦୌ ଭ୍ରୂକ୍ଷେପ କରୁନୁ । କିନ୍ତୁ ଏହା ତ ଆଧୁନିକ ପରିସ୍ଥିତିରେ କବଳିତ ଯେକୌଣସି ରାଜନୈତିକ ବିବାଦର ଅତି ସାଧାରଣ ଘଟଣା । ଏଇ ପ୍ରକାରର ମାତ୍ରାଧିକ କାର୍ଯ୍ୟରେ ଉଭୟପକ୍ଷ ହେଉଛନ୍ତି ଦୋଷୀ । ପତ୍ରାଳାପ ପାଇଁ 'ବେଙ୍ଗଲୀ' ଖାଲି ରଖିଥିବା ତା'ର ଅଧିକାଂଶ ସ୍ଥାନରେ ବରାବର ଦେଖିବାକୁ ମିଳୁଛି କେବଳ ବିଷଜର୍ଜରିତ ଉଗ୍ରତା, ପ୍ରାୟ ଅତି ଅସଂଗତଭାବେ ଭୁଲତଥ୍ୟ ପରିବେଷଣର ଜୋର୍ ଜବରଦସ୍ତ ଭାବ ଆଉ ଏକ୍ଷେତ୍ରରେ ଏକ ଅଧିକ ଚରମ ନୀତିର ସବୁଠୁ ନିର୍ଭୀକ ପ୍ରବକ୍ତାଙ୍କ ଅପେକ୍ଷା ପୁରାତନ ପାର୍ଟି ତରଫରୁ ଆଞ୍ଚଳିକ ଭାଷାରେ ପ୍ରକାଶିତ ମୁଖପତ୍ରର ସମ୍ମାନଜନକ ସ୍ଥିତିରେ ଆସି ପହଞ୍ଚିବା ପାଇଁ ସେମିତି ଅଧିକ କିଛି ଦାବି ନାହିଁ । ଏହା ଖାଲି ଦଳର ଭାବଗତ ଆବେଗ, ତାହା କେବଳ ଚେଷ୍ଟା କରିଚାଲିଛି ଅନ୍ୟ ଉପରେ ହିଂସା ଆଉ ନିନ୍ଦା, ଅପବାଦର ଦୋଷକୁ ଲଦିଦେବା ପାଇଁ । ଏଗୁଡ଼ିକ ସବୁ ଦଳଗତ କନ୍ଦଳ ସାଥିରେ ଅନିବାର୍ଯ୍ୟବଶତଃ ଛନ୍ଦିହୋଇ ରହିଥାଏ ଆଉ ଏହା କୌଣସି ଗୋଟିଏ ପକ୍ଷର ନୀତିଗତ ଆଦର୍ଶର ନିଷ୍କଳଙ୍କ ଆଚରଣକୁ ଆକ୍ରାନ୍ତ ହେବାକୁ ଦେବ ନାହିଁ; କାରଣ ଏପ୍ରକାର ଛଳନାକୁ କିଛିହେଲେ ସମୀକ୍ଷା ବରଦାସ୍ତ କରିବନି ।

## ସ୍ୱେଚ୍ଛାଚାରୀ ଚାଲ୍‌ବାଜି

କଲିକତା ଜାତୀୟ କଂଗ୍ରେସର ସଭାପତିତ୍ୱ ପାଇଁ ବାବୁ ଭୂପେନ୍ଦ୍ରନାଥଙ୍କ ପ୍ରସ୍ତାବକୁ ଯେ ଶ୍ରୀ ଦାଦାଭାଇ ନାରୋଜି ଗ୍ରହଣ କରିନେଇଛନ୍ତି ଏକଥା ଘୋଷଣା ହୋଇଛି । ସଭାପତି ହିସାବରେ ମିଃ: ନାରୋଜିଙ୍କ ପ୍ରତି କାହାରିହେଲେ ବିରୋଧ କରିବାର ସମ୍ଭାବନା ନଥିଲା ଆଉ ଅଭ୍ୟର୍ଥନା ସମିତିରେ ସାମ୍ବିଧାନିକ ରୀତି ଅନୁଯାୟୀ ପ୍ରସ୍ତାବଟି ଯଦି ଆଗତ କରାଯାଇଥାଆନ୍ତା, ତା'ହେଲେ ମିଃ. ତିଳକଙ୍କ ସମର୍ଥକମାନେ ଆଉ ଗୋଟିଏ ବର୍ଷ ପାଇଁ ତାଙ୍କ ନାମକୁ ସ୍ଥଗିତ ରଖିବାକୁ ରାଜି ହୋଇଯାଇଥାଆନ୍ତେ । ସମସ୍ତ ନୀତିନିୟମ ଓ ପ୍ରଚଳିତ ଧାରାପ୍ରତି ବେଖାତିର କରି ଏ ଧନ୍ଦାକୁ ତୁଲାଉଥିବା ଗୁପ୍ତ ଷଡ଼ଯନ୍ତ୍ରକାରୀ ସଂସ୍ଥା ବଦ୍ଧପରିକର ଥିଲା ଏକ କୃତିତ୍ୱ ଅର୍ଜନ କରିବାକୁ ଆଉ ମିଃ: ନାରୋଜିଙ୍କ ଅଜ୍ଞାତସାରରେ, ତାଙ୍କୁ ସେମାନଙ୍କର ଜଘନ୍ୟ ଉଦ୍ଦେଶ୍ୟ-ସାଧନର ଏକ ଯନ୍ତ୍ର ହିସାବରେ ନିୟୋଜିତ କରିବାକୁ । ସୁଚାରୁରୂପେ ସାଧିତ ଏଇ ଉଦ୍ଦେଶ୍ୟକୁ ନେଇ ସେମାନେ ମିଃ: ତିଳକଙ୍କର ସମର୍ଥକମାନଙ୍କ ସହିତ ମୁହାଁମୁହିଁ ହେବେ ଯାହାକୁ ସେ ସମର୍ଥକମାନେ ହୁଏତ ଗ୍ରହଣ କରିବା ପାଇଁ ବାଧ୍ୟ ହେବେ, ନହେଲେ ଶେଷରେ ସାର୍ବଜନୀନ ସ୍ତରରେ ମାନ୍ୟତାପ୍ରାପ୍ତ ନାମଟିକୁ ବିରୋଧ କରୁଥିବା ହେତୁ ଘୃଣାର ପାତ୍ର ହେବେ । ପ୍ରଦର୍ଶନୀ ସମ୍ପର୍କରେ ସେମାନେ ମଧ୍ୟ ତଦନୁରୂପ ପନ୍ଥାର

ଅନୁସରଣ କରିଛନ୍ତି ଯାହାକୁ ବସ୍ତୁତଃ ସେମାନେ ଏକ ମହାର୍ଘମୂଲ୍ୟ ଦେଇ ବିକ୍ରୀ କରିଛନ୍ତି ସରକାରକୁ । ଏଇପରି ଅଭ୍ୟର୍ଥନା କମିଟି ଏକ ପ୍ରହସନରେ ପରିଣତ ହୋଇଉଠୁଛି ଆଉ ସେମାନେ ଯେତେବେଳେ ଏ କମିଟିର ସମାବେଶ ପାଇଁ ଅନୁମତି ଦେଇଛନ୍ତି, ଏହାର କିଛି ଆଉ କାର୍ଯ୍ୟ ନାହିଁ ବୋଲି କମିଟି ନିଜେହିଁ ଅନୁଭବ କରିବ ଯେହେତୁ ନେପଥ୍ୟରେ ତା'ର ସକଳ କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି । ତେଣୁ ଜାତୀୟ ବିଧାନ ପରିଷଦ ଉପରେ ଜାତୀୟସ୍ତରରୁ ନିୟନ୍ତ୍ରଣ ଯେ ରହିବା ଉଚିତ – ଏକଥା ଯେଉଁମାନେ ଚାହୁଁଛନ୍ତି ସେସମସ୍ତଙ୍କ ସମ୍ମୁଖରେ ଏକାନ୍ତ ଜରୁରୀ ହୋଇଉଠିଛି ଏକ ସ୍ଥାୟୀ ନିର୍ବାଚନକ୍ଷମ ସମ୍ବିଧାନ ସକାଶେ ଦାବି କରିଚାଲିବା । ଖାଲି କଂଗ୍ରେସ ପାଇଁ ନୁହେଁ କିନ୍ତୁ ପ୍ରତିଟି କଂଗ୍ରେସ ସଂଗଠନ ସକାଶେ, ଆଉ ଦାବି କରିବା ଏହାର କାର୍ଯ୍ୟପଦ୍ଧତି ସମ୍ବନ୍ଧୀୟ ଏକ ଆଇନ ବ୍ୟବସ୍ଥା ପାଇଁ, ଯେଉଁ ଆଇନକୁ ଉଲ୍ଲଂଘନ କରିବା ନିମିତ୍ତ ନେତାମାନଙ୍କୁ ସୁଯୋଗ ଦିଆଯିବ ନାହିଁ ଯେପର୍ଯ୍ୟନ୍ତ ସର୍ବସାଧାରଣଙ୍କର ମହାଭିଯୋଗର ସମ୍ମୁଖୀନ ହେବାପାଇଁ ସେମାନେ କଂଗ୍ରେସର ମଞ୍ଚ ଉପରେ ଠିଆହୋଇ ନିଜକୁ ପ୍ରସ୍ତୁତ କରି ନରଖିଛନ୍ତି ।

## ଭାଗଲପୁର ସଭା

'ଇଂଲିଶ୍ ମ୍ୟାନ୍' ଭାରି ଖୁସି ଯେ ମିଃ: ତିଳକ ନହୋଇ, ମିଃ : ଦାଦାଭାଇ ନାରୋଜିହିଁ ଜାତୀୟ କଂଗ୍ରେସ ଅଧିବେଶନରେ ପୌରୋହିତ୍ୟ କରିବେ ଆଉ ବାବୁ ସୁରେନ୍ଦ୍ରନାଥ ବାନାର୍ଜୀଙ୍କର ବଦ୍‌ନାମ ହେଲାପରି ସେମିତି କିଛି ଘଟଣା ଯେ ଘଟିପାରେ ଏଥିରେ ମଧ୍ୟ ସେ ଖୁବ୍ ଆନନ୍ଦିତ । ଭାଗଲପୁର ସଭାରେ ବହୁତ ଅଳ୍ପସଂଖ୍ୟକ ଲୋକ ଉପସ୍ଥିତ ଥିଲେ ଯେତେବେଳେ 'ବେଙ୍ଗଲୀ'ର ହିସାବ ଅନୁସାରେ ଏହାର ସଂଖ୍ୟା ଥିଲା ଛଅ ହଜାର, 'ଇଂଲିଶ୍‌ମ୍ୟାନ୍'ର ଏଧରଣର ବିବୃତିକୁ ଆମେ କ'ଣ ତୁଳନା କରିପାରିବା 'ବେଙ୍ଗଲୀରେ' ଥିବା ଜଣେ ପତ୍ରକାର ଚଳାଇଥିବା ପୂର୍ବର ଉଦ୍ୟମ ସହିତ, ଯିଏ ପ୍ରମାଣ କରିବାକୁ ଚାହିଁଛନ୍ତି ଯେ ବିପିନଚନ୍ଦ୍ର ପାଲଙ୍କ ସାଧାରଣ ସଭାରେ ଆକଳନ ହୋଇଥିବା ଦର୍ଶକଙ୍କ ସଂଖ୍ୟା ଚିଟାଗଙ୍ଗ ଜିଲ୍ଲାର ଲୋକସଂଖ୍ୟା ସହିତ ପ୍ରାୟ ସମାନ ଥିଲା ! ଆବେଦନକାରୀ ରାଜନୀତି ପ୍ରତି ଅନୁଗତ ଥିବା ଜଣେ ମଇମନ୍‌ସିଂବାସୀ ଠିକ୍ ଯେଭଳି ଘୋଷଣା କରିଛନ୍ତି ଯେ ପ୍ରମୁଖ ନେତାମାନଙ୍କ ଭିତରୁ କେହି ଜଣେହେଲେ ମଇମନ୍‌ସିଂରେ ବାବୁ ବିପିନ୍ ଚନ୍ଦ୍ରପାଲଙ୍କର ସଭାରେ ଯୋଗଦେଇ ନଥିଲେ, ସେହିପରି 'ଇଂଲିଶ୍ ମ୍ୟାନ୍' କହିଛି ଯେ ବିହାରୀ ଭଦ୍ରସମାଜ ଆଉ ଏପରିକି ନେତୃସ୍ଥାନୀୟ ବ୍ୟକ୍ତିମାନେ ବାବୁ ସୁରେନ୍ଦ୍ରନାଥଙ୍କ ଭାଗଲପୁର ସଭାରୁ ଦୂରେଇ ରହିଥିଲେ । ଚରମପନ୍ଥୀମାନଙ୍କ ବିରୋଧରେ 'ବେଙ୍ଗଲୀ'ର ଆଉ ମିଃ: ବାନାର୍ଜୀଙ୍କ ବିରୋଧରେ 'ଇଂଲିଶ୍‌ମ୍ୟାନ୍'ର ଏପ୍ରକାର ଟିପ୍ପଣୀ ସତରେ କିଭଳି ଆଶ୍ଚର୍ଯ୍ୟଜନକଭାବେ ସମାନ ମତ ହୋଇଥିବାର ମନେହୁଏ ! ଯାହାହେଉ 'ଇଂଲିଶ୍‌ମ୍ୟାନ୍' ଗୋଟିଏ ବିବୃତି ଦେଇଛି ଯାହା ବେଶ୍ ଗୁରୁତ୍ୱପୂର୍ଣ୍ଣ : ''କିଛି ବିହାରୀଛାତ୍ର ଆପାତତଃ କଲିକତା ଦ୍ୱାରା ସ୍ଥାପିତ ହୋଇଥିବା ସଂକେତକୁ (cue) ନେଇ ସଭାକାର୍ଯ୍ୟ ବିରୋଧରେ ପ୍ରତିବାଦସୂଚକ ଧ୍ୱନି ଦେଇ ଗଣ୍ଡଗୋଳ ସୃଷ୍ଟି କରୁଥିଲେ । ଆମେ ଜାଣିବାକୁ ପାଉଛୁ, ସେମାନଙ୍କର ଇଚ୍ଛା ଥିଲା କେବଳ ଘୃଣାମିଶ୍ରିତ କ୍ରୋଧଭାବକୁ ପ୍ରକାଶ କରିବା ପାଇଁ ଏକ ସଭାର ଆୟୋଜନ କରିବା'' । ସଭାସ୍ଥଳୀ ଲୋକାରଣ୍ୟ, ଉତ୍ସାହରେ ଭରା ଆଉ ସର୍ବଜନସମ୍ମତ ହୋଇଥିଲା ବୋଲି ଯେଉଁ ବିବୃତି 'ବେଙ୍ଗଲୀ'ରେ ସ୍ଥାନ ପାଇଛି ସେଥିରେ ଉପରୋକ୍ତ ସୂଚନା ନାହିଁ । ନିକଟ ଅତୀତରେ କଲିକତାରେ କିଛି ସଭା ଅନୁଷ୍ଠିତ ହୋଇଥିବାର ଆମେ ଦେଖିଛୁ । ସେମିତି ସଭା ଖୁବ୍ ବିରଳ, ଯେଉଁଥିରେ ହଜାର ହଜାର ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ । ଏହା ସେହି ସମୟର କଥା ଯେତେବେଳେ ସମ୍ବାଦଦାତାମାନଙ୍କର ଗାଣିତିକ କଳ୍ପନାରେ ଅଙ୍କୁଶ ଲଗାଇବାକୁ ପ୍ରୟୋଜନ ହୁଏ; ନହେଲେ ଆମେ ଅତିରଞ୍ଜନକାରୀମାନଙ୍କ ଜାତିରେ ପରିଣତ ହୋଇଯାଇଛୁ ବୋଲି ଲର୍ଡ଼ କର୍ଜନ୍ ଯେଉଁ ଅପଯଶମୂଳକ ଆକ୍ଷେପ କରିଥିଲେ ତାହା ଯଥାର୍ଥଭାବେ ଆମେ ପ୍ରମାଣିତ କରିଦେବା । ଆମର ମଧ୍ୟ ଜାଣିବାକୁ ଇଚ୍ଛା ଯେ 'ଇଂଲିଶ୍‌ମ୍ୟାନ୍'ରେ ଯେଉଁ ପ୍ରତିବାଦ ସମ୍ପର୍କିତ ବୃତ୍ତାନ୍ତ ପ୍ରକାଶ ପାଇଛି, ତହିଁରେ କିଛି ସତ୍ୟତା ଅଛି କି ନାହିଁ । ବିହାରରେ ଯଦି ପ୍ରତିବାଦ ବୋଲି କିଛି ଥାଏ, ତା'ହେଲେ କପଟପୂର୍ବକ ନୀରବତାରେ ତାକୁ ଶ୍ୱାସରୁଦ୍ଧ ନକରି ତା'ର ବ୍ୟାପକତା କେତେ ଓ ତା' ପଛରେ କେଉଁ କେଉଁ କାରଣଗୁଡ଼ିକ ରହିଛି ସେସବୁ ଜାଣିରଖିବା ଶ୍ରେୟସ୍କର ହେବ ।

## ପ୍ରସଙ୍ଗକ୍ରମେ

ନିକଟରେ 'ଇଂଲିଶ୍‌ମ୍ୟାନ୍' ସବୁ ରକମର ଉଲ୍ଲେଖନୀୟ

ଆବିଷ୍କାର କରିଆସୁଛି; ଏକ୍ଷେତ୍ରରେ ତା'ର କାର୍ଯ୍ୟକଳାପ ହେଉଛି ଅତୀବ ବିଶାଳ । କଂଗ୍ରେସର ସମ୍ମାନ ପାଇଁ ଯୋଗ୍ୟତାକୁ ସେ ଏବେ ଖୋଜି ବାହାର କରିଥିଲା । ଗତକାଲି ଏହା ସହସା ଦେଖିବାକୁ ପାଇଲା ଯେ ଦାଦାଭାଇ ନାରୋଜି ହେଉଛନ୍ତି ଜଣେ ସାକ୍ଷାତ୍ ଦେବଦୂତ । ଅବଶ୍ୟ ସେ ଜଣେ ଦେବଦୂତ ସହିତ ତୁଳନୀୟ, କିନ୍ତୁ ତଥାପି ଜଣେ ଦେବଦୂତ । ଉଚ୍ଛୃଙ୍ଖଳ ଆଉ ବୁଲେଇ ବାଙ୍କେଇ ଦେଉଥିବା ଭାଷଣଗୁଡ଼ିକ ପାଇଁ, ବ୍ରିଟିଶ୍ ଶାସନ ପ୍ରତି ଜ୍ୱାଳାମୟୀ ଧିକ୍କାର ପାଇଁ, ଭର୍ତ୍ସନାର ଅପରିମିତ ବକ୍ତବ୍ୟ ପାଇଁ ତାଙ୍କୁ ମାଫ୍ କରିଦିଆ ହୋଇଛି; କାରଣ କଲିକତା କଂଗ୍ରେସରେ ସଭାପତିତ୍ୱ ଆସନରୁ ସେ ମିଃ: ତିଳକଙ୍କୁ କାଳେ ଦୂରେଇ ରଖିବେନି ? କାହିଁକି ତା'ହେଲେ ଏହି ବ୍ୟକ୍ତିଙ୍କର ଖ୍ୟାତି ସଙ୍ଗେ ସଙ୍ଗେ ତାଙ୍କ ଅଭିଭାଷଣର ସୁଶାନ୍ତ ଭଙ୍ଗୀ, ତାଙ୍କର ବିନମ୍ର ସରଳତା ଓ ସଙ୍କୋଚପଣିଆଁ, ତାଙ୍କ ସ୍ୱଦେଶ-ପ୍ରୀତିରେ କୋଳାହଳ ଓ ମାଡ଼ିଚାଲିବା ପ୍ରବୃତ୍ତିର ନାସ୍ତିହିଁ ନରମପନ୍ଥୀ ଆଉ ଆଙ୍ଗ୍ଲୋଭାରତୀୟଙ୍କ ପରି ସମଧର୍ମୀ ବ୍ୟକ୍ତିମାନଙ୍କ ମନରେ ଏମିତି ସନ୍ତ୍ରାସ ସୃଷ୍ଟି କରୁଛି ? ମିଃ: ନାରୋଜିଙ୍କ ଅପେକ୍ଷା ଅଧିକ ଚାଲାକ ଆଉ ମାପିଚୁପି ଭାଷଣ ଦେଉଥିବାରୁ ତାଙ୍କ ପ୍ରତି ଥିବା ଧାରଣା ଏବେ ବି ସେମାନଙ୍କ ପାଇଁ ହୃତ୍‌କମ୍ପର କାରଣ ହୋଇଛି । ତା'ର କାରଣ ହେଲା ଆମମାନଙ୍କ ଗହଣରେ ସେ ହେଉଛନ୍ତି ଏପରି ଜଣେ ବ୍ୟକ୍ତି ଯିଏହିଁ ସ୍ୱଚ୍ଛ ଦ୍ରଷ୍ଟା ଓ ସ୍ୱଚ୍ଛ କର୍ମୀ । କଂଗ୍ରେସର ସଭାପତି ଆସନରେ ସେହିଁ କର୍ମମାନବ ! ଆଙ୍ଗ୍ଲୋଭାରତୀୟ ଏହି ଚିନ୍ତାଧାରାର ସମ୍ମୁଖୀନ ହୋଇ ତାଙ୍କ ଅନ୍ତିମ ପରିଣତିର ଚିତ୍ରଟିକୁ ମନେ ମନେ ଆଙ୍କି ପକାଏ । ଅବଶ୍ୟ ହିଂସ୍ର ନୂତନ ପ୍ରଜାତି (Wild specis)ରୂପୀ ସେଇ 'ଚରମପନ୍ଥୀ'ଙ୍କ ଆବିର୍ଭାବହିଁ ନାରୋଜି ମହାଶୟଙ୍କୁ ଦେବଦୂତରେ ରୂପାନ୍ତର କରିବା ପାଇଁ ଦାୟୀ । ଏହି 'ଚରମପନ୍ଥୀ' ଶବ୍ଦରେ ଏକ ଆନନ୍ଦଦାୟକ ନମନୀୟତା ରହିଛି । ଏହା ସମ୍ପୂର୍ଣ୍ଣରୂପେ ଏକ ପ୍ରଗତିବାଦୀ ଚେତନାରେ ଉଦ୍‌ବୁଦ୍ଧ ଆଉ କେବେବି ନିଶ୍ଚଳ ହୋଇ ରହିଯାଏ ନାହିଁ । ଦିନ ଥିଲା ମଣିଷର ସମଗ୍ର ସ୍ମୃତିପଟରେ ବାବୁ ସୁରେନ୍ଦ୍ରନାଥ ବାନାର୍ଜୀ ଏକ ଚରମପନ୍ଥୀ ରୂପେ ବସା ବାନ୍ଧିଥିଲେ କିନ୍ତୁ ଉଜ୍ଜ୍ୱଳ ଲୋହିତ ରଙ୍ଗର ସେ କୋଟ୍‌ଟି ତାଙ୍କର ଆଜି ନିହାତି ମଳିନ ପଡ଼ିଯାଇଛି ଆଉ ପରବର୍ତ୍ତୀ ସମୟରେ ତାହା ଆହୁରି ଫିକା ପଡ଼ି ପାଟଳ ରଙ୍ଗ ଧାରଣ କରିଛି । ଏକଦା ମିଃ: ଦାଦାଭାଇ ନାରୋଜିଙ୍କୁ ଘୋର ଚରମପନ୍ଥୀ ବୋଲି ନିନ୍ଦା କରାଯାଉଥିଲା – ଏଇ ବିଗତ ପରଦିନ ପର୍ଯ୍ୟନ୍ତ । କିନ୍ତୁ ବର୍ତ୍ତମାନ ଯେହେତୁ ମିଃ: ଶ୍ୟାମଜି କୃଷ୍ଣବର୍ମା ଆଉ ତାଙ୍କ ସ୍ୱଦେଶୀ ଶାସକବର୍ଗ ସେମାନଙ୍କ ହିଂସ୍ର ମଥାକୁ ଆଣି ତ୍ରସ୍ତ ଚକ୍ରବାଳର ଊର୍ଦ୍ଧ୍ୱରେ ଟେକି ଧରିଛନ୍ତି, ତେଣୁ ମିଃ: ନାରୋଜିଙ୍କୁ ''ରାଷ୍ଟ୍ରନୀତିଜ୍ଞର ଅନୁରୂପ'' ଓ ''ନରମପନ୍ଥୀ''ର ପବିତ୍ର ଫାନ୍ଦ ଭିତରେ ପ୍ରବେଶ କରିବା ପାଇଁ ଅନୁମତି ମିଳିଛି । ନିକଟରେ ଆହୁରି ଏକ ନିକୃଷ୍ଟ ଶ୍ରେଣୀର ଅନ୍ତର୍ଭୁକ୍ତ ଅଗ୍ନିଉଦ୍‌ଗୀରଣକାରୀ ରାକ୍ଷସ ପ୍ରକୃତିର ଜନ୍ତୁ ବଙ୍ଗଳା ଚରମପନ୍ଥୀ ଦଳରେ ଆସି ଦେଖାଦେଇଛି । ଆଉ ହର୍ଷୋତ୍‌ଫୁଲ୍ଲ ପ୍ରତ୍ୟାଶାରେ ଆମେ ପ୍ରତୀକ୍ଷା କରି ରହିଛୁ ସେଇ ଦିନଟିକୁ, ଯେତେବେଳେ 'ଇଂଲିଶ୍ ମ୍ୟାନ୍' କୁଖ୍ୟାତ ବିପିନ ଚନ୍ଦ୍ର ପାଲଙ୍କୁ ସମ୍ମାନ ଦେବାକୁ ଶିଖିବ ଆଉ ଅଶ୍ରୁଭିଜା ନୟନରେ ଆସି ତାଙ୍କୁ ଆଲିଙ୍ଗନ କରିବ ଯିଏ ଶେଷକୁ ଛିଡ଼ା ହୋଇଛନ୍ତି ଏକମାତ୍ର ଦୁର୍ଗମ ପ୍ରାଚୀର ପରି ତାଙ୍କ ନିଜଠାରୁ ଆହୁରି ଅଧିକ ଉଚ୍ଛୃଙ୍ଖଳ ରାକ୍ଷସମାନଙ୍କ ବିରୋଧରେ । ଏହାର ଚୂଡ଼ାନ୍ତ ପରିଣାମ ହେଲା ଭାରତବର୍ଷ ଚାଲିଛି ପ୍ରଗତିର ପଥେ ।

[ବନ୍ଦେ ମାତରମ୍, ସେପ୍‌ଟେମ୍ବର ୧୨, ୧୯୦୬]

(କ୍ରମଶଃ)

ଅନୁବାଦକ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

# ବିବେକାନନ୍ଦ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଶ୍ରୀରାମକୃଷ୍ଣ ଆସିଥିଲେ ବୈଜ୍ଞାନିକ ଯୁଗ, ଆଧୁନିକ ଶିକ୍ଷା-ସଭ୍ୟତାର ମଝିରେ, ଠିକ୍ ସେଇ ସମୟରେ, ଜଡ଼ବୁଦ୍ଧିର, ନାସ୍ତିକତାର, ନାଗରିକତାର ବନ୍ୟା ଠିକ୍ ଯେତେବେଳେ ବଢ଼ିଯାଇ ଓ ଫୁଲିଯାଇ ସର୍ବଗ୍ରାସୀ ହୋଇ ଚାଲିଥିଲା । ସେ ଆସିଥିଲେ ତାଙ୍କର ଅନାଧୁନିକ, ଅସଂସ୍କୃତ, 'ଅନାଲୋକିତ' ଗ୍ରାମ୍ୟତା ନେଇ । ସେଇଭାବରେ ତାଙ୍କର ଜୀବନ ଦେଇ ଏଇ କଥାଟି ସେ ପ୍ରମାଣ କରିବାକୁ ଚାହୁଁଥିଲେ ଯେ ମନୁଷ୍ୟ ପକ୍ଷରେ ଅନ୍ୟସବୁ ଜିନିଷ ଗୌଣ, ମୁଖ୍ୟ ହେଉଛି ତା'ର ଅନ୍ତରସ୍ଥ ଭଗବାନ୍ – ତମେବୈକମ୍ ଜାନଥ ଅନ୍ୟା ବାଚୋ ବିମୁଞ୍ଚଥ । ବାହାରର ଶିକ୍ଷାଦୀକ୍ଷା, ବିଦ୍ୟାବୁଦ୍ଧି, ନୈପୁଣ୍ୟ ଓ ବୈଦଗ୍ଧ୍ୟ ଯେତେ ବଡ଼ ହେଉ ନା କାହିଁକି, ସେସମସ୍ତ ଅପେକ୍ଷା ଗୋଟିଏ ବଡ ଜିନିଷ ରହିଛି, ଯାହା ପାଖରେ ଏସବୁ ଅକିଞ୍ଚିତ୍କର, ଏପରିକି ନିଷ୍ପ୍ରଭ; ଏପରିକି ସେସବୁ କିଛି ନରହିଲେ ବି କିଛି କ୍ଷତି ବା ବୃଦ୍ଧି ହୁଏ ନାହିଁ – ଯଦି ସେଇ ଗୋଟିଏ ଜିନିଷ ବ୍ୟକ୍ତି ନିକଟରେ ରହିଯାଇଥାଏ ।

ଏଇସବୁ କାରଣରୁ ଆମେ ଦେଖିଲୁ ଯିଏ ସବୁଦିଗରୁ ଆଧୁନିକ ଥିଲେ; ଯିଏ ଜନ୍ମ ହୋଇଥିଲେ, ବଢ଼ିଥିଲେ, ଶିକ୍ଷାଲାଭ କରିଥିଲେ ଏକାନ୍ତ ଆଧୁନିକ ବାତାବରଣ ଭିତରେ – ଏପରି ଜଣେ ମହାପୁରୁଷ ତାଙ୍କର ଆଧୁନିକତାର ସକଳ ବିଭବକୁ ଏଇ ଗ୍ରାମ୍ୟତାର ପାଦରେ ଉତ୍ସର୍ଗ କରିଦେଲେ, ତାଙ୍କୁ କହିବାକୁ ପଡ଼ିଲା – ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍ । କେବଳ ତାହାହିଁ ନୁହେଁ, ଏହାଙ୍କର ଅଦ୍ଭୁତ, ଅମିତ ଶକ୍ତିରେ ଅନୁପ୍ରାଣିତ ହୋଇ ସେ ବଜ୍ରଭଳି ଯାଇଁ ପଡ଼ିଲେ ସେଇ ଦେଶରେ ଯେଉଁଠି ପୁଣି ଆଧୁନିକତା ପରାକାଷ୍ଠାରେ ପହଞ୍ଚିଛି । ବିବେକାନନ୍ଦଙ୍କ ଭିତରେ ଚରମ ଆଧୁନିକତା, ପରମ ଆଧାତ୍ମିକତାର ସେବକ ଓ ଯନ୍ତ୍ର ହେବାର ଦୀକ୍ଷା ଲାଭକରିଛି ।...

ଭାରତର ସନାତନ ଅନ୍ତରାତ୍ମାର ନବଜାଗ୍ରତ୍ ବୀରବିଗ୍ରହ ହେଉଛନ୍ତି ବିବେକାନନ୍ଦ । ଭାରତ ନିଜକୁ ଭୁଲିଯାଇଥିଲା, ଭୁଲିଯାଇଥିଲା ସେ ନିଜେ କ'ଣ, ଜଗତରେ ତାହାର ବ୍ରତ କ'ଣ; ସ୍ୱରୂପର, ସ୍ୱଧର୍ମର ଚେତନା ହରାଇ ଭାରତର ଆନ୍ତରପୁରୁଷ ମଗ୍ନ ଥିଲା ସୁପ୍ତିର ଘୋରରେ, ନିସ୍ତେଜ, ନିର୍ବୀର୍ଯ୍ୟ, ଜ୍ଞାନହରା ହୋଇ ଆପଣା ଭିତରେ ଆପଣାକୁ ସଙ୍କୁଚିତ କରି ଭାରତ ବୁଡି ଯାଇଥିଲା 'ପ୍ରଳୟପୟୋଧି-ଜଳେ' । ଶୁଚିଦନ୍ତ, ଶୁଭ୍ରବର୍ଣ୍ଣ ବରାହ ଅବତାର ଭଳି ବିବେକାନନ୍ଦ ଏଇ ମଜ୍ଜମାନ ଭାରତକୁ ବୀରବିକ୍ରମରେ ତୋଳି ଧରିଲେ, ତାହାକୁ ଆତ୍ମସମୃଦ୍ଧ କରି ପ୍ରତିଷ୍ଠିତ କଲେ ଜଗତ୍ ସମ୍ମୁଖରେ । ଅଥବା ସେ ବୈଦିକ ଦେବତା ଇନ୍ଦ୍ରଙ୍କ ଭଳି – ପର୍ବତ ବିଦୀର୍ଣ୍ଣ କରି ଅସ୍ତମିତ ଗୁହାଗତ ଦସ୍ୟୁକବଳିତ ସୂର୍ଯ୍ୟଙ୍କୁ ଉଦ୍ଧାର କରିଥିଲେ, ଟେକି ଧରିଥିଲେ ମସ୍ତକ ଉପରେ ଦ୍ୟୁଲୋକରେ – ଆ ସୂର୍ଯ୍ୟଂ ରୋହୟଦ୍ଦିବି । ଠିକ୍ ସେଇଭଳି ବିବେକାନନ୍ଦ ପୃଥିବୀ ଓ ମାନବଜାତିର ଜ୍ଞାନ-ସୂର୍ଯ୍ୟ ଯେଉଁ ଭାରତ, ତାହାକୁ ଅଧଃପତନର ଗହନ ତମୋଗର୍ଭ ମଧ୍ୟରୁ ଆପଣା ଭାସ୍ୱରମୂର୍ତ୍ତିରେ ବାହାର କରିଆଣିଲେ, ସ୍ୱମହିମାରେ ସ୍ଥାପିତ କରିଥିଲେ ।

ତାଙ୍କ ଆଗରୁ ବି ବହୁ ମନୀଷୀ ଆସିଛନ୍ତି ଭାରତର ନବଜାଗରଣର ବାର୍ତ୍ତା ନେଇ, ଆହୁରି କର୍ମୀ ଆସି ପଥ ପରିଷ୍କାର କରି, କ୍ଷେତ୍ର ପ୍ରସ୍ତୁତ କରିଯାଇଛନ୍ତି । କିନ୍ତୁ ବିବେକାନନ୍ଦ ହେଉଛନ୍ତି ଋଷି, ଯିଏ ଦେଖିଥିଲେ, ସୃଷ୍ଟି କରିଥିଲେ ସେଇ ମନ୍ତ୍ରଟିକୁ, ଯାହା ବଳରେ ଭାରତର ଦେବତ୍ୱ ଜାଗ୍ରତ୍ ବିଗ୍ରହ ଧରି ପ୍ରାଣବନ୍ତ ହୋଇ ଆବିର୍ଭୂତ ହେଲା । ବିବେକାନନ୍ଦ ସ୍ୱୟଂ ଋଷି – ସିଏ ଏକାଧାରରେ ଦ୍ରଷ୍ଟା ଓ ସ୍ରଷ୍ଟା, କେବଳ ଦୃଷ୍ଟିର ତେଜରେହିଁ ସୃଜନପ୍ରତିଭା । ବିବେକାନନ୍ଦଙ୍କର ଋଷିଦୃଷ୍ଟି ସମସ୍ତ ବାହ୍ୟ ଆବରଣ, ସମସ୍ତ ଅବାନ୍ତର ପ୍ରୟୋଜନକୁ ଅତିକ୍ରମ କରି, ବିଦୀର୍ଣ୍ଣ କରି ରଜ୍ଜୁରେଖାରେ ପହଞ୍ଚିଲା ଯାଇ ଭାରତର ଅନ୍ତରାତ୍ମାରେ; ସେଇ ଅନ୍ତରାତ୍ମାର ମହିମାକୁ ଭଗୀରଥ ପରି ସେ ଓହ୍ଲାଇ ଆଣିଲେ ମର୍ତ୍ତ୍ୟଲୋକକୁ;– ତାହାକୁ ପ୍ରାଣର ରସରେ, ତେଜରେ ସଂଜୀବିତ ଓ ସ୍ପନ୍ଦିତ କରିଧରିଲେ । ନବଜାଗରଣର ଉଷାର ଭୋରକୁ ଅନେକ ମହାପୁରୁଷ ଆବାହନ କରି ଆଣିଛନ୍ତି । କିନ୍ତୁ ବିବେକାନନ୍ଦଙ୍କ କଣ୍ଠରୁ ଯେଉଁ ମୁହୂର୍ତ୍ତରେ ମନ୍ଦ୍ରିତ ହେଲା – ''ଜାଗୋ ମା, ଜାଗୋ ମା'' – ସେଇକ୍ଷଣିହିଁ ବାହାରି ଆସିଲା ଭାରତ ଶକ୍ତିର ପୂର୍ଣ୍ଣାରୁଣ ପ୍ରକଟ ମୂର୍ତ୍ତି ।

ବିବେକାନନ୍ଦ ଦେଇଥିଲେ ଶକ୍ତିର ମନ୍ତ୍ର – ଆତ୍ମଶକ୍ତିର, ଆତ୍ମପ୍ରତ୍ୟୟର, ଆତ୍ମପ୍ରତିଷ୍ଠାର ମନ୍ତ୍ର । ଦୁଇଟି କଥା ଭିତରେ ତାଙ୍କର ସମସ୍ତ ଦର୍ଶନ, ସମସ୍ତ ଇନ୍ଦ୍ରଜାଲ – ସେ ଦୁଇଟି ହେଉଛି : ''ଅଭୀ'', ''ଅହଂ ବ୍ରହ୍ମ'' । ''ଭୟ ନାହିଁ, ଭୟ

ନାହିଁ; ଅସୀମ ସାହସ ତୁମର, ଅସମ୍ଭବ କ୍ଷମତା ତୁମର; ତୁମେହିଁ ସ୍ୱୟଂ ବ୍ରହ୍ମ । ତୁମ ଭିତରର ବ୍ରହ୍ମ-ପୁରୁଷରେ ତୁମେ ଜାଗ୍ରତ୍ ହୁଅ, ଜାଣିନିଅ କିଏ ତୁମେ, କ'ଣ ତୁମେ – କ୍ଷୁଦ୍ରର, ଅନ୍ଧର, ଦୈନ୍ୟର, ଅକ୍ଷମତାର ମାୟା-ମୋହକୁ ତୁମେ ଫୁତ୍କାର ଦେଇ ଉଡ଼ାଇ ଦେଇପାରିବ ।'' ମଣିଷର ସମସ୍ତ ସାଧନା ଏଇ ବ୍ରହ୍ମାଗ୍ନିକୁ ପ୍ରଜ୍ୱଳିତ କରି ଗଢ଼ିବା – ଯାହାର ଲେଲିହାନ ଜିହ୍ୱା ଯାବତୀୟ ଆବର୍ଜନା ପୋଡିଜାଳି ଶୁଦ୍ଧ କରିନିଏ । ମଣିଷର ସୃଷ୍ଟିରେ ବିରାଟର ତେଜୋମୟ ରୂପସବୁ ଫୁଟିଉଠୁ । ଏଇ ବ୍ରହ୍ମାଗ୍ନିକୁ କିପରି ଜଳାଇବାକୁ ହେବ ? ଏକମାତ୍ର ଶ୍ରଦ୍ଧାର ବଳରେ ଏହା ସମ୍ଭବ । ଯାହାର ଯେପରି ଶ୍ରଦ୍ଧା, ସେ ତାହାହିଁ ହୋଇଉଠେ । ଭାରତର ପ୍ରାଣରେ, ଜୀବନରେ ବିବେକାନନ୍ଦଙ୍କର କଲ୍ୟାଣରେ ଅନ୍ତରାତ୍ମାର ଶ୍ରଦ୍ଧା ପ୍ରବେଶ କଲା – ଶ୍ରଦ୍ଧାମ୍ ଆବିବେଶ – ପ୍ରଦୀପ୍ତ ହୋଇଉଠିଲା ସେଇ ବ୍ରହ୍ମାଗ୍ନି ।

ବିବେକାନନ୍ଦଙ୍କର ସୃଷ୍ଟି ପ୍ରାଣର ପ୍ରେରଣାରେ – ଶକ୍ତିଧାରାର ସୃଷ୍ଟି । ବାସ୍ତବ ରୂପ, ସୁଷମ, ସୁଠାମ ବାହ୍ୟ ବିଗ୍ରହ ସୃଷ୍ଟି କରିବା ତାଙ୍କର କାମ ନୁହେଁ । ସେ ତାଙ୍କର ପ୍ରେରଣା ଓ ଉଦ୍ଦୀପନାକୁ ଆକାଶରେ, ବାୟୁମଣ୍ଡଳରେ ବିଛାଡ଼ି ଦେଇଛନ୍ତି, ଦେଶର ନାଡ଼ୀରେ ସ୍ପନ୍ଦିତ କରିଦେଇଛନ୍ତି । ତେଣୁ ସେ ଯାହା ସୃଷ୍ଟି କରିଛନ୍ତି, ସେଥିରେ ଆମେ ସ୍ଥାୟୀ ଆକାର କିଛି ପାଉନା । ଏଇ ଆକାରର ଛାଞ୍ଚ ସେ ଅନେକଗୁଡ଼ିଏ ଦେଇଛନ୍ତି, ରୂପର ବହୁଳ ଧାରା ସେ ନିର୍ଦ୍ଦେଶ କରିଦେଇଛନ୍ତି – କିନ୍ତୁ, ସେଗୁଡ଼ିକ ଖାଲି ଗଠନର ଇଙ୍ଗିତ ମାତ୍ର, ସଂକେତ କିଛି; ସେଥିମଧ୍ୟରୁ କୌଣସି ଗୋଟିକୁ ଏକାନ୍ତ କରି ଧରିବସିଲେ କିଂବା ଗୋଟିକର ଏକାନ୍ତ ଅନୁସରଣରେ ଚାଲିବାକୁ ଚେଷ୍ଟାକଲେ, ଅସଲ ବିବେକାନନ୍ଦଙ୍କୁ ଆମେ କ୍ଷୁଦ୍ର ସଂକୀର୍ଣ୍ଣ କରିଦେବୁ ମାତ୍ର, ଅଧିକା କିଛି ଲାଭ ହେବ ନାହିଁ ।

ଏପରିକି, ଯେଉଁସବୁ ଦାର୍ଶନିକ ତତ୍ତ୍ୱ ସେ ଦେଇଛନ୍ତି ଅବା ଯେଉଁସବୁ ସିଦ୍ଧାନ୍ତ ଦେଇଛନ୍ତି, ଯେଉଁସବୁ ଆଧ୍ୟାତ୍ମିକ ତଥ୍ୟ କହି ଦେଇଛନ୍ତି, ସେଗୁଡ଼ିକୁ ଅକାଟ୍ୟ ବୋଲି ମାନିନେବା ବି ଦରକାର ନାହିଁ । କାରଣ ସେ ଆସି ନଥିଲେ ଶାସ୍ତ୍ର ଗଢ଼ିବା ପାଇଁ, ବାହ୍ୟିକ ଆୟତନ ଦେହାଧାରଟିଏ ସଂଗଠନ କରିବାର ଭାର ସେ ଗ୍ରହଣ କରି ନାହାନ୍ତି । ପ୍ରାଣ ଭିତରେ ଅନ୍ତରାତ୍ମାର ଅବତରଣର ଯେଉଁ ପ୍ରଥମ ସ୍ପନ୍ଦନ, ଯାହାକୁ ନେଇ ସବୁଯାକ ବାହ୍ୟ ସର୍ଜନାର ସୂତ୍ରପାତ – ସର୍ବଂ ପ୍ରାଣ ଏଜତି ନିଃସୃତମ୍ – ଜୀବନ ଭିତରେ ଜୀବର ଆପଣାର ସତ୍ୟ-ଜୀବତ୍ୱର ଜାଗରଣ । ଅର୍ଥାତ୍ ଶିବତ୍ୱର ଜାଗରଣ ସକାଶେ – ସେଇ ଜିନିଷଟିହିଁ ବିବେକାନନ୍ଦଙ୍କ ଦୃଷ୍ଟିରେ ସର୍ବାଗ୍ରେ ଆବଶ୍ୟକ । ନିଜ ଭିତରେ ନିଜର ଜାଗରଣ, ଜୀବନୀଶକ୍ତି ଭିତରେ ଏକ ନୂତନ ଜୁଆର ମାଡି ଆସିବାର ଅନୁଭବ । ଜାଗ୍ରତ୍ ହୋଇ କି କର୍ମ କରାଯିବ, କେଉଁ ଧର୍ମରେ ଜୀବନକୁ ଓ ଜୀବନର କ୍ଷେତ୍ରକୁ ସୁଷ୍ଠୁଭାବେ ଗଠିତ, ନିୟନ୍ତ୍ରିତ କରିବାକୁ ପଡ଼ିବ – ସେସବୁ ଯୋଜନା ପରବର୍ତ୍ତୀ କଥା । ଏଇ ପରବର୍ତ୍ତୀର ସମସ୍ୟା ପୂରଣ ହେବ ଅବ୍ୟର୍ଥଭାବେ, ଆଗେ ଘଟୁ ଅନ୍ତରାତ୍ମାର ସମର୍ଥ ଜାଗରଣ – ତାହାର ପରିଣତି ଫଳରେହିଁ ପରର ପରିପୂରଣ । ଏଇ ପରବର୍ତ୍ତୀ ସମସ୍ୟାର ସମାଧାନ ସହଜଭାବେ କରାଯାଇପାରେ; ବିବେକାନନ୍ଦ ସେ ଜିନିଷର ନମୁନା ବି ଅନେକ ଦେଇଛନ୍ତି;– ସେଗୁଡ଼ିକର ମୂଲ୍ୟ ନିରୂପଣ କରିବା, ସେଗୁଡ଼ିକ ମଧ୍ୟରେ ରହିଥିବା ସଙ୍ଗତିକୁ ନିର୍ଦ୍ଧାରଣ କରିବା, ସେଗୁଡ଼ିକୁ ଶୃଙ୍ଖଳିତ କରିବା – ଏସବୁକୁ କର୍ମ ଦିଗରୁ ସେ ମୋଟେହିଁ ପ୍ରୟୋଜନ ବୋଧ କରି ନାହାନ୍ତି । ସମସ୍ତ ବିପରୀତ ବିଶୃଙ୍ଖଳ ସିଦ୍ଧାନ୍ତ ଭିତରେ ବିବେକାନନ୍ଦ କହିବାକୁ ଚାହିଁଛନ୍ତି ଗୋଟିଏ ମାତ୍ର କଥା : 'ନାୟମାତ୍ମା ବଳହୀନେନ ଲଭ୍ୟଃ' ।

ବିବେକାନନ୍ଦ ନଥିଲେ ଗୃହୀ, ଅଥଚ ସେ ସନ୍ନ୍ୟାସୀ ବି ନଥିଲେ । ବିବେକାନନ୍ଦ ଅଧ୍ୟାତ୍ମ-ସାଧକ ଥିଲେ, ଅଥଚ ତାଙ୍କର ସ୍ୱଦେଶ ପ୍ରେମ ଅତୁଳନୀୟ ! ବିବେକାନନ୍ଦ ଭାରତବାସୀଙ୍କୁ ଗୀତା ଛାଡି ଫୁଟବଲ୍ ଖେଳିବାକୁ ଉପଦେଶ ଦେଇଛନ୍ତି, ପୁନରାୟ କୌପୀନବନ୍ତ ହୋଇ ଗୈରିକ ପତାକା ଟେକି ଧରିବାକୁ ଆହ୍ୱାନ ବି କରିଛନ୍ତି । ଏସମସ୍ତକୁ ସେ ରୂପ ହିସାବରେ ଗ୍ରହଣ କରିଛନ୍ତି – ରୂପକ ହିସାବରେ, ଏକ ଗଭୀରତର ସତ୍ୟର ପ୍ରତୀକ ହିସାବରେ । ସନ୍ନ୍ୟାସୀ ହୁଅ, ଗୃହୀ ହୁଅ, ବିଶ୍ୱପ୍ରେମିକ ହୁଅ, ସ୍ୱଦେଶପ୍ରେମିକ ହୁଅ – ଯାହାବି ହୁଅ, ଆଗେ ମନୁଷ୍ୟ ହୁଅ । ବିବେକାନନ୍ଦ ଯେଉଁଠି ବି ଦେଖିଛନ୍ତି ଶକ୍ତି-ସାମର୍ଥ୍ୟ, ଆତ୍ମନିଷ୍ଠା, ଆତ୍ମନିର୍ଭରତା, ବ୍ରହ୍ମତ୍ୱର ପ୍ରକାଶ – ତାହାହିଁ ସେ ବରଣ କରିନେଇଛନ୍ତି ।

ସେ ଉପନିଷଦର ପୂଜାରୀ – ତାହାର ହେତୁ ହୁଏତ ଏଇ କାରଣରୁ ହୋଇ ନପାରେ ଯେ ଉପନିଷଦ୍ ଭିତରେହିଁ ଅଧ୍ୟାତ୍ମ-ଜଗତର ସୂକ୍ଷ୍ମ ରହସ୍ୟମାନ ରହିଛି, ବରଂ ଏଇ କାରଣରୁ ହୋଇପାରେ ଯେ ଉପନିଷଦ୍ ହେଉଛି ଶକ୍ତିର ପୁଞ୍ଜ, ଶକ୍ତିର ଅଗ୍ନିକୁଣ୍ଡ ଯାହା ମଣିଷକୁ ବ୍ରହ୍ମତ୍ୱ ଦେଇ ଜଗାଇପାରେ – ଉପନିଷଦହିଁ ଦାରୁଣ ଦୁଃସାହସରେ କହିପାରେ – ''ତତ୍ ତ୍ୱମସି'' ।

ସିଦ୍ଧାନ୍ତରେ ବିବେକାନନ୍ଦ ଯଥେଷ୍ଟ ମାୟାବାଦୀ ହୋଇପାରନ୍ତି, କିନ୍ତୁ ସାଧନାରେ ସେ ଥିଲେ କର୍ମିପୁରୁଷ । ତାଙ୍କ ପାଖରେ ମାୟାବାଦର ଅର୍ଥ ଥିଲା ସେଇ ଦୃଷ୍ଟି, ଯେଉଁଠି କ୍ଷୁଦ୍ରତାର ବନ୍ଧନ ନାହିଁ, ମମତ୍ୱର ପଛପଟୁ ଆକର୍ଷଣ ନାହିଁ, ତହିଁରେ ଏପରି ଏକ ଅସୀମତାର ବୋଧ ରହିଛି ଯାହା କହିଥାଏ : ''ଭିଦ୍ୟତେ ହୃଦୟଗ୍ରନ୍ଥି'' । ଉପନିଷଦ୍ ଦେଇଥାଏ ଏପରି ଏକ ବିପୁଳ ଆନନ୍ତ୍ୟର ଅନୁଭବ, ଯାହା ବଳରେ ବିଶ୍ୱବ୍ରହ୍ମାଣ୍ଡକୁ ଅତି ଅକିଞ୍ଚିତ୍କର ବୋଲି ବୋଧହୁଏ, ସାମାନ୍ୟ କ୍ରୀଡ଼ନକ ରୂପେ, ହସ୍ତାମଳକବତ୍ ବୋଲି ମନେ ହୋଇପାରେ, ଯାହାକୁ ନେଇ ମଣିଷ ଯଥେଚ୍ଛା ଖେଳିପାରେ । ସୁତରାଂ ବିବେକାନନ୍ଦଙ୍କ ନିକଟରେ 'ବ୍ରହ୍ମ' – ଏକାନ୍ତ ଭାବେ ଶଙ୍କରାଚାର୍ଯ୍ୟଙ୍କ 'ବ୍ରହ୍ମ' ନୁହନ୍ତି, ଯିଏ ନିଶ୍ଚଳ, ନିଷ୍କ୍ରିୟ, ଶୂନ୍ୟ, ଅନନ୍ତ ବୋଲି ପ୍ରତିଭାତ ହୁଅନ୍ତି । ବିବେକାନନ୍ଦ ବ୍ରହ୍ମଙ୍କୁ ଦେଖିଛନ୍ତି – ଶକ୍ତିଘନ ରୂପେ, ବ୍ରହ୍ମ ଅର୍ଥ ଜୀବର ଅନ୍ତରାତ୍ମାର ପୂର୍ଣ୍ଣ ମହିମା, ଗରିମା । ବ୍ରହ୍ମଙ୍କର ନିଶ୍ଚଳତାକୁ ପ୍ରଶଂସାର ଚକ୍ଷୁ ଦେଇ ଦେଖିଛନ୍ତି; କାରଣ ସେଇ ନିଶ୍ଚଳତା ହେଉଛି ଆତ୍ମ-ସମାହିତ, ପୂର୍ଣ୍ଣ ଶକ୍ତି । ଶୂନ୍ୟ ଅନନ୍ତକୁ ବି ସେ ଲୋଡ଼ିଛନ୍ତି, କାରଣ ଶୂନ୍ୟ ଅନନ୍ତ ମଧ୍ୟରେ ନିଜକୁ ପ୍ରସାରିତ କରିଦେଲେ ଜୀବ ଅନୁଭବ କରେ ଏକ ଅପରୂପ ଶକ୍ତି ଓ ସାମର୍ଥ୍ୟର ଆବେଗ । ତ୍ୟାଗର ମହିମା ସେ କୀର୍ତ୍ତନ କରିଛନ୍ତି ଶକ୍ତିର ଉତ୍ସ ହିସାବରେ । କିନ୍ତୁ ଅସଲରେ ତାଙ୍କର ଧର୍ମ ଧ୍ୟାନୀର ବା କର୍ମବିମୁଖର ନୁହେଁ । ସେ ଚାହୁଁଥିଲେ ବ୍ରହ୍ମ-ପ୍ରତିଷ୍ଠ କର୍ମ – *Practical Vedanta* ।

ବିବେକାନନ୍ଦ ଭାରତକୁ ଜୀବନର କ୍ଷେତ୍ରରେ ବ୍ରହ୍ମପ୍ରତିଷ୍ଠ କରିଯାଇଛନ୍ତି । ଭାରତର ଯେଉଁ ସନାତନ ଅନ୍ତରାତ୍ମା, ଯେଉଁ ଅଧ୍ୟାତ୍ମ ପୁରୁଷ, ତାହାକୁ ଜାଗ୍ରତ୍ ଭାବେ ସଚଳ-ଜୀବନ୍ତ, ପ୍ରାଣବନ୍ତ କରିଦେଇଛନ୍ତି । ଭାରତର ଜୀବାତ୍ମାରେ ଯେଉଁ ବ୍ରହ୍ମମୟୀ ଶକ୍ତି, ଏଇ ପୁରୁଷସିଂହ ତାହାକୁ ସକ୍ରିୟ କରିଯାଇଛନ୍ତି, ତେବେ ସେଇ ଶକ୍ତିକୁ ବାହ୍ୟ ଜୀବନର ଆୟତନରେ କେମିତି ରୂପାୟଣ କରିବାକୁ ହେବ, କେମିତି ଫଳବତୀ କରିବାକୁ ହେବ, ବ୍ୟବହାରରେ ପୁଙ୍ଖାନୁପୁଙ୍ଖରୂପେ ଶରୀରୀ କରି ରୂପ ଦେବା ପାଇଁ ଯେଉଁ ସୂକ୍ଷ୍ମ ପ୍ରୟୋଗରହସ୍ୟ ଜାଣିବା ଦରକାର, ତାହା ସେ ଦେଇ ଯାଇ ନାହାନ୍ତି ଏବଂ ଏଥିପାଇଁ ତାଙ୍କ ପାଖରେ ପହଞ୍ଚିବା ବା ତାଙ୍କ ପାଖରୁ ଖୋଜିବାକୁ ଗଲେ ତାଙ୍କୁ ଭୁଲ ବୁଝିବା ସାର ହେବ ।

ଜଗତ୍ କ୍ଷେତ୍ରରେ ଭାରତର ବ୍ରତ କ'ଣ, ସେକଥା ବି ସେ ନିର୍ଦ୍ଦେଶ କରିଯାଇଛନ୍ତି । ଜୀବନକୁ ଗଢ଼ି ତୋଳିବାକୁ ହେବ – ବ୍ରହ୍ମଶକ୍ତି ଦ୍ୱାରା । ଆସୁରିକ ଶକ୍ତିପ୍ରଣୋଦିତ ଇଉରୋପରେ ବି ସେଇ କଥାଟି ଉପରେ ସେ ଜୋର୍ ଦେଇଛନ୍ତି ଯେ ସେ ଜାତିସମୂହକୁ ବି ବ୍ରହ୍ମଶକ୍ତି ଦ୍ୱାରା ଉଦ୍ବୁଦ୍ଧ ହେବାକୁ ପଡ଼ିବ । ଭାରତକୁ ପାଇବାକୁ ହେବ ବ୍ରାହ୍ମୀସ୍ଥିତି, ବ୍ରାହ୍ମୀଶକ୍ତି – ଏଇଗୁଡ଼ିକହିଁ ଭାରତର ଅନ୍ତରାତ୍ମାର ବସ୍ତୁ, ଭାରତର ଭାରତତ୍ୱ । ଏଇ ବସ୍ତୁଟିକୁ ରକ୍ଷା କରିବା, ପୋଷଣ କରିବା, ଜଗତ୍ ନିମନ୍ତେ ବଞ୍ଚାଇ ରଖିବା ହେଉଛି ଭାରତର ସ୍ୱଧର୍ମ । ବିବେକାନନ୍ଦ ଯେଉଁ ମାନବଜାତିର ଏକତ୍ୱ ତଥା ସର୍ବଧର୍ମ-ସମନ୍ୱୟର ବାର୍ତ୍ତା ଆଣି ଦେଇଥିଲେ, ତାହାର ମୂଳରେ ବି ଥିଲା ଏଇ ବସ୍ତୁଟି । ଦେଶ-ଦେଶରେ, କାଳକାଳରେ ଧର୍ମର ଆଚାର-ଅନୁଷ୍ଠାନ ଅର୍ଥାତ୍ ବାହ୍ୟରୂପ ଭିନ୍ନ ଭିନ୍ନ, କିନ୍ତୁ ସାଧନାର ଧର୍ମର ଐକ୍ୟ ଯେଉଁଠାରେ, ସାଧନାର ଧର୍ମର ସାର ଯାହା, ଯାହାକୁ ଅବଲମ୍ବନ କରି ବିଶ୍ୱମାନବ ସମାନ ଗୋଟିଏ ଭାବ ନେଇ ଅନୁପ୍ରାଣିତ ହୋଇଉଠିପାରେ – ତାହା ହେଉଛି ଏଇ ସତ୍ୟ – ବ୍ରାହ୍ମୀସ୍ଥିତି ଓ ବ୍ରାହ୍ମୀଶକ୍ତି ।

ଜଗତର ଅନ୍ତରାତ୍ମା ହେଉଛି ଭାରତଶକ୍ତି ଏବଂ ଭାରତ-ଶକ୍ତି ହେଉଛି ବ୍ରହ୍ମମୟୀ ଶକ୍ତି – ଏହାର ଅର୍ଥ ଜୀବର ଶିବତ୍ୱ, ଆତ୍ମ-ସମ୍ବୁଦ୍ଧ ଈଶ୍ୱରତ୍ୱ, ଅନନ୍ତ ସାମର୍ଥ୍ୟ, ମୁକ୍ତ ଅଚଳ- ପ୍ରତିଷ୍ଠ ତପଃତେଜ । ଜଗତର ଧର୍ମକ୍ଷେତ୍ରରେ, କର୍ମକ୍ଷେତ୍ରରେ, ଅତୀତର ମୃତ୍ୟୁ ଓ ଭବିଷ୍ୟତର ନବଜୀବନର ସନ୍ଧିକ୍ଷଣରେ ଗୋଟିଏ ଭାଗବତ ପ୍ରାଣଶକ୍ତିର ଅବତରଣ ହୋଇଛି, ତାହାହିଁ ବିବେକାନନ୍ଦ ।

('ବାଂଗଲାର ପ୍ରାଣ', ରଚନାବଳୀ, ୩ୟ ଖଣ୍ଡରୁ ଗୃହୀତ)

ଅନୁବାଦ : କୃଷ୍ଣାଦେବୀ ✤

ବି. ଦ୍ର. : ଚଳିତ ବର୍ଷ ବିବେକାନନ୍ଦଙ୍କର ୧୫୦ତମ ଜୟନ୍ତୀ ତଥା ନଳିନୀକାନ୍ତ ଗୁପ୍ତଙ୍କର ବି ୧୨୫ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଛି । ଏଠାରେ ଆମେ ନଳିନୀକାନ୍ତଙ୍କ ଦୃଷ୍ଟିରେ ବିବେକାନନ୍ଦଙ୍କର ଜୀବନୀ, ଜଗତ୍ ବକ୍ଷରେ ଓ ଭାରତଭୂମିରେ ତାଙ୍କ ଜନ୍ମର ଭୂମିକା ଆଲୋଚନା କରିଛୁ । ଏଇ ପ୍ରବନ୍ଧର ପ୍ରଥମ ଦୁଇଟି ଅନୁଚ୍ଛେଦ 'ଶ୍ରୀରାମକୃଷ୍ଣ' (ନଳିନୀକାନ୍ତଙ୍କ ରଚିତ) ନିବନ୍ଧରୁ ଗୃହୀତ ହୋଇଛି, ଯେହେତୁ ଶ୍ରୀରାମକୃଷ୍ଣଙ୍କ ସହ ବିବେକାନନ୍ଦ ଅଙ୍ଗାଙ୍ଗିଭାବେ ସମ୍ପୃକ୍ତ ।

ବେଦରହସ୍ୟ - (ପୂର୍ବାର୍ଦ୍ଧ) : ଊନବିଂଶ ଅଧ୍ୟାୟ

# ପିତୃଗଣଙ୍କ ବିଜୟ

## (୨)

## ଶ୍ରୀଅରବିନ୍ଦ

ପରମ ଆନନ୍ଦସ୍ୱରୂପ ଏହି ଅମୃତତ୍ୱକୁ ଦେବତାମାନେ ଉପଭୋଗ କରନ୍ତି ଏବଂ ଏହାଙ୍କ ବିଷୟରେ ବାମଦେବ ଆଗରୁ କହିଛନ୍ତି ଯେ ନିଜ ତ୍ରିଗୁଣ ସପ୍ତ (ଏକୋଇଶି) ଉଲ୍ଲାସଯୁକ୍ତ ପରମ ଆନନ୍ଦ ଏପରି ଏକ ବିଷୟ ଯାହାଙ୍କୁ ଅଗ୍ନି ଯଜ୍ଞ ଦ୍ୱାରା ସାଧନ କରିବେ (୧।୨୦।୭) । କାରଣ ସେ ଆଗକୁ କହୁଛନ୍ତି – ''ଅନ୍ଧକାର ଦୂର ହୋଇଗଲା, ଏହାର ଆଧାର ଦୋହଲି ଯାଇଥିଲା; ସ୍ୱର୍ଗ ଉଜ୍ଜ୍ୱଳତାରେ ଭାସ୍ୱର ହୋଇଉଠିଲା (**ରୋଚତ ଦେ୍ୟୗଃ**, ଯା'ର ଅର୍ଥ ସ୍ୱର୍ର ତିନି ଦୀପ୍ତିମୟ ଲୋକର ଅଭିବ୍ୟକ୍ତି – **ଦିବୋ ରୋଚନାନି**); ଦିବ୍ୟ ଉଷାଙ୍କ ଜ୍ୟୋତି ଊର୍ଦ୍ଧ୍ୱକୁ ଉତ୍‌ଥିତ ହେଲା; ମର୍ତ୍ତ୍ୟମାନଙ୍କ ମଧ୍ୟରେ ଋଜୁ ତଥା କୁଟିଳ ବସ୍ତୁଗୁଡ଼ିକ ଦେଖି ଦେଖି 'ସୂର୍ଯ୍ୟ' 'ସତ୍ୟ'ର ବୃହତ୍ କ୍ଷେତ୍ରମାନଙ୍କରେ ପ୍ରବେଶ କଲେ ।[୧୧] ତତ୍‌ପରେ (ସୂର୍ଯ୍ୟଙ୍କ ଦ୍ୱାରା କୁଟିଳତା ମଧ୍ୟରୁ ଋଜୁତାକୁ, ଅନୃତ ମଧ୍ୟରୁ ସତ୍ୟକୁ ପୃଥକ୍ କରାଯିବା ଫଳରେ) ସେମାନେ ପ୍ରବୃଦ୍ଧ ହୋଇ ନିରୀକ୍ଷଣ କରିବାକୁ ଲାଗିଲେ; ତା'ପରେ ସେମାନେ ନିଜ ମଧ୍ୟରେ ସ୍ୱର୍ଗଭୋଗ୍ୟ ଆନନ୍ଦ ଧାରଣ କଲେ, **ରତ୍ନଂ ଧାରୟନ୍ତ ଦ୍ୟୁଭକ୍ତମ୍** । ହେ ମିତ୍ର, ହେ ବରୁଣ, ଆମର ଏହି ପ୍ରାର୍ଥନା ଯେ, ସମସ୍ତ ଦେବତା ଆମ ସକଳ ଗୃହରେ ଅବସ୍ଥାନ କରନ୍ତୁ, ଆମର ଧୀ ନିମନ୍ତେ ସତ୍ୟର ଆବିର୍ଭାବ ହେଉ'' – **ବିଶ୍ୱେ ବିଶ୍ୱାସୁ ଦୁର୍ଯ୍ୟାସୁ ଦେବା ମିତ୍ର ଧିୟେ ବରୁଣ ସତ୍ୟମ୍ ଅସ୍ତୁ** (ଋକ୍ - ୧୮)[୧୨] । ପରାଶର ଶାକ୍ତ୍ୟ ଅନ୍ୟ ବଚନ ଭଙ୍ଗୀରେ ଯାହା ପ୍ରକାଶ କରିଛନ୍ତି ଏହା ମଧ୍ୟ ସ୍ପଷ୍ଟରୂପେ ସେହି ସମାନ ଭାବନା, ସତ୍ୟର ଚିନ୍ତନ ଓ ପ୍ରବେଗ ଫଳରେ ସମଗ୍ର ଅସ୍ତିତ୍ୱର ବ୍ୟାପ୍ତି ଏବଂ ଆମ ଅସ୍ତିତ୍ୱର ପ୍ରତ୍ୟେକ ଅଂଶରେ ସେହି ଏକହିଁ ଆନନ୍ଦ ଓ ଅମୃତତ୍ୱର ରଚନା ପାଇଁ ସେହି ଭାବନା ଓ ପ୍ରବେଗ ମଧ୍ୟରେ ସର୍ବଦେବ କାର୍ଯ୍ୟରତ ଥା'ନ୍ତି ।

ଏହି ସୂକ୍ତର ଶେଷ ଅଂଶ ଏହିପରି – ''ଯେ ଶୁଦ୍ଧ ଦୀପ୍ତିରେ ପ୍ରଜ୍ୱଳ, ହବିଗୁଡ଼ିକର ଯେ ହୋତା, ଯଜ୍ଞରେ ଯେ ଶ୍ରେଷ୍ଠ, ଯେ ଆମ ସମୀପକୁ ସବୁକିଛି ବହନକରି ଆଣନ୍ତି, ସେହି ଅଗ୍ନିଙ୍କ ଉଦ୍ଦେଶ୍ୟରେ ମୁଁ ଯେପରି ବାକ୍ୟ ଉଚ୍ଚାରଣ କରିପାରେ; ସେ ଜ୍ୟୋତିଃ ଧେନୁମାନଙ୍କ ଶୁଦ୍ଧ ସ୍ତନକୁ ତଥା ଆନନ୍ଦଲତା (ସୋମ)କୁ ଚିପୁଡ଼ି ବିଶୋଧିତ ଖାଦ୍ୟ ନିଷ୍କାସନ କରନ୍ତୁ ଯାହା ଚତୁର୍ଦ୍ଦିଗରେ ପରିଷିକ୍ତହୋଇ ରହିଛି[୧୩] । ସେ ହେଉଛନ୍ତି ଯଜ୍ଞପତି, ସମସ୍ତ ଦେବଙ୍କର ଅନନ୍ତ ସତ୍ତା ତଥା ସମସ୍ତ ମନୁଷ୍ୟଙ୍କର ଅତିଥି; ଜାତବେଦ ଅଗ୍ନି ନିଜ ମଧ୍ୟରେ ଦେବଗଣଙ୍କର ବର୍ଦ୍ଧିଷ୍ଣୁ ଅଭିବ୍ୟକ୍ତିକୁ ଗ୍ରହଣ ପୂର୍ବକ ସୁଖପ୍ରଦାୟକ ହୁଅନ୍ତୁ'' (ଋକ୍ - ୨୦)[୧୪] ।

ଚତୁର୍ଥ ମଣ୍ଡଳର ଦ୍ୱିତୀୟ ସୂକ୍ତରେ ଅତ୍ୟନ୍ତ ସ୍ପଷ୍ଟ ଓ ବ୍ୟଞ୍ଜନାତ୍ମକଭାବେ ଦିବ୍ୟ ଅଙ୍ଗିରସଗଣ ଏବଂ ମାନବ ପିତୃଗଣ ଯେ ସପ୍ତଋଷିଙ୍କ ସହ ସମାନ ସେ ବିଷୟ ବର୍ଣ୍ଣନା କରାଯାଇଛି । ଏହି ସୂକ୍ତର ପ୍ରଥମ ଚାରି ଋକ୍‌ରେ, ୪।୨।୧୧-୧୪, ମାନବ ଦ୍ୱାରା ସତ୍ୟ ଓ ଆନନ୍ଦର ଅନ୍ୱେଷଣ ସମ୍ପର୍କରେ ଏକ ଧାରଣା

---

(୧୧) ନେଶତ୍ ତମୋ ଦୁଧିତଂ ରୋଚତ ଦେ୍ୟାରୁତ୍ ଦେବ୍ୟା ଉଷସୋ ଭାନୁରର୍ତ୍ତ ।
ଆ ସୂର୍ଯ୍ୟୋ ବୃହତସ୍ତିଷ୍ଠଦଜ୍ରାଁ ଋଜୁ ମର୍ତ୍ତେଷୁ ବୃଜିନା ଚ ପଶ୍ୟନ୍ ॥ (ଋ-୪।୧।୧୭)

(୧୨) ଆଦିତ୍ ପଶ୍ଚା ବୁବୁଧାନା ବ୍ୟଖ୍ୟନ୍ନାଦିଦ୍ ରତ୍ନଂ ଧାରୟନ୍ତ ଦ୍ୟୁଭକ୍ତମ୍ ।
ବିଶ୍ୱେ ବିଶ୍ୱାସୁ ଦୁର୍ଯ୍ୟାସୁ ଦେବା ମିତ୍ର ଧିୟେ ବରୁଣ ସତ୍ୟମସ୍ତୁ ॥ (ଋ-୪।୧।୧୮)

(୧୩) ଅଚ୍ଛା ବୋଚେୟ ଶୁଶୁଚାନମଗ୍ନିଂ ହୋତାରଂ ବିଶ୍ୱଭରସଂ ଯଜିଷ୍ଠମ୍ ।
ଶୁଚ୍ୟୁଧୋ ଅତୃଣନ୍ନ ଗବାମନ୍ଧୋ ନ ପୂତଂ ପରିଷିକ୍ତମଂଶୋଃ ॥ (ଋ-୪।୧।୧୯)

(୧୪) ବିଶ୍ୱେଷାମଦିତିର୍ଯଜ୍ଞିୟାନାଂ ବିଶ୍ୱେଷାମତିଥିର୍ମାନୁଷାଣାମ୍ ।
ଅଗ୍ନିର୍ଦେବାନାମବ ଆବୃଣାନଃ ସୁମୃଳୀକୋ ଭବତୁ ଜାତବେଦାଃ ॥ (ଋ-୪।୧।୨୦)

ଦିଆଯାଇଛି । ''ଜ୍ଞାନ ଓ ଅଜ୍ଞାନ ମଧ୍ୟରେ ପାର୍ଥକ୍ୟକୁ ଏହି ଜ୍ଞାତା ପୂର୍ଣ୍ଣରୂପେ ବିବେଚନା କରନ୍ତୁ; ହେ ଦେବ, ସନ୍ତାନଠାରେ ଫଳଦାୟକ ଆନନ୍ଦ ନିମନ୍ତେ ଆମ ଉପରେ ପ୍ରଚୁର ପରିମାଣରେ 'ଦିତି'ଙ୍କୁ ଢାଳିଦିଅ ଏବଂ 'ଅଦିତି'ଙ୍କୁ ରକ୍ଷାକର (୧୧)[୧୫] । ଏହି ଏକାଦଶ ଋକ୍‌ଟି ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ଏଠାରେ ଆମେ ବେଦାନ୍ତବିଖ୍ୟାତ ଜ୍ଞାନ-ଅଜ୍ଞାନର ବିରୋଧିତା ଦେଖିବାକୁ ପାଉ; ବେଦରେ ପୁନଃ ପୁନଃ ଉଲ୍ଲେଖ କରାଯାଇଥିବା ଜ୍ଞାନ ଯାହାକି ବିସ୍ତୃତ ମୁକ୍ତ ସମପୃଷ୍ଠ ସଦୃଶ, ଜ୍ଞାନସାଧକମାନେ ଏହି ବିରାଟ ପୃଷ୍ଠକୁ ଉତ୍ତରଣ କରନ୍ତି ତଥା ଏଠାରେ ଆମ୍ଭାନନ୍ଦରେ ସନ୍ନିବିଷ୍ଟ ଅଗ୍ନିଙ୍କୁ ଆସୀନ ଥିବାର ଦେଖନ୍ତି (୫।୭।୫); ସେହି ପ୍ରଶସ୍ତ ସତ୍ତାକୁ ସେମାନେ ନିଜ ଶରୀର ପାଇଁ ପ୍ରସ୍ତୁତ କରନ୍ତି (୫।୪।୬), ଏହାହିଁ ସେହି ସମପୃଷ୍ଠ ବ୍ୟାପ୍ତି, **ଅନିବାଧ ବୃହତ୍** । ସୁତରାଂ ଦେବଗଣଙ୍କର ଏହି ଅନନ୍ତ ସତ୍ତା ମଧ୍ୟରେ ଥିବା 'ସତ୍ୟ' ଲୋକରେ ଆମେ ଉପନୀତ ହେଉ, ଏବଂ ଏଠାରେ ଅଦିତି ମାତାଙ୍କର ତ୍ରିସପ୍ତ ପରମ ଆସନ ଅବସ୍ଥିତ, 'ଅନନ୍ତ' ମଧ୍ୟରେ ଅଗ୍ନିଙ୍କର ତିନି ପରମ ଜନ୍ମର ଏହାହିଁ ସ୍ଥାନ – **ଅନନ୍ତେ ଅନ୍ତଃ** (୪।୧।୭) । ଅନ୍ୟ ପକ୍ଷରେ କୁଟିଳ ବା ଅସମାନ ସ୍ତରକୁ[୧୬] ଅବିଦ୍ୟା ସହ ସମାନ ବୋଲି କୁହାଯାଇଛି, ଏହା ମର୍ତ୍ତ୍ୟମାନଙ୍କୁ ଆବଦ୍ଧ କରି ରଖେ, ତେଣୁ ଏହା ସୀମିତ, ବିଭକ୍ତ ମର୍ତ୍ତ୍ୟ-ଅସ୍ତିତ୍ୱ । ଏତଦ୍ ବ୍ୟତୀତ ଏହା ସ୍ପଷ୍ଟ ଯେ ପରବର୍ତ୍ତୀ ମନ୍ତ୍ରାର୍ଦ୍ଧରେ 'ଦିତି' ହେଉଛନ୍ତି ଅବିଦ୍ୟା ଓ 'ଅଦିତି' ବିଦ୍ୟା – ଦିତି ଚ ରାସ୍ୱ ଅଦିତିମ୍ ଉରୁଷ୍ୟ । 'ଦିତି' କୁ 'ଦନୁ' ମଧ୍ୟ କୁହାଯାଏ, ଏହାର ଅର୍ଥ ହେଲା ବିଭାଜନ ତଥା ବାଧକ ଶକ୍ତିଗଣ ଅଥବା ବୃତ୍ର-ଗଣ ହେଉଛନ୍ତି ତାଙ୍କ ସନ୍ତାନ, ଯଥା ଦନୁ, ଦାନବ, ଦୈତ୍ୟଗଣ ପ୍ରଭୃତି, ଏପରି ସ୍ଥଳେ 'ଅଦିତି' ହେଉଛନ୍ତି ଅନନ୍ତ ଅସ୍ତିତ୍ୱ ତଥା ଦେବଗଣଙ୍କର ମାତା । ଋଷିଙ୍କର କାମନା ହେଉଛି – ସନ୍ତାନ ମଧ୍ୟରେ ସିଦ୍ଧ ଆନନ୍ଦ, ଅର୍ଥାତ୍ ଦିବ୍ୟକର୍ମ ତଥା ସେଗୁଡ଼ିକର ଫଳ ମଧ୍ୟରେ ଥିବା ଆନନ୍ଦ ଏବଂ ଆମର ବିଭକ୍ତ ମର୍ତ୍ତ୍ୟସତ୍ତା ଯେଉଁସବୁ ସମ୍ପଦ ଧାରଣ କରିଛି କିନ୍ତୁ ବୃତ୍ର ଓ ପଣିମାନେ ଆମଠାରୁ ଯାହାକୁ ଅବରୋଧକରି ରଖିଛନ୍ତି ସେସବୁକୁ ଜୟକରିବା ଫଳରେ ଏବଂ ସେସବୁକୁ ଆମ ଅନନ୍ତ ଦିବ୍ୟସତ୍ତା ମଧ୍ୟରେ ଧାରଣକରିବା ଦ୍ୱାରାହିଁ ଏହା ଫଳପ୍ରସୂ ହେବେ । ଏହି ଐଶ୍ୱର୍ଯ୍ୟକୁ ଆମକୁ ଆମର ମାନବୀୟ ଅସ୍ତିତ୍ୱର ସାଧାରଣ ପ୍ରବୃତ୍ତିଠାରୁ ତଥା 'ଦନୁ' ବା ଦିତିଙ୍କ ସନ୍ତାନମାନଙ୍କ ଅଧୀନତାରୁ ରକ୍ଷାକରି ଆମ ମଧ୍ୟରେ ଧାରଣ କରିବାକୁ ହେବ । ଈଶୋପନିଷଦରେ ଯେପରି କୁହାଯାଇଛି, ଏକହିଁ ବ୍ରହ୍ମ ମଧ୍ୟରେ ବିଦ୍ୟା ଓ ଅବିଦ୍ୟା, ଐକ୍ୟ ଓ ବହୁତ୍ୱ ଉପଲବ୍ଧି କରିବାର ତଥା ଅମୃତତ୍ୱଲାଭର ଏକ ସର୍ତ୍ତ, ଉପନିଷଦର ଏହି ଉକ୍ତି ସହିତ ବେଦର ଭାବନା ଯେ ଅଭିନ୍ନ, ଏ ବିଷୟ ସ୍ପଷ୍ଟ ହୋଇ ଉଠିଛି ।[୧୭]

ବର୍ତ୍ତମାନ ଆମେ ସପ୍ତ ଦିବ୍ୟଋଷିଙ୍କ ବିଷୟକୁ ଆସିବା । ''ଅପରାଜିତ ଦ୍ରଷ୍ଟାମାନେ କବିଙ୍କୁ (ଅଗ୍ନିଦେବଙ୍କୁ) ମାନବସତ୍ତାର ଗୃହ ମଧ୍ୟରେ ଧାରଣକରି ତାଙ୍କୁ କହିଲେ; ''ହେ ଅଗ୍ନି, ସେହିଠାରୁ (ଶରୀରଧାରୀ ମାନବ ସତ୍ତାଙ୍କଠାରୁ) ତୁମେ କର୍ମରେ ପ୍ରେରିତ ହୋଇ (ଅର୍ଯ୍ୟଃ), ଅଗ୍ରଗାମୀ ଗତି ଦ୍ୱାରା ଏମାନଙ୍କୁ, ଏହି ବିଶ୍ୱାତୀତ ସତ୍ତାମାନଙ୍କୁ (ଦେବଙ୍କ ଦେବତ୍ୱମାନଙ୍କୁ) ଦେଖ, ଯେଉଁମାନଙ୍କ ଦର୍ଶନ ତୁମର କରଣୀୟ'' :

**କବିଂ ଶଶାସୁଃ କବୟୋଽଦବ୍ଧାଃ**
**ନିଧାରୟନ୍ତୋ ଦୁର୍ୟାସ୍ୱାୟୋଃ ।**
**ଅତସ୍ତ୍ୱଂ ଦୃଶ୍ୟାଁ ଅଗ୍ନ ଏତାନ୍**
**ପଡ୍‌ଭିଃ ପଶ୍ୟେରଦ୍‌ଭୁତାଁ ଅର୍ୟ ଏବୈଃ ॥**
(୪।୨।୧୨)

ପୁଣି ସେହି ଦେବତାଙ୍କ ଦୃଷ୍ଟି ଅଭିମୁଖରେ ଯାତ୍ରାର କଥା କୁହାଯାଇଛି – ''ହେ ଯୁବତମ ଶକ୍ତି ଅଗ୍ନି, ବାଣୀଗାୟକମାନଙ୍କ

---

(୧୫) **ଚିତ୍ତିମଚିତ୍ତିଂ ଚିନବଦ୍ ବି ବିଦ୍ୱାନ୍ ପୃଷ୍ଠେବ ବୀତା ବୃଜିନା ଚ ମର୍ତାନ୍ ।**
**ରାୟେ ଚ ନଃ ସ୍ୱପତ୍ୟାୟ ଦେବ ଦିତିଂ ଚ ରାସ୍ୱାଦିତିମୁରୁଷ୍ୟ ॥** (ଋ-୪।୨।୧୧)

(୧୬) **ଚିତ୍ତିମଚିତ୍ତିଂ ଚିନବଦ୍ ବି ବିଦ୍ୱାନ୍ ପୃଷ୍ଠେବ ବୀତା ବୃଜିନା ଚ ମର୍ତାନ୍ ।** 'ବୃଜିନା' ଅର୍ଥ କୁଟିଳ, ସତ୍ୟର ଉନ୍ମୁକ୍ତ ଋଜୁତାକୁ ବିରୋଧ କରୁଥିବା ମିଥ୍ୟାର କୁଟିଳତାକୁ ସୂଚିତ କରିବା ପାଇଁ ବେଦରେ ଏହା ବ୍ୟବହୃତ, କିନ୍ତୁ କବିଙ୍କ ମନରେ ସ୍ପଷ୍ଟରୂପେ ରହିଛି 'ବୃଜ୍'ର ପୃଥକ୍ କରିବା ତଥା ପରଦାପକାଇ ଅଲଗା କରିଦେବା ଭଳି ଧାତୁଗତ ଅର୍ଥ, ଏବଂ ଏହି ଧାତୁଗତ ଅର୍ଥହିଁ 'ମର୍ତାନ୍' ପଦଟିର ବିଶେଷଣ ।

(୧୭) **ବିଦ୍ୟାଞ୍ଚାବିଦ୍ୟାଞ୍ଚ ଯସ୍ତଦ୍ ବେଦୋଭୟଂ ସହ ।**
**ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ୱା ବିଦ୍ୟୟାମୃତମଶ୍ନୁତେ ॥** (ଈଶୋପନିଷଦ୍, ୧୧)

ନିମନ୍ତେ, ସୋମନିବେଦକଙ୍କ ନିମନ୍ତେ ଓ ଯଜ୍ଞ-ଆୟୋଜକଙ୍କ ନିମନ୍ତେ ତୁମେ (ଯାତ୍ରାପଥରେ) ତା'ର ଶ୍ରେଷ୍ଠ ପଥପ୍ରଦର୍ଶକ ! ଦୀପ୍ତ କର୍ମସାଧକକୁ ବା କର୍ମସାଧକ ମନୁଷ୍ୟକୁ (ଚର୍ଷଣିପ୍ରାଃ) ତୃପ୍ତକରିବା ସହିତ ତା'ର ବୃଦ୍ଧି ନିମନ୍ତେ ବିପୁଳ ସୁଖଯୁକ୍ତ ଆନନ୍ଦ ଆନୟନ କର (୧୩)[୧୮] । ହେ ଅଗ୍ନି ! ଆମେ ହସ୍ତ, ପାଦ ଓ ଶରୀର ଦ୍ୱାରା ଯେଉଁ କାର୍ଯ୍ୟଗୁଡ଼ିକୁ କରୁଛୁ ଏବେ ତାକୁ ନେଇ ଯଥାର୍ଥ ଚିନ୍ତନଶୀଳମାନେ (ଅଙ୍ଗିରସମାନେ) ନିଜ ଦୁଇ ହସ୍ତର (ସ୍ୱର୍ଗ ଓ ପୃଥିବୀର – **ଭୂରିଜୋଃ**) କର୍ମ ଦ୍ୱାରା ତୁମ ରଥ ନିର୍ମାଣ କରନ୍ତୁ; 'ଋତ'ଲାଭ ଉଦ୍ଦେଶ୍ୟରେ ସେମାନେ ଏହି ଦିଗରେ ସେମାନଙ୍କ ପଥ ନିର୍ମାଣ କରିଛନ୍ତି (ବା, ଏହାର ନିୟନ୍ତ୍ରଣକୁ ହାସଲ କରିଛନ୍ତି)'' – **ଋତଂ ଯେମୁଃ ସୁଧ ଆଶୁଷାଣାଃ** (୧୪)[୧୯] । ''ଉଷାମାତାଙ୍କର ସପ୍ତ ବିପ୍ରଙ୍କ ପରି (ଯଜ୍ଞର) ପରମ ବିଧାତା ରୂପେ ଆମେ ସ୍ୱୟଂ ଯେପରି ଆମ ପାଇଁ ଦେବତାରୂପେ ଜନ୍ମଗ୍ରହଣ କରୁ; ଆମେ ଦିବସ୍ପୁତ୍ର ଅଙ୍ଗିରସରେ ପରିଣତ ହେଉ, ଶୁଦ୍ଧତାରେ ପ୍ରଦୀପ୍ତ ହୋଇ ଆମେ ଧନପୂର୍ଣ୍ଣ ଅଦ୍ରିକୁ ବିଦୀର୍ଣ୍ଣ କରୁ''(୧୫)[୨୦] । ଏଠାରେ ଅତି ସ୍ପଷ୍ଟରୂପେ ଆମେ ଦେଖୁ ଯେ ସପ୍ତ ଦିବ୍ୟ ଋଷି ବିଶ୍ୱଯଜ୍ଞର ପରମ ବିଧାୟକ ଅଟନ୍ତି ଏବଂ ମନୁଷ୍ୟ ଏହି ସପ୍ତଋଷି ''ହୋଇଉଠିବା''ର ଯେଉଁ ଅବଧାରଣା ରହିଛି ତା'ର ଅର୍ଥ ହେଲା ସେ (ମନୁଷ୍ୟ) ସେମାନଙ୍କୁ ନିଜ ମଧ୍ୟରେ ଗଠନକରେ, ସେମାନେ ପ୍ରକୃତରେ ଯାହା ତା'ର ଅନୁରୂପ ସତ୍ତାରୂପେ ସେ ନିଜେ ବିକାଶଲାଭ କରେ, ଠିକ୍ ଯେପରି ସେ ସ୍ୱୟଂ 'ସ୍ୱର୍ଗ', 'ପୃଥିବୀ' ଓ ଅନ୍ୟ ନାନାଦେବତା ହୋଇଉଠେ କିଂବା ଅନ୍ୟଭାବରେ କହିଲେ ନିଜ ସତ୍ତା ମଧ୍ୟରେ ଦିବ୍ୟଜନ୍ମ ଲାଭକରେ ବା ନିର୍ମାଣ କରେ ବା ସେହି ରୂପଧାରଣ କରେ (ଜନ୍, କୃ, ତନ୍) ।

ଏହି ମହାନ୍ ଉତ୍ପତ୍ତି ଓ କର୍ମସିଦ୍ଧିର ଲକ୍ଷ୍ୟକୁ ପ୍ରାପ୍ତ ହେବାର ଆଦିମ ଆଦର୍ଶରୂପେ ମାନବ ପିତୃମାନଙ୍କ ଦୃଷ୍ଟାନ୍ତ ପରେ କୁହାଯାଇଛି । ''ହେ ଅଗ୍ନି, ଠିକ୍ ଯେପରି ଆମର ପରମ ପ୍ରାଚୀନ ପିତୃଗଣ ସତ୍ୟଲାଭର ଅଭୀପ୍ସା ସହ ବାଣୀ ପ୍ରକାଶ କରି, ଶୁଦ୍ଧତା ଓ ଜ୍ୟୋତିଃ ମଧ୍ୟକୁ ଯାତ୍ରା କରିଥିଲେ; ସେମାନେ ପୃଥିବୀକୁ (ଜଡ଼ୀୟ ସତ୍ତାକୁ) ବିଦୀର୍ଣ୍ଣ କରି ଅରୁଣବର୍ଣ୍ଣା (ଉଷା ଓ ଗୋ) ମାନଙ୍କୁ ଅନାବୃତ କରିଥିଲେ; କର୍ମ ଓ ଜ୍ୟୋତିଃରେ ପରିପୂର୍ଣ୍ଣ ହୋଇ, ଦେବତ୍ୱର ଓ ଦେବଗଣଙ୍କ ଅନ୍ୱେଷଣ କରି, ଲୌହତୁଲ୍ୟ 'ଜନ୍ମ'ମାନ ନିର୍ମାଣ କରି (ଅଥବା, ଦିବ୍ୟ ଜନ୍ମଗୁଡ଼ିକୁ ଲୌହତୁଲ୍ୟ ଗଠନ କରି), ଅଗ୍ନିଙ୍କୁ ଶୁଦ୍ଧ ଶିଖାସମ୍ପନ୍ନ କରି, ଇନ୍ଦ୍ରଙ୍କୁ ବୃଦ୍ଧି କରି ସେମାନେ ଜ୍ୟୋତିଃର (ଗୋ ସମୂହର, **ଗବ୍ୟମ୍ ଉର୍ବମ୍**) ପ୍ରଶସ୍ତତାରେ ଯେପରି ଉପନୀତ ହୋଇଥିଲେ ଓ ତାହା ଲାଭ କରିଥିଲେ ଏବେ ମଧ୍ୟ ସେହିପରି (ଋକ୍-୧୬, ୧୭)[୨୧] । ହେ ଶକ୍ତିଶାଳୀ ପୁରୁଷ, ସମୃଦ୍ଧିର କ୍ଷେତ୍ର ମଧ୍ୟରେ ଗୋଯୂଥ ପରି ଅନ୍ତର ମଧ୍ୟରେ ଦେବଙ୍କର ଏହି ଜନ୍ମ ପ୍ରତ୍ୟକ୍ଷ ହୋଇଥିଲା; ସେ ଦୁହେଁ ମର୍ତ୍ତ୍ୟମାନଙ୍କର ବିଶାଳ ଭୋଗ (ବା, ଇଚ୍ଛା) ସାଧନ କରିଥିଲେ ଏବଂ ଉଚ୍ଚତର ସତ୍ତାର ବୃଦ୍ଧି ନିମନ୍ତେ ଆସ୍ପୃହାବାନ୍ ପୁରୁଷ ଭଳି ମଧ୍ୟ କାର୍ଯ୍ୟ କରିଥିଲେ ।'' –

**ଆ ଯୂଥେବ କ୍ଷୁମତି ପଶ୍ୱୋ**
**ଅଖ୍ୟଦ୍ଦେବାନାଂ ଯଜ୍ଜନିମାନ୍ତ୍ୟୁଗ୍ର ।**
**ମର୍ତାନାଂ ଚିଦୁର୍ବଶୀରକୃପ୍ରନ୍,**
**ବୃଧେ ଚିଦର୍ୟ୍ୟ ଉପରସ୍ୟାୟୋଃ ॥**
(ଋ-୪।୨।୧୮)

---

(୧୮) **ତ୍ୱମଗ୍ନେ ବାଘତେ ସୁପ୍ରଣୀତିଃ ସୁତସୋମାୟ ବିଧତେ ଯବିଷ୍ଠ ।**
**ରତ୍ନଂ ଭର ଶଶମାନାୟ ଘୃଷ୍ୱେ ପୃଥୁଶ୍ଚନ୍ଦ୍ରମବସେ ଚର୍ଷଣିପ୍ରାଃ ॥** (ଋ-୪।୨।୧୩)

(୧୯) **ଅଧା ହ ଯଦ୍ ବୟମଗ୍ନେ ତ୍ୱାୟା ଷଡ୍ଭିର୍ହସ୍ତେଭିଶ୍ଚକୃମା ତନୂଭିଃ ।**
**ରଥଂ ନ କ୍ରନ୍ତୋ ଅପସା ଭୁରିଜୋର୍ଋତଂ ଯେମୁଃ ସୁଧ ଆଶୁଷାଣାଃ ॥** (ଋ-୪।୨।୧୪)

(୨୦) **ଅଧା ମାତୁରୁଷସଃ ସପ୍ତ ବିପ୍ରା ଜାୟେମହି ପ୍ରଥମା ବେଧସୋ ନୃନ୍ ।**
**ଦିବସ୍ପୁତ୍ରା ଅଙ୍ଗିରସୋ ଭବେମାଽଦ୍ରିଂ ରୁଜେମ ଧନିନଂ ଶୁଚନ୍ତଃ ॥** (ଋ-୪।୨।୧୫)

(୨୧) **ଅଧା ଯଥା ନଃ ପିତରଃ ପରାସଃ ପ୍ରତ୍ନାସୋ ଅଗ୍ନ ଋତମାଶୁଷାଣାଃ ।**
**ଶୁଚୀଦୟନ୍ ଦୀଧିତିମୁକ୍ଥଶାସଃ କ୍ଷାମା ଭିନ୍ଦନ୍ତୋ ଅରୁଣୀରପ ବ୍ରନ୍ ॥**
**ସୁକର୍ମାଣଃ ସୁରୁଚୋ ଦେବୟନ୍ତୋଽୟୋ ନ ଦେବା ଜନିମା ଧମନ୍ତଃ ।**
**ଶୁଚନ୍ତୋ ଅଗ୍ନିଂ ବବୃଧନ୍ତ ଇନ୍ଦ୍ରମୂର୍ବଂ ଗବ୍ୟଂ ପରି ଷଦନ୍ତୋ ଅଗ୍ମନ୍ ॥** (ଋ-୪।୨।୧୬-୧୭)

ଏଥିରୁ ସ୍ପଷ୍ଟ ଜଣାଯାଏ, ଅନ୍ୟଭାବରେ ହେଲେ ମଧ୍ୟ ଏହା 'ଦିତି'ଙ୍କ ଧନସମୂହ ଲାଭକରିବା ସହ 'ଅଦିତି'ଙ୍କୁ ସୁରକ୍ଷା ଦେବା – ଏହି ଉଭୟ ଭାବନାର ପୁନରୁକ୍ତି । ''ଆମେ ତୁମ ପାଇଁ କର୍ମ କରିଛୁ, ଆମେ କର୍ମରେ ପୂର୍ଣ୍ଣତା ଲାଭକରିଛୁ, ବିଭାମୟୀ ଉଷାମାନେ ଋତ ମଧ୍ୟରେ (ବା, ଋତର ପରିଚ୍ଛଦରେ ଭୂଷିତ) ହୋଇଛନ୍ତି, ଅଗ୍ନିଙ୍କ ପୂର୍ଣ୍ଣତା ତଥା ତାଙ୍କର ବହୁବିଧ ଆନନ୍ଦ ମଧ୍ୟରେ, ସମସ୍ତ ଉଜ୍ଜ୍ୱଳତାଯୁକ୍ତ ଦୀପ୍ତିମୟ ଦେବ-ଚକ୍ଷୁ ମଧ୍ୟରେ ବାସଗ୍ରହଣ କରିଛନ୍ତି (ଋକ୍-୧୯)[୨୨] ।

ଅଙ୍ଗିରସମାନଙ୍କ କଥା ପୁଣି ୪।୩।୧୧ ଋକ୍‌ରେ ଉଲ୍ଲେଖ କରାଯାଇଛି, ଏବଂ ଏହି ଋକ୍‌ର ମୁଖ୍ୟସ୍ଥାନୀୟ କେତେକ ବିଷୟ ଯାହା ଏହି ଋକ୍‌ଯାଏ ଆମକୁ ନେଇଆସେ ତାହା ଏଠାରେ ଆଲୋଚ୍ୟ ବିଷୟ; କାରଣ ଏକଥା ବାରଂବାର କହିବାରେ ଦୋଷ ନାହିଁ ଯେ ଯଦି ଋକ୍‌କୁ ପୂର୍ବାପର ପ୍ରସଙ୍ଗ ଅନୁସାରେ ଦେଖା ନ ଯାଏ, ସୂକ୍ତଟିର ପରିକଳ୍ପନା ମଧ୍ୟରେ ଏହାର ସ୍ଥାନ କେଉଁଠି, ଏହାର ପୂର୍ବେ ଓ ପରେ କ'ଣ କୁହାଯାଇଛି, ଏସବୁକୁ ଯଦି ଜଣା ନ ଯାଏ ତେବେ ତା'ର ଅର୍ଥ ଯଥାର୍ଥରୂପେ ବୋଧଗମ୍ୟ ହୁଏ ନାହିଁ । ସୂକ୍ତଟିର ଆରମ୍ଭରେ ମନୁଷ୍ୟମାନଙ୍କ ପ୍ରତି ଏକ ଆହ୍ୱାନ ଦିଆଯାଇ କୁହାଯାଇଛି ଯେ, ଅବିଦ୍ୟା ନିଜକୁ ଗଠନକରିବା ପୂର୍ବରୁ, **ପୁରା ତନୟିତ୍ନୋରଚିତ୍ତାତ୍** (୪।୩।୧), ସତ୍ୟରେ ଯଜ୍ଞକାରୀ (ସତ୍ୟଯଜ୍ଞମ୍) 'ଅଗ୍ନି'ଙ୍କୁ ସେମାନେ ସ୍ୱର୍ଣ୍ଣାଭ ସ୍ୱରୂପରେ ରଚନା କରନ୍ତୁ (**ହିରଣ୍ୟରୂପମ୍**, ହିରଣ୍ୟ, ସ୍ୱର୍ଣ୍ଣ, ସର୍ବଦା ସତ୍ୟ-ସୌର-ଜ୍ୟୋତିଃର ପ୍ରତୀକ, **ଋତଂ ଜ୍ୟୋତିଃ**) । ମନୁଷ୍ୟର କାର୍ଯ୍ୟରେ ଏବଂ ତା ନିଜ ମଧ୍ୟରେ ଥିବା 'ସତ୍ୟ'ରେ ପ୍ରବୁଦ୍ଧ ହେବା ପାଇଁ ଏହି ଦେବଙ୍କୁ ପ୍ରାର୍ଥନା କରାଯାଏ, ''ସତ୍ୟଚେତନ ସେ ସ୍ୱୟଂ ଧୀକୁ ଯଥାର୍ଥରୂପେ ସ୍ଥାପନ କରନ୍ତି'' – **ଋତସ୍ୟ ବୋଧ୍ ଋତଚିତ୍ ସ୍ୱାଧୀଃ** (୪।୩।୪), କାରଣ, ସତ୍ୟର ଅନିୟମିତ ଉପସ୍ଥାପନହିଁ ହେଉଛି ସକଳ ଅନୃତ । ମନୁଷ୍ୟ-ଅନ୍ତରର ସମସ୍ତ ଦୋଷ, ପାପ ଓ ତ୍ରୁଟିକୁ ବିଭିନ୍ନ ଦେବଙ୍କ ବା ଭାଗବତ ପୁରୁଷଙ୍କ ଦିବ୍ୟଶକ୍ତିମାନଙ୍କ ନିକଟକୁ ନେଇଆସି ତାଙ୍କୁ (ଅଗ୍ନିଙ୍କୁ) ନିବେଦନ କରିବାକୁ ହୁଏ ଯାହା ଫଳରେ ସେସବୁକୁ ଦୂର କରାଯାଇପାରେ ଏବଂ ଶେଷରେ ମନୁଷ୍ୟ ଅସୀମା ମାତାଙ୍କ ନିକଟରେ ନିର୍ଦ୍ଦୋଷ ବିବେଚିତ ହୋଇପାରେ – **ଅଦିତୟେ ଅନାଗସଃ** (୧।୨୪।୧୫), କିଂବା ଅନ୍ୟତ୍ର କୁହାଯାଉଥିବା ଉକ୍ତି ଅନୁସାରେ 'ଅଦିତୟେ' ଅର୍ଥ ଅନନ୍ତ ଅସ୍ତିତ୍ୱ ନିମନ୍ତେ ପ୍ରସ୍ତୁତ ହୋଇପାରେ ।

ତା'ପରେ ନବମ ଓ ଦଶମ ଋକ୍‌ରେ ମାନବ ଓ ଦିବ୍ୟ ଅସ୍ତିତ୍ୱ ବା 'ଦିତି' ଓ 'ଅଦିତି'ଙ୍କ ଏକତ୍ର ସମାବେଶ ବିଷୟକ ଧାରଣା ନାନା ସୂତ୍ରରେ ବ୍ୟକ୍ତ ହୋଇଛି, 'ଅଦିତି'ସ୍ୱୟଂ ନିଜକୁ ପ୍ଲାବିତ କରିଦେଇ 'ଦିତି'କୁ ସ୍ଥାପନ, ନିୟନ୍ତ୍ରଣ ଓ ପରିପୂରଣ କରନ୍ତି । ''ଋତ ଦ୍ୱାରା ନିୟନ୍ତ୍ରିତ ଋତକୁ (ଅର୍ଥାତ୍, ଦିବ୍ୟସତ୍ୟ ଦ୍ୱାରା ନିୟନ୍ତ୍ରିତ ମାନୁଷ ସତ୍ୟକୁ) ମୁଁ କାମନା କରୁଛି, ସେହି 'ଗୋ'-ର ପରିପକ୍ୱ ବିଷୟସମୂହ ଓ ତା'ର ପକ୍ୱ ମଧୁମୟ ରସ ଏକତ୍ର (ପୁନଶ୍ଚ, ଅପୂର୍ଣ୍ଣ ମାନବୀୟ ଫଳ ଏବଂ ବିଶ୍ୱଜନୀନ ଚେତନା ଓ ଅସ୍ତିତ୍ୱର ପୂର୍ଣ୍ଣ ଆନନ୍ଦମୟ ଦିବ୍ୟଫଳ) ମୁଁ କାମନା କରୁଛି; ସେହି ଗୋ କୃଷ୍ଣବର୍ଣ୍ଣା ହୋଇଥିବାରୁ (କୃଷ୍ଣା ଏବଂ ବିଭକ୍ତ ଅସ୍ତିତ୍ୱ 'ଦିତି') ତାହା ଆଧାରର ଦୀପ୍ତିମୟ ଜଳ ବା ସହଚର ସ୍ରୋତସମୂହର ଜଳ ଦ୍ୱାରା (**ଜାମର୍ୟେଣ ପୟସା**) ପରିପୁଷ୍ଟ ହୋଇଛି ।[୨୩] '**ବୃଷଭ**' ତଥା 'ପୁରୁଷ' ଅଗ୍ନିଦେବ 'ଋତ'ଦ୍ୱାରା ଏହାର ପୃଷ୍ଠଭୂମିଗୁଡ଼ିକର ଜଳ ଦ୍ୱାରା ସିକ୍ତ ହୋଇ ଅକମ୍ପିତଭାବେ ତଥା ବ୍ୟାପ୍ତି (ପ୍ରଶସ୍ତ ଦେଶ ବା ଅଭିବ୍ୟକ୍ତି) ପ୍ରତିଷ୍ଠା କରି ବିଚରଣ କରୁଛନ୍ତି; ବିଚିତ୍ର ବର୍ଣ୍ଣର 'ବୃଷଭ' ଶୁଦ୍ଧ ଉଜ୍ଜ୍ୱଳ ପହ୍ନାରୁ ଦୁଗ୍ଧ ଦୋହନ କରୁଛନ୍ତି ।''[୨୪] ମୂଳ-ଉତ୍ସ, ଧାମ, ମୂଳଭିତ୍ତି ସ୍ୱରୂପ ସେହି ପରମ ପୁରୁଷଙ୍କର ଦୀପ୍ତ ଶୁଭ୍ର ଶୁଦ୍ଧତା ଏବଂ ନିମ୍ନସ୍ଥ ତ୍ରିତ ଜଗତରେ ଅଭିବ୍ୟକ୍ତ ବିଚିତ୍ର ରଙ୍ଗରେ ରଞ୍ଜିତ 'ଜୀବନ' ମଧ୍ୟରେ ଏହି ପ୍ରତୀକାତ୍ମକ ବିରୋଧିତା

---

(୨୨) **ଅକର୍ମ ତେ ସ୍ୱପସୋ ଅଭୂମ ଋତମବସ୍ରନ୍ନୁଷସୋ ବିଭାତୀଃ ।**
**ଅନୂନମଗ୍ନିଂ ପୁରୁଧା ସୁଶ୍ଚନ୍ଦ୍ରଂ ଦେବସ୍ୟ ମର୍ମୃଜତଶ୍ଚାରୁ ଚକ୍ଷୁଃ ॥** (ଋ-୪।୨।୧୯)

(୨୩) **ଋତେନ ଋତଂ ନିୟତମୀଳ ଆ ଗୋରାମା ସଚା ମଧୁମତ୍ ପକ୍ୱମଗ୍ନେ ।**
**କୃଷ୍ଣା ସତୀ ରୁଶତା ଧାସିନୈଷା ଜାମର୍ୟେଣ ପୟସା ପୀପାୟ ॥** (ଋ-୪।୩।୯)

(୨୪) **ଋତେନ ହି ଷ୍ମା ବୃଷଭଶ୍ଚିଦକ୍ତଃ ପୁମାଁ ଅଗ୍ନିଃ ପୟସା ପୃଷ୍ଠ୍ୟେନ ।**
**ଅସ୍ପନ୍ଦମାନୋ ଅଚରଦ୍ ବୟୋଧା ବୃଷା ଶୁକ୍ରଂ ଦୁଦୁହେ ପୃଶ୍ନିରୂଧଃ ॥** (ଋ-୪।୩।୧୦)

ବେଦରେ ଭୂୟୋଭୂୟଃ ଦେଖିବାକୁ ମିଳେ; ତେଣୁ ଏହି ବିଚିତ୍ରବର୍ଣ୍ଣ ବୃଷଭର ଏବଂ ଶୁଦ୍ଧ ଶୁଭ୍ର ଗୋ-ସ୍ତନ ଅଥବା ଜଳସ୍ରୋତଗୁଡ଼ିକର ଉତ୍ସର ରୂପକଟି, ଅନ୍ୟାନ୍ୟ ରୂପକ ପରି ଏଇ ରୂପକଟିର ପୁନରାବୃତ୍ତି ଘଟିଛି – ସତ୍ୟ ଓ ଆନନ୍ତ୍ୟ ଦ୍ୱାରା ପରିପୋଷିତ ମାନବଜୀବନର ବିବିଧ ପରିପ୍ରକାଶ ଯାହା ସ୍ୱକର୍ମ ଦ୍ୱାରା ବିଶୋଧିତ ତଥା ଶାନ୍ତ ହୋଇଥାଏ ।

ଶେଷରେ ଋଷି ଜ୍ୟୋତିର୍ମୟ ଗୋସମୂହ ଓ ଜଳଧାରାଗୁଡ଼ିକର ଏକତ୍ର ବର୍ଣ୍ଣନା କରିବାକୁ ଯାଉଛନ୍ତି – ଏକଥା ମଧ୍ୟ ଆମେ ବାରଂବାର ଦେଖିବାକୁ ପାଉ । ''ଅଙ୍ଗିରସମାନେ ସତ୍ୟ ଦ୍ୱାରା ଅଦ୍ରିକୁ ବିଦୀର୍ଣ୍ଣ କରି ଚତୁର୍ଦିଗକୁ ତାହା ବିକ୍ଷେପଣ କଲେ ଏବଂ ଗୋମାନଙ୍କ ସହିତ ସମ୍ମିଳିତ ହେଲେ; ମନୁଷ୍ୟମାନେ ଉଷା ମଧ୍ୟରେ ସୁଖମୟ ନିବାସ ରଚନା କଲେ, ଅଗ୍ନି ଜନ୍ମ ହେବା ପରେ ସ୍ୱର୍ ଅଭିବ୍ୟକ୍ତ ହେଲା । ହେ ଅଗ୍ନି, ସତ୍ୟ ଦ୍ୱାରା ଦିବ୍ୟ ଅମୃତ ଅକ୍ଷତ ଧାରାଗୁଡ଼ିକ ସେମାନଙ୍କର ମଧୁମୟ ପ୍ଳାବନ ସହ ଯୁକ୍ତହୋଇ ଏକ ଅଶ୍ୱ ସମ୍ମୁଖ ଦିଗକୁ ଧାବିତ ହେବାପରି ଶାଶ୍ୱତ ସ୍ରୋତରେ ପ୍ରବାହମାନ ହେଲେ ।'' (ଋକ୍-୧୧,୧୨)[୨୪] । ବାସ୍ତବିକ ଅମୃତତ୍ୱର ମହାସିଦ୍ଧି ନିମନ୍ତେ ଆବଶ୍ୟକ ହେଉଥିବା ପ୍ରାଥମିକ ସର୍ତ୍ତ ଦେବା ନିମନ୍ତେ ଏହି ଚାରୋଟି ମନ୍ତ୍ର ଉଦ୍ଦିଷ୍ଟ । ଏଗୁଡ଼ିକ ହେଉଛନ୍ତି ମହାନ୍ 'ଗାଥା'ର ପ୍ରତୀକ, ଏହା ରହସ୍ୟବାଦୀମାନଙ୍କ କଥାନକ (Mythus), ଏଥିରେ ସେମାନେ ନିଜ ଉଚ୍ଚତମ ଆଧ୍ୟାତ୍ମିକ ଅନୁଭୂତିକୁ ଅସଂସ୍କୃତ ଜନଙ୍କଠାରୁ ଗୋପନ କରି ରଖିଥିଲେ, କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ସେଗୁଡ଼ିକ ଏପରି ଗୁପ୍ତ ହୋଇ ରହିଥିଲା ଯାହା ଭବିଷ୍ୟତ୍ ବଂଶଧରମାନଙ୍କଠାରୁ ମଧ୍ୟ ସେହିପରି ଗୁପ୍ତ ହୋଇ ରହିଗଲା । ସେଇ ଅନୁଭୂତିଗୁଡ଼ିକ ଥିଲା ରହସ୍ୟାର୍ଥକ ପ୍ରତୀକ ବା ରୂପକ, ତାହା ସେହି ଉଦ୍ଦେଶ୍ୟରେ ସୁରକ୍ଷିତ କରି ରଖାଯାଇଥିଲା ଯେ ଏହା କେବଳ ସେଇମାନଙ୍କଠାରେ ନିଜ ସତ୍ୟକୁ ପ୍ରକଟ କରିବ ଯେଉଁମାନେ ସଂସ୍କାରିତ, ଜ୍ଞାତା ଓ ଦ୍ରଷ୍ଟା; ଏହି ସୂକ୍ତର ଅନ୍ତିମ ଋକ୍‌ରେ ସ୍ୱୟଂ ବାମଦେବ ଅତ୍ୟନ୍ତ ସରଳ ତଥା ପ୍ରଭାବଶାଳୀ ଭାଷାରେ ଆମକୁ କହିଛନ୍ତି – ''ହେ ଅଗ୍ନି, ହେ ବିଧାୟକ, ତୁମେ ଜ୍ଞାନୀ, ତୁମ ପ୍ରତି ଏହିସବୁ ଗୁହ୍ୟ ବଚନଗୁଡ଼ିକୁ ମୁଁ ଉଚ୍ଚାରଣ କରିଛି । ହେ ଅଗ୍ନି, ହେ ବିଧାୟକ, ଏହି ସମସ୍ତ ମାର୍ଗଦର୍ଶୀ ବାକ୍ ତଥା ଦ୍ରଷ୍ଟୃଜ୍ଞାନ ବାକ୍ ନିଜ ଅର୍ଥକୁ ସେଇମାନଙ୍କ ନିକଟରେ ପ୍ରକଟ କରନ୍ତି ଯେଉଁମାନେ ଦ୍ରଷ୍ଟା – ମୁଁ ମୋର ବାଣୀଗୁଡ଼ିକରେ ତଥା ମୋ ମତିରେ ପ୍ରଦୀପ୍ତ ହୋଇ ଏ ସମସ୍ତ କହିଛି ।''

**ଏତା ବିଶ୍ୱା ବିଦୁଷେ ତୁଭ୍ୟଂ ବେଧୋ**
**ନୀଥାନ୍ୟଗ୍ନେ ନିଣ୍ୟା ବଚାଂସି ।**
**ନିବଚନା କବୟେ କାବ୍ୟାନ୍ୟଶଂସିଷଂ**
**ମତିଭିର୍ବିପ୍ର ଉକ୍‌ଥୈଃ ॥**

(ଋ-୪।୩।୧୬)

ପ୍ରକୃତରେ ଏହିସବୁ ରହସ୍ୟାତ୍ମକ ଶବ୍ଦଗୁଡ଼ିକ ନିଜ ରହସ୍ୟାର୍ଥକୁ ପ୍ରଚ୍ଛନ୍ନ କରି ରଖିଥିବାରୁ ପୁରୋହିତ, କର୍ମକାଣ୍ଡବିତ୍, ବୈୟାକରଣ, ପଣ୍ଡିତ, ଐତିହାସିକ ତଥା ପୁରାଣବିତ୍‌ମାନଙ୍କ ଦ୍ୱାରା ଉପେକ୍ଷିତ ହୋଇଛନ୍ତି । ସେମାନଙ୍କ ପାଇଁ ଏଗୁଡ଼ିକ ଅଜ୍ଞାତ ବାକ୍ ତଥା ଭ୍ରମୋତ୍ପାଦକ ମୋହର-ଛାପ, ପ୍ରାଚୀନତମ ମହାନ୍ ପୂର୍ବପୁରୁଷ ତଥା ସେମାନଙ୍କ ପରବର୍ତ୍ତୀ ଜ୍ଞାନଦୀପ୍ତ ବଂଶଧରମାନଙ୍କ ପାଇଁ ଏହା ଏପରି ନ ଥିଲା – **ନିଣ୍ୟା ବଚାଂସି ନିଥାନି ନିବଚନା କାବ୍ୟାନି ।**

[ଶ୍ରୀଅରବିନ୍ଦଙ୍କ 'The Secret of the Veda' ଗ୍ରନ୍ଥର ଉନବିଂଶ ଅଧ୍ୟାୟ ''The Victory of the Fathers''ର ଓଡ଼ିଆ ଅନୁବାଦ । ଶ୍ରୀ ଚକ୍ରଧର ଦାଶଙ୍କ ଦ୍ୱାରା ଅନୂଦିତ, ସର୍ବଶ୍ରୀ ନିମାଇ ଚରଣ ମହାପାତ୍ର, କୃଷ୍ଣାଦେବୀ ଓ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ]

(୨୪) **ଋତେନାଦ୍ରିଂ ବ୍ୟସନ୍ ଭିଦନ୍ତଃ ସମଙ୍ଗିରସୋ ନବନ୍ତ ଗୋଭିଃ ।**
**ଶୁନଂ ନରଃ ପରି ଷଦନ୍ନୁଷାସମାବିଃ ସ୍ୱରଭବଜ୍ଜାତେ ଅଗ୍ନୌ ॥**
**ଋତେନ ଦେବୀରମୃତା ଅମୃକ୍ତା ଅର୍ଣୋଭିରାପୋ ମଧୁମଦ୍‌ଭିରଗ୍ନେ ।**
**ବାଜୀ ନ ସର୍ଗେଷୁ ପ୍ରସ୍ତୁଭାନଃ ପ୍ର ସଦମିତ୍ ସ୍ରବିତବେ ଦଧନ୍ୟୁଃ ॥** (ଋ-୪।୩।୧୧-୧୨)

# ବିଶ୍ୱାସ ଓ ଆସ୍ପୃହା

## (ଶ୍ରୀ ମନୋଜ ଦାସଙ୍କ କେତୋଟି ବକ୍ତୃତାର ଅବଲମ୍ବନରେ)

[ଆଜିକୁ ୪୭ ବର୍ଷ ତଳେ ୧୯୬୬ ମସିହାରେ **ଶ୍ରୀ ମନୋଜ ଦାସ** ରାଉରକେଲା ଶ୍ରୀଅରବିନ୍ଦ ପାଠଚକ୍ରର ଏକ ବିଶେଷ କାର୍ଯ୍ୟକ୍ରମ ଉପଲକ୍ଷେ ଆୟୋଜିତ ଆଲୋଚନା ସଭାରେ ''ବିଶ୍ୱାସର ମାର୍ଗ'' ଏବଂ '' ଆସ୍ପୃହାର ପରମ୍ପରା'' ବିଷୟବସ୍ତୁ ଉପରେ ଏବଂ ତା'ର ଦୁଇବର୍ଷ ପରେ ପଣ୍ଡିଚେରୀଠାରେ ଶ୍ରୀଅରବିନ୍ଦ ସୋସାଇଟି ଆୟୋଜିତ ଏକ ସଭାରେ ଦେଇଥିବା ବକ୍ତୃତାର ମର୍ମ ଅବଲମ୍ବନରେ ଏ ନିବନ୍ଧଟି ରଚିତ । ଏହା ଅଧୁନାଲୁପ୍ତ 'ସତ୍ୟଶ୍ରୀ'ର ସୌଜନ୍ୟରୁ ପ୍ରାପ୍ତ । ଉପସ୍ଥାପନା – **ଶ୍ରୀ ଭଗବାନ ନାୟକ ବର୍ମା**]

ବିଶ୍ୱାସ ମଣିଷର ଏକ ସହଜାତ ପ୍ରବୃତ୍ତି । ମଣିଷକୁ କିଛି ନା କିଛି ବିଶ୍ୱାସ କରିବାକୁହିଁ ପଡ଼ିବ । ଯଦି କେହି ଈଶ୍ୱରଙ୍କ ଅସ୍ତିତ୍ୱରେ ବିଶ୍ୱାସ ନକରେ, ତେବେ ତାକୁ ଈଶ୍ୱରଙ୍କ ଅନସ୍ତିତ୍ୱରେ ବିଶ୍ୱାସ କରିବାକୁ ପଡ଼ିବ । ଅବିଶ୍ୱାସ ବୋଲି କୌଣସି ମାନସିକ ଅବସ୍ଥା ସମ୍ଭବ ନୁହେଁ । ବିଶ୍ୱାସ ବିନା ମଣିଷ ତିଷ୍ଠିପାରିବ ନାହିଁ । ବସ୍ତୁତଃ ଈଶ୍ୱର-ବିଶ୍ୱାସ ଆମ ସତ୍ତାର କୌଣସି ନା କୌଣସି ଅଂଶରେ ସନ୍ନିହିତ ରହିଛି । ମାତ୍ର ଆମେ ସେସମ୍ପର୍କରେ ସଚେତନ ନୋହୁଁ । ଉଚ୍ଚତର ଜୀବନର ଅଭିଳାଷୀମାନେ ପ୍ରଥମେ ଏହି ବିଶ୍ୱାସର ସତ୍ତାକୁ ନିଜ ଭିତରୁ ଖୋଜି ବାହାର କରିବା ଦରକାର । ଆମର ଏହି ଅନ୍ତର୍ନିହିତ ବିଶ୍ୱାସ ସମ୍ପର୍କରେ ଆମକୁ ସଚେତନ କରାଇବାହିଁ ଆଧ୍ୟାତ୍ମିକତାର ପ୍ରାଥମିକ ଉଦ୍ଦେଶ୍ୟ ।

ବିଶ୍ୱାସର ବିପରୀତ ହେଉଛି ସନ୍ଦେହ ବା ସଂଶୟ । ବସ୍ତୁତଃ ଦେଖିବାକୁ ଗଲେ ପ୍ରତ୍ୟେକ ବ୍ୟକ୍ତି ପ୍ରତି ମୁହୂର୍ତ୍ତରେ ସନ୍ଦେହ କରେ । ସନ୍ଦେହ ବା ସଂଶୟ ବିନା ତା'ର ଅଗ୍ରଗତି ସମ୍ଭବ ନୁହେଁ । କାରଣ ମଣିଷ ଯଦି ତା'ର ଗୋଟିଏ ଅବସ୍ଥାରେ ସନ୍ତୁଷ୍ଟ ବା ନିଃସଂଶୟ ହୋଇଯା'ନ୍ତା, ତେବେ ପରବର୍ତ୍ତୀ ଅବସ୍ଥା-ପ୍ରାପ୍ତି ପାଇଁ ତା' ମନରେ କୌଣସି ଅଭୀପ୍ସା ବା ଅନୁସନ୍ଧିତ୍ସା ରହନ୍ତା ନାହିଁ । ଫଳରେ ସେ ସ୍ଥାଣୁ ହୋଇ ରହିଯାଆନ୍ତା । ସୁତରାଂ ପ୍ରକୃତିର ବିବର୍ତ୍ତନ-ପଥରେ ସନ୍ଦେହ ସମ୍ପୂର୍ଣ୍ଣ ସ୍ୱାଭାବିକ ।

କିନ୍ତୁ ସନ୍ଦେହର ଅପର ଦିଗଟି ପ୍ରତି ଆମକୁ ସଚେତନ ହେବାକୁ ପଡ଼ିବ । ସନ୍ଦେହ ଦୁଇ ପ୍ରକାର ବା ଏହାର ଦୁଇଟି ଦିଗ ଅଛି । ଉପରୋକ୍ତ ପ୍ରକାର ସନ୍ଦେହର ଅନ୍ୟ ନାମ ହେଉଛି ଅନୁସନ୍ଧିତ୍ସା । ମଣିଷର ଅଗ୍ରଗତି ପାଇଁ ଏହି ଅସ୍ତିବାଚକ ସନ୍ଦେହ (Positive doubt) ଯଥେଷ୍ଟ ସହାୟକ ହୋଇଥାଏ । କିନ୍ତୁ ନାସ୍ତିବାଚକ ସନ୍ଦେହ (Negative doubt) ଘୋର ବିପଜ୍ଜନକ । ମଣିଷ ବେଳେବେଳେ ନିଜର ଆଧ୍ୟାତ୍ମିକ ଅନୁଭୂତିକୁ ମଧ୍ୟ ଅବିଶ୍ୱାସ ବା ସନ୍ଦେହ କରେ । ସବୁକଥାରେ ନିଜକୁ ଅଯଥା ସନ୍ଦେହର ଶୀକାର କରେ । ଏହା ଏକପ୍ରକାର ଆତ୍ମ-ପ୍ରତାରଣା । ଏଥିରୁ ମୁକ୍ତ ରହିବା ପାଇଁ ଆମେ ବରାବର ସଚେତନ ପ୍ରଚେଷ୍ଟା ଚଳାଇବା ଦରକାର ।

ଆଧ୍ୟାତ୍ମିକ ଅଭୀପ୍ସା-ପୋଷଣକାରୀ କୌଣସି ବ୍ୟକ୍ତି ନିଜ ମନ ଭିତରେ ନେତିବାଚକ ସନ୍ଦେହକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ । ଆମର ମନେ ରଖିବା ଉଚିତ ଯେ, ଆମର ଆତ୍ମା ବା ଚୈତ୍ୟସତ୍ତା କୌଣସି ସନ୍ଦେହ ପୋଷଣ କରେ ନାହିଁ; ମନ ଭିତରେହିଁ ସୃଷ୍ଟ ହୋଇଥାଏ ଯାବତୀୟ ସନ୍ଦେହ । ସୁତରାଂ ତାହା ସତ୍ୟ ନୁହେଁ, ଅଳୀକ । ଯେଉଁ ଆତ୍ମା ହେଉଛି ଆମ ଭିତରେ ଭଗବାନଙ୍କର ମନ୍ଦିର, ତାହା ଯଦି ସନ୍ଦେହର ଶିକାର ହୁଏ, ତେବେ ତାକୁ ପୋଷଣ କରିବା ଗର୍ହିତ । ଏହି ସନ୍ଦେହକୁ ପ୍ରଶ୍ରୟ ଦେବା ଅର୍ଥ ଭଗବାନଙ୍କୁ ଅବିଶ୍ୱାସ କରିବା; ଅର୍ଥାତ୍ ନିଜକୁ ଅବିଶ୍ୱାସ କରିବା ବା ଅସତ୍ୟର ଶିକାର ହେବା ।

ଆନ୍ତରିକ ଓ ନିଷ୍ଠାପର ପ୍ରଚେଷ୍ଟା ଦ୍ୱାରା ମନର ସନ୍ଦେହକୁ ଦୂରୀଭୂତ କରାଯାଇପାରିବ । ନିଜର ପ୍ରଚେଷ୍ଟା ଯଦି ଯଥେଷ୍ଟ ଶକ୍ତିଶାଳୀ ହୋଇ ପାରୁ ନଥାଏ, ତେବେ ସେଥିପାଇଁ ଭଗବତ୍-ସହାୟତା ନିମନ୍ତେ ପ୍ରାର୍ଥନା କଲେ ତାହା ଅବଶ୍ୟ ମିଳିବ ।

ଶ୍ରୀଅରବିନ୍ଦ ଓ ଶ୍ରୀମା ସମସ୍ତ ଭଗବତ୍ ଶକ୍ତିକୁ ଧାରଣ କରି ପୃଥିବୀପୃଷ୍ଠରେ ଅବତୀର୍ଣ୍ଣ ହୋଇଛନ୍ତି ଏବଂ ଅତିମାନସ-ସତ୍ୟ ବଳରେ ମାନବପ୍ରକୃତିର ରୂପାନ୍ତର ଘଟାଇ ସ୍ଥାୟୀ ସୁଖ ଓ ପୂର୍ଣ୍ଣ ଆନନ୍ଦର ଦିବ୍ୟଜୀବନ ପ୍ରତିଷ୍ଠା ପାଇଁ ସତତ ଉଦ୍ୟମଶୀଳ ଅଛନ୍ତି – ଏହି ବିଶ୍ୱାସ ନେଇ ଆମେ ଆଜି ନିଜ ନିଜର ଜୀବନକୁ ପରିଚାଳତି କରିବା ଆବଶ୍ୟକ ଏବଂ ତାହାହିଁ ହେବ ତାଙ୍କର କାର୍ଯ୍ୟରେ ଯଥାସମ୍ଭବ ସହାୟତା । ପୃଥିବୀରେ ପ୍ରତ୍ୟେକ କ୍ଷେତ୍ରରେ ଓ ସ୍ତରରେ ଏବେ ଦେଖାଦେଇଥିବା ଯାବତୀୟ ଅଶାନ୍ତି, ଅସନ୍ତୋଷ, ଶୂନ୍ୟତା ଓ ଅସ୍ଥିରତାର ଅବସାନ ଘଟାଇବାକୁ ହେଲେ ଏହାହିଁ ଏକମାତ୍ର ପନ୍ଥା । ଏହି ଦୃଢ଼, ଅବିଚଳ ବିଶ୍ୱାସ ନେଇ ଆମକୁ ଆଗେଇବାକୁ ପଡ଼ିବ ।

ସୁତରାଂ ପ୍ରଥମେ ଅନ୍ୟ କାହା ଭିତରେ ଥିବା ସଂଶୟ ବା ସନ୍ଦେହ ଦୂର କରିବା ଦିଗରେ ଧ୍ୟାନ ଦେବା ପୂର୍ବରୁ ନିଜ ଭିତରୁ ସମସ୍ତ ସନ୍ଦେହ ଓ ସଂଶୟକୁ ଦୂରୀଭୂତ କରି ବିଶ୍ୱାସର ସତ୍ତାକୁ ଶକ୍ତିଶାଳୀ କରି ଗଢ଼ି ତୋଳିବାକୁ ପଡ଼ିବ । ଅକୃତଜ୍ଞତାର ମହା ଅପରାଧରୁ ମଧ୍ୟ ନିଜକୁ ମୁକ୍ତ କରିବାକୁ ପଡ଼ିବ । ଅନେକ ସମୟରେ ଦେଖା ଯାଇଥାଏ ଯେ ଆମେ କୌଣସି ବିପଦରେ ପଡ଼ିଥିବାବେଳେ ନିଜର ସ୍ୱାର୍ଥସାଧନ ପାଇଁ ଭଗବାନଙ୍କୁ ପ୍ରାର୍ଥନା କରୁ ଏବଂ ତାଙ୍କର କରୁଣା ବଳରେ ବିପନ୍ମୁକ୍ତ ହେବାପରେ ପୁଣି ଭଗବାନଙ୍କୁ ଭୁଲିଯାଉ । ନିଜର ଅନୁଭୂତିକୁ ମଧ୍ୟ ଅବିଶ୍ୱାସ କରୁ । ଏହି ଅବିଶ୍ୱାସ-ମନୋଭାବହିଁ ଅକୃତଜ୍ଞତାର ଭିତ୍ତି । ସୁତରାଂ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଭଗବାନଙ୍କ ପ୍ରତି କୃତଜ୍ଞ ରହିବାର ଏକ ମହତ୍ ଭାବ ଜାଗ୍ରତ୍ କରିବାକୁ ହେବ । ବର୍ତ୍ତମାନ ସ୍ୱୟଂ ଭଗବାନ୍ ମାନବ-ଶରୀର ଧରି ଆମ ପାଇଁ ଯୋଗ ସାଧନା କରିଚାଲିଛନ୍ତି । ଆମେ କେବଳ ତାଙ୍କର ଶକ୍ତି ପ୍ରତି ନିଜକୁ ଉନ୍ମୁଖ କରିବା ଦରକାର । ଏଥିପାଇଁ ପ୍ରଥମେ ଆମେ ନିଜେ ସନ୍ଦେହମୁକ୍ତ ହେବା ନିତାନ୍ତ ଆବଶ୍ୟକ ।

ଅତୀତର ରାମାୟଣ-ଯୁଗରେ ଜଣେ ନାଗରିକର ସନ୍ଦେହ ଯୋଗୁଁ ଜଗଜ୍ଜନନୀ ସୀତାଙ୍କୁ ଭୂପୃଷ୍ଠରୁ ବିଦାୟ ଘେନି ବସୁଧା ଗର୍ଭକୁ ଚାଲିଯିବାକୁ ପଡ଼ିଥିଲା । ବର୍ତ୍ତମାନ ଆମେ ଯେପରି ସେ ଧରଣର ଭୁଲ୍ ଓ ନିର୍ବୋଧତାର ଶିକାର ନହେଉ — ଏହା ଦେଖିବା ଆମର ପରମ କର୍ତ୍ତବ୍ୟ । ବର୍ତ୍ତମାନ ଯୁଗରେ ଜନ୍ମଗ୍ରହଣ କରି ଏବଂ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଦିବ୍ୟଦୃଷ୍ଟି ସହ ପରିଚିତ ହୋଇ ଆମେ ସମସ୍ତେ ଯେ କେଡେ ଭାଗ୍ୟବାନ୍ — ତାହା ଉପଲବ୍ଧି କରିବା ଆବଶ୍ୟକ ।

ବିଶ୍ୱାସର ଦୃଢ଼ୀକରଣ ଓ ସନ୍ଦେହ ଦୂରୀକରଣର ପ୍ରଶ୍ନ ପରେ ଆସୁଛି ଆସ୍ପୃହା ବା ଅଭୀପ୍ସାର ପ୍ରଶ୍ନ । ଈଶ୍ୱର-ବିଶ୍ୱାସ ଭଳି ଭଗବତ୍ ଉପଲବ୍ଧି ବା ସଚ୍ଚିଦାନନ୍ଦ ଅନୁଭୂତି ପାଇଁ ଅଭୀପ୍ସା କରିବା ମଧ୍ୟ ମଣିଷର ଏକ ଜନ୍ମଗତ ପ୍ରବୃତ୍ତି । ପ୍ରତ୍ୟେକ ବ୍ୟକ୍ତିର ଆତ୍ମାରେ ଏହା ଅନ୍ତର୍ନିହିତ ଅଛି । କିନ୍ତୁ ମନଃସ୍ତରରେ ଏହା ବିକୃତ ହୋଇଯାଇ କାମନା-ବାସନାରେ ପରିଣତ ହୋଇଯାଉଛି । ସୁଖ ଓ ଆନନ୍ଦପ୍ରାପ୍ତି ସମସ୍ତଙ୍କ ଉଦ୍ଦେଶ୍ୟ । ମାତ୍ର କେଉଁଥିରେ ପ୍ରକୃତରେ ସୁଖ ମିଳିବ ବା ଯଥାର୍ଥ ଆନନ୍ଦର ଉତ୍ସ କିଏ ବା କେଉଁଠି ଅଛି, ସେସମ୍ପର୍କରେ ଆମେ ସଠିକଭାବେ କିଛି ଜାଣିବାକୁ ଚେଷ୍ଟା କରୁନା । ସୁଖ ଆଶାରେ କିଏ ବିପୁଳ ଅର୍ଥୋପାର୍ଜନ ପଛରେ ଧାଇଁଛି ତ ଆଉ କିଏ ଯଶ ବା ପ୍ରତିଷ୍ଠାଲାଭ ପଛରେ ଗୋଡ଼ାଇଛି । ମାତ୍ର ଶେଷରେ ସମସ୍ତେ ବ୍ୟର୍ଥକାମ ହୋଇଛନ୍ତି । ବିପୁଳ ସମ୍ପତ୍ତି, ଯଶ, ପ୍ରତିଷ୍ଠା ଓ ସୌନ୍ଦର୍ଯ୍ୟ ଆଦି ନାନା ବିଭବରେ ବିଭବଶାଳୀ ହୋଇ ମଧ୍ୟ ମଣିଷ ତୀବ୍ର ଅଶାନ୍ତି ଓ ଅସନ୍ତୋଷର ଜ୍ୱାଳାରେ ଜର୍ଜରିତ ହେଉଥିବାର ଦେଖିବାକୁ ମିଳୁଛି ।

ସେ ଯାହାହେଉ, ଆମର ବୁଝିବାର କଥା ଯେ, ଆସ୍ପୃହା ମଣିଷର ଏକ ଚିରନ୍ତନ ପ୍ରବୃତ୍ତି । ଯୁଗଯୁଗ ଧରି ଆମେ ଆସ୍ପୃହା କରିଆସିଛୁ । ପୃଥିବୀରେ ବର୍ତ୍ତମାନ ଯାହାକିଛି ଉନ୍ନତି ସାଧିତ ହୋଇଛି, ତାହା ସେହି ଆସ୍ପୃହା ବଳରେହିଁ ହୋଇଛି । ଏପରିକି ଆମର ବୈଜ୍ଞାନିକ ଅଗ୍ରଗତି ପଛରେ ମଧ୍ୟ ସେହି ଆସ୍ପୃହାର ଶକ୍ତି ନିହିତ ଅଛି । ପ୍ରତ୍ୟେକ ବ୍ୟକ୍ତିକୁ ଆସ୍ପୃହା କରିବାକୁ ହେବ ନଚେତ୍ ପୃଥିବୀର ପରିସ୍ଥିତିରେ କୌଣସି ପରିବର୍ତ୍ତନ ସମ୍ଭବ ହେବ ନାହିଁ । ଅନ୍ୟ ଉପରେ ଦୋଷାରୋପ କରିବା ମନୁଷ୍ୟର ଗତାନୁଗତିକ ଅଭ୍ୟାସ । ତାହା ବିବାଦ ଓ ସଂଘର୍ଷରେ ପରିଣତ ହୁଏ । କିନ୍ତୁ ଯୁଗେଯୁଗେ ତାହା ଚାଲିଥିଲେ ମଧ୍ୟ ପୃଥିବୀର ପରିବର୍ତ୍ତନ ସମ୍ଭବପର ହୋଇ ନାହିଁ । ସେ ଦିବ୍ୟପରିବର୍ତ୍ତନର ଭୂମିକା ହେବ ଆମ ନିଜ ନିଜ ଅଭୀପ୍ସା ଯୋଗେ ଆମ ନିଜ ନିଜର ପରିବର୍ତ୍ତନ ।

ତେବେ, ଆମେ କ'ଣ ପାଇଁ ଆସ୍ପୃହା କରିବା, ସେ ସମ୍ପର୍କରେ ସଚେତନ ହେବା ଦରକାର । କେବଳ ଈଶ୍ୱରଙ୍କ ପ୍ରେମ ଲାଭହିଁ ଆମର ଅଭୀପ୍ସା ବା ଜୀବନର ପରମ ଉଦ୍ଦେଶ୍ୟ ହେବା ଉଚିତ । ଆସ୍ପୃହାର ଅର୍ଥ ହେଉଛି ଈଶ୍ୱରଙ୍କ ଦୃଷ୍ଟି ସମକ୍ଷରେ ନିଜକୁ ଯୋଗ୍ୟ ପ୍ରମାଣିତ କରିବା । ନିଜର କାମନା-ବାସନାକୁ ଭୁଲକ୍ରମେ ଆସ୍ପୃହା ବୋଲି ମନେକରିବା ଠିକ୍ ନୁହେଁ । ତାହା ଉଚ୍ଚାଭିଳାସ ମାତ୍ର ।

ଶ୍ରୀଅରବିନ୍ଦଙ୍କ ଯୋଗରେ ବିଶ୍ୱାସ (faith) ପରେ ଏହି ଆସ୍ପୃହା (aspiration) ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆ ଯାଇଛି । ତାହା ପରେ ପ୍ରତିକୂଳ ବସ୍ତୁ ସମୂହର ପ୍ରତ୍ୟାଖ୍ୟାନ (rejection) ଏବଂ ଭଗବତ୍-ଶକ୍ତି ନିକଟରେ ଆତ୍ମ ସମର୍ପଣ (surrender) ହେଲା ଏକାନ୍ତ କାମ୍ୟ । ଏହାର ଅର୍ଥ : ପ୍ରଥମେ ଅଖଣ୍ଡ ବିଶ୍ୱାସ ଘେନି ଭଗବତ୍ ପ୍ରେମ ଲାଭ ପାଇଁ ବ୍ୟାକୁଳ ଅଭୀପ୍ସା ପୋଷଣ କରିବାକୁ ହେବ ଏବଂ ହିଂସା, ଦ୍ୱେଷ, ଅସ୍ଥିରତା, ସନ୍ଦେହ ଓ ଛଳନା ଆଦି ଭଗବତ୍-ବିରୋଧୀ ମନୋଭାବ ଦୂର କରି ନିଜର ସବୁକିଛିକୁ ଭଗବାନଙ୍କ ନିକଟରେ ନିବେଦନ କରି ଦେବାକୁ ପଡ଼ିବ । ଆମେ ଏତକ କରିପାରିଲେ, ଆମର ମନ-ପ୍ରାଣ-ଶରୀର ବା ପ୍ରକୃତିର ରୂପାନ୍ତର-ସାଧନ ଆଦି ଅନ୍ୟାନ୍ୟ କ୍ରିୟା ସ୍ୱୟଂ ଭଗବାନଙ୍କ ଦ୍ୱାରାହିଁ ସାଧିତ ହେବ ।

# ଶ୍ରୀଅରବିନ୍ଦଙ୍କର ନିବାସ

## ମମତା ଦାଶ

୧୯୫୦ ମସିହାରେ ଶ୍ରୀଅରବିନ୍ଦଙ୍କର ମହାପ୍ରୟାଣଠାରୁ ୧୯୭୩ ମସିହା ପର୍ଯ୍ୟନ୍ତ ଶ୍ରୀମା ଅତିମାନସ ଯୋଗର ଶେଷ ପର୍ଯ୍ୟାୟର ସାଧନା ମଧ୍ୟରେ ଗତି କରୁଥିଲେ । ମାନବ-ଶରୀର ରୂପାନ୍ତରର ପରିଣାମରେ ଅତିମାନସିକ ସତ୍ତାର ପାର୍ଥିବ ପରିପ୍ରକାଶ ସମ୍ଭବ ହେବାର କଥା । ଏହି ସାଧନା ଅତ୍ୟନ୍ତ କଷ୍ଟସାଧ୍ୟ, ସମ୍ପୂର୍ଣ୍ଣ ନୂତନ ଥିଲା ଏବଂ ସମଗ୍ର ବିଶ୍ୱର ଆଧ୍ୟାତ୍ମିକ ପରମ୍ପରାରେ ଏପରି ସାଧନା ଓ ସିଦ୍ଧିର ପଟାନ୍ତର ନାହିଁ ।

ଅତୀତରେ ବିଭିନ୍ନ ଆଧ୍ୟାତ୍ମିକ ସାଧନା ଦ୍ୱାରା ଏହି ଶରୀରକୁ ଅଗ୍ରାହ୍ୟ ଓ ନିଗ୍ରହ କରି ନିର୍ବାଣ ବା ମୋକ୍ଷର ସିଦ୍ଧି ଲାଭ କରାଯାଉଥିଲା । ଶରୀରର ଜଡ଼ ପଦାର୍ଥ ଏତେ ବେଶୀ ତାମସିକ ଓ ସ୍ଥୂଳ ଯେ ଯୋଗ-ସାଧନାରେ ସାହାଯ୍ୟ କରିବା ପରିବର୍ତ୍ତେ ଅନ୍ତରାୟ ହେବାହିଁ ଏହା ପକ୍ଷରେ ସ୍ୱାଭାବିକ ଥିଲା । ଶ୍ରୀଅରବିନ୍ଦ ଓ ଶ୍ରୀମା ବିଶ୍ୱବିଧାତାଙ୍କର ଏହି ନୂତନତମ ପରିକଳ୍ପନା ଓ ସଂକଳ୍ପ ମଧ୍ୟରୁ ଉତ୍ସାରିତ ହୋଇଥିବା ମହାନ୍ ଯୋଗଶକ୍ତିକୁ ଧାରଣ କରି ପୃଥିବୀପୃଷ୍ଠରେ ଆବିର୍ଭୂତ ହୋଇଥିଲେ ଏବଂ ଏହି ଅସହାୟ, କ୍ଷଣସ୍ଥାୟୀ, ଭଙ୍ଗୁର ଶରୀରକୁ ମୂଳ ପରମ ଦିବ୍ୟସତ୍ତାଙ୍କ ସହିତ ସଚେତନ ଭାବରେ ମିଳିତ ହେବାର ସୁଯୋଗ ଦେବାର ପଥନିର୍ଦ୍ଦେଶ କରିଥିଲେ ।

ଏହି ଶରୀର ସାଧାରଣତଃ ଏକ ନିୟମବଦ୍ଧ, ଶୃଙ୍ଖଳିତ ଜୀବନଯାପନ କରିବାକୁ ଅର୍ଥାତ୍ ବାଲ୍ୟାବସ୍ଥା, ଯୌବନ, ଜରା ଓ ବାର୍ଦ୍ଧକ୍ୟ ମଧ୍ୟଦେଇ ଏବଂ ଶେଷରେ ମୃତ୍ୟୁ ଦ୍ୱାରା କବଳିତ ହୋଇ ମାଟିରେ ମିଶିଯିବାକୁ ବାଧ୍ୟ ହୋଇଥାଏ । ଏହା ଆମ ଆତ୍ମାର ନିବାସ ଓ ସେହି ଆତ୍ମାକୁ ତା'ର ପାର୍ଥିବ ଜୀବନକାଳର ଅଭିଜ୍ଞତା ବାଟେ ନେଇ ଯିବାର ଅପରିହାର୍ଯ୍ୟ ମାଧ୍ୟମ ହେଲେବି ଆତ୍ମା ବା ପରମାତ୍ମାଙ୍କ ସହିତ ଏହି ଶରୀରର କିଛିହେଲେ ସଚେତନ ସମ୍ପର୍କ ରହି ନଥାଏ ।

ସେଥିପାଇଁ ଶରୀରକୁ ସଚେତନ କରିବାହିଁ ଶରୀର-ରୂପାନ୍ତରର ପ୍ରାରମ୍ଭିକ ସାଧନା । ଏହି ଶରୀର ମଧ୍ୟରେହିଁ ଅନେକ ଜୀବକୋଷ ରହିଛି । ଜୀବକୋଷରାଜି ଆମର ଅଙ୍ଗପ୍ରତ୍ୟଙ୍ଗ, ରକ୍ତ, ଅସ୍ଥିମଜ୍ଜା ପର୍ଯ୍ୟନ୍ତ ସବୁକିଛିକୁ ଗଠନ କରିଛି । ଏହି ଜୀବକୋଷ ଭିତରେହିଁ ପରମ ଦିବ୍ୟସତ୍ତା ସଂଗୁପ୍ତ ରହିଛନ୍ତି – ଜଡ଼ପଦାର୍ଥର ଆବରଣ ମଧ୍ୟରେ ସେ ପତିତ ହୋଇଛନ୍ତି । ତେଣୁ ଜୀବକୋଷ ମଧ୍ୟରୁହିଁ ସାଧନା ଆରମ୍ଭ କରିବାକୁ ହେବ । ଏହି ଦୁରୂହ କର୍ମ ସମ୍ବନ୍ଧରେ କହିବାକୁ ଯାଇ ଶ୍ରୀମା କହିଛନ୍ତି, ''ଯେତେବେଳେ ତୁମେ ଶରୀର ମଧ୍ୟକୁ ଓହ୍ଲାଇ ଆସ ଓ ଆଗକୁ ଗୋଟିଏ ବି ପଦକ୍ଷେପ ନେବାକୁ ଚେଷ୍ଟାକର, ପ୍ରକୃତ ପଦକ୍ଷେପ ନହୋଇ, ଛୋଟିଆ ପଦକ୍ଷେପଟିଏ ହେଲେ ମଧ୍ୟ, ସବୁକିଛି ଅସ୍ୱସ୍ତିକର ହେବାକୁ ଆରମ୍ଭ କରେ । ସତେ କି ତୁମେ ଗୋଟିଏ ପିମ୍ପୁଡ଼ି ଗାତ ଉପରେ ପାଦ ରଖିଦେଲ !''

କାରଣ ଶରୀରର ଅଭ୍ୟାସଗତ ଅବସ୍ଥା ତଥା ଆମେମାନେ ପରିଚିତ ଥିବା ପୂର୍ଣ୍ଣ ନିଶ୍ଚେତନାର ଅବସ୍ଥା ଏବଂ ପୂର୍ଣ୍ଣ ଜାଗରଣ ଅର୍ଥାତ୍ ସମସ୍ତ ଜୀବକୋଷ ଓ ଅଙ୍ଗପ୍ରତ୍ୟଙ୍ଗ ମଧ୍ୟରେ ଏହି ଜାଗରଣକୁ ପ୍ରତିଷ୍ଠା କରିବା ମଧ୍ୟରେ ଶତାବ୍ଦୀ ଶତାବ୍ଦୀ ଧରି ସାଧନାର ପଥ ରହିଛି ବୋଲି ମା' କହିଛନ୍ତି । ତେଣୁ ଏହି ଯୋଗର ସାଧକକୁ ଏକ ଯୋଦ୍ଧା ହେବାକୁ ପଡ଼ିବ । ସମସ୍ତ ପାର୍ଥିବ ପ୍ରକୃତି ଏହାର ବିରୋଧରେ ଯୁଦ୍ଧ କ୍ଷେତ୍ରରେ ଠିଆ ହୋଇଯିବ । ମା' କହିଥିଲେ, ''ସାଧୁ, ସନ୍ଥ ହେବା ସହଜ, କିନ୍ତୁ ଶରୀର-ରୂପାନ୍ତର କରିବା ଏକପ୍ରକାର ଅନ୍ଧ ଯାତ୍ରାପଥ ଭଳି ।''

ଅତୀତରେ ଆଧ୍ୟାତ୍ମିକ ସାଧକର ପ୍ରଥମ କର୍ମ ଥିଲା ନିଜକୁ ଶରୀର ମଧ୍ୟରୁ ଅଲଗା କରିବାକୁ ଶିଖିବା; ଗଭୀର ଧ୍ୟାନ ବା ସମାଧି ଭିତରେ ମଗ୍ନ ହୋଇ ଶରୀର ମଧ୍ୟରୁ ଅନ୍ୟ ଏକ ଉଚ୍ଚତର ଜଗତ୍ ଭିତରକୁ ପଳାୟନ କରିବା । କିନ୍ତୁ ରୂପାନ୍ତର କର୍ମ ସେପରି ହୋଇପାରିବ ନାହିଁ । ଏଥିନିମିତ୍ତ ସାଧକକୁ ଶରୀର ମଧ୍ୟରେହିଁ ଉପସ୍ଥିତ ରହିବାକୁ ହେବ । ସେଥିପାଇଁ ନିଜର ବିପୁଳ ଦିବ୍ୟ ଓ ଅଦମନୀୟ ଶକ୍ତି ରହିଥିବା ସତ୍ତ୍ୱେ ଶ୍ରୀମା ଏହି ଅନ୍ତିମ ପର୍ଯ୍ୟାୟରେ ନିଜର ଶରୀର ମଧ୍ୟରେ ସ୍ଥିର ହୋଇ ରହିବାର ସୀମାବଦ୍ଧତାକୁ ବରଣ କରିଥିଲେ । ଶରୀର-ଚେତନା ସହିତ ସମ୍ପୂର୍ଣ୍ଣ ଭାବରେ ଏକୀଭୂତ ହୋଇ ତା'ର ଜଡ଼ତା, ରୋଗ, କଷ୍ଟକୁ ଜୟ କରିବାର ସାଧନା ସେ କରୁଥିଲେ । ମା' ନିଜର ଦୁଇ ହାତ ଉପରକୁ ଉଠାଇ ଭଗବାନ୍‌ଙ୍କୁ କହୁଥିଲେ, ''ତୁମେ ଯାହା ଚାହଁ, ତୁମେ ଯାହା ଚାହଁ''– କାରଣ, ସରୀସୃପଟିଏ

କିପରି ଭାବରେ ପକ୍ଷୀରେ ରୂପାନ୍ତରିତ ହୋଇଥିଲା, ତାହା ତା'ର ଶରୀରକୁ ଜଣା ନଥିଲା । ମଣିଷର ଶରୀର କିପରି ଭାବରେ ଅତିମାନବର ଶରୀରରେ ରୂପାନ୍ତରିତ ହେବ, ତା'ର ସୂତ୍ର ମଧ୍ୟ ଏ ଶରୀରକୁ ଜଣା ନାହିଁ । ତେବେ ଉପାୟ କ'ଣ ?

ମା' କହିଥିଲେ, ଶରୀର ମଧ୍ୟରେ ଯାହା କିଛି ଘଟୁଛି ତାହାକୁ ଗ୍ରହଣ କରିନେଇ ନିଜକୁ ଗୋଟିଏ ଉଚ୍ଚତର ସଂକଳ୍ପ ନିକଟରେ ପୂର୍ଣ୍ଣଭାବରେ ଛାଡ଼ିଦେବାକୁ ହେବ । କିନ୍ତୁ ଶରୀର ମଧ୍ୟରେ ଏକପ୍ରକାର ଶ୍ୱାସରୁଦ୍ଧ ଅବସ୍ଥା ରହିବା ଦରକାର, ଏକ ଆକୁଳ ଆସ୍ପୃହା ମଧ୍ୟ ରହିବା ଦରକାର ।

ଏହିପରି ଶ୍ରୀମା ଦିନ ଦିନ ଧରି ପ୍ରତି ମୁହୂର୍ତ୍ତରେ ଏକାଗ୍ର ଭାବରେ ନିଜର ସମସ୍ତ ଶକ୍ତିକୁ ପ୍ରତ୍ୟାହୃତ କରିନେଇ ଶରୀରର ସମସ୍ତ ପୁରାତନ ଅଭ୍ୟାସଗତ ପରିଚାଳନାରୁ ମୁକ୍ତ ହୋଇଥିଲେ । ତାଙ୍କର ଜୀବକୋଷଗୁଡ଼ିକ ଭିତରେ ଏକପ୍ରକାର ଶ୍ୱାସରୋଧକାରୀ ଯନ୍ତ୍ରଣାର ଚିତ୍କାର ଅହରହ ଶୁଭୁଥିଲା ।

ଏହି ପ୍ରକ୍ରିୟା ଭିତରେ ଯାଉ ଯାଉ ହଠାତ୍ ଜୁଲାଇ ୨୪, ୧୯୫୯ ମସିହାରେ କୌଣସି କାରଣ ନଥାଇ ଶ୍ରୀମା ନିଜର ଶରୀର ମଧ୍ୟରେ ଅତିମାନସ ଶକ୍ତିକୁ ପ୍ରତ୍ୟକ୍ଷ ଭାବରେ ଅନୁଭବ କଲେ । ଏହା ତାଙ୍କର ପୂର୍ବର ସମସ୍ତ ଅଭିଜ୍ଞତାଠାରୁ ଭିନ୍ନ ଥିଲା । ଏ ସମ୍ବନ୍ଧରେ ସେ କହିଛନ୍ତି, ''ପ୍ରଥମ ଥର ପାଇଁ ଅତିମାନସ ଶକ୍ତି ମୋର ଶରୀର ମଧ୍ୟକୁ ସିଧାସଳଖ ଭାବରେ ପ୍ରବେଶ କଲା... ଏହା ମୋର ଅନ୍ୟାନ୍ୟ ଆନ୍ତର ସ୍ତର ମଧ୍ୟଦେଇ ଆସି ନଥିଲା, ଏହା ମୋର ପାଦଦେଇ ପ୍ରବେଶ କଲା, ଏହା ଲାଲ ଓ ସୁବର୍ଣ୍ଣ ରଙ୍ଗର ଥିଲା – ଚମତ୍କାର, ପ୍ରଗାଢ଼ ଓ ଉଷ୍ମ ଥିଲା ଆଉ ଉପରକୁ, ଉପରକୁ ଉଠି ଚାଲିଲା । ମୋ ଦେହର ଉତ୍ତାପ ମଧ୍ୟ ବଢ଼ି ବଢ଼ି ଯାଉଥିଲା । କାରଣ ଶରୀର ଏ ପ୍ରକାର ପ୍ରଗାଢ଼ତା ସହିତ ଅଭ୍ୟସ୍ତ ନଥିଲା । ଯେତେବେଳେ ଏ ସମସ୍ତ ଆଲୋକ ମୋର ମସ୍ତକର ନିକଟବର୍ତ୍ତୀ ହେଲା, ମୋର ଧାରଣା ହେଲା ଯେ ମୁଁ ବିଦୀର୍ଣ୍ଣ ହୋଇଯିବି, ତେଣୁ ମୋତେ ଏହାକୁ ବନ୍ଦ କରିଦେବାକୁ ହେଲା । ତା'ପରେ ମୋତେ ନିର୍ଦ୍ଦିଷ୍ଟ ଭାବରେ ପ୍ରଶାନ୍ତି ଓ ସ୍ଥିରତାକୁ ଓହ୍ଲାଇ ଆଣିବାକୁ ଇଙ୍ଗିତ ଦିଆଗଲା । ଯେପରି ତାହା ଅତିମାନସ ଶକ୍ତିକୁ ଧାରଣ କରିପାରିବ । ତେଣୁ ମୁଁ ବିସ୍ତୃତ ହୋଇଗଲି, ଆଲୋକ ମୋ' ଭିତରେ ଏପରି ଆରୋହଣ କଲାବେଳେ ମୁଁ ବିଶାଳତା ଓ ଅବିକୃତ ଶାନ୍ତିକୁ ଓହ୍ଲାଇ ଆଣିଲି । ହଠାତ୍ ମୁଁ ସଂଜ୍ଞାହୀନ ହୋଇଗଲି ଏବଂ ନିଜକୁ ଅନ୍ୟ ଗୋଟିଏ ଜଗତ୍ ଭିତରେ ଦେଖିଲି, କିନ୍ତୁ ଏହା ଦୂରରେ ନଥିଲା,... ଏହା ଆମର ଏହି ଭୌତିକ ଜଗତ୍ ଭଳି ସ୍ଥୂଳ ଥିଲା ।'' (୬.୧୦.୧୯୫୯)

ଆଶ୍ଚର୍ଯ୍ୟର କଥା ଯେ ଶ୍ରୀଅରବିନ୍ଦଙ୍କର ମହାପ୍ରୟାଣର ୯ବର୍ଷ ପରେ ମା' ସେହିଠାରେ ଶ୍ରୀଅରବିନ୍ଦଙ୍କୁ ଶାରୀରିକ ଭାବରେ ପ୍ରତ୍ୟକ୍ଷ କଲେ । ସତେ ଯେପରି, ହଠାତ୍ ମୃତ୍ୟୁର ପରଦା ଉଠିଗଲା । ଆଉ ଏହି ଶରୀରର ପ୍ରକୃତ ଅସ୍ତିତ୍ୱ ନିମିତ୍ତ ମୃତ୍ୟୁ ଥିଲା ଏକ ଆବରଣ ମାତ୍ର ।

ଶ୍ରୀମା ସେହି ଜଗତରେହିଁ ଶ୍ରୀଅରବିନ୍ଦଙ୍କୁ ଜୀବିତ ଅବସ୍ଥାରେ ଦେଖିଥିଲେ ଓ ଏହାକୁ ''ଶ୍ରୀଅରବିନ୍ଦଙ୍କର ନିବାସ'' ବୋଲି କହିଥିଲେ । ମା'ଙ୍କର ଅଭିଜ୍ଞତାଟି ଏହିପରି ଥିଲା :

''ସେହି ଜଗତ୍ ଆମର ଏ ଭୌତିକ ଜଗତ୍ ଭଳି ଦୃଢ଼ ଓ ସ୍ଥାୟୀ ଥିଲା, ସେଠାରେ ଅନେକଗୁଡ଼ିଏ କୋଠରି ଥିଲା, ଶ୍ରୀଅରବିନ୍ଦଙ୍କର କୋଠରିରେ ସେ ବିଶ୍ରାମ କରୁଥିବା ଖଟ ଓ ଶଯ୍ୟା ରହିଥିଲା । ସେ ସେଠାରେ ସଦାବେଳେ ରହିଥିଲେ । ଏହା ତାଙ୍କର ନିବାସ ଥିଲା । ଏପରି କି ମୋର କୋଠରି ମଧ୍ୟ ସେଠାରେ ରହିଥିଲା । ଏଠାରେ ଯେପରି ମୋର ବଡ଼ ଦର୍ପଣଟିଏ ରହିଛି, ସେଠାରେ ମଧ୍ୟ ସେପରି ରହିଥିଲା । ମୋର ପାନିଆ ଓ ଅନ୍ୟାନ୍ୟ ଜିନିଷ ଥିଲା । ଏସବୁ ପଦାର୍ଥ ଏହି ଜଗତର ପଦାର୍ଥସବୁ ଭଳି ଘନ ଥିଲା କିନ୍ତୁ ଏଗୁଡ଼ିକର ନିଜସ୍ୱ ଆଲୋକ ରହିଥିଲା । ଏସବୁ ଉଜ୍ଜ୍ୱଳ ନଥିଲେ, କିନ୍ତୁ ଥିଲେ ସ୍ୱୟଂପ୍ରଭ । ଏହି କୋଠରିର ଉପାଦାନସବୁ ଏଠାକାର ବସ୍ତୁରାଜି ଭଳି ଅସ୍ୱଚ୍ଛ, କଠିନ ବା ଶୁଷ୍କ ନଥିଲେ । ଶ୍ରୀଅରବିନ୍ଦ ସେଠାରେ ନିଜସ୍ୱ ମହିମାରେ, ଅତି ଅଦ୍ଭୁତ ସୌନ୍ଦର୍ଯ୍ୟ ସହିତ ଉପସ୍ଥିତ ଥିଲେ ଓ ପୂର୍ବପରି ତାଙ୍କର କେଶରାଜି ଅତି ସୁନ୍ଦର ଥିଲା... ମୁଁ ସେଠାରେ ଘଣ୍ଟାଟିଏ ରହିଥିଲି (ମୁଁ ଯିବା ପୂର୍ବରୁ ଓ ଫେରିବା ପରେ ଘଣ୍ଟା ଦେଖିଥିଲି) ମୁଁ ଶ୍ରୀଅରବିନ୍ଦଙ୍କ ସହିତ କଥା କହିଲି । ସେ କିଛି କହିଲେ ନାହିଁ । ସେ ନୀରବରେ ମୋ କଥାକୁ ଶୁଣିଲେ ଏବଂ ଏପରି ଭାବରେ ମୋତେ ଚାହିଁଲେ, ସତେ ଯେପରି ସବୁଶବ୍ଦ ଅଦରକାରୀ । ସେ ସଙ୍ଗେ ସଙ୍ଗେ ସବୁ ବୁଝି ପାରିଲେ ।... ମୁଁ ଯେତେବେଳେ ଜାଗ୍ରତ୍ ହେଲି, ମୋର ଅନୁଭବ ହେଲା ନାହିଁ ଯେ ମୁଁ ଦୂରରୁ ଆସିଛି ଏବଂ ମୋର ଶରୀର ମଧ୍ୟରେ ପୁନର୍ବାର ପ୍ରବେଶ କରୁଛି ସାଧାରଣତଃ ମୁଁ ଯେପରି କରିଥାଏ । ସତେଯେପରି ମୁଁ ଅନ୍ୟ ଗୋଟିଏ ଜାଗାରେ ଥିଲି ଓ ଗୋଟିଏ ପାଦ ପଛକୁ ପକାଇ ପୁଣି ଏଠାରେ ପହଞ୍ଚିଗଲି । ମୋତେ

ଏକଥା ବୁଝିବାକୁ ଅଧଘଣ୍ଟାଏ ଲାଗିଲା ଯେ ଏହି ଜଗତ୍, ଅନ୍ୟ ଜଗତଟି ଭଳି ଅବସ୍ଥିତ ଏବଂ ବର୍ତ୍ତମାନ ମୁଁ ମିଥ୍ୟାର ଜଗତରେ ରହିଛି ।... ତେଣୁ, କଥା ଏପରି ନୁହେଁ ଯେ ସତ୍ୟର ଜଗତଟି କିଛି ନଥିବା ଅବସ୍ଥାରୁ ହଠାତ୍ ସୃଷ୍ଟି ହେବ । ଏହା ପୂର୍ଣ୍ଣ ଭାବରେ ଏଠାରେ ରହିଛି । ଆମର ବର୍ତ୍ତମାନର ଜଗତରେ ଏକ ବାହ୍ୟ ରେଖାଙ୍କନ ଭଳି ।'' (୬.୧୦.୧୯୫୯)

ଏହା ପୂର୍ବରୁ ଶ୍ରୀଅରବିନ୍ଦଙ୍କୁ ମାନସିକ, ପ୍ରାଣିକ ଓ ଚୈତ୍ୟ ଜଗତରେ ଶ୍ରୀମା ଦେଖୁଥିଲେ । କିନ୍ତୁ ବର୍ତ୍ତମାନ ସେ ତାଙ୍କୁ ଶରୀର ମଧ୍ୟରେ ଖୋଜି ପାଇଲେ । ଅର୍ଥାତ୍ ନୂତନ ଅତିମାନସ ଜଡ଼ ପଦାର୍ଥର ଜଗତ୍ ଏବଂ ଆମର ଏହି ଜଡ଼ ଜଗତ୍ ମଧ୍ୟରେ ସଂଯୋଗ ସେତୁଟିକୁ ଖୋଜି ପାଇବାକୁ ଶ୍ରୀମା'ଙ୍କୁ ୯ ବର୍ଷ ଲାଗିଥିଲା । ଶ୍ରୀଅରବିନ୍ଦଙ୍କର ନିବାସରେ ସେ ଶାରୀରିକ ଭାବରେ ଉପସ୍ଥିତ ହେବାର ଅଭିଜ୍ଞତା ପରେ ସାଧନାର ଅନେକ ପର୍ଯ୍ୟାୟ ଉନ୍ମୋଚିତ ହୋଇଥିଲା । ❖

# ଜଡ଼ରେ ପରମଙ୍କ ପୂଜା

## ଶ୍ରୀମା

ସମସ୍ତ ଧର୍ମରେ, ବିଶେଷ କରି ଗୁହ୍ୟବିଦ୍ୟାର ଦୀକ୍ଷାରେ ବିଭିନ୍ନ ପ୍ରକାରର ସାଧନା କ୍ରିୟାକୁ ପୁଙ୍ଖାନୁପୁଙ୍ଖ ଭାବରେ ଦର୍ଶାଯାଇଛି । ପ୍ରତ୍ୟେକଟି ଶବ୍ଦର ଉଚ୍ଚାରଣ, ପ୍ରତ୍ୟେକଟି ଅଙ୍ଗଭଙ୍ଗୀର ଗୁରୁତ୍ୱ ନିରୂପଣ କରାଯାଇଛି । ଏବଂ ସେହିସବୁ ନିୟମର ସାମାନ୍ୟ ବ୍ୟତିକ୍ରମ, ସାମାନ୍ୟ ଭୁଲର ଭୟାବହ ପରିଣାମ ହୋଇପାରେ । ବାସ୍ତବ ଜୀବନରେ ମଧ୍ୟ ଏହା ପ୍ରଯୁଜ୍ୟ ଏବଂ ଯଦି ଜଣେ ଜୀବନର ଯଥାର୍ଥ ମାର୍ଗ ଗ୍ରହଣ ପାଇଁ ଦୀକ୍ଷିତ ହୋଇଥାଏ ତେବେ ଏହି ବାସ୍ତବ ସ୍ଥୂଳ ଅସ୍ତିତ୍ୱକୁ ରୂପାନ୍ତରିତ କରିବା ପାଇଁ ସେ ସମର୍ଥ ହୋଇପାରେ ।

ଯଦି ଶରୀରକୁ ପରମପ୍ରଭୁଙ୍କର ଏକ ମନ୍ଦିରରୂପେ ବିଚାର କରାଯାଏ ତା'ହେଲେ ଉଦାହରଣସ୍ୱରୂପ ଚିକିତ୍ସା-ବିଜ୍ଞାନକୁ ସେହି ମନ୍ଦିରର ପ୍ରାରମ୍ଭିକ ପୂଜାରୂପେ ଗ୍ରହଣ କରାଯିବା ଉଚିତ ଏବଂ ସମସ୍ତ ପ୍ରକାରର ଚିକିତ୍ସକଙ୍କୁ ପୁରୋହିତ ରୂପେ ଗ୍ରହଣ କରାଯାଇପାରେ ଯେଉଁମାନେ ସେହି ପୂଜାର ନାନା ଦୀକ୍ଷାରେ ଅଂଶ ଗ୍ରହଣ କରନ୍ତି । ଏହି ଭାବରେ ଚିକିତ୍ସା ଓ ଔଷଧ ଏକ ପ୍ରକାର ପୌରୋହିତ୍ୟ ଏବଂ ତାହାକୁ ସେହି ଭାବରେହିଁ ଗ୍ରହଣ କରାଯିବା ଉଚିତ ।

ଶରୀର-ଚର୍ଚ୍ଚାକୁ ଏବଂ ଶରୀର ଓ ତାହାର କ୍ରିୟାସହ ଜଡ଼ିତ ସମସ୍ତ ବିଜ୍ଞାନ ସଂପର୍କରେ ସେହି ଏକ କଥା କୁହାଯାଇପାରେ । ଏବଂ ଯଦି ଜଡ଼ବିଶ୍ୱକୁ ତା'ର ବାହ୍ୟ ପରିଧାନ ଓ ପରମଙ୍କ ପ୍ରକାଶ ବୋଲି ଗ୍ରହଣ କରାଯାଏ, ତେବେ ସାଧାରଣଭାବେ ଏହା କୁହାଯାଇପାରେ ଯେ ଜଡ଼ବିଜ୍ଞାନ ହେଉଛି ସେହି ପୂଜାର ନାନା ଉପଚାର ।

ଏହି ଭାବରେ ଆମେ ସେହି ଏକା ଜିନିଷକୁ ବାରଂବାର ଫେରିଆସୁ – ପୂର୍ଣ୍ଣ ଆନ୍ତରିକତାର ଆବଶ୍ୟକତା ଏକ ପୂର୍ଣ୍ଣ ସଚ୍ଚୋଟତା, ଆମେ ଯେଉଁ କର୍ମ କରୁ ସେସମ୍ପର୍କରେ ଏକ ମର୍ଯ୍ୟାଦାର ଭାବ, ଯାହା ଫଳରେ କର୍ମଟି ଠିକ୍ ଯେପରି କରାଯିବା ଉଚିତ, ସେହି ଭାବରେହିଁ କରାଯାଇପାରିବ ।

ଯଦି ଜଣେ ସବୁକିଛିକୁ ପୁଙ୍ଖାନୁପୁଙ୍ଖ ଭାବରେ, ପୂର୍ଣ୍ଣଭାବରେ ଜାଣିପାରିବ, ଜୀବନର ସମସ୍ତ କ୍ରିୟାକର୍ମକୁ ଠିକ୍‌ଭାବରେ ଅନୁଧ୍ୟାନ କରିପାରିବ, ବାସ୍ତବ ସ୍ଥୂଳ ଜୀବନରେ କିପରି ପରମପ୍ରଭୁଙ୍କ ପୂଜା କରିହେବ, ତାହା ବୁଝିପାରିବ ତା'ହେଲେ ଜୀବନ ହେବ ଏକ ବିସ୍ମୟକର ଅଭିବ୍ୟକ୍ତି – ଜାଣିପାରିବା ଓ ଅଧିକ ଭୁଲ୍ ନକରିବା, ଆଦୌ କୌଣସି ଭୁଲ୍ ନକରିବା । ଏହି ଜୀବନ-ଉତ୍ସବଟିକୁ ଏକ ଦୀକ୍ଷାର ପୂର୍ଣ୍ଣତା ନେଇ ସମ୍ପନ୍ନ କରାଯାଇପାରିବ ।

(M.C.W., Vol - 15, p. 354) ❖

ପୂର୍ଣ୍ଣଯୋଗର ଭିତ୍ତି, ପ୍ରସ୍ତୁତି ଓ ପରିଣତି (୨୭)

# ମାନବଜୀବନ ଓ ସମାଜରେ ପୂର୍ଣ୍ଣଯୋଗର ପୂର୍ଣ୍ଣାଙ୍ଗ ପ୍ରୟୋଗ

ଶ୍ରୀପତି ଦାସ

ମାନବସମାଜ ଯେଉଁ ଅକଳନୀୟ ବିରାଟ ବିଶ୍ୱବ୍ରହ୍ମାଣ୍ଡ ମଧ୍ୟରେ ବାସକରେ ତାହାର ଏକ ବିଶ୍ଲେଷଣ କଲେ ଦେଖାଯାଏ ଯେ ଏହାର ମୁଖ୍ୟତଃ ତିନୋଟି ବିଭାବ ରହିଛି, ଯଥା : ଜଡ଼ଜଗତ୍, ଉଦ୍ଭିଦଜଗତ୍ ଓ ପ୍ରାଣିଜଗତ୍ । ପୁନଶ୍ଚ ପ୍ରାଣିଜଗତ୍‌କୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ, ଯଥା : ନିମ୍ନତର ପ୍ରାଣିସମାଜ ଓ ଉଚ୍ଚତର ମାନବସମାଜ । ନିମ୍ନତର ପ୍ରାଣିଜଗତ୍ ଅପେକ୍ଷା ଉଚ୍ଚତର ପ୍ରାଣିଜଗତ୍ ବା ମାନବଜଗତ୍ ମଧ୍ୟରେ ପାର୍ଥକ୍ୟ ଏହି ଯେ ମାନବ ବ୍ୟକ୍ତିତ୍ୱର ରହିଛି ଶରୀର, ପ୍ରାଣ ଓ ଉଚ୍ଚତର ମନ ସହିତ ଚୈତ୍ୟସତ୍ତା ବା ଅନ୍ତରାତ୍ମା ଯାହା ପରମାତ୍ମା ବା ପରମେଶ୍ୱରଙ୍କର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହି ଅନ୍ତରାତ୍ମାର ଉପସ୍ଥିତିହିଁ ମାନବଜୀବନର ବୈଶିଷ୍ଟ୍ୟ ଯାହା ଏହାକୁ ଅନ୍ୟ ସକଳ ଜୀବନମାନଙ୍କଠାରୁ ଉଚ୍ଚତମ ସ୍ତରରେ ଆରୂଢ଼ କରାଇଛି । ଏହି ଅନ୍ତରାତ୍ମାର ରହିଛି ପରମାତ୍ମାଙ୍କ ଅସ୍ତିତ୍ୱ ସମ୍ବନ୍ଧେ ସଚେତନତା ଏବଂ ଏହାର ରହିଛି ଏକ ଅଭୀପ୍ସା ଯାହା ନିତ୍ୟନିରନ୍ତର ପରମାତ୍ମାଙ୍କ ସହ ଏକୀଭୂତ ହେବା ନିମିତ୍ତ ପ୍ରଚେଷ୍ଟାଶୀଳ । ଜ୍ଞାନ, ପ୍ରେମ, ଶକ୍ତି ଓ ସୌନ୍ଦର୍ଯ୍ୟ – ପରମେଶ୍ୱରଙ୍କର ଏହି ଚାରୋଟି ମୁଖ୍ୟ ବିଭାବର ନିତ୍ୟନୂତନ ପ୍ରଗତିଶୀଳ ଦିବ୍ୟପୂର୍ଣ୍ଣତା ଦିଗରେ ଅନ୍ତରାତ୍ମା ସର୍ବଦା ପ୍ରଧାବିତ ହୋଇଚାଲିଛି । କିନ୍ତୁ ଶରୀର-ପ୍ରାଣ-ମନର ଅଜ୍ଞାନମୂଳକ ଅନ୍ଧକାରହିଁ ଏହି ପ୍ରଗତିର ବିରାଟ ଅନ୍ତରାୟଭାବେ ଦଣ୍ଡାୟମାନ । ଅନ୍ତରାତ୍ମା ମାଧ୍ୟମରେ ଏହି ତ୍ରିବିଧସତ୍ତାର ପୂର୍ଣ୍ଣାଙ୍ଗ ଦିବ୍ୟ ରୂପାନ୍ତରସାଧନ ସହ ସର୍ବାଙ୍ଗୀଣ ଦିବ୍ୟପୂର୍ଣ୍ଣତାକୁ ଏଥି ମଧ୍ୟରେ ପ୍ରତିଷ୍ଠିତ କରିବାହିଁ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ପ୍ରବର୍ତ୍ତିତ ପୂର୍ଣ୍ଣଯୋଗର ଲକ୍ଷ୍ୟ ।

ପୂର୍ଣ୍ଣଯୋଗର ଏହି ପୂର୍ଣ୍ଣାଙ୍ଗ ଲକ୍ଷ୍ୟକୁ ମାନବସମାଜରେ ପ୍ରତିଷ୍ଠିତ କରିବାକୁ ଗଲାବେଳେ ଦେଖାଯାଏ ଯେ ସକଳ ମାନବଙ୍କ ମଧ୍ୟରେ ଏହି ପୂର୍ଣ୍ଣାଙ୍ଗ ଅଭୀପ୍ସା ସମଭାବରେ ଦୃଷ୍ଟିଗୋଚର ହୁଏ ନାହିଁ ବା ସମସ୍ତଙ୍କ ମଧ୍ୟରେ ଏହି ପୂର୍ଣ୍ଣାଙ୍ଗ ସାମର୍ଥ୍ୟ ନଥାଏ । ଅନ୍ୟ ଏକ ଦିଗରୁ ମାନବସମାଜକୁ ବିଶ୍ଲେଷଣ କଲେ ସବଳ ଓ ଦୁର୍ବଳ – ଏହି ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇପାରେ । ପୁନଶ୍ଚ ଦୁର୍ବଳମାନଙ୍କୁ ଅନ୍ୟ କେତୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ । ଯଥା : ଅବୋଧ ବା ଶିଶୁ, ଅବଳା ବା ନାରୀ, ଅଶକ୍ତ ବା ବୃଦ୍ଧ, ଅପାଙ୍ଗ ବା ବିକୃତ ଅଙ୍ଗବିଶିଷ୍ଟ ମାନବ ଏବଂ ବଣଜଙ୍ଗଲରେ ବାସ କରୁଥିବା ଆଦିବାସିଗଣ । ଅବୋଧ ବା ଶିଶୁମାନଙ୍କର ଚେତନାର ବିକାଶ ହୋଇ ନଥିବାରୁ ସେମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ ନିମିତ୍ତ ପିତାମାତା ଦାୟୀ ହେବା ଆବଶ୍ୟକ । ଅବଳା ବା ନାରୀମାନଙ୍କୁ ସମାଜରେ ଉଚ୍ଚତର ସ୍ଥାନ ନ ଦେଇ ଅତୀତରେ କେବଳ ଗୃହ ମଧ୍ୟରେ ଆବଦ୍ଧ କରି ରଖାଯାଇଥିଲା । କିନ୍ତୁ ଯୁଗ ବଦଳିଛି ଏବଂ ବର୍ତ୍ତମାନ ନାରୀମାନେ ମଧ୍ୟ ସମାଜର ପ୍ରତ୍ୟେକ ବିକାଶକ୍ଷେତ୍ରରେ ଅଂଶଗ୍ରହଣ କରିବା ନିମିତ୍ତ ଆଗଭର ହେଲେଣି । ଅଶକ୍ତ ବା ବୃଦ୍ଧମାନଙ୍କର ଶରୀର ଓ ସ୍ୱାସ୍ଥ୍ୟର ଯତ୍ନ ନେବା ନିମିତ୍ତ ପୁତ୍ରକନ୍ୟାମାନେ ଓ ଗୃହର ଅନ୍ୟ ସଦସ୍ୟମାନେ ଆନ୍ତରିକଭାବେ ସେବା କରିବା ଉଚିତ । ଅପାଙ୍ଗ ବା ବିକୃତ ଅଙ୍ଗବିଶିଷ୍ଟ ମାନବ (ଅନ୍ଧ, ମୂକ, ବଧିର, ଛୋଟା ପ୍ରଭୃତି)-ମାନଙ୍କର ସମାଜ ତଥା ସରକାର ଯତ୍ନ ନେଇ ସେମାନଙ୍କୁ ଯଥାସମ୍ଭବ ସତ୍ୟଚେତା ଓ କର୍ମକ୍ଷମ ହୋଇଉଠିବା ନିମିତ୍ତ ସଚେଷ୍ଟ କରାଇବା ଆବଶ୍ୟକ । ଆଦିବାସୀମାନେ ବହୁକାଳ ଧରି ପତିତ ଅବସ୍ଥାରେ ପଡ଼ି ରହିଥିଲେ । ବର୍ତ୍ତମାନ ଆଦିବାସୀମାନଙ୍କର ସର୍ବାଙ୍ଗୀଣ ବିକାଶ ନିମିତ୍ତ ସରକାର ବିଶେଷ ଦୃଷ୍ଟି ଦେଉଛନ୍ତି । ଏହି ପାରସ୍ପରିକ ସହାୟତା, ଏକତା ଓ ସଙ୍ଗତି ବିନା ଜୀବନ ଓ ସମାଜରେ ପୂର୍ଣ୍ଣଯୋଗର ଅଭ୍ୟାସ ଓ ବିକାଶ ଅସମ୍ଭବ । କାରଣ ପୂର୍ଣ୍ଣଯୋଗ ଏକ ସାମୂହିକ ଯୋଗ ଏବଂ ସମସ୍ତଙ୍କୁ ନେଇହିଁ ଏହାର ସର୍ବାଙ୍ଗୀଣ ବିକାଶ ସମ୍ଭବପର ହୋଇପାରେ । ତେଣୁ ଏଦିଗରେ ବିଶେଷ ଦୃଷ୍ଟି ଦେଇ ପ୍ରତ୍ୟେକ ବ୍ୟକ୍ତି, ସମାଜ ଓ ସରକାର ଯତ୍ନବାନ ହେବା ଆବଶ୍ୟକ ।

ଆର୍ଯ୍ୟସମାଜ ବେଦବର୍ଣ୍ଣିତ 'ଚତୁର୍ବର୍ଗ', 'ଚତୁର୍ବର୍ଣ୍ଣ' ଓ 'ଚତୁରାଶ୍ରମ' ଦ୍ୱାରା ବିଶେଷଭାବେ ପ୍ରଭାବିତ ହେଉଥିଲା ଏବଂ

ଏସବୁର ଦୃଢ଼ ବ୍ୟବସ୍ଥା ରହି ଆସିଥିଲା ଯାହା ବର୍ତ୍ତମାନ ସମାଜରେ ଅବ୍ୟବସ୍ଥିତ ହୋଇଯାଇଛି । ଚତୁର୍ବର୍ଗ ହେଉଛି ମାନବଜୀବନର ଚାରୋଟି ଲକ୍ଷ୍ୟ : ଧର୍ମ, ଅର୍ଥ, କାମ ଓ ମୋକ୍ଷ ଯାହାକୁ 'ପୁରୁଷାର୍ଥ' ବୋଲି ମଧ୍ୟ କୁହାଯାଏ । ଧର୍ମ ଅର୍ଥାତ୍ ସତ୍ୟର ପୂର୍ଣ୍ଣଜ୍ଞାନ ଓ କର୍ତ୍ତବ୍ୟକର୍ମ-ସାଧନର ଯାଥାର୍ଥ୍ୟ ସମ୍ବନ୍ଧେ ସଚେତନ ହେବା ନିମିତ୍ତ ଶିକ୍ଷାଲାଭ; ଅର୍ଥ ହେଉଛି ଶରୀର ଓ ସ୍ୱାସ୍ଥ୍ୟ ନିମିତ୍ତ ବା ଜୀବନର ରକ୍ଷଣାବେକ୍ଷଣ ନିମିତ୍ତ ଆବଶ୍ୟକ ଧନ-ସମ୍ପତ୍ତିର ଉପାର୍ଜନ; 'କାମ' ହେଉଛି ଜୀବନରେ ଶରୀର-ପ୍ରାଣ-ମନର କାମନା-ବାସନାର ସୁସଂଯତ ଉପଭୋଗ; 'ମୋକ୍ଷ' ହେଉଛି ମାନବଜୀବନର ଅପରିହାର୍ଯ୍ୟ ଲକ୍ଷ୍ୟ ପରମ ସତ୍ୟୋପଲବ୍ଧି ଯାହାକୁ ମୋକ୍ଷ ବା ଆଧ୍ୟାତ୍ମିକ ସିଦ୍ଧିପ୍ରାପ୍ତି ବୋଲି କୁହାଯାଏ । ଏସବୁକୁ ପୂର୍ଣ୍ଣଯୋଗରେ ସତ୍ୟର ଚତୁରଙ୍ଗ – ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣପ୍ରେମ, ପୂର୍ଣ୍ଣଶକ୍ତି ଓ ପୂର୍ଣ୍ଣସୌନ୍ଦର୍ଯ୍ୟର ଉପଲବ୍ଧି ଭାବରେ ଗ୍ରହଣ କରାଯାଏ ଯାହା ସକାଶେ ସମଗ୍ର ଜୀବନକୁ ଏକନିଷ୍ଠଭାବେ ଉତ୍ସର୍ଗ କରିବାକୁ ହୋଇଥାଏ ।

ଉପରୋକ୍ତ 'ଚତୁର୍ବର୍ଗ'କୁ ଉପଲବ୍ଧି କରିବା ନିମିତ୍ତ ବେଦ-ପ୍ରଭାବିତ ଆର୍ଯ୍ୟସମାଜରେ 'ଚତୁରାଶ୍ରମ'ର ବ୍ୟବସ୍ଥା ଥିଲା । ଏହା ହେଉଛି 'ବ୍ରହ୍ମଚର୍ଯ୍ୟାଶ୍ରମ' ବା 'ଛାତ୍ରାଶ୍ରମ', 'ଗାର୍ହସ୍ଥ୍ୟାଶ୍ରମ', 'ବାନପ୍ରସ୍ଥାଶ୍ରମ' ଓ 'ସନ୍ନ୍ୟାସାଶ୍ରମ' । ବହୁ ପୂର୍ବେ ମାନବଜୀବନର ଅସ୍ତିତ୍ୱକାଳକୁ ଏକଶତବର୍ଷ କଳ୍ପନା କରି ପ୍ରଥମ ପଚିଶବର୍ଷକୁ ବ୍ରହ୍ମଚର୍ଯ୍ୟାଶ୍ରମରୂପେ ପାଳନ କରାଯାଉଥିଲା । ଏହା ହେଉଛି ଜ୍ଞାନାର୍ଜନ କରି ସତ୍ୟକୁ ପୂର୍ଣ୍ଣତଃ ଅବଗତ ହେବାର କାଳ । ପ୍ରାଚୀନ ଗୁରୁକୁଳାଶ୍ରମରେ ଏହାର ଦୃଢ଼ ବ୍ୟବସ୍ଥା ରହିଥିଲା । ଜୀବନର ଦ୍ୱିତୀୟ ପଚିଶବର୍ଷକୁ (୨୬ ରୁ ୫୦ ବର୍ଷ ପର୍ଯ୍ୟନ୍ତ କାଳକୁ) ଗାର୍ହସ୍ଥ୍ୟାଶ୍ରମ ବୋଲି କୁହାଯାଉଥିଲା । ଏହି ସମୟ ଶରୀର-ପ୍ରାଣ-ମନର କାମନା-ବାସନାର ଏକ ସୁସଂଯତ ଉପଲବ୍ଧି ନିମିତ୍ତ ଉଦ୍ଦିଷ୍ଟ ଥିଲା । ଜୀବନର ତୃତୀୟ ପଚିଶ ବର୍ଷକୁ (୫୧ ବର୍ଷରୁ ୭୫ ବର୍ଷ ପର୍ଯ୍ୟନ୍ତ କାଳକୁ) 'ବାନପ୍ରସ୍ଥାଶ୍ରମ' ନାମ ଦିଆଯାଉଥିଲା । ଏହି କାଳକୁ ଈଶ୍ୱରୋପଲବ୍ଧି ନିମିତ୍ତ ଉତ୍ସର୍ଗ କରି ସାଧନାରେ ବ୍ୟାପୃତ ହେବାକୁ ହେଉଥିଲା । ଜୀବନର ଚତୁର୍ଥ ପଚିଶ ବର୍ଷକୁ (୭୬ ବର୍ଷରୁ ୧୦୦ ବର୍ଷ ପର୍ଯ୍ୟନ୍ତ କାଳକୁ) 'ସନ୍ନ୍ୟାସାଶ୍ରମ' ବୋଲି କୁହାଯାଉଥିଲା । ଏହି କାଳରେ ଗୃହତ୍ୟାଗ କରି ବଣଜଙ୍ଗଲରେ ରହି ଅର୍ଥାତ୍ ସକଳ କାମନା-ବାସନା ତ୍ୟାଗ କରି ଏକାଗ୍ରଭାବେ ଭଗବତ୍ ସାଧନାରେ ନିମଗ୍ନ ହେବାକୁ ହେଉଥିଲା । ପ୍ରାଚୀନ ଆର୍ଯ୍ୟ ସମାଜର ଏହି ଲକ୍ଷ୍ୟକୁ ନିଜର ସ୍ୱଭାବ ଓ ସ୍ୱଧର୍ମ ଅନୁସାରେ ପାଳନ କରାଯିବା ଆବଶ୍ୟକ । କାରଣ ପୂର୍ଣ୍ଣଯୋଗ ହେଉଛି ସତ୍ୟୋପଲବ୍ଧି ନିମିତ୍ତ ପୂର୍ଣ୍ଣାଙ୍ଗ ସ୍ୱାଧୀନତାର ସତ୍ୟନିଷ୍ଠ କାର୍ଯ୍ୟକ୍ରମ । ସମଗ୍ର ଜୀବନକୁ ସତ୍ୟକର୍ମମୟ କରି ଗଢ଼ିତୋଳିବା ନିମିତ୍ତ ପ୍ରାଚୀନ କାଳର ଏହି ବ୍ୟବସ୍ଥାକୁ ପୂର୍ଣ୍ଣଯୋଗରେ ନିତ୍ୟନୂତନ ଆନନ୍ଦମୟ ଭାବରେ ଗ୍ରହଣ କରିବାକୁ ହୋଇଥାଏ ।

ଏହାପରେ ଆସେ ବେଦବର୍ଣ୍ଣିତ ଆର୍ଯ୍ୟ ସମାଜର 'ଚତୁର୍ବର୍ଣ୍ଣ'ର ବ୍ୟବସ୍ଥା ଯାହା ଦ୍ୱାରା ସମାଜକୁ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର – ଏହି ଚାରୋଟି ବର୍ଣ୍ଣ ବା ଜାତି ଭାବରେ ବିଭକ୍ତ କରାଯାଇଥାଏ । ଏହି ବ୍ୟବସ୍ଥାନୁଯାୟୀ ଯେଉଁମାନେ ନିଜର ସ୍ୱଭାବ ଓ ସ୍ୱଧର୍ମ ଅନୁସାରେ ସତ୍ୟ-ସାଧନା ଓ ଈଶ୍ୱରୋପଲବ୍ଧି ସକାଶେ ଜୀବନକୁ ଉତ୍ସର୍ଗ କରୁଥିଲେ ସେମାନଙ୍କୁ ବ୍ରାହ୍ମଣ ବା ବ୍ରହ୍ମୋପଲବ୍ଧି ନିମିତ୍ତ ସାଧନାରତ ବ୍ୟକ୍ତିସମୂହ ବା ଜାତି ବୋଲି କୁହାଯାଉଥିଲା । ଯେଉଁମାନେ ସତ୍ୟରକ୍ଷା ନିମିତ୍ତ ଅସତ୍ୟ ବିରୋଧରେ ସଂଗ୍ରାମରତ ରହୁଥିଲେ ସେମାନଙ୍କୁ କ୍ଷତ୍ରିୟ ବୋଲି କୁହାଯାଉଥିଲା । ଯେଉଁମାନେ ସମଗ୍ର ସମାଜର ଜୀବନଧାରଣ ବା ରକ୍ଷଣାବେକ୍ଷଣର ଆବଶ୍ୟକ ସାମଗ୍ରୀ ବା ଅର୍ଥର ଉପଯୋଗ ନିମିତ୍ତ ବାଣିଜ୍ୟ-ବ୍ୟବସାୟ କରୁଥିଲେ ସେମାନଙ୍କୁ 'ବୈଶ୍ୟ' ବୋଲି କୁହାଯାଉଥିଲା । ଯେଉଁମାନେ ଉପରୋକ୍ତ ତିନି ବର୍ଣ୍ଣ ବା ଜାତିର ସ୍ୱାସ୍ଥ୍ୟରକ୍ଷା ଓ ପରିବେଶକୁ ପରିଷ୍କାର-ପରିଚ୍ଛନ୍ନ କରି ରଖିବା ନିମିତ୍ତ ସେବା-ମନୋଭାବରେ କର୍ମ କରୁଥିଲେ ସେମାନଙ୍କୁ 'ଶୂଦ୍ର' ନାମରେ ନାମିତ କରାଯାଉଥିଲା ।

ଉପରୋକ୍ତ ଭାରତୀୟ ଆର୍ଯ୍ୟସମାଜର ଏହି ବ୍ୟବସ୍ଥା ସକଳର ପଶ୍ଚାତରେ ଏକ ଗଭୀର ସତ୍ୟ-ସାଧନାର ମର୍ମ ନିହିତ ଥିବା କଥା ଶ୍ରୀଅରବିନ୍ଦ ତାଙ୍କର ''ଭାରତୀୟ ସଂସ୍କୃତିର ଭିତ୍ତି'' (The Foundations of Indian Culture) ଗ୍ରନ୍ଥରେ ବର୍ଣ୍ଣନା କରିଛନ୍ତି । ତେବେ ପୂର୍ଣ୍ଣଯୋଗରେ ଏହି ବ୍ୟବସ୍ଥାକୁ ଗ୍ରହଣ କରି ପ୍ରତ୍ୟେକ ସାଧକକୁ ଏକସଙ୍ଗେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ହୋଇ ଉଠିବାକୁ ହେବ ଯଦ୍ଦ୍ୱାରା ସେ ସତ୍ୟର ଜ୍ଞାନ, ପ୍ରେମ, ଶକ୍ତି ଓ ସୌନ୍ଦର୍ଯ୍ୟର ଉପଲବ୍ଧି ପୂର୍ଣ୍ଣାଙ୍ଗଭାବେ କରିପାରିବେ । ଏଥିରୁ କୌଣସିଟିକୁ ପ୍ରତ୍ୟାଖ୍ୟାନ କଲେ ଚଳିବ ନାହିଁ ।

ଏହା ହେଉଛି ପ୍ରାଚୀନ ଭାରତୀୟ ଆର୍ଯ୍ୟ ସଂସ୍କୃତି ସହିତ ସାମଞ୍ଜସ୍ୟ ରକ୍ଷା କରି ପୂର୍ଣ୍ଣଯୋଗର ନିଜସ୍ୱ ଧାରାରେ ସାଂସ୍କୃତିକ

ଅର୍ଥାତ୍ ଶିକ୍ଷା ଓ ସାଧନାର ପୂର୍ଣ୍ଣାଙ୍ଗ ପ୍ରୟୋଗ ଯାହା ସମଗ୍ର ଜୀବନବ୍ୟାପୀ ଏକନିଷ୍ଠଭାବେ ଚାଲିବା ଆବଶ୍ୟକ । ଏସମ୍ବନ୍ଧେ ଶ୍ରୀମା କହନ୍ତି :

''Only one thing is absolutely indispensable : the will to discover and to realise. This discovery and realisation should be the primary preoccupation of our being, the pearl of great price which we must acquire at any cost. Whatever you do, whatever your occupations and activities, the will to find the truth of your being and to unite with it must be always living and present behind all that you do, all that you feel, all that you think.''

(CWM, Vol-12, page - 5)

ଅର୍ଥାତ୍,

''କେବଳ ଗୋଟିଏ ବିଷୟ ଏକାନ୍ତ ଅପରିହାର୍ଯ୍ୟ : ଏହି ଆବିଷ୍କାର ଓ ଉପଲବ୍ଧି ନିମିତ୍ତ ଏକ ସ୍ଥିର ସଂକଳ୍ପ । ଏହି ଆବିଷ୍କାର ଓ ଉପଲବ୍ଧି ଆମ ସମଗ୍ର ସତ୍ତାର ପ୍ରାଥମିକ ସର୍ବପ୍ରଧାନ କାର୍ଯ୍ୟ ହେବା ଉଚିତ; ଯେକୌଣସି ମୂଲ୍ୟ ଦେଇ ଆମକୁ ଏହି ବହୁମୂଲ୍ୟ ମଣିକୁ ଲାଭ କରିବାକୁ ହେବ । ତୁମେ ଯାହାବି କରନା କାହିଁକି, ତୁମର ଜୀବିକା ଓ କାର୍ଯ୍ୟ ଯାହା ବି ହେଉନା କାହିଁକି, ତୁମର ସତ୍ତାର ସତ୍ୟକୁ ଜାଣିବା ଓ ତାହା ସହ ନିଜକୁ ଏକୀଭୂତ କରିବାର ସଂକଳ୍ପକୁ ସର୍ବଦା ଜୀବନ୍ତ ରଖିବାକୁ ହେବ ଏବଂ ତୁମର ସମସ୍ତ କର୍ମ, ସମସ୍ତ ଅନୁଭୂତି ଓ ସମଗ୍ର ଚିନ୍ତା ପଶ୍ଚାତରେ ଏହି ସଂକଳ୍ପକୁ ଜାଗ୍ରତ୍ ରଖିବାକୁ ହେବ । ''

— ଶ୍ରୀମା

ଏ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କ ପ୍ରେରଣୋଦ୍ଦୀପକ ବାଣୀ ହେଉଛି :

''The nation which possesses them in the highest degree is likely to be the strongest for victory, success and greatness, but also for the contribution it can make towards the bringing about of unity and a more harmonious world order towards which we look as our hope for humanity's future.

(Sri Aurobindo: The Supramental Manifestation upon Earth, Centenary Edition, Vol. 16, p. 2 - 4)''

ଅର୍ଥାତ୍,

''ଯେଉଁ ଜାତି ଏହିସବୁ ଗୁଣ ଯେତେ ଅଧିକ ପରିମାଣରେ ଅର୍ଜନ କରେ, ବିଜୟ ନିମନ୍ତେ, ସାଫଲ୍ୟ ନିମନ୍ତେ ଓ ମହାନତା ନିମନ୍ତେ ସେ ଜାତି ସେତିକି ଅଧିକ ସମର୍ଥ ହୋଇଉଠେ ଓ ତତ୍‌ସଙ୍ଗେ ମାନବଜାତିର ଯେଉଁ ଭବିଷ୍ୟତ୍ ସକାଶେ ଆମେ ଆଶା କରୁଛୁ, ସେହି ଏକତା ଓ ଅଧିକ ସଙ୍ଗତି ଓ ସମନ୍ୱୟପୂର୍ଣ୍ଣ ଏକ ବିଶ୍ୱବ୍ୟବସ୍ଥା ଆଣିବା ଦିଗରେ ନିଜର ଶ୍ରେଷ୍ଠ ଅବଦାନ ଦେବାକୁ ସେ ଜାତି ଅଧିକ ସମର୍ଥ ହୁଏ ।''

— ଶ୍ରୀଅରବିନ୍ଦ

ପୂର୍ଣ୍ଣଯୋଗର ଉପଲବ୍ଧି ନିମିତ୍ତ ଆମକୁ ଯାହା କରିବାକୁ ହେବ, ତାହାର ବିଶ୍ଳେଷଣ କଲେ ଆମେ ଦେଖିବା ଯେ ତାହାର ମୁଖ୍ୟତଃ ସାତଟି ବିଭାବ ରହିଛି । ସେଗୁଡ଼ିକ ହେଉଛି : ସ୍ୱାସ୍ଥ୍ୟ, ଶିକ୍ଷା, ସାଧନା ଓ ସିଦ୍ଧି, ସଂସ୍କୃତି, ସଂଗଠନ, ନିରବଚ୍ଛିନ୍ନ ପ୍ରଗତି ଓ ଅନ୍ତହୀନ ପୂର୍ଣ୍ଣତା । ଏହି ପ୍ରତ୍ୟେକଟି ବିଭାବ ଆମ ପୂର୍ଣ୍ଣାଙ୍ଗ ସତ୍ୟୋପଲବ୍ଧିର ଅନିବାର୍ଯ୍ୟ ଅଙ୍ଗରୂପେ ମନୋଯୋଗ ଲାଭ କରିବା ଆବଶ୍ୟକ କାରଣ ଏଥିମଧ୍ୟରୁ କୌଣସିଟିକୁ ତ୍ୟାଗ କରି ଆମେ ଜୀବନରେ ଦିବ୍ୟପୂର୍ଣ୍ଣତା ପ୍ରାପ୍ତ ହୋଇପାରିବା ନାହିଁ । ପୂର୍ଣ୍ଣଯୋଗର ଏହି ପୂର୍ଣ୍ଣାଙ୍ଗ ଅଭିବ୍ୟକ୍ତି ତଥା ଜୀବନ, ସମାଜ ଓ ଜଗତର ଆମୂଳ ଦିବ୍ୟରୂପାନ୍ତର ନିମିତ୍ତ ଏସବୁର ସହଯୋଗୀ ଆବଶ୍ୟକତା ହେଉଛି ବ୍ୟକ୍ତିତ୍ୱ ତଥା ପରିବେଶର ପବିତ୍ରୀକରଣ (Purification) ଏବଂ ସକଳ ଅଜ୍ଞାନ-ଅହଂକାର ଓ କାମନା-ବାସନାରୁ ମୁକ୍ତି (Liberation) ତଥା ଏସବୁକୁ ପରମେଶ୍ୱରଙ୍କ ଅବାଧ କାର୍ଯ୍ୟକ୍ଷେତ୍ରରୂପେ ପରିଣତ କରିବା ନିମିତ୍ତ ସମ୍ପୂର୍ଣ୍ଣ ଭଗବତ୍ ସମର୍ପଣ ମଧ୍ୟ ଏକାନ୍ତ ଆବଶ୍ୟକ । ଏସବୁ ଆମକୁ ପୂର୍ଣ୍ଣଯୋଗର ଭିତ୍ତି ଓ ପ୍ରସ୍ତୁତି ସହ ସର୍ବାଙ୍ଗୀଣ ଦିବ୍ୟପରିଣତି ଦିଗରେ ନେଇଚାଲିବ । ଏସବୁ ସମ୍ବନ୍ଧେ ଏହି ପତ୍ରିକାର ପରବର୍ତ୍ତୀ ସଂଖ୍ୟାଗୁଡ଼ିକରେ ଆମେ କ୍ରମଶଃ ଆଲୋଚନା କରିବା ।

(କ୍ରମଶଃ)

# ମା'ହିଁ ଚେତନାର ଅମୃତ ଦିଗନ୍ତ

## ଶ୍ରୀ ବିମଳ ପ୍ରସନ୍ନ ଦାସ

''ଅସତୋ ମା ସଦ୍‌ଗମୟ
ତମସୋ ମା ଜ୍ୟୋତିର୍ଗମୟ
ମୃତ୍ୟୋର୍ମାମୃତଂ ଗମୟ ।''

ଅର୍ଥାତ୍ :

''ମୋତେ ଅସତ୍ୟରୁ ସତ୍ୟକୁ ନିଅ
ଅନ୍ଧାରରୁ ଆଲୋକକୁ ନିଅ
ମୃତ୍ୟୁରୁ ଅମୃତତ୍ୱକୁ ନେଇଯାଅ ।''

କାହିଁ କେଉଁ ଅତୀତକାଳରୁ ବୃହଦାରଣ୍ୟକ ଉପନିଷଦରେ ଆର୍ଯ୍ୟଋଷିଙ୍କ କଣ୍ଠରୁ ନିର୍ଗତ ହୋଇଛି ଏହି ମଙ୍ଗଳମୟୀ ମନ୍ତ୍ର ।

ଏହାକୁ ସ୍ୱୀକାର କରି ମହାଯୋଗୀ ଶ୍ରୀଅରବିନ୍ଦ କହିଛନ୍ତି, – 'ତଥାସ୍ତୁ' (''So be it'') । ଯୁଗ ଯୁଗ ଧରି ମୁନି, ଋଷି, ସିଦ୍ଧ-ସାଧକମାନଙ୍କର ଆଜୀବନ ଆନ୍ତରିକ ଅଭୀପ୍‌ସା ଓ ଉପଲବ୍ଧିର ଅଭିବ୍ୟକ୍ତିରେ ଭାରତୀୟ ଚେତନା ସମୃଦ୍ଧ ଓ ସମୁନ୍ନତ । ବାସ୍ତବତଃ ଏହାହିଁ ଆମ ସଂସ୍କୃତିର ନିର୍ଯ୍ୟାସ । ମାତ୍ର ସଂପ୍ରତି ଆମ ଚେତନାର ଅବସ୍ଥା ଏପରି ଯେ ଆମେ କିଛି ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନୋହୁଁ । ଦିବ୍ୟଜନନୀ ଶ୍ରୀମା ଆମକୁ ଆହ୍ୱାନ କରି କହୁଛନ୍ତି, ''Are you ready ?''– ମାତ୍ର ଆମେ ନିରୁତ୍ତର । ଆହୁରି ସ୍ପଷ୍ଟ କରି କହୁଛନ୍ତି, ''The world is preparing for a big change. Will you help ?'' ''ଏ ପୃଥିବୀ ଏକ ମହାନ୍ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେଉଛି – ତୁମେ ଏଥିରେ ସହଯୋଗ କରିବ କି ?'' ଏ ଆହ୍ୱାନର ଉତ୍ତର ଦେବାକୁ ଆମେ ଅସମର୍ଥ । ଠିକ୍ ପରଂବ୍ରହ୍ମ ଶ୍ରୀକୃଷ୍ଣ ଯେପରି କୁରୁକ୍ଷେତ୍ର ଯୁଗାନ୍ତକାରୀ ସଂଗ୍ରାମ ପୂର୍ବରୁ ଅର୍ଜୁନଙ୍କୁ ନିମିତ୍ତ ମାତ୍ର ହେବା ପାଇଁ କହିଛନ୍ତି, ''ନିମିତ୍ତ ମାତ୍ର ଭବ ସବ୍ୟସାଚୀ'' । ଅର୍ଜୁନ ବାରଂବାର ପ୍ରତ୍ୟାଖ୍ୟାନ କଲେ ମଧ୍ୟ ଦିବ୍ୟ ଆହ୍ୱାନ ତାଙ୍କଠାରୁ ଅପସରି ନଯାଇ ଶେଷରେ ନିଜର ସ୍ୱରୂପ ପ୍ରକାଶ କରନ୍ତେ, ପାର୍ଥ ନିଜେ ସମ୍ପୂର୍ଣ୍ଣ ସମର୍ପଣପୂର୍ବକ ଦିବ୍ୟକର୍ମର ଯନ୍ତ୍ରଟିଏ ହୋଇଯାଇଛନ୍ତି ।

ଏତେସବୁ ଆଦର୍ଶ ଓ ଉଦାହରଣ ସତ୍ତ୍ୱେ ଆମର ଦୁର୍ଭାଗ୍ୟ ଯେ ଆମେ ବସ୍ତୁବାଦକୁ ସମ୍ପୂର୍ଣ୍ଣ ଗ୍ରହଣ କରିପାରୁ ନାହୁଁ କିଂବା ମାୟାବାଦକୁ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରିପାରୁ ନାହୁଁ । ବର୍ତ୍ତମାନ ମାନବଜାତି ଏକ ଛଳନାମୟ ମାୟା ମଧ୍ୟରେ ଛନ୍ଦି ହୋଇଯାଇଛି । ଏଇଥିପାଇଁ ସମାଜରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବ୍ୟାପିଚାଲିଛି । ମାତ୍ର ଶ୍ରୀଅରବିନ୍ଦଙ୍କ ଅମୃତମୟ ଦୃଷ୍ଟିରେ ଭାରତରେ ଏ ଅବସ୍ଥା ଦୀର୍ଘସ୍ଥାୟୀ ହେବ ନାହିଁ । ବିବର୍ତ୍ତନର ଅଲଂଘନୀୟ ନିୟମରୁ ଉଦ୍‌ବର୍ତ୍ତନ ହେବା ପାଇଁ ମଣିଷକୁ ଏହି ମାୟାବାଦର ଊର୍ଦ୍ଧ୍ୱକୁ ଯିବାକୁ ହେବ । ଶ୍ରୀମା'ଙ୍କ ଦିବ୍ୟ ମାତୃଶକ୍ତିର ଅଂଶସ୍ୱରୂପ ମାତୃଜାତିହିଁ ଏହି ପରିବର୍ତ୍ତନର ବାର୍ତ୍ତାବହ ହେବ । କୌଣସି ଧର୍ମ ନୁହେଁ, କେବଳ ସତ୍ୟକୁହିଁ ଶ୍ରୀଅରବିନ୍ଦ ଆମକୁ ଦେଖାଇଛନ୍ତି । ପ୍ରକୃତ ଚେତନା କ'ଣ ତାହାକୁ ମାନବଜାତି ଆଗରେ ଉତ୍‌ଥାପିତ କରିଛନ୍ତି । ଯେପର୍ଯ୍ୟନ୍ତ ଚେତନାର ଗୁଣାବଳୀରେ ପରିବର୍ତ୍ତନ ନହୋଇଛି ସେପର୍ଯ୍ୟନ୍ତ ମନ୍ଦ ଚେତନା ମଣିଷକୁ ଧ୍ୱଂସମୁଖୀ କରୁଥିବ । ଏସବୁକୁ ହୃଦୟଙ୍ଗମ କରି ମଣିଷର ଚେତନା ସଦାଜାଗ୍ରତ୍ ରହିବା ଆବଶ୍ୟକ । ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଯୁଗ୍ମ ସତ୍ତାକୁ ଯେଉଁମାନେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସର୍ବୋତ୍ତମ ସମନ୍ୱୟ ବୋଲି କହୁଛନ୍ତି, ତାହା ନିଶ୍ଚୟ ଆଂଶିକ ସତ୍ୟ । ମାତ୍ର ଆଧ୍ୟାତ୍ମିକତାର ଦୁଇଟି ଦିଗ – ଯୋଗ ଓ ତନ୍ତ୍ରର ଏକ ପୂର୍ଣ୍ଣାଙ୍ଗ ସତ୍ୟ ହେଉଛନ୍ତି ଶ୍ରୀମା ଓ ଶ୍ରୀଅରବିନ୍ଦ । ସେଥିପାଇଁ ମା' ନିଜେ କହିଛନ୍ତି ଶ୍ରୀଅରବିନ୍ଦଙ୍କ ବ୍ୟତିରେକେ ତାଙ୍କର ସ୍ଥିତି ନାହିଁ ଓ ତାଙ୍କ (ଶ୍ରୀମାଙ୍କ) ବିନା ଶ୍ରୀଅରବିନ୍ଦଙ୍କର ପ୍ରକାଶ ନାହିଁ ।

ଭାରତରେ ଯୁଗ ଯୁଗ ଧରି ଚେତନାର ଭିତ୍ତିଭୂମି ଉପରେ ଗବେଷଣା ଚାଲିଛି ଓ ବହୁ ମୁନି-ଋଷି ବହୁ ସତ୍ୟର ପ୍ରତିଷ୍ଠା କରିଛନ୍ତି । ଏହି ସତ୍ୟ କହିଛି ଯେ ବର୍ତ୍ତମାନର ସ୍ଥୂଳ ଜୀବନ ସର୍ବଶେଷ କଥା ନୁହେଁ । ଏହି ଜୀବନ ମୃତ୍ୟୁରେ ଶେଷ ହୁଏ ନାହିଁ, କିଂବା ନିର୍ବାଣ ଏହାର ଚୂଡ଼ାନ୍ତ ପର୍ଯ୍ୟାୟ ନୁହେଁ । ଶ୍ରୀମା, ଶ୍ରୀଅରବିନ୍ଦ ଏହି ଜୀବନ ଓ ଜଗତର ରୂପାନ୍ତର ଏବଂ ମଣିଷକୁ ଦିବ୍ୟଜୀବନ ପ୍ରତିଷ୍ଠାର ନିଶ୍ଚୟତା ଦେବା ସହିତ ଅମୃତତ୍ୱର ପ୍ରତିଶ୍ରୁତି ଦେଇଛନ୍ତି । ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଦୀର୍ଘ ସାଧନାମୟ ଜୀବନର ମହାନ୍ ଅବଦାନ ହେଉଛି ମାତୃ ମହାମନ୍ତ୍ର । ତାଙ୍କ ଦିବ୍ୟଦୃଷ୍ଟିରେ ମା'ହିଁ ଚେତନାର ଅମୃତ ଦିଗନ୍ତ ।

ମହାକାବ୍ୟ 'ସାବିତ୍ରୀ'ରେ ଏହି ଅମୃତମୟତା ବେଶ୍ ସୁସ୍ପଷ୍ଟ । ମହାଯୋଗୀଙ୍କ ଅନୁପମ ଭାଷାରେ :–

''The undying Truth appeared,
the enduring Power
Of all that here is made and then destroyed,
The Mother of all godheads and all strengths
Who, mediatrix, binds earth to the Supreme.''

(Savitri, P. 313)

ଅର୍ଥାତ୍ :

''ସୃଷ୍ଟ ଯା ଏଠାରେ ହୁଏ, ପୁଣି ଯା ବିନଷ୍ଟ
ହୁଏ ତା'ର ଅବିନାଶୀ ସତ୍ୟ ପ୍ରକଟିତ,
ଆବର ତା' ଶକ୍ତି ଯାହା ରହେ ଚିରକାଳ ।
ନିଃଶେଷ ଦେବତା ଶକ୍ତି, ଆଦିମାତା ସେ ଯେ
ମଧ୍ୟସ୍ଥାରୂପିଣୀ ଯୋଡ଼େ ପୃଥିବୀକୁ ଆମ
ପରାତ୍ପର ତତ୍ତ୍ୱସଙ୍ଗେ;...''

(ସାବିତ୍ରୀ, ପଦ୍ୟାନୁବାଦ, ଶ୍ରୀ ନିମାଇ ଚରଣ ମହାପାତ୍ର)

ଏବଂ ଯାହାଙ୍କ ଭିତରେ ସାକାର ଓ ନିରାକାର ପୂର୍ଣ୍ଣ ସମନ୍ୱିତ :

''The Formless and the Formed were
joined in her:.''

(ibid, P.-314 )

ଜଗତ୍ ଓ ଜୀବନର କଲ୍ୟାଣ ପାଇଁ ଦିବ୍ୟ ଜନନୀ ଶ୍ରୀମା ମାନୁଷୀ ରୂପରେ ଅବତରଣ କରିଛନ୍ତି । ଋଷି କବିଙ୍କ ଉକ୍ତିରେ –

''A WORLD'S desire
compelled her mortal birth.''

(ibid, P. 22)

ଅର୍ଥାତ୍ :

''ବାଧ୍ୟ କରିଥିଲା ଏକ ବିଶ୍ୱର ଆସ୍ପୃହା
ସାବିତ୍ରୀଙ୍କ ଜନ୍ମ ଏଥି ମର୍ତ୍ତ୍ୟ ଜଗତରେ ।''

(ସାବିତ୍ରୀ, ପଦ୍ୟାନୁବାଦ, ଶ୍ରୀ ନିମାଇ ଚରଣ ମହାପାତ୍ର)

At the head she stands of birth
and toil and fate,
In their slow round the cycles
turn to her call;
Alone her hands can change
Time's dragon base.
Hers is the mystery the Night conceals;
The spirit's alchemist energy is hers;
She is the golden bridge, the wonderful fire.
The luminous heart of the Unknown is she,
A power of silence in the depths of God;
She is the Force, the inevitable Word,
The magnet of our difficult ascent,
The Sun from which we kindle all our suns,
The Light that leans from
the unrealised Vasts,
The joy that beckons from the impossible,
The Might of all that never yet
came down.
All Nature dumbly calls to her alone
To heal with her feet the
aching throb of life''

(Savitri, P. 314)

''ଶିରୋଭାଗେ ଉଭା ସେ ଯେ ଜନମ, ପ୍ରୟାସ
ନିୟତି ଧାରାର; ଘୂରେ ମନ୍ଥର ଗତିରେ,
ଯୁଗଚକ୍ର ଡାକେ ତା'ରେ; କେବଳ ତା' କର
ରୂପାନ୍ତର କରିପାରେ ମହାକାଳ-କୁଳ-
କୁଣ୍ଡଳିନୀ ମୂଳାଧାର; ମହାନିଶା ତା'ର
ସମାବୃତ କରି ରଖେ ରହସ୍ୟସକଳ;
ଶକ୍ତି ତା'ବହନ କରେ ବ୍ରହ୍ମରସାୟନ;
ହିରଣ୍ମୟ ସେତୁ ସେ ଯେ, ବିଚିତ୍ର ଅନଳ ।
ଭାସ୍ୱର ହୃଦୟ ସେ ଯେ ଅଜ୍ଞାତ ତତ୍ତ୍ୱର ।
ନୀରବତା ଶକ୍ତି ଏକ ପରମ ସତ୍ତାର
ଗହନ ଗଭୀରେ; ମହାବୀର୍ଯ୍ୟ ମନ୍ତ୍ରମୟୀ,
ଅୟସ୍କାନ୍ତ ସୁକଠିନ ଆରୋହଣ ପଥେ,
ଆଦିସୂର୍ଯ୍ୟ ପ୍ରଭାରେ ଯା ହୁଏ ଅନୁଭାତ
ଅପର ସକଳ ରବି, ପରମ ଆଲୋକ
ଆନତ ଯା ଅପ୍ରକଟ ଦୂର ଉରୁଲୋକୁ
ଆନନ୍ଦ ସେ ଆଣେ ବହି ସଙ୍କେତ ଯା କାହିଁ

ଦୂର ଅସମ୍ଭବ ଧାମୁ, ମହାଶକ୍ତି ସେ ଯେ
ଅବତୀର୍ଣ୍ଣା ଏ ଯାବତ ନ ଥିଲା ଯେ କେବେ ।
ନିର୍ବାକେ ଡାକଇ ତା'ରେ ନିଖିଳ ପ୍ରକୃତି
ପ୍ରଶମିତ କରିବାକୁ ପଦସ୍ପର୍ଶେ ତା'ର
ପ୍ରାଣପୀଡ଼ା ପରିସ୍ପନ୍ଦ; କରିବାକୁ ଭଙ୍ଗ
ମୋହମୁଦ୍ରା ପରିସୁପ୍ତ ମାନବ-ଆତ୍ମାର ।

(ସାବିତ୍ରୀ, ପଦ୍ୟାନୁବାଦ, ଶ୍ରୀ ନିମାଇ ଚରଣ ମହାପାତ୍ର)

ପରମ କରୁଣାମୟୀ ଏଇ ମର୍ତ୍ତ୍ୟମାଟିକୁ ଅବତରି ଆସିଛନ୍ତି ଏଇ ବେଦନାକ୍ଳିଷ୍ଟ, ଧୂଳିଧୂସରିତ ଧରଣୀରେ ଦିବ୍ୟଜୀବନର ସୃଷ୍ଟି ସକାଶେ । ମଣିଷର ସମ୍ଭାବନାକୁ ମୂର୍ତ୍ତରୂପ ଦେବା ପାଇଁ ତାଙ୍କର ପ୍ରାର୍ଥନା, ସାଧନା ତଥା କରୁଣାର ପଟାନ୍ତର ନାହିଁ ।

ଏ ପ୍ରସଙ୍ଗରେ ଦିବ୍ୟ-ଜନନୀଙ୍କର ଜାନୁଆରୀ ୭, ୧୯୧୪ରେ ଲିପିବଦ୍ଧ ଦିନଲିପିରୁ କିଛି ଉଦ୍ଧୃତି :

''ହେ ଭଗବାନ୍ ! ସେହି ସମସ୍ତଙ୍କୁ ଶାନ୍ତି ଦିଅ, ଆଲୋକ ଦିଅ, ସେମାନଙ୍କ ଅନ୍ଧ ଚକ୍ଷୁ ଓ ମେଘାଚ୍ଛନ୍ନ ବୁଦ୍ଧି ଖୋଲିଦିଅ, ସେମାନଙ୍କ ନିଷ୍ଫଳ ଆତ୍ମପୀଡ଼ନ ଓ ନିରର୍ଥକ ଦୁଶ୍ଚିନ୍ତା ଶାନ୍ତ କରିଦିଅ । ସେମାନଙ୍କ ନିଜ ଉପରେ ଆବଦ୍ଧ ଦୃଷ୍ଟିକୁ ଫେରାଇ ଦିଅ, ତୁମ କାର୍ଯ୍ୟରେ ବିନା ହିସାବରେ, ବିନା ସଙ୍କୋଚରେ ଆତ୍ମୋତ୍ସର୍ଗର ଆନନ୍ଦ ସେମାନଙ୍କୁ ଦିଅ । ତୁମର ସୁଷମା ସକଳ ବସ୍ତୁ ମଧ୍ୟରେ ବିକଶିତ ହେଉ, ଆଉ ସକଳ ହୃଦୟରେ ତୁମର ପ୍ରେମ ଜାଗରିତ ହେଉ ଯଦ୍ଦ୍ୱାରା ତୁମର ଚିରନ୍ତନ ଉନ୍ନତଶୀଳ ବିଧାନ ପୃଥିବୀ ଉପରେ ସିଦ୍ଧ ହେବ, ଏବଂ ତୁମର ସୁସଂଗତି ପ୍ରସାରିତ ହେଉ ସେହିଦିନ ପର୍ଯ୍ୟନ୍ତ ଯେଉଁଦିନ ପର୍ଯ୍ୟନ୍ତ ଶାନ୍ତି ଓ ଶୁଦ୍ଧି ସହ ସକଳ ବସ୍ତୁ ତୁମେହିଁ ହୋଇ ନଯାଇଛ ।

ଆହା ! ସକଳ ଆଖିରୁ ଲୁହ ଶୁଖିଯାଉ, ସକଳ ବେଦନା ଦୂର ହୋଇଯାଉ, ସକଳ ଯନ୍ତ୍ରଣା ମିଳାଇ ଯାଉ, ସକଳ ହୃଦୟରେ ବିରାଜିତ ହେଉ ସ୍ଥିର ପ୍ରଶାନ୍ତି ଏବଂ ସକଳ ମଣିଷ ସୁଦୃଢ଼ ହୋଇଉଠନ୍ତୁ ଏକ ଶକ୍ତିଶାଳୀ ନିଃସଂଶୟତାରେ । ସଂଜୀବନୀଧାରା ତୁଲ୍ୟ ପ୍ରବାହିତ ହେଉ ସକଳଙ୍କ ମଧ୍ୟରେ ତୁମର ଜୀବନ, ସକଳେ ତୁମର ଅଭିମୁଖୀ ହୁଅନ୍ତୁ, ଯଦ୍ଦ୍ୱାରା ତୁମର ଧ୍ୟାନରେ ସେମାନେ ଅର୍ଜନ କରିବେ ଯାବତୀୟ ପ୍ରକାର ବିଜୟର ଶକ୍ତି'' ।

ମା'ଙ୍କ ସହ ଆମେ ଯେତିକି ନିରନ୍ତର ନିବିଡ଼ ଓ ଘନିଷ୍ଠ ଭାବରେ ଏକାତ୍ମ ହୋଇଯିବା, ସେତିକି ମା'ଙ୍କ ସାନ୍ନିଧ୍ୟ ଅନୁଭବ କରିବା । ଆମର ଆଚରଣ ଓ ଉଚ୍ଚାରଣକୁ 'ମା' ତୁମରି ଇଚ୍ଛା ପରିପୂର୍ଣ୍ଣ ହେଉ – "Let thy will be done" ଉକ୍ତିଟି କେବଳ ନିୟନ୍ତ୍ରଣ କରିବ ନାହିଁ, ପ୍ରତି ମୁହୂର୍ତ୍ତରେ ବରଂ ସ୍ପନ୍ଦିତ କରୁଥିବ । ତାହାହିଁ ହେବ ''ସ୍ମରଣ ଓ ସମର୍ପଣ'' "Remember and Offer" । ଏଇ ପରିପ୍ରେକ୍ଷୀରେ ୧୭.୧୧.୨୦୧୧ ମସିହାରେ ମା'ଙ୍କର ପବିତ୍ର ''ମହାପ୍ରୟାଣ ଦିବସ ଉପଲକ୍ଷେ ବିତରିତ ବାର୍ତ୍ତା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ମା'ଙ୍କର ଦିବ୍ୟବାଣୀଟି ଏହିପରି :

''It is a great mistake to think that physical nearness is the one thing indispensable for the progress. It will do nothing for you if you do not establish the inner contact, for without that you could remain from morning to night with me and yet you will never truly meet me. It is only by the inner opening and contact that you can realise my presence.''

(MCW - 13, P. 78)

ଅର୍ଥାତ୍, ''ପ୍ରଗତି ସକାଶେ ଯାହା ଅପରିହାର୍ଯ୍ୟ ତାହାହେଲା ସ୍ଥୂଳ ସାନ୍ନିଧ୍ୟ, ଏମିତି ଭାବିବା ଏକ ବିରାଟ ଭୁଲ୍ । ତୁମେ ଯଦି ଆନ୍ତର୍ସମ୍ପର୍କ ସ୍ଥାପନ ନ କରିବ, ତେବେ ତାହା ତୁମ ପାଇଁ କିଛିହିଁ କରିବ ନାହିଁ, କାରଣ ଆନ୍ତର୍ସମ୍ପର୍କ ବିନା ତୁମେ ମୋ ସହ ସକାଳଠୁଁ ରାତି ପର୍ଯ୍ୟନ୍ତ ରହିପାର କିନ୍ତୁ ତା' ସତ୍ତ୍ୱେ ତୁମେ ସତରେ ମୋତେ ଭେଟିପାରିବ ନାହିଁ । କେବଳ ମାତ୍ର ଆନ୍ତର ଉନ୍ମୀଳନ ଏବଂ ଯୋଗାଯୋଗ ଦ୍ୱାରା ତୁମେ ମୋ ଉପସ୍ଥିତି ଉପଲବ୍ଧି କରିପାରିବ ।''

– ଶ୍ରୀମା

ଦିବ୍ୟଜନନୀଙ୍କର ଉପସ୍ଥିତି ଓ ଉପଲବ୍ଧିହିଁ ଆମର ଏକାନ୍ତ କାମ୍ୟ ହୋଇରହୁ - ଏତିକି ପ୍ରାର୍ଥନା ।

## ପୃଥିବୀ-ଚେତନା ପାଇଁ ସାଧନା (୩୩)

# ପଣ୍ଡିଚେରୀ : 'ତପସ୍ୟାର ଗୁହା'

### ସାନ୍ଧ୍ୟ-ବୈଠକ :

ଆଶ୍ରମର ପ୍ରସ୍ତୁତିପର୍ବ ସମ୍ବନ୍ଧରେ ମା'ଙ୍କ ନିଜସ୍ୱ ଉକ୍ତି : ''ପ୍ରକୃତ କଥା କହିବାକୁ ଗଲେ, ମୁଁ ଶ୍ରୀଅରବିନ୍ଦଙ୍କୁ ଭେଟିବା ସମୟରେ ଏହି ସର୍ବପ୍ରଥମ ପ୍ରଶ୍ନଟି ଆସି ଉପସ୍ଥିତ ହୋଇଥିଲା।... କ'ଣ ଜଣେ ବ୍ୟକ୍ତି ନିଜର ସାଧନା କରି ପ୍ରଥମେ ନିଜର ଲକ୍ଷ୍ୟଟିକୁ ପ୍ରାପ୍ତ କରିବ, ଏବଂ ତା'ପରେ ଯାଇ ଅନ୍ୟମାନଙ୍କ ସହିତ କାର୍ଯ୍ୟ ହେବ, ନା ସିଏ ସଙ୍ଗେ ସଙ୍ଗେ ସମାନ ଅଭୀପ୍ସା ରହିଥିବା ସମସ୍ତଙ୍କୁ ଆପଣା ପାଖକୁ ଆସିବାକୁ ଅନୁମତି ଦେବ ଏବଂ ସମସ୍ତଙ୍କ ସହିତ ଏକତ୍ର ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବ ?

''ମୁଁ ପୂର୍ବରୁ ଯେଉଁ କାର୍ଯ୍ୟ ଓ ପ୍ରୟାସ କରିଥିଲି, ତାହାରି ପରିପ୍ରେକ୍ଷୀରେ ଅତ୍ୟନ୍ତ ସ୍ୱଚ୍ଛଭାବରେ ସୂତ୍ରବଦ୍ଧ ହୋଇଥିବା ଏହି ପ୍ରଶ୍ନଟିକୁ ନେଇ ଶ୍ରୀଅରବିନ୍ଦଙ୍କ ପାଖକୁ ଆସିଥିଲି। କାରଣ, ସେହି କ୍ଷେତ୍ରରେ ଦୁଇଟିଯାକ ସମ୍ଭାବନା ରହିଥିଲା : ଆପଣାକୁ ସଂସାର ମଧ୍ୟରୁ ପ୍ରତ୍ୟାହୃତ କରିନେଇ ଏକ ପ୍ରଗାଢ଼ ବ୍ୟକ୍ତିଗତ ସାଧନା କରିବା, ଅର୍ଥାତ୍, ଅନ୍ୟମାନଙ୍କ ସହିତ ଆଉ କୌଣସି ସମ୍ପର୍କ ନରଖି ଏହି ସାଧନା କରିବା,– ଅଥବା, ସ୍ୱାଭାବିକ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ଗୋଷ୍ଠୀଟିଏ ଗଠିତ ହେବାକୁ ବାଟ ଛାଡ଼ିଦେବା, ସେଇଟି ଗଠିତ ହେବାର ବାଟରେ ଆଦୌ କୌଣସି ପ୍ରତିବନ୍ଧକ ସୃଷ୍ଟି ନକରିବା, ସେହି ଗୋଷ୍ଠୀଟି ଗଠିତ ହେବାକୁ ଦେବା ଏବଂ ତା'ପରେ ମାର୍ଗଟି ଉପରେ ଏକାଠି ଅଗ୍ରସର ହେବା।

''ଏହି ନିଷ୍ପତ୍ତିଟି ଆଦୌ ମନଃସ୍ତରୀୟ ଏକ ନିଷ୍ପତ୍ତି ହୋଇ ରହି ନଥିଲା; ଏହା ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଉପଲବ୍ଧ ହୋଇଥିଲା। ପରିସ୍ଥିତିମାନ ଏପରି ହୋଇ ଯାଇଥିଲେ ଯେ, ଆଉ ଅନ୍ୟ କୌଣସି ନିଷ୍ପତ୍ତି ନେବାର ଅବକାଶହିଁ ନଥିଲା; ଅର୍ଥାତ୍, ଅତ୍ୟନ୍ତ ସ୍ୱଭାବପ୍ରେରିତ ଏବଂ ସ୍ୱତଃସ୍ଫୂର୍ତ୍ତଭାବରେ ଗୋଷ୍ଠୀଟି ଏପରି ଭାବରେ ଗଢ଼ି ଉଠିଥିଲା ଯେ ତାହା ଏକ ଅପରିହାର୍ଯ୍ୟ ଆବଶ୍ୟକତାରେ ପରିଣତ ହୋଇଥିଲା। ଏବଂ ତେଣୁ, ଆମେ ଥରେ ଏହିପରି ଭାବରେ ଆରମ୍ଭ କରିଦେବା ପରେ ତାହାକୁହିଁ ଚୂଡ଼ାନ୍ତ ବୋଲି କହିବାକୁ ହେବ, ଆମକୁ ଶେଷ ପର୍ଯ୍ୟନ୍ତ ସେହିପରିହିଁ ଯିବାକୁ ହେବ।

''ପ୍ରଥମେ କେବଳ ପାଞ୍ଚ, ଦଶ ଜଣ ଥିଲେ, ସେଥିରୁ ଆଦୌ ଅଧିକ ନଥିଲେ। ଅନେକ ଦିନ ପର୍ଯ୍ୟନ୍ତ ସେହି ପାଞ୍ଚ, ଛଅ ଜଣହିଁ ରହିଥିଲେ। ତା'ପରେ ଦଶ ଜଣ ହେଲେ, ବାର ଜଣ ହେଲେ, ପ୍ରାୟ କୋଡ଼ିଏ ଜଣ ହେଲେ; ତା'ପରେ ତିରିଶ ଜଣ ଓ ତା'ପରେ ପଇଁତିରିଶି ଜଣ ହେଲେ। ସେହି ସଂଖ୍ୟାଟି ବେଶ୍ ଅନେକ ଦିନ ପର୍ଯ୍ୟନ୍ତ ରହିଥିଲା। ଏବଂ ତା'ପରେ ହଠାତ୍ ଏହା ଆରମ୍ଭ ହେଲା ଓ ପରେ ଏହି ମାର୍ଗରେ ଅନେକେ ଆସି ଯୋଗଦେଲେ ! ସର୍ବଶେଷ ସଂଖ୍ୟା ଏଗାର ଶହରୁ ଅଧିକରେ ଆସି ପହଞ୍ଚିଛି। ଏବଂ ଆମର ଗୋଷ୍ଠୀ ବୃଦ୍ଧି ପାଇବାରେ ଲାଗିଛି।'' (୨୧ ଡିସେମ୍ବର ୧୯୫୫)

ଲାଇବ୍ରେରି ହାଉସକୁ ଆସିବା ପରେ ଶ୍ରୀଅରବିନ୍ଦଙ୍କର ବ୍ୟକ୍ତିଗତ ଦୈନନ୍ଦିନ କର୍ମସୂଚୀ ଥିଲା ସକାଳଓଳି, ସାଧାରଣତଃ ୯ଟାରୁ ୧୧ଟା ଭିତରେ ପ୍ରାତଃ ଭୋଜନ ସମାପନ ପରେ, ଦର୍ଶନାର୍ଥୀମାନଙ୍କ ସହିତ ସାକ୍ଷାତ୍କାର। ଏହି ଦର୍ଶନାର୍ଥୀମାନଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇଥିଲା ଏବଂ ଉପରଓଳି ପ୍ରାୟ ୪ଟା ବେଳକୁ ସମସ୍ତ ଅନ୍ତେବାସୀଙ୍କୁ ନେଇ ମା'ଶ୍ରୀଅରବିନ୍ଦଙ୍କର ସମବେତ ଧ୍ୟାନ, ମା'ଙ୍କର ଶେଷଥର ପାଇଁ ଏଠାକୁ ଆଗମନ ପରେ ୧୯୨୧ରୁ ଗେଷ୍ଟ ହାଉସ୍‌ରେ ଆରମ୍ଭ ହୋଇଥିଲା। ପରେ ସନ୍ଧ୍ୟାରେ ପୁଣି ସମସ୍ତ ଅନ୍ତେବାସୀଙ୍କ ସହିତ ଶ୍ରୀଅରବିନ୍ଦଙ୍କ ଅନୁମତିପ୍ରାପ୍ତ ସ୍ଥାନୀୟ ବ୍ୟକ୍ତି ତଥା ଦର୍ଶନାର୍ଥୀ ଏକତ୍ର ହେଉଥିଲେ। ଏହାର ନାମ ଥିଲା 'ସାନ୍ଧ୍ୟ-ବୈଠକ'। ଏଥିରେ ଶ୍ରୀଅରବିନ୍ଦ ସେମାନଙ୍କର ପ୍ରଶ୍ନର ଉତ୍ତର ଦେଉଥିଲେ ଏବଂ ଆଲୋଚନାରେ ଯୋଗ ଦେଉଥିଲେ। ମା' ନିଜକୁ ଅନ୍ତରାଳରେ ରଖୁଥିଲେ। ଏହି ବୈଠକର କୌଣସି ଧରାବନ୍ଧା ରୀତି ନଥିଲା, ଏକେବାରେ ଘରୋଇ, ଯାହାକୁ କୁହାଯାଏ 'ଇନ୍‌ଫରମାଲ୍'। ଏହା 'ଗେଷ୍ଟ୍-ହାଉସ୍'ର ଉପରମହଲା ବାରଣ୍ଡାରେ ବା ଖୋଲା ଛାତରେ ଆରମ୍ଭ ହୋଇଥିବା ନିତିଦିନିଆ 'ସାନ୍ଧ୍ୟ-ବୈଠକ'ର ଏକ ଧାରାବାହିକତା ଏବଂ ବିସ୍ତୃତି ମାତ୍ର। 'ଲାଇବ୍ରେରି ହାଉସ୍'ର ଉପର ମହଲାରେ ମଧ୍ୟ ସେମିତି ଏକ ବାରଣ୍ଡା ଥିଲା ଏବଂ ସେଇଠାରେହିଁ ଏହି ବୈଠକ ବସୁଥିଲା। ଶ୍ରୀଅରବିନ୍ଦଙ୍କ ସକାଶେ ଥିବା ଚେୟାର୍ ସାମନାରେ ଏକ ଛୋଟ ଟେବୁଲ ରହୁଥିଲା। ସମଗ୍ର ପରିବେଶଟିରେ ଗଭୀର

ପ୍ରତ୍ୟାଶାର ଭାବ ଭରପୂର – କେତେବେଳେ ଶ୍ରୀଅରବିନ୍ଦଙ୍କର ଆଗମନ ହେବ ଏବଂ ତାଙ୍କର ଆଗମନ ପରେହିଁ ଏହି ବୈଠକ ଆରମ୍ଭ ହେଉଥିଲା ।

୧୯୨୩ର ପ୍ରାରମ୍ଭରେ ପୁରାଣୀ ଯେତେବେଳେ ସ୍ଥାୟୀ ଭାବରେ ଆସି ଶ୍ରୀଅରବିନ୍ଦଙ୍କ ସହ ବାସ କଲେ, ସେ ଏହି 'ସାନ୍ଧ୍ୟ-ବୈଠକ'ରେ ଆଲୋଚିତ ହେଉଥିବା କିଛିକିଛି ଘଟଣାସବୁକୁ ଲିପିବଦ୍ଧ କରିବାକୁ ଲାଗିଲେ । ତାଙ୍କରି ଲେଖାରୁ ଉଦ୍ଧୃତି :

''ଶ୍ରୀଅରବିନ୍ଦ ଯଥାରୀତି ଧୋତି ପିନ୍ଧି ଘରୁ ବାହାରି ଆସୁଥିଲେ, ଧୋତିର କିଛି ଅଂଶ ପିଠି ଉପରଦେଇ ଚାଦର ଭଳି ଘୂରାଇ ଆଣୁଥିଲେ । କ୍ୱଚିତ୍ ଚାଦର ବା ଶାଲ୍ ବ୍ୟବହାର କରୁଥିଲେ । ତାଙ୍କରି ଉକ୍ତିରେ 'ଜଳବାୟୁର ମାନ ବଜାୟ ରଖି' ସେ ଏମିତି କରୁଥିଲେ । ସେତେବେଳେ ଲାଇବ୍ରେରି ହାଉସ୍‌ର ବାରଣ୍ଡାରେ ତୃଣନିର୍ମିତ ମସିଣାସଦୃଶ ବଡ଼ ବଡ଼ ପରଦା ଖମ୍ଭ ମଧ୍ୟସ୍ଥ ଖୋଲା ଜାଗାରେ ଉପରୁ ଝୁଲୁଥିଲା । କେବେ କେବେ ଶ୍ରୀଅରବିନ୍ଦ ଆସି ଚେୟାରରେ ବସି ସେହି ପରଦାର ଉପରେ ଥିବା ଫାଙ୍କ ଦେଇ ଖୋଲା ଆକାଶକୁ ବେଶ୍ କିଛି ସମୟ ଅନାଇ ରହୁଥିଲେ । ଏହି ବୈଠକଗୁଡ଼ିକ ସମ୍ପୂର୍ଣ୍ଣରୂପେ ତାଙ୍କରି ଉପରେ କିପରି ନିର୍ଭର କରୁଥିଲା ଏହା କେତୋଟି ଘଟଣାରୁ ବେଶ୍ ଅନୁମାନ କରିହେବ – ଏମିତି ଦିନସବୁ ଥିଲା ଯେଉଁଦିନ କି ତାଙ୍କଠୁ କୌଣସି ବାହ୍ୟ ଇଙ୍ଗିତ ନପାଇ ବୈଠକର ତିନି-ଚତୁର୍ଥାଂଶ ସମୟ ପୂରା ନୀରବତାରେହିଁ ବିତିଯାଉଥିଲା, କିଂବା କେବେ କେବେ ଏମିତି ହେଉଥିଲା ଯେଉଁଦିନ କି କଥାବାର୍ତ୍ତା କରିବା ଲାଗି ତାଙ୍କର ମନୋଯୋଗ ଆକର୍ଷଣ ସକାଶେ ସମସ୍ତ ପ୍ରକାର ଚେଷ୍ଟା କେବଳ ତାଙ୍କର ହଠାତ୍ 'ହଁ' ବା 'ନାଁ' ଉଚ୍ଚାରଣରେହିଁ ସୀମିତ ରହୁଥିଲା । ଏବଂ ଯଦିବା ସେ କଥାବାର୍ତ୍ତାରେ ଭାଗ ନେଉଥିଲେ, ତଥାପି ସର୍ବଦା ଏହା ଅନୁଭୂତ ହେଉଥିଲା ଯେ ଯେତିକିଟି ଶବ୍ଦ ତାଙ୍କ ତୁଣ୍ଡରୁ ଉଚ୍ଚାରିତ ହେଉଥିଲା ସେଥିରେ ତାଙ୍କର ସମସ୍ତ ସତ୍ତା ଅଂଶଗ୍ରହଣ କରୁ ନଥିଲା; ସମ୍ପୂର୍ଣ୍ଣ ସ୍ଥିତଧୀ, ସ୍ଥିତପ୍ରଜ୍ଞ ଏବଂ ଯେତିକିଟା କଥା ତାଙ୍କ ମୁଖରୁ ନିଃସୃତ ହେଉଥିଲା ତା'ଠାରୁ ବୋଧହୁଏ ଅନେକ କଥା ଅକୁହା ରହିଯାଉଥିଲା । କହିବାକୁ ଆବଶ୍ୟକ ବୋଧ କରୁଥିବା କଥାହିଁ କହୁଥିଲେ ।... ସମଗ୍ର ବୈଠକଟି ଏତେ ଘରୋଇ ଥିଲା ଯେ ଠିକ୍ ପରମୁହୂର୍ତ୍ତରେ କଥାବାର୍ତ୍ତାର ଧାରା କେଉଁ ମୋଡ଼ ନେବ ତା'ର ପୂର୍ବସଂକେତ କେବେହେଲେ ଜାଣି ହେଉ ନଥିଲା । ସେଇଥିପାଇଁ ଏହି ସମୟରେ ଘରର ସମଗ୍ର ବାତାବରଣଟି ହଠାତ୍ କରି କିଛି ନୂତନ ବା ତାଜା ଖବର ବା ଅପ୍ରତ୍ୟାଶିତ କିଛିର ସମ୍ମୁଖୀନ ହୋଇ ଅତିଶୟ ଆନନ୍ଦୋଲ୍ଲାସରେ ଭରପୂର ହୋଇରହୁଥିଲା । କଥାବାର୍ତ୍ତାର ମଝିରେ ହାସ୍ୟରୋଳ, ରସିକତା, ହସକୌତୁକ ଏବଂ ବ୍ୟକ୍ତିଗତ ସମାଲୋଚନା ସାଙ୍ଗକୁ ମାତ୍ରାଧିକ୍ୟଭାବେ ଭାବଗାମ୍ଭୀରତା ଏବଂ ଆଗ୍ରହାନ୍ୱିତତା ଭରି ରହୁଥିଲା ।...''

'ଚମ୍ପକଲାଲ କହନ୍ତି'ରୁ ଉଦ୍ଧୃତି : ''ମୋର ବାଳକ ଅବସ୍ଥାରେ ଯେତେବେଳେ ମୁଁ ଶ୍ରୀରାମକୃଷ୍ଣ ପରମହଂସଙ୍କ କଥା ପଢ଼ିଲି ଓ ସେବିଷୟରେ ଚିନ୍ତାକଲି ସେତେବେଳେ ମୁଁ ମୋ ଭିତରେ ଏକ ଶକ୍ତିଶାଳୀ ବୋଧ ଅନୁଭବ କରୁଥିଲି ଯେ ମୁଁ ତାଙ୍କରି ଭଳି ଜଣେ ମହାନ୍ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱଙ୍କ ନିବିଡ଼ ସମ୍ପର୍କରେ ସବୁବେଳେ ଆସିବି । ମୁଁ ସେତେବେଳେ ଶ୍ରୀଅରବିନ୍ଦଙ୍କ କଥା ଶୁଣିଥିଲି; କିନ୍ତୁ ତାଙ୍କ ସହ ନିବିଡ଼ ସମ୍ପର୍କକୁ ମୁଁ ବିଶ୍ୱାସ କରିପାରୁ ନଥିଲି, କାରଣ ମୁଁ ଭାବୁଥିଲି (ଯଦିଓ ସେ ସେପରି ନଥିଲେ) ସେ ବହୁତ 'ଆଧୁନିକ' ହୋଇଥିବେ ।

''କିଛି ବର୍ଷ ପରେ ୧୯୨୩ରେ ମୁଁ ଯେତେବେଳେ ଏଠାରେ ରହିବାକୁ ଆସିଲି ସେତେବେଳେ ଧୀରେ ଧୀରେ ମୋର ମନୋବାଞ୍ଛାସବୁ ପୂରଣ ହେବାକୁ ଆରମ୍ଭ କଲା । ସେତେବେଳେ ଶ୍ରୀଅରବିନ୍ଦଙ୍କ ସାନ୍ଧ୍ୟ-ବୈଠକରେ ଯୋଗଦେବା ଲାଗି ଅନୁମତି ଆବଶ୍ୟକ ହେଉଥିଲା ।...

''ମୁଁ ସାନ୍ଧ୍ୟ-ବୈଠକରେ ଯୋଗ ଦେଇପାରିବି କି ନାହିଁ ବୋଲି ଯେତେବେଳେ ଶ୍ରୀଅରବିନ୍ଦଙ୍କୁ ପଚାରିଲି, ସେ ଖୁସୀ ହୋଇ ଟିକିଏ ହସିଲେ ଓ କହିଲେ : 'ହଁ, କିନ୍ତୁ ଦେଖ, ସେଠାରେ ତୁମ ପାଇଁ ଅଧିକ ଚେୟାର ନାହିଁ । ତୁମକୁ ଆସିବା ଲାଗି କେବଳ ଅନୁମତି ଦିଆଗଲା । ସମସ୍ତେ ଯେତେବେଳେ ଚେୟାରରେ ବସୁଥିଲେ ମୋର ବି ଚେୟାରରେ ବସିବା କଥା ! ହଠାତ୍ ମୋର ମନେପଡ଼ିଲା ମୁଁ ଏଠାକୁ ପ୍ରଥମେ ଆସିଥିବା ବେଳେ ମୋତେ ଜଣେ ପ୍ରସିଦ୍ଧ ଚେଟ୍ଟୀୟାରଙ୍କ ସହ ପରିଚିତ କରାଇ ଦିଆଯାଇଥିଲା ଓ ସେ ବି ମୋ ଉପରେ ବହୁତ ସନ୍ତୁଷ୍ଟ ହୋଇଥିଲେ ।... ମୋର ତୀବ୍ର ଅନିଚ୍ଛା ସତ୍ତ୍ୱେ କେବଳ ଶ୍ରୀଅରବିନ୍ଦଙ୍କ ସାନ୍ନିଧ୍ୟଲାଭ ଆଶାରେ ମୁଁ ତାଙ୍କରି ଘରକୁ ଯାଇ ସୁନ୍ଦର ଭାବରେ ପଲିସ୍ ହୋଇଥିବା ଗଦିଯୁକ୍ତ ଏକ ଶିଶୁକାଠର ଚେୟାର ଯୋଗାଡ଼ କଲି । ଆଶ୍ରମକୁ ଫେରି ମୁଁ ସେ ଚେୟାରଟିକୁ ସିଧା ଉପରମହଲା ବାରଣ୍ଡାକୁ ନେଇଆସିଲି ଓ ଚେୟାରର ଧାଡି ମଧ୍ୟରେ ରଖିଦେଲି ।

‘‘ସନ୍ଧ୍ୟାବେଳେ ବୈଠକ ଆରମ୍ଭ ହେଲା; ମୁଁ କିନ୍ତୁ ଚେୟାର ଉପରେ ବସିଲି ନାହିଁ । ମୁଁ ସିଧା ଶ୍ରୀଅରବିନ୍ଦଙ୍କ ଚେୟାର ପାଖକୁ ଚାଲିଗଲି । ତାଙ୍କ ବାମ ପଟରେ ବସିଥିବା ବ୍ୟକ୍ତିଙ୍କ ଚେୟାର ଓ ତାଙ୍କ ଚେୟାର ମଝିରେ ଥିବା ଖାଲି ସ୍ଥାନରେ ତଳେ ଚଟାଣ ଉପରେ ବସିପଡ଼ିଲି । ଜଣେ ଲୋକ ବସିବା ମୁତାବକ ଜାଗା ସେଠାରେ ଥିଲା ।

‘‘ଶ୍ରୀଅରବିନ୍ଦ ମୋ ଆଡ଼କୁ ଚାହିଁ ଟିକେ ମୁରୁକି ହସିଲେ । ସମସ୍ତେ ଆଶ୍ଚର୍ଯ୍ୟ ହୋଇଉଠିଲେ । ମୁଁ ନିଜେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଗଲି, କାରଣ ସେଠାରେ ବସିବା ଲାଗି ମୁଁ ପୂର୍ବରୁ ସ୍ଥିର କରି ନଥିଲି !...

‘‘ଶ୍ରୀଅରବିନ୍ଦ ଯେଉଁ ବାରଣ୍ଡାରେ ଲୋକମାନଙ୍କୁ ସାକ୍ଷାତ୍ କରୁଥିଲେ ସେଠାରେ ଟେବୁଲ ଉପରେ ଗୋଟିଏ ଫୁଲଦାନି ରହୁଥିଲା । ଦିନେ ମୁଁ ଦେଖିଲି ଫୁଲଦାନିଟି ସେଠାରେ ନାହିଁ କି ଫୁଲ ବି ନାହିଁ । ଏହିଭଳି ଭାବରେ କିଛିଦିନ ଚାଲିଲା, କେହି ଆଉ ସେଠାରେ ଫୁଲଦାନି ରଖିଲେ ନାହିଁ । ଶେଷରେ ମୁଁ ନିଜେ ଫୁଲ ସଜାଇ ତାଙ୍କ ଟେବୁଲ୍ ଉପରେ ରଖିଲି । ଏହା ଦେଖି ମା’ ମୋତେ ପଚାରିଲେ : ‘ଏଠାରେ ଫୁଲ ରଖିବାର ଭାବନା କେବେଠାରୁ ତୁମେ ପାଇବାକୁ ଆରମ୍ଭ କଲ ?’

‘‘ମୁଁ କହିଲି, ‘ବହୁଦିନ ପୂର୍ବରୁ ମୁଁ ଏକଥା ଭାବୁଛି । କିନ୍ତୁ ମୁଁ ଅନୁଭବ କଲି ତୁମେ କାଳେ ଏହା ଚାହୁଁ ନଥିବ । ତେଣୁ ତୁମେ ଯାହା ଚାହୁଁ ନଥିବ ତାହା ମୁଁ କରିବାକୁ ଚାହିଁଲି ନାହିଁ । ମା’, କାହିଁକି ଏକଥା ପଚାରୁଛ ?’

‘‘ତା’ପରେ ମା’ କହିଲେ, ‘କାହିଁକି ମୁଁ ଏକଥା ପଚାରୁଛି ! ଯେଉଁଦିନ ଆମେ ମନର ସ୍ୱଚ୍ଛତା ବିଷୟରେ କଥାବାର୍ତ୍ତା ହେଉଥିଲେ ସେଦିନ ମୁଁ ଏଠାରେ ଫୁଲ ରଖିବାର ଭାବନା ବାତାବରଣ ମଧ୍ୟକୁ ଛାଡ଼ିଥିଲି – କେହି ଜଣେ ଶ୍ରୀଅରବିନ୍ଦଙ୍କ ଲାଗି ଫୁଲ ଆଣିବା ଉଚିତ । ମୁଁ ଦେଖିବାକୁ ଚାହୁଁଥିଲି କିଏ ଏହାକୁ ପ୍ରଥମେ ଗ୍ରହଣ କରୁଛି । ବର୍ତ୍ତମାନ ମୁଁ ଦେଖୁଛି ତୁମେ ଏହାକୁ ପ୍ରଥମେ ଗ୍ରହଣ କରିଛ । ଏହା ବହୁତ ଆମୋଦଦାୟକ କଥା ।’...’’

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ✤

THE BEST WAY TO EXPRESS ONE'S GRATITUDE TO THE DIVINE IS TO FEEL SIMPLY HAPPY.

(*23 APRIL 1954*) – THE MOTHER

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ORISSA)**

ସାଧନା-ପରମ୍ପରା

# ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ

## (୩)

ଶିଶୁ ବୟସରୁ ବାଳକ ବିଶ୍ୱମ୍ଭରର ବୁଦ୍ଧି ଓ ମେଧାର ବିଚକ୍ଷଣତା ବାରିହୋଇ ପଡୁଥିଲା । ଦେଖିବାକୁ ଗୌର, କଥାଗୁଡ଼ିକ ମଧୁର, ଦେହରେ କିଛି ଅଳଙ୍କାର ବି ଥିଲା । ତାକୁ ଯେତେବେଳେ ମାତ୍ର ତିନି ବର୍ଷ, ସେସମୟରେ ଥରେ ନବଦ୍ୱୀପର ମାର୍ଗରେ ଅନ୍ୟ ଶିଶୁବାଳକଙ୍କ ସହ ଖେଳୁଥିବା-ବେଳେ କେତୋଟି ଚୋର ପିଲାଟିକୁ ଭୁଲାଇଭାଲେଇ କାଖେଇ ନେଇଗଲେ ଅଳଙ୍କାରତକ ଚୋରିକରି ନେବା ଉଦ୍ଦେଶ୍ୟରେ । ମାତ୍ର ପିଲାଟି ଜାଣିଲା ପରି ସେମାନଙ୍କ ସହ ଏଡ଼େ ସୁନ୍ଦର କଥାବାର୍ତ୍ତା କଲା ଯେ ସେମାନଙ୍କର ଇଚ୍ଛା ହେଲାନି କିଛି ଆଘାତ କରିବାକୁ ବା ଛୋଟିଆ ବାଳକଟି ଦେହରୁ ତା'ର ଆଭୂଷଣ କାଢ଼ିନେବାକୁ । ସେମାନେ ତାକୁ ସେଇଭଳି ଭଲଭଲ କଥାକହି ତା'ର ନିଜ ଘରେ ଆଣି ଛାଡ଼ି ଦେଇଗଲେ । ପିଲାଟି ଜନ୍ମାନ୍ତରରୁ ଅଧ୍ୟାତ୍ମ-ବିଦ୍ୟାରେ ପାରଦର୍ଶୀ ଥିବାଭଳି ନିଜ ମା'ଙ୍କ ସହ ଦର୍ଶନର ଓ ଧର୍ମର ଗଭୀର ତତ୍ତ୍ୱ କଥା କହୁଥିଲା, ବେଳେବେଳେ ଜିଜ୍ଞାସୁ ଭଳି ପଚାରୁଥିଲା ଓ କେବେ ପୁଣି ମାର୍ଗଦର୍ଶୀ ଭଳି ଉପଦେଶ ଦେଉଥିଲା । ବିଦ୍ୟାରମ୍ଭର ଖଡ଼ିଛୁଆଁବେଳେ ଯେତେବେଳେ ତା' ଆଗରେ ଅକ୍ଷରସବୁ ଲେଖି ଦିଆଗଲା ସେ ଅକ୍ଷରସବୁର ନାମ ଓ ଉଚ୍ଚାରଣ ଠିକ୍ ଭାବରେ କରିଦେଲା । କୁହାଯାଏ କଠିନ ଯୁକ୍ତାକ୍ଷରସବୁକୁ ବି ଦୁଇ, ଚାରିଦିନ ଭିତରେ ଶିଖିଗଲା । ସେତେବେଳେ ସଂସ୍କୃତହିଁ ପଠିତ ଭାଷା ଏବଂ ସରଳ ସଂସ୍କୃତ ଅବା ସଂସ୍କୃତମିଶା ପ୍ରାକୃତ ଭାଷାହିଁ କଥିତ ହେଉଥିଲା । ପ୍ରଥମ ଲିଖନର ଅଭ୍ୟାସ କରାଇବାକୁ ଗଲାବେଳେ, କାହାରି ସାହାଯ୍ୟ ନନେଇ ସେ ଶ୍ରୀକୃଷ୍ଣଙ୍କର ନାମାବଳୀ ଲେଖି ଦେଖାଇଦେଲା । ଚୈତନ୍ୟ ଭାଗବତ କହୁଛି : ବଡ଼ପୁଅ ସନ୍ନ୍ୟାସୀ, ଗୃହତ୍ୟାଗୀ ହୋଇ ଚାଲିଯିବାରୁ ପିତା ଜଗନ୍ନାଥ ମିଶ୍ର ଏ ସାନପୁଅକୁ ଅଧିକ ପଢ଼ାପଢ଼ି କରୁ ବୋଲି ଇଚ୍ଛୁକ ନଥିଲେ । ସାମାନ୍ୟ ପଢ଼ାଶୁଣା କରି ଅଳ୍ପ ବୟସରେ ଘରସଂସାର କରୁ; ନଚେତ୍ ଅଧିକ ବିଦ୍ୟାଲାଭ କଲେ ସଂସାରର ଅନିତ୍ୟତା ଓ ଅସାରତା ବୁଝିଯିବ ତା'ର ଜ୍ୟେଷ୍ଠଭ୍ରାତା ବିଶ୍ୱରୂପ ଭଳି ସନ୍ନ୍ୟାସ ଆଡ଼କୁ ମନ ବଳାଇବ ଓ ସେମାନଙ୍କ ସମ୍ବଳ ନହୋଇ ବାର୍ଦ୍ଧକ୍ୟରେ ଦୁଃଖର କାରଣ ହେବ ବୋଲି ତାଙ୍କର ଆଶଙ୍କା ଥିଲା ।

କିନ୍ତୁ ଯେବେ ବାଳକ ବିଶ୍ୱମ୍ଭର ଏକଥା ଜାଣିପାରିଲା ଯେ ପିତା ତା'ର ପଢ଼ାପଢ଼ିରେ ଡ଼ୋରି ବାନ୍ଧିବାକୁ ଯାଉଛନ୍ତି, ଶଙ୍କରାଚାର୍ଯ୍ୟଙ୍କ ଭଳି ଏକ ଉପାୟ ତା' ମନକୁ ଆସିଲା । ଘରର ପଛପଟେ ଏକ ଆବର୍ଜନା ସ୍ତୂପ ଥିଲା, ଯେଉଁଥିରେ ଅଦରକାରୀ ବାସନକୁସନ, ଭଙ୍ଗା ହାଣ୍ଡି-ମାଠିଆ, ଖପରା ଆଦି ପକାଇ ଦିଆଯାଉଥିଲା, ସେଇ ଆବର୍ଜନାର ସ୍ତୂପ ଉପରେ ବିଶ୍ୱମ୍ଭର ଯାଇ ବସିପଡ଼ିଲା — ଉଠିଲା ନାହିଁ ଯେତେ ଯିଏ ଡାକିଲେ ବୁଝାଇଲେ ମଧ୍ୟ, ଏକା ଜିଦ୍ ତାକୁ ବିଦ୍ୟାଳୟ ଯିବାକୁ ପିତା ଅନୁମତି ଦେଲେଯାଇ ସେ ସେଠାରୁ ଉଠିବ, ନହେଲେ ସେଇଠାରେ ରାତିଦିନ ବିତାଇବ । ଅପରିଷ୍କାର, ଆବର୍ଜନା, ଅପବିତ୍ର ଜାଗାର ସଂସ୍ପର୍ଶରେ ରହିଲେ ସେ ନିଜେ ଅସ୍ପୃଶ୍ୟ ହୋଇଯିବ, ସ୍ନାନ ନକଲେ କାହାକୁ ଛୁଇଁ ପାରିବ ନାହିଁ କି ଘରେ ପ୍ରବେଶ କରିବା ବି ବାରଣ ହେବ — ଇତ୍ୟାଦି ଯେତେ ଯିଏ କହିଲା, ସେ ଭୟ କଲା ନାହିଁ, ଉତ୍ତରରେ କହିଲା : ''ଏଇ ପବିତ୍ର-ଅପବିତ୍ର ସବୁ ମନର ଭ୍ରମ, ମୃତ୍ତିକା କେବେ ବି ଅପବିତ୍ର ହୁଏନି, ଭଗବାନଙ୍କର ପ୍ରକାଶରେ ମୃତ୍ତିକାର ପ୍ରଥମ ସ୍ଥାନ, ଆଉ ଏଇସବୁ ଭଙ୍ଗାହାଣ୍ଡି, ଦିନେ ତ ଏଇଥିରେ ଅନ୍ନ-ବ୍ୟଞ୍ଜନ ରନ୍ଧା ହେଉଥିଲା, ଏଇଥିରୁ ପରଶା ହୋଇ ଘରଦିଅଁଙ୍କ ପାଖରେ ପ୍ରସାଦ ରୂପେ ବଢ଼ାହେଉଥିଲା, ଏହା ତ କେବେ ବି ଦୂଷିତ ହେବ ନାହିଁ; ପ୍ରଦୂଷଣ ଓ ପବିତ୍ର-ଅପବିତ୍ରର ଏଇ ଯେଉଁ ପାର୍ଥକ୍ୟ ତାହା ମଣିଷଭିଆଣ । ଯା' ହେଉ ଯେଉଁଥିରେ ମୋ ହାତ ବାଜିଛି, ସେଠାରେ ସମସ୍ତ କିଛି ପୂତପବିତ୍ର, ଏଠାରେ ଗଙ୍ଗା ଓ ଅନ୍ୟାନ୍ୟ ସ୍ରୋତଧାରା ବି ରହିଛନ୍ତି । ଯେତେବେଳଯାଏଁ ବାପା ମୋର ବିଦ୍ୟାଲାଭରେ 'ଅସ୍ତୁ' ନକହିଛନ୍ତି — ମୁଁ ଏଠାରୁ ଟିକିଏ ବି ଘୁଞ୍ଚିବି ନାହିଁ ।'' (ଚୈ.ଭାଗବତ) ଅଗତ୍ୟା ଜଗନ୍ନାଥ ମିଶ୍ର ଓ ଅନ୍ୟାନ୍ୟ ଜ୍ୟେଷ୍ଠମାନଙ୍କୁ ବାଳକକୁ 'ହଁ' କହି ସେ ସ୍ଥାନରୁ ଉଠାଇବାକୁ ପଡ଼ିଲା । ତା'ପରେ ମା'ଙ୍କର ବହୁ ଅନୁନୟ-ବିନୟ ପରେ ବାଳକ ସ୍ନାନକରି ଘରେ ପ୍ରବେଶ କଲା । ଯଥାରୀତି ଅବ୍ୟାହତ ଭାବେ ବିଦ୍ୟାଭ୍ୟାସ ଓ ତହିଁରେ ଦ୍ରୁତ ଅଗ୍ରଗତି ହୋଇଚାଲିଲା ।

ଛୋଟବେଳଠାରୁ ଏଇ 'ଭେଦ' ଜିନିଷଟି ଉପରେ

ତାଙ୍କର ବିରାଗ ଥିଲା । ଭେଦ ଯେପରି ଅଛି, ଅଭେଦ ବି ସେଇପରି ଅଛି ଏବଂ ଏ ଦୁଇଟିର ଉପରେ ବି ଏଭଳି ଏକ ସ୍ଥିତି ରହିଛି, ଯେଉଁଠାରେ ଏ ଦୁଇଭାବ ମିଳିତ ହୁଅନ୍ତି, ଯେଉଁଠି ପହଞ୍ଚିଲେ କିଛି ବି ଦ୍ୱନ୍ଦ୍ୱ ରହେ ନାହିଁ – ଅର୍ଥାତ୍ ଭେଦ ଓ ଅଭେଦ ଉଭୟ ତତ୍ତ୍ୱର ମୂଲ୍ୟ ରହିଥାଏ, ପୁଣି କିଛି ବି ମୂଲ୍ୟ ନଥାଏ । ତାଙ୍କର ଦର୍ଶନରେ ଏଇ ଜିନିଷଟିକୁ ସିଏ ପ୍ରତିପାଦିତ କରିଛନ୍ତି – ଯେମିତି ବ୍ରହ୍ମ ଓ ଜୀବ; ଶକ୍ତି ଓ ଶକ୍ତିମାନ୍; ଭଗବାନ୍ ଓ ତାଙ୍କ ସୃଷ୍ଟ ଜଗତ୍; ଏସବୁକୁ ସେ ଏକହିଁ ସ୍ଥିତିରେ ସମାଧାନ କରିଛନ୍ତି – ଯାହାକୁ ସିଏ କହୁଥିଲେ 'ଅଚିନ୍ତ୍ୟଭେଦାଭେଦ' ଅର୍ଥାତ୍ ଭେଦ ଓ ଅଭେଦ – ଏ ତତ୍ତ୍ୱ ଚିନ୍ତାର ଅତୀତ ଏକ ସଦ୍‌ବସ୍ତୁ – ଯାହା ଭଗବାନଙ୍କର ଅନ୍ୟ ଏକ ନାମ । 'ବିଦ୍ୟାର୍ଜନର ମୂଲ୍ୟ ଖାଲି ଗୋଟିଏ, ତର୍କ ବା ବାଦାନୁବାଦରେ ଜିତି ଜଗତ୍-ବିଖ୍ୟାତ ହେବା ନୁହେଁ, ତଦ୍ୱାରା କେବଳ ଶ୍ରୀକୃଷ୍ଣଙ୍କଠାରେ ଶରଣାଗତି ଓ ଭକ୍ତିପରାୟଣ ହେବା ଏତିକିହିଁ ଲାଭ ଏବଂ ଜଗତର ସକଳଜୀବଙ୍କ ପ୍ରତି ସଦୟଭାବ ରଖିବା – କାରଣ ସେମାନଙ୍କଠାରେ ଭଗବାନ୍ ଆତ୍ମାରୂପେ ବିଦ୍ୟମାନ' – ଏକଥା ସିଏ କାଶ୍ମୀରର ପଣ୍ଡିତ ଦିଗ୍‌ବିଜୟୀ କେଶବ ଭଟ୍ଟଙ୍କୁ କହିଥିଲେ । ବିଶ୍ୱମ୍ଭରଙ୍କର ଅନ୍ୟନାମ ଥିଲା 'ନିମାଇ' ଅର୍ଥାତ୍ 'ନିର୍ମାୟା' । ସମ୍ଭବତଃ ଅନେକଗୁଡ଼ିଏ ସନ୍ତାନକୁ ହରାଇବା ପରେ ଅବଶିଷ୍ଟ ଏକହିଁ ପୁତ୍ର ବୋଲି ଏପରି ଡାକିଥିବେ ପିତାମାତା, ବନ୍ଧୁପରିଜନ । ତେଣୁ ବିଦ୍ୟାଚର୍ଚ୍ଚା ପରେ ସେ ଯେବେ ନିଜର ଟୋଲ୍ ଖୋଲିଲେ ଲୋକେ ତାଙ୍କୁ 'ନିମାଇ ପଣ୍ଡିତ' ଭାବରେ ଜାଣିଥିଲେ ।

କିଶୋର ବୟଃକାଳର ଏକ ସମୟରେ ଥରେ ପ୍ରସାଦୀ ତାମ୍ବୁଳ ଖାଇ ସେ ଚେତା ହରାଇଥିଲେ । ଚେତା ଫେରିପାଇବା ପାଇଁ କିଛି ସମୟ ଲାଗିଲା, ପାଖ ପଡ଼ୋଶୀ ଓ ଘର ପରିଜନ ସମସ୍ତେ ଘେରିଯାଇ ତାଙ୍କୁ ସାଷ୍ଟାମ କରିବାକୁ ଲାଗିପଡ଼ିଲେ । ସ୍ୱପ୍ନରୁ ଉଠିବା ପରି ସେ କହି ବସିଲେ, ''ମୋ ବଡ଼ଭାଇ ବିଶ୍ୱରୂପ ମୋ ପାଖକୁ ଆସି ମୋ ହାତ ଧରି ଏକାନ୍ତକୁ ନେଇ ସନ୍ନ୍ୟାସ ଧର୍ମର ଗୁଣବତ୍ତା ଓ ସନ୍ନ୍ୟାସାଶ୍ରମର ମର୍ଯ୍ୟାଦା ଯେ ସବୁଠାରୁ ଶ୍ରେଷ୍ଠ ସେକଥା ମୋତେ ବୁଝାଇ ସଂସାରତ୍ୟାଗ କରିବାକୁ ପ୍ରବର୍ତ୍ତାଇଲେ । ମାତ୍ର ମୁଁ ତାଙ୍କୁ କହିଲି : 'ତୁମେ ଘରଛାଡ଼ି ଯିବା ଦିନରୁ ବାପାମା'ଙ୍କର କେବେ ବି ସେ ବିଚ୍ଛେଦର ଦୁଃଖ ପାସୋର ଯାଇନି, ଅଶ୍ରୁଧାର ଶୁଖିନି । ମୁଁ ଯଦି ସନ୍ନ୍ୟାସ ନେବି, ତେବେ ବୃଦ୍ଧ ବୟସରେ କିଏ ସେମାନଙ୍କର ଅବଲମ୍ବନ ହେବ ? ମୁଁ ବରଂ ଗୃହସ୍ଥ ହୋଇ ସେମାନଙ୍କ ବାର୍ଦ୍ଧକ୍ୟରେ ସେବା କରିବି, ସେମାନଙ୍କୁ ଅଧିକ ଦୁଃଖୀ ହେବାକୁ ଛାଡ଼ିଦେବି ନାହିଁ ।'' ଏହା ଶୁଣି ବିଶ୍ୱରୂପ ମୋତେ କହିଲେ 'ଠିକ୍ ଅଛି' । ମୁଁ ତାଙ୍କୁ ତାଙ୍କର ହାଲଚାଲ ପଚାରିବାରୁ ସେ କହିଲେ ସେ ଭଲ ଅଛନ୍ତି ଏବଂ ପିତାମାତାଙ୍କୁ ତାଙ୍କର କୋଟି ନମସ୍କାର ଜଣାଇବାକୁ ମୋତେ ଅନୁଜ୍ଞା କଲେ ।'' ବାଳକଠୁ ଏଇଭଳି କଥା ଶୁଣି ବାପାମା' ଆଶ୍ୱସ୍ତ ହେଲେ ।

ଏଇ ନିମାଇଙ୍କର ଉପନୟନ ହୋଇଥିଲା ଆଠବର୍ଷ ବୟସରେ । ତା'ପରେ ସେ ବିଦ୍ୟାଚର୍ଚ୍ଚା ସାଙ୍ଗରେ କିଛିଦିନ ପୁରୋହିତ କର୍ମ କରିଥିଲେ । ସେ ସମୟରେ ବ୍ରାହ୍ମଣକନ୍ୟାଗଣ ଉପଯୁକ୍ତ ପତି ପାଇବା ଉଦ୍ଦେଶ୍ୟରେ ନଦୀକୂଳରେ ବାଲୁକାରେ ଶିବଲିଙ୍ଗ ଗଢ଼ି ପୂଜାଡ଼ାଲା, ପୂଜାଉପକରଣ ନିମାଇ ପୂଜାରୀଙ୍କୁ ଦେଇ ପୂଜା କରାଇ ନେଉଥିଲେ । ଏଇ କିଶୋର ପୂଜାରୀ ସମସ୍ତଙ୍କର ପ୍ରିୟ ଥିଲେ । ପୂଜା ଶେଷରେ ପୂଜାରୀଙ୍କୁ ନୈବେଦ୍ୟର ଅଂଶ ଦେବାକୁ ପଡୁଥିଲା । ଯଦି କୌଣସି କୁମାରୀ କନ୍ୟା ପାରିତୋଷିକ ଦେବାରେ ଟିକିଏ କୃପଣତା କରୁଥିଲା, ପୂଜାରୀ ବ୍ରାହ୍ମଣଙ୍କଠାରୁ କୃତ୍ରିମ ଶାପ ମିଳୁଥିଲା :

ଯଦି ମୋରେ ନୈବେଦ୍ୟ ନା ଦେହ କୃପଣୀ ।
ବୁଢ଼ା ଭର୍ତ୍ତା ହବେ ଆର ଚାରିଚାରି ସତୀନୀ ॥...
ଆନିୟା ନୈବେଦ୍ୟ ତାରା ସମ୍ମୁଖେ ରାଖିଲ ।
ଖାଇୟା ନୈବେଦ୍ୟ ପରେ ଇଷ୍ଟବର ଦିଲ ॥

(୧୪ଶ ପରିଚ୍ଛେଦ, ଆଦିଲୀଳା)

ଏଇପରି ଭାବେ ଦୁଷ୍ଟାମି ଓ ଚପଳତାରେ ଭରା ଥିଲା ତାଙ୍କର ପିଲାଦିନ । ସେଇ ପୂଜାରୀ ଥିବାବେଳେ କେତେଥର ଲକ୍ଷ୍ମୀନାମ୍ନୀ କନ୍ୟାଟିର ରୂପଗୁଣ ତାଙ୍କ ମନକୁ ବେଶ୍ ପାଇଥିଲା ।

ଟିକିଏ ବଡ଼ ହେବା ପରେ ପିତାମାତା ଅନୁକୂଳ ଦିନକାଳ ଦେଖି କିଶୋର ନିମାଇଙ୍କୁ ସର୍ବଗୁଣସମ୍ପନ୍ନା ଲକ୍ଷ୍ମୀପ୍ରତିମା ବଲ୍ଲଭାଚାର୍ଯ୍ୟଙ୍କ କନ୍ୟା ଲକ୍ଷ୍ମୀ ସହିତ ବିବାହରେ ଛନ୍ଦି ଦେଲେ । ଦୁହେଁ ଦୁହିଁଙ୍କୁ ସାଥୀରୂପେ ପାଇ ବେଶ୍ ଖୁସୀ ଥିଲେ । 'ଚୈତନ୍ୟ ମଙ୍ଗଳ' ନାମକ ଜୀବନଗ୍ରନ୍ଥରେ ରହିଛି ଲକ୍ଷ୍ମୀ ଅଳ୍ପଦିନ ଭିତରେ ସମସ୍ତଙ୍କର ପ୍ରିୟ ହୋଇଉଠିଲେ । ହସ୍ତଶିଳ୍ପ ଓ ଚିତ୍ରାଙ୍କନରେ ତାଙ୍କର ହାତ ଥିଲା ନିର୍ଦ୍ଦୋଷ । ସେ ତାଙ୍କର କିଶୋର ସ୍ୱାମୀଙ୍କର ଅତିସୁନ୍ଦର ଏକ ଚିତ୍ରପଟ ଆଙ୍କିଥିଲେ ।

ବିଶ୍ୱମ୍ଭର କ୍ରମଶଃ ବିଦ୍ୟାଚର୍ଚ୍ଚାରେ ଚରମ ଉତ୍କର୍ଷତା

ଦେଖାଇବାକୁ ଲାଗିଲେ । ସାହିତ୍ୟ, ଅଳଂକାର ଓ ଦର୍ଶନ ଆଦି ଶାସ୍ତ୍ରରେ ସେ ବିଚକ୍ଷଣ ହେବା ସାଙ୍ଗରେ ନବ୍ୟନ୍ୟାୟ ଓ ତର୍କଶାସ୍ତ୍ରରେ ମଧ୍ୟ ସେ ଧୁରନ୍ଧର ହୋଇଉଠିଲେ । ତେଜୋମୟ ଚେହେରା ସାଙ୍ଗରେ ତାଙ୍କ ଦୃଢ଼ ବକ୍ତବ୍ୟ ଓ ଯୁକ୍ତିଯୁକ୍ତ ବ୍ୟାଖ୍ୟାକୁ ଅନ୍ୟମାନେ ଖଣ୍ଡନ କରିପାରୁ ନଥିଲେ । ସେଥିପାଇଁ ତାଙ୍କର ଖ୍ୟାତି ଖାଲି ନବଦ୍ୱୀପରେ ସୀମାବଦ୍ଧ ନରହି ସାରା ବଙ୍ଗଦେଶରେ ଖେଳିଗଲା । ଏହାଙ୍କ ସମକ୍ଷରେ କେହିହେଲେ ନିଜର ବାକ୍‌ଚାତୁରୀ ଦେଖାଇବାକୁ ସଂକୋଚବୋଧ କରୁଥିଲେ । ନିମାଇଙ୍କର ଯଶୋଲାଭରେ ଗର୍ବିତ ହେବାର ଠିକ୍ ପୂର୍ବରୁହିଁ ପିତାଙ୍କର କାଳ ହୋଇଗଲା । ମାତା ଶଚୀଦେବୀ ଭାଙ୍ଗି ପଡ଼ିଲେ, ମା'ଙ୍କୁ ପ୍ରବୋଧନା ଦେବା ପାଇଁ ପୁତ୍ରକୁ ଧୈର୍ଯ୍ୟ ଧରିବାକୁ ପଡ଼ିଲା । କ୍ରମେ ମାତା-ପୁତ୍ରଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିଲା ।

ନବଦ୍ୱୀପ ବାହାରୁ କେହି ତାର୍କିକ ପଣ୍ଡିତ ଆସିଲେ ଯୁକ୍ତିବଳରେ ନିଜ ମତ ପ୍ରତିଷ୍ଠା କରିବାକୁ, ଅବା ସ୍ୱରଚିତ କାବ୍ୟର ଗାରିମା ଦେଖାଇବାକୁ, ନବଦ୍ୱୀପର ପଣ୍ଡିତମଣ୍ଡଳୀ ବିଶ୍ୱମ୍ଭରଙ୍କୁହିଁ ତାଙ୍କ ତର୍କର ସମ୍ମୁଖୀନ ହେବା ପାଇଁ ନିର୍ବାଚନ କରୁଥିଲେ । ଜଣେ କାଶ୍ମୀରୀ କବି ଓ ପଣ୍ଡିତ ବ୍ୟକ୍ତି ଉତ୍ତର ଭାରତରେ ବହୁ ସମ୍ମାନନୀୟ ପଣ୍ଡିତଙ୍କୁ ତର୍କରେ ହରାଇ ଶେଷରେ ଆସି ନବଦ୍ୱୀପରେ ପହଞ୍ଚିଲେ ଓ ନିମାଇ ନାମକ ଶିକ୍ଷକ-ପଣ୍ଡିତଙ୍କ ପ୍ରଶଂସା ଶୁଣି ତାଙ୍କୁ ତର୍କଯୁଦ୍ଧ ପାଇଁ ଆହ୍ୱାନ କଲେ । ନାମ ଥିଲା ପଣ୍ଡିତ କେଶବ ଭଟ୍ଟ । ସରସ୍ୱତୀଙ୍କ ବରପ୍ରଭାବରେ ସେ ଥିଲେ ଆଶୁ କବି । ସେଦିନ ଥିଲା ଜ୍ୟୋସ୍ନାରାତି । ଭାଗୀରଥୀ ତୀରରେ ନିମାଇ ତାଙ୍କ ଶିଷ୍ୟମାନଙ୍କ ସଙ୍ଗରେ ସାହିତ୍ୟ ଓ କବିତାର ରସ ଉପଭୋଗ କରୁଥିଲେ । ପଣ୍ଡିତ ପ୍ରବର ଖୋଜିଖୋଜି ସେଠାରେ ପହଞ୍ଚି ପ୍ରଥମେ ଉପହାସ କଲେ : ''ବ୍ୟାକରଣ ପଢ଼ାହ ନିମାଇ ପଣ୍ଡିତ ତୋମାର ନାମ / ବାଲ୍ୟଶାସ୍ତ୍ରେ ଲୋକେ ତୋମାର କହେ ଗୁଣଗ୍ରାମ୍ ।'' ତାଙ୍କ କଥାରେ ମାନ ନକରି ଗୌରାଙ୍ଗପ୍ରଭୁ ତାଙ୍କୁ ସମାଦରରେ ବସାଇଲେ ଓ କହିଲେ, ''ଆପଣଙ୍କ ଭଳି କବିପ୍ରତିଭା ଏ ଯୁଗରେ କାହାର ନାହିଁ ।'' ତେଣୁ ପଣ୍ଡିତ ଗଙ୍ଗାନଦୀଙ୍କ ଉପରେ ଶହେ ଶ୍ଳୋକ ମୁହେଁ ମୁହେଁ ଗାଇଗଲେ ଓ ଶତମୁଖରେ ତା'ର ପ୍ରଶଂସା ବି କଲେ ଓ ନିମାଇଙ୍କୁ ଏହି କବିତାର ଦୋଷଗୁଣ ବାହାର କରିବାକୁ ଆହ୍ୱାନ କଲେ; କହିଲେ ଏଥିରେ ସାମାନ୍ୟତମ ତ୍ରୁଟି ନାହିଁ — 'ବ୍ୟାକରଣୀ ତୁମି ନାହି ପଢ଼ ଅଳଂକାର ? ତୁମି କି ଜାନିବେ ଏଇ କବିତ୍ୱେର ସାର ॥'

ନିମାଇ ତାଙ୍କର ଅନୁମତି ନେଇ ତତ୍‌କ୍ଷଣାତ୍ ସେଇ ଦୀର୍ଘକବିତାର ଗୋଟି ଗୋଟି କରି ଅନେକଗୁଡ଼ିଏ ଦୋଷ ରହିଥିବାର ଉଦାହରଣ ଦେଲେ ଯାହା ଉଚ୍ଚାଙ୍ଗ ସାହିତ୍ୟର ଉପମା ଅଳଂକାର ଓ ଅନୁପ୍ରାସ ସମ୍ପର୍କୀୟ ଥିଲା, ଶବ୍ଦଯୋଜନାରେ ଅର୍ଥଗତ ତ୍ରୁଟି ବି ଦେଖାଇଲେ । ଏସବୁଦେଖି କେଶବ ଭଟ୍ଟ ମହାଶୟ ଚକିତ ହୋଇଗଲେ, ଭାବିନେଲେ ମାତା ସରସ୍ୱତୀ ତାଙ୍କ ପ୍ରତି ଅକୃପଣ ହୋଇଗଲେ, ତା' ନହେଲେ ଅପଗଣ୍ଡ ନୂଆ ଶିକ୍ଷକ ଜଣେ, ଯିଏ ପୁଣି ବୈୟାକରଣ ମାତ୍ର ସେ ମୋର କାବ୍ୟ-ରଚନାରେ ଏତେଗୁଡ଼ାଏ ତ୍ରୁଟି ଦେଖାଇ ପାରନ୍ତା ! କବିରାଜ ଗୋସ୍ୱାମୀ କହୁଛନ୍ତି ପଣ୍ଡିତଙ୍କ ଭାଷାରେ :

'ଯେ ବ୍ୟାଖ୍ୟା କରିଲ ସେ ମନୁଷ୍ୟେର ନହେ ଶକ୍ତି
ନିମାଇ ମୁଖେ ରହି ବଲେ ଆପନେ ସରସ୍ୱତୀ ॥'

ନିମାଇ ସେହି ପଣ୍ଡିତଙ୍କର ଗ୍ଲାନି ବୁଝିପାରି ତାଙ୍କୁ ଶାନ୍ତ କରିବା ପାଇଁ ତାଙ୍କ ରଚନାର ବହୁତ ପ୍ରଶଂସା କଲେ ଓ ଆପଣା ଦୋଷକ୍ଷାଳନ ପାଇଁ ତାଙ୍କ ପାଖରେ କ୍ଷମା ଭିକ୍ଷା କରି କହିଲେ :

ଶାସ୍ତ୍ରେର ବିଚାର ଭଲମନ୍ଦ ନାହି ଜାନି ।
ସରସ୍ୱତୀ ଯେ ବଲାଏ, ସେଇ ବଲି ବାଣୀ ॥...
ଶୈଶବ-ଚାପଲ୍ୟ କିଛୁ ନା ଲବେ ଆମର ।
ଶିଷ୍ୟେର ସମାନ ମୁଇଁ ନା ହଇ ତୋମାର ?...
ତୋମାର କବିତ୍ୱ ଯେନ ଗଙ୍ଗାଜଲଧାର ।
ତୋମାସମ କବି କୋଥା ନା ଦେଖି ଆର ॥

ଶ୍ରୀନିମାଇଙ୍କର ଶିଷ୍ୟଗଣ ମୁଖଲୁଚାଇ ପରସ୍ପର ମଧ୍ୟରେ ପଣ୍ଡିତଙ୍କର ପରାଜୟ ଓ ତାଙ୍କ ଗୁରୁଙ୍କର ଜୟରେ ଆନନ୍ଦ ପ୍ରକାଶ କରି ହସାହସି କରୁଥିଲେ । ଭଟ୍ଟ ମହାଶୟଙ୍କୁ ବହୁତ ବାଧିଲା ଏଇ ପରାଜୟର ଗ୍ଲାନି ।

ସେଦିନ ରାତିରେ ବିଷଣ୍ଣ ଭଟ୍ଟ ମହୋଦୟଙ୍କୁ ନିମାଇ ବୁଝାଇସୁଝାଇ ତାଙ୍କ ନିବାସକୁ ପଠାଇଦେଲେ । କିନ୍ତୁ ସେ ଦେବୀ ସରସ୍ୱତୀଙ୍କ ପାଖରେ ଆର୍ତ୍ତି ଜଣାଇଲେ ଓ ବହୁ ସମୟ ଧରି ଅଶ୍ରୁତର୍ପଣ କଲେ । କାରଣ ସେତେଦିନ ଯାଏଁ ନିର୍ଦୋଷ କବିତ୍ୱହିଁ ତାଙ୍କର ସମ୍ବଳ ଥିଲା, ଆଶୁକବି ନାମରେ ସେ ପରିଚିତ ଥିଲେ । ତା'ପରେ ସେ ନିଦ୍ରାଗଲେ । ନିଦ୍ରାରେ ଦେବୀ ସରସ୍ୱତୀ ସତରେ ତାଙ୍କୁ ଶୁଣାଇଲେ ଯେ ଯେଉଁ ନବୀନ କବି ତାଙ୍କର ତ୍ରୁଟି ଦର୍ଶାଇଲେ, ସେ ସାଧାରଣ ଶିକ୍ଷକ ମାତ୍ର ନୁହନ୍ତି, ସେ ଈଶ୍ୱରାବତାର । ସକାଳ ହେବାରୁ ସେ ଯାଇଁ ବିଶ୍ୱମ୍ଭରଙ୍କ ଦୁଆରେ

ହାଜର; ବହୁ ତାଚ୍ଛଲ୍ୟର ଭାଷା ପ୍ରୟୋଗ କରିଥିବାରୁ ଓ ତାଙ୍କୁ ସାମାନ୍ୟ ମନେ କରିଥିବାର ଧୃଷ୍ଟତା ଯୋଗୁ କ୍ଷମା ମାଗିଲେ । ଗୋସାଇଁ କୃଷ୍ଣଦାସ କହୁଛନ୍ତି :

ଭାଗ୍ୟବନ୍ତ ଦିଗ୍‌ବିଜୟୀ ସଫଳ ଜୀବନ,
ବିଦ୍ୟାବଳେ ପାଇଲ ମହାପ୍ରଭୁର ଚରଣ ॥

ଅଧ୍ୟାପନା ନିମନ୍ତେ ଯଦିବା ନିମାଇ ପଣ୍ଡିତ ବ୍ୟାକରଣ, ତର୍କ, ନ୍ୟାୟଶାସ୍ତ୍ରକୁ ଆପଣାର ବିଷୟବସ୍ତୁ ରୂପେ ବାଛିଥିଲେ, ତା'ର ଅର୍ଥ ନୁହେଁ ଯେ ସେ ସାହିତ୍ୟ, ଅଳଙ୍କାର ଓ ନାଟକ ଆଦିରେ ରୁଚି ରଖୁ ନଥିଲେ । ସେ ଅନ୍ୟାନ୍ୟ ବିଷୟରେ ବି ସମାନ ରୁଚି ରଖୁଥିଲେ । ନାଟକ ଓ ଅଭିନୟ ମାଧମରେ ଜନସମାଜକୁ ଉଦ୍‌ବୁଦ୍ଧ କରିହେବ ବୋଲି ସେ ଜାଣିଥିଲେ । ସେଥିପାଇଁ ଦୀକ୍ଷା ନେଇ ଗୟାରୁ ଫେରିଆସିବା ପରେ ନବଦ୍ୱୀପର ବୈଷ୍ଣବଗୋଷ୍ଠୀଙ୍କୁ ନେଇ ନାଟକ ଅଭିନୀତ କରିବାରେ ଲାଗିଲେ । ସେଗୁଡ଼ିକର ବିଷୟବସ୍ତୁ ଥିଲା ଅବତାର ପୁରୁଷଙ୍କର କିଛି ନା କିଛି ଲୀଳାକୁ ଦର୍ଶାଇବା । ସରଳ ସଂସ୍କୃତରେ ରଚିତ ସେଇ ନାଟକମାନ ସର୍ବଜନବୋଧ ହେଉଥିଲା, ଅଥଚ ସେଗୁଡ଼ିକର ଶୈଳୀ ଥିଲା ଶାସ୍ତ୍ରୀୟ ସଂସ୍କୃତନାଟକ ଭଳି । ପରବର୍ତ୍ତିକାଳରେ ସେ ରୂପ ଗୋସ୍ୱାମୀ ଓ ରାୟ ରାମାନନ୍ଦଙ୍କୁ ଅନୁପ୍ରାଣିତ କରି ସେମାନଙ୍କ ଦ୍ୱାରା ନାଟକ ରଚନା କରି ମଞ୍ଚସ୍ଥ କରିଛନ୍ତି । ଯେତେବେଳେ ନବଦ୍ୱୀପରେ ନାଟକ ପ୍ରଦର୍ଶନ କରୁଥିଲେ, ସେତେବେଳେ ସେ ସ୍ୱୟଂ ଅଭିନୟ କରୁଥିଲେ – ନର, ନାରୀ ଉଭୟ ଭୂମିକାରେ ସେ ଅବତରଣ କରୁଥିଲେ, ବିଶେଷ କରି ନାରୀ ଭୂମିକାରେ ତାଙ୍କ ଅଭିନୟର ସମକକ୍ଷ କେହି ନଥିଲେ ।

ଶ୍ରୀଚୈତନ୍ୟ ଯେପରି ବିଦ୍ୟାଧନରେ ବିଭୂଷିତ ଥିଲେ ସେଇପରି ଧର୍ମ ଓ ସାତ୍ତ୍ୱିକଗୁଣରେ ବି ଭୂଷିତ ଥିଲେ । ସେଇ ସମୟରେ ଈଶ୍ୱରପୁରୀ ନବଦ୍ୱୀପକୁ ଆସିଥିଲେ, ପ୍ରାୟ ପ୍ରତିଦିନ ସେ ଭକ୍ତିଧର୍ମକୁ ଭିତ୍ତିକରି କିଛି ଆଲୋଚନା କରୁଥିଲେ । ସେଇ ଆଲୋଚନା ସଭାକୁ ନିମାଇ ପଣ୍ଡିତ ବି ଯାଉଥିଲେ । ନବ୍ୟନ୍ୟାୟ ଓ ତର୍କଶାସ୍ତ୍ରର ଯେଉଁ ଆବରଣ ତାଙ୍କର ସ୍ୱଭାବ-ସିଦ୍ଧ ଧର୍ମଚେତନାକୁ ଓ ଭକ୍ତି ପ୍ରବଣତାକୁ ଘୋଡ଼ାଇ ଦେଉଥିଲା, ତାହା ଧୀରେ ଧୀରେ ପତଳା ହେବାକୁ ଲାଗିଲା; ପଣ୍ଡିତ ବୋଲି ତାଙ୍କର ମନରେ ଯତ୍‌କିଞ୍ଚିତ୍ ହେଲେ ବି ଯେଉଁ ଅଭିମାନ ଥିଲା, ତାହା ଈଶ୍ୱରପୁରୀଙ୍କ ସଂସ୍ପର୍ଶରେ ଆସି ଦୂର ହୋଇଗଲା । ସେଇ ଦାର୍ଶନିକ ପୁଣି ଭକ୍ତକବି ଈଶ୍ୱରପୁରୀ ମହୋଦୟ ନିଜେ ଏକ କାବ୍ୟ ଲେଖିଥିଲେ, ନାମଥିଲା 'କୃଷ୍ଣଲୀଳାମୃତ' । ସେ ମଧ୍ୟ ଏଇ ଉଦୀୟମାନ ଯୁବକର ମାନସିକ ଔଜ୍ଜ୍ୱଲ୍ୟରେ ଆକୃଷ୍ଟ ହୋଇ ତାଙ୍କୁ କହିଲେ, ''ମୋର ଏ କାବ୍ୟ ରଚନାରେ ଯଦି କେଉଁଠି ଭୁଲ ବା ତ୍ରୁଟିଥାଏ, ଅଳଙ୍କାର ଦୃଷ୍ଟିରୁ ବା ବ୍ୟାକରଣ ଦୃଷ୍ଟିରୁ, ସେଗୁଡ଼ିକୁ ସଜାଡ଼ି ଦେବ କି ?'' ତା'ର ଉତ୍ତରରେ ନିମାଇ କହିଲେ, ''ଆପଣଙ୍କ ପରି ଭକ୍ତଶିରୋମଣିଙ୍କ ଏ କୃତି ଭଗବାନଙ୍କ ଦ୍ୱାରା ଅନୁପ୍ରେରିତ, ତେଣୁ ନିଶ୍ଚିତ ଭାବେ ଏହା ତ୍ରୁଟି ବିଚ୍ୟୁତିରହିତ, ଏହା ବ୍ୟତୀତ ମୁଁ ଜଣେ ସଂସାରୀ ଲୋକ, ଏହାର ପରିପୂର୍ଣ୍ଣତା ମୋ ଭଳି ଜଣେ ସାଧାରଣ ପଢୁଆ ଦ୍ୱାରା ସମ୍ଭବ ବୋଲି ମୋର ମନେ ହେଉନି । କ୍ଷମା କରିବେ ।'' ତରୁଣ ବିଦ୍ୱାନଙ୍କର ଏଇ ନିରଭିମାନତା ଈଶ୍ୱରପୁରୀଙ୍କୁ ମୁଗ୍ଧ କରିଥିଲା । ଏଇ ଈଶ୍ୱରପୁରୀଙ୍କୁ ପରେ ନିମାଇ ଗୁରୁପଦରେ ବରଣ କରିଥିଲେ ଓ ସେ ନିମାଇଙ୍କର ଦୀକ୍ଷାନ୍ତ ନାମ ରଖିଲେ 'ଶ୍ରୀକୃଷ୍ଣ ଚୈତନ୍ୟ'– ଅର୍ଥାତ୍ ଯାହାର ଚୈତନ୍ୟ ସର୍ବଦା ଶ୍ରୀକୃଷ୍ଣଙ୍କ ଦ୍ୱାରା ଉଦ୍‌ବୁଦ୍ଧ । ନିଜେ ନିମାଇ ଦୀକ୍ଷିତ ହେବା ପୂର୍ବରୁ କହୁଥିଲେ ନିଜର ଆନ୍ତର ଉପଲବ୍ଧିରେ :

ଚୈତନ୍ୟରହିତ ଦେହ ଶୁଷ୍କକାଷ୍ଠ ସମ ।
ଜୀବିତେଇ ମୃତ ସେଇ ଦଣ୍ଡେ ତା'ରେ ଯମ ॥

ଅର୍ଥାତ୍, ଏପରି ବ୍ୟକ୍ତି ଯିଏ ଜୀବିତ ଥାଇ ମଧ୍ୟ ଚୈତନ୍ୟବାନ୍ ନୁହେଁ, ତେଣୁ ଆଧିବ୍ୟାଧିରେ ସର୍ବଦା ଜର୍ଜରିତ ହେଉଥାଏ ଜୀବନର ଶେଷକ୍ଷଣ ଯାଏଁ ଯାହା ଯମଦଣ୍ଡ ସଦୃଶ । ସକଳ ଶୁଭାଶୁଭ କର୍ମର ଫଳାଫଳ ତାକୁ ଏଇ ଜନ୍ମରେହିଁ ଭୋଗିବାକୁ ପଡ଼େ ।

ବିଶ୍ୱମ୍ଭରଙ୍କ ଅନ୍ତର ଯେ କୃଷ୍ଣବିରହ-କାତର ଓ ତାଙ୍କ ସହ ସର୍ବଭାବରେ ମିଳିତ ହେବାହିଁ ତାଙ୍କ ଆଗମନର ଉଦ୍ଦେଶ୍ୟ ଏହା ଗୁରୁଦେବ ଅନ୍ତର୍ଦୃଷ୍ଟିରେ ଲକ୍ଷ୍ୟ କରିଥିବେ । ପଣ୍ଡିତ ନିମାଇ ନିଶ୍ଚିତଭାବେ ବିଦ୍ୟାସମ୍ପନ୍ନ ଥିଲେ, ମାତ୍ର ବିନୟ ସମ୍ଭବତଃ ତଦନୁରୂପ ନଥିଲା । ଈଶ୍ୱରପୁରୀଙ୍କର ଆଗମନ ଫଳରେ ତାଙ୍କ ସଂସ୍ପର୍ଶରେ ଆସି ତାଙ୍କ ଆଧାର ହେଲା 'ବିଦ୍ୟା-ବିନୟ ସମ୍ପନ୍ନ' । ଯାହାଫଳରେ ଗୁରୁ ଭକ୍ତିବୀଜ ସହଜରେ ତାଙ୍କ ହୃଦୟକ୍ଷେତ୍ରରେ ରୋପଣ କରିପାରିଲେ ।

(କ୍ରମଶଃ)

ସଂଗ୍ରହ ଓ ଉପସ୍ଥାପନା : କୃଷ୍ଣାଦେବୀ

অନ୍ତରାଳ ଜଗତ୍

# ଶ୍ରୀମାଙ୍କ କଥିତ କେତୋଟି ସତ୍ୟ ଘଟଣା

ଫ୍ରାନ୍ସରେ ଜଣେ ସୁଦକ୍ଷ ବିମାନଚାଳକ ଥିଲେ । ସେ ପ୍ରଥମ ମହାଯୁଦ୍ଧରେ ତାଙ୍କ ସାଥୀମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଥିଲେ । ସେ ଜଣେ ଅସାଧାରଣ ଚାଳକ ଥିଲେ ଏବଂ ବହୁବାର ଯୁଦ୍ଧରେ ବିଜୟୀ ହୋଇ ପାରିଥିଲେ । କେବେ ମଧ୍ୟ ତାଙ୍କର କିଛି ଦୁର୍ଘଟଣା ଘଟି ନଥିଲା । କିନ୍ତୁ ତାଙ୍କ ଜୀବନର ଶେଷ ପର୍ଯ୍ୟାୟରେ ଏକ ଘଟଣା ଘଟିଲା, ଯାହାକି ନିହାତି ବ୍ୟକ୍ତିଗତ ଓ ଦୁଃଖପୂର୍ଣ୍ଣ – ଏବଂ ହଠାତ୍ ସେ ଅନୁଭବ କଲେ ଯେ କିଛି ଗୋଟାଏ ତାଙ୍କ ଜୀବନରେ ଘଟିବାକୁ ଯାଉଛି, ହୁଏତ ଏକ ଦୁର୍ଘଟଣା ଏବଂ ତାଙ୍କର ସେଇଥିରେହିଁ ସମାପ୍ତି ହେବାକୁ ଯାଉଛି ।

ଯୁଦ୍ଧରୁ ବାହାରି ଆସିଥିଲେ ମଧ୍ୟ ସେ ସୈନ୍ୟବାହିନୀରେ ଥିଲେ । ସେ ଥରେ ଦକ୍ଷିଣ ଆଫ୍ରିକାକୁ ଉଡ଼ାଜାହାଜରେ ଯିବାକୁ ମନସ୍ଥ କଲେ, ଏକେବାରେ ଫ୍ରାନ୍ସରୁ ସିଧା ଦକ୍ଷିଣ ଆଫ୍ରିକା ଅଞ୍ଚଳକୁ । ମୋର ଯେତେଦୂର ମନେହେଉଛି, ସେ ଫ୍ରାନ୍ସରୁ ବାହାରି ମାଡ଼ାଗାସ୍କାର ଯାଇ ଓ ସେଠାରୁ ପୁଣି ଫ୍ରାନ୍ସ୍ ଫେରି ଆସିବା ପାଇଁ ମନସ୍ଥ କଲେ । ଠିକ୍ ସେହି ସମୟରେ ମୋର ଭାଇ କଙ୍ଗୋର ଗଭର୍ଣ୍ଣର ଥିଲେ ଏବଂ ଯଥାଶୀଘ୍ର ତାଙ୍କ ଚାକିରିରେ ଯୋଗଦେବା ପାଇଁ ଚାହୁଁଥିଲେ । ମୁଁ ଯେଉଁ ପାଇଲଟଙ୍କ କଥା କହୁଛି ତାଙ୍କରି ଉଡ଼ାଜାହାଜରେ ଗୋଟିଏ ସ୍ଥାନ ପାଇବାକୁ ମୋର ଭାଇ ତାଙ୍କୁ ଅନୁରୋଧ କଲେ । ଏହା ସାଧାରଣଭାବରେ ଯାତାୟତ କରୁଥିବା ଉଡ଼ାଜାହାଜ ନୁହେଁ । କିନ୍ତୁ କଳକବ୍ଜାର ଶକ୍ତି ପରୀକ୍ଷା କରିବା ଓ ପାଇଲଟ୍‌ମାନଙ୍କ ଦକ୍ଷତାକୁ ପରୀକ୍ଷା କରିବା ପାଇଁ ବ୍ୟବହୃତ ହେଉଥିବା କେତେକ ଉଡ଼ାଜାହାଜରୁ ଏହା ଗୋଟିଏ ଥିଲା । ବହୁତ ଲୋକ ମୋ ଭାଇଙ୍କୁ ସେହି ଯାତ୍ରାରୁ କ୍ଷାନ୍ତ ହେବା ପାଇଁ କହିଲେ । ସେମାନେ କହିଲେ, ଏହିସବୁ ଉଡ଼ାଜାହାଜରେ ଯିବା ଅତ୍ୟନ୍ତ ବିପଜ୍ଜନକ । କିନ୍ତୁ ଯାହାହେଉ ମୋ ଭାଇ କୌଣସି ପ୍ରକାରେ ସେହି ବିପଦକୁ ଖାତିର କଲେ ନାହିଁ । କୌଣସି ବିଶେଷ ବିପଦ ଘଟିଲା ନାହିଁ । କିନ୍ତୁ ସାହାରା ମରୁଭୂମି ଦେଇ ଯାଉଥିଲାବେଳେ ଟିକେ ଇଞ୍ଜିନ ବିଗିଡି ଯାଇଥିଲା ଓ ପରେ ପରେ ଠିକ୍ ହୋଇଗଲା । ତା'ପରେ ନିରାପଦରେ ଉଡ଼ାଜାହାଜଟି ଯାଇ କଙ୍ଗୋରେ ତାଙ୍କୁ ପହଞ୍ଚାଇଥିଲା । ତା'ପରେ ଉକ୍ତ ବିମାନଟି ମାଡ଼ାଗାସ୍କାର ଅଭିମୁଖେ ଗତିକଲା । ସେଠାରୁ ଫେରିବା ରାସ୍ତାରେ ଦୁର୍ଘଟଣା ଘଟି ବିମାନଟି ଧ୍ୱଂସ ପାଇଲା ଓ ପାଇଲଟ୍ ଜଣକ ମୃତ୍ୟୁମୁଖରେ ପଡ଼ିଲେ । ପ୍ରକୃତରେ ଘଟଣାଟି କ'ଣ ତାହା ମୁଁ ବର୍ତ୍ତମାନ ତୁମକୁ ବୁଝାଇ କହିବି । ଯାହା ଘଟିଲା ତାହା ଘଟିବାରହିଁ ଥିଲା, ଏହା ହେଲା ପୂର୍ବକଳ୍ପିତ ସିଦ୍ଧାନ୍ତ । ମୋ ଭାଇଙ୍କର ନିଜର ବିଧିନିର୍ଦ୍ଦିଷ୍ଟ ଭାଗ୍ୟ ଉପରେ ଦୃଢ଼ ବିଶ୍ୱାସ ଥିଲା । ସେ ନିଶ୍ଚିତ ଥିଲେ ଯେ ତାଙ୍କର କିଛି ଘଟିବ ନାହିଁ । କିନ୍ତୁ ବିମାନଚାଳକର ଚେତନା ଠିକ୍ ବିପରୀତ ଭାବରେ ଆଶଙ୍କା ଓ ସନ୍ଦେହରେ ପୂର୍ଣ୍ଣ ଥିଲା । ତେଣୁ ଏହି ଦୁଇଟିର ସମ୍ମିଶ୍ରଣରେ ଫଳ ହେଲା ପ୍ରଥମରୁହିଁ ଦୁର୍ଘଟଣା ଘଟିବାକୁ ଯାଉଥିଲା; କୌଣସିମତେ ରକ୍ଷା ପାଇ ଯାଇଥିଲା ।

କିନ୍ତୁ ମୋ ଭାଇଙ୍କର ଭାଗ୍ୟ ସେହି ବିମାନ ଇଞ୍ଜିନ ସହିତ ନିର୍ଦ୍ଧାରିତ ନଥିଲା – ଯେପରି ଭୟଙ୍କର ତୋଫାନ ମଧ୍ୟରେ ସିଜରଙ୍କ ଭାଗ୍ୟହିଁ ନାବିକଟିକୁ ନିରାପଦରେ ନଦୀ ଅତିକ୍ରମ କରିବାରେ ସାହାଯ୍ୟ କରିଥିଲା । ସେଇପରି ମୋ ଭାଇ ଓହ୍ଲାଇ ଗଲାପରେ ରକ୍ଷାକାରୀ ଶକ୍ତି ସେଠାରୁ ଅପସାରିତ ହୋଇଗଲା ଏବଂ ପାଇଲଟକୁ ନିଜର ଭୟଙ୍କର ଦୁର୍ଭାଗ୍ୟର ସମ୍ମୁଖୀନ ହେବାକୁ ହୋଇଥିଲା ।

ଠିକ୍ ଏଇଭଳି ଆହୁରି ଗୋଟିଏ ଜାହାଜ ସମ୍ପର୍କୀୟ ଗଳ୍ପ ତୁମକୁ କହିବି । ଥରେ ଦୁଇଜଣ ବ୍ୟକ୍ତି – ସ୍ୱାମୀ ଓ ସ୍ତ୍ରୀ – ଇଣ୍ଡୋଚାଇନାକୁ ଉଡ଼ାଜାହାଜରେ ଯାତ୍ରାକଲେ । ସେମାନେ ଏକ ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହେଲେ । ଉକ୍ତ ଦୁଇଜଣଙ୍କ ବ୍ୟତୀତ ଅନ୍ୟ ସମସ୍ତ ଯାତ୍ରୀ ସେହି ଦୁର୍ଘଟଣାରେ ପ୍ରାଣ ହରାଇଲେ । ତା'ପରେ ସେମାନଙ୍କୁ ଫ୍ରାନ୍ସ ଫେରି ଆସିବାକୁ ହେଲା । ପୂର୍ବ ଅଭିଜ୍ଞତା ଯୋଗୁଁ ସେମାନେ ପୁନଶ୍ଚ ବିମାନରେ ଆସିବାକୁ ଇଚ୍ଛା କଲେ ନାହିଁ । ତେଣୁ ସେମାନେ ଏକ ଜାହାଜରେ ଆସିଲେ, ଯାହାକୁ ସେମାନେ ଅଧିକ ନିରାପଦ ବୋଲି ଭାବିଥିଲେ । ତା'ପରେ ଯେଉଁ ଘଟଣା ଘଟିଲା, ତାହା ଏକେବାରେ ଅପ୍ରତ୍ୟାଶିତ ଓ ସମ୍ପୂର୍ଣ୍ଣ ଅସାଧାରଣ । ଲୋହିତ ସାଗରର ମଧ୍ୟ ଭାଗରେ, ଦିନବେଳେ ଏହା ଏକ ଲୁକ୍କାୟିତ ପାହାଡଚୂଡ଼ାରେ ଧକ୍କା ଖାଇ ବୁଡ଼ିବାକୁ ଲାଗିଲା – ଏପରି ଘଟଣା ଲକ୍ଷେ ଘଟଣାରୁ ଥରକ ପାଇଁ ମଧ୍ୟ ଘଟେ ନାହିଁ । ଏବଂ ଆଶ୍ଚର୍ଯ୍ୟର କଥା ହେଉଛି, ସେହି ଦୁଇଜଣଙ୍କ ବ୍ୟତୀତ ସମସ୍ତେ ମୃତ୍ୟୁମୁଖରେ ପଡ଼ିଲେ । ଏହିପରି କେତେକ ବ୍ୟକ୍ତି ଥା'ନ୍ତି, ଯେଉଁମାନେ ନିଜ ମଧ୍ୟରେ ଦୁର୍ଭାଗ୍ୟକୁ ବହନ କରି ଚାଲିଥା'ନ୍ତି, କିନ୍ତୁ ସେହି ଦୁର୍ଭାଗ୍ୟ ଘଟେ ଅନ୍ୟମାନଙ୍କ ପାଇଁ ଓ ସେମାନେ ନିଜେ କୌଣସିମତେ ରକ୍ଷା ପାଇଯା'ନ୍ତି । ❖

# ସଂପାଦକୀୟ ....

୧୯୭୦ ମସିହାରେ ମା'ଙ୍କର ନବବର୍ଷର ବାର୍ତ୍ତା ଥିଲା, The world is preparing for a big change. Will you help ? (M.C.W., Vol - 3, Page -181) ଅର୍ଥାତ୍ ''ପୃଥିବୀ ଏକ ବିପୁଳ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେଉଛି, ତୁମେ ସାହାଯ୍ୟ କରିବ କି ?'' ପ୍ରତ୍ୟେକ ବର୍ଷର ଆରମ୍ଭରେ ଯେଉଁସବୁ ନୂତନ, ନୂତନ ବାଣୀ ଦେଇ ମା' ସମଗ୍ର ପୃଥିବୀ, ମାନବସମାଜ ଓ ସେହି ଆଗନ୍ତୁକ ନୂତନ ବର୍ଷଟି ଉପରେ ପ୍ରେମ ଓ ଆଶିଷର କଲ୍ୟାଣମୟୀ ଧାରା ଢାଳି ଦିଅନ୍ତି, ଏହିସବୁ ବାଣୀ ମାଧ୍ୟମରେ ସେମାନଙ୍କ ଭିତରେ ଦିବ୍ୟସତ୍ୟ ପାଇଁ ଯେଉଁ ଆସ୍ପୃହା, ସଂକଳ୍ପ ଓ ଶକ୍ତିକୁ ଜାଗ୍ରତ୍ କରାନ୍ତି ସେସବୁ ଦିବ୍ୟ ରହସ୍ୟର ଗଭୀରତା କିଏ କଳନା କରିପାରିବ ? ସେହି ଦିବ୍ୟବାଣୀର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିବାର ଧୃଷ୍ଟତା ନକରି ଆମେ କେବଳ ଏଠାରେ ମା'ଙ୍କର କେତେକ ପୂର୍ବର ଆଲୋଚନା ମନେ ପକାଉଛୁ ।

ପରିବର୍ତ୍ତନ କହିଲେ ସାଧାରଣତଃ ଲୋକମାନେ ବାହାରର କେତେକ ପରିବର୍ତ୍ତନକୁହିଁ ବୁଝନ୍ତି । ପରିବର୍ତ୍ତନ ସମ୍ପର୍କରେ ସେମାନଙ୍କର ଧାରଣା କେବଳ ବାହ୍ୟ ଆକାର ପ୍ରକାରରେ କେତେକ ପରିବର୍ତ୍ତନ, ରାଜନୈତିକ, ଭୌଗୋଳିକ ମାନଚିତ୍ରର କେତେକ ପରିବର୍ତ୍ତନ ବା ଅତି ବେଶୀରେ ସମାଜ ଓ ଶାସନ ବ୍ୟବସ୍ଥାର ବା ସଭ୍ୟତା ଓ ସଂସ୍କୃତିର କେତେକ ପରିବର୍ତ୍ତନ ଭିତରେହିଁ ଏସବୁ ସୀମାବଦ୍ଧ । ମାନବସଭ୍ୟତାର ଇତିହାସ ଆରମ୍ଭରୁ ଆଜିଯାଏଁ ଏହିପରି ଅସଂଖ୍ୟ ପରିବର୍ତ୍ତନ ହୋଇଗଲାଣି; ପୃଥିବୀ ଉପରେ ଗୋଟିକ ପରେ ଗୋଟିଏ କେତେ ଧର୍ମ; କେତେ ସଭ୍ୟତା ଓ ସଂସ୍କୃତିର ଉତ୍ଥାନ ପତନ ଓ ବିଲୟ ହୋଇଗଲାଣି, କେତେ ଯୁଦ୍ଧ, କେତେ ରାଜ୍ୟଜୟ, କେତେ ବିପ୍ଳବ ହୋଇଗଲାଣି । କିନ୍ତୁ ଏହିସବୁ ତଥାକଥିତ ପରିବର୍ତ୍ତନ ଦ୍ୱାରା ମଣିଷର କ'ଣ ପରିବର୍ତ୍ତନ ହୋଇଛି ବୋଲି ଯଦି ଦେଖାଯାଏ, ତେବେ ଦେଖାଯିବ ସେଇ ଆଦିମ ଯୁଗର ମଣିଷ ଓ ଆଜିର ସଭ୍ୟ ମଣିଷ ଭିତରେ ମୌଳିକ ଭାବରେ କିଛି ତଫାତ୍ ନାହିଁ । ସେଦିନର ପୃଥିବୀ ଓ ମଣିଷ ଉପରେ ହିଂସା, ଦ୍ୱେଷ, କାମନା-ବାସନା ଓ ଲୋଭମୋହର ଯେତିକି କର୍ତ୍ତୃତ୍ୱ ଥିଲା, ଆଜି ମଧ୍ୟ ଏହିସବୁ ଅନ୍ଧକାର ଶକ୍ତିର ରାଜତ୍ୱ ସେହିପରି ଅଖଣ୍ଡ ରହିଛି । ଜରା, ରୋଗ ଓ ମୃତ୍ୟୁ ଆଗରେ ମଣିଷ ଯେତିକି ଅସହାୟ ଥିଲା, ଆଜି ମଧ୍ୟ ସେହିପରି ରହିଛି । ତୀର, ବର୍ଚ୍ଛା ଧରି ଯୁଦ୍ଧ କରିବା ବଦଳରେ ଆଣବିକ ଅସ୍ତ୍ର ଧରି ଯୁଦ୍ଧ କରିବାଟାକୁ ମଣିଷର ସ୍ୱଭାବରେ ଏକ ପରିବର୍ତ୍ତନ ବୋଲି କୁହାଯିବ ନାହିଁ ବା ଅସ୍ତ୍ରୋପଚାରରେ ହୃତ୍‌ପିଣ୍ଡ-ରୋପଣର ସାଫଲ୍ୟକୁ ମୃତ୍ୟୁ ଉପରେ ବିଜୟ ବୋଲି କୁହାଯିବ ନାହିଁ । କୌଣସି ସତ୍ୟଦ୍ରଷ୍ଟା ଆଧ୍ୟାତ୍ମିକ ପଥପ୍ରଦର୍ଶକ ଯେଉଁ ପରିବର୍ତ୍ତନ କଥା କହନ୍ତି ତାହା କେବଳ ଉପର ଚେହେରାର ପରିବର୍ତ୍ତନ ନୁହେଁ, ସେ ଏପରି ଏକ ପରିବର୍ତ୍ତନ କଥା କହନ୍ତି ଯାହା ସମଗ୍ର ପୃଥିବୀ ଓ ମଣିଷର ସ୍ୱଭାବ ବା ପ୍ରକୃତିର ମୂଳ ଗଠନରେହିଁ ଏକ ପରିବର୍ତ୍ତନକୁ ବୁଝାଏ । ସେ ଭିତରର ଏପରି ଏକ ପରିବର୍ତ୍ତନ ବିଷୟରେ କହନ୍ତି, ବାହାରର ସମସ୍ତ ପରିବର୍ତ୍ତନ ଯାହାର ଅନିବାର୍ଯ୍ୟ ପରିଣତି ମାତ୍ର । ସେ କହନ୍ତି ପୁରାତନ ପୃଥିବୀର ସଂପୂର୍ଣ୍ଣ ନୂତନ ଏକ ପୃଥିବୀର ପରିବର୍ତ୍ତନ ଓ ରୂପାନ୍ତର ସମ୍ପର୍କରେ । ଥରେ ମା' ଏ ବିଷୟରେ କହିବାକୁ ଯାଇ କହିଥିଲେ :

''And he (Sri Aurobindo) also says that it will truly be the changing of one world into another, for so far the whole creation belonged to what he calls "the lower hemisphere" as we know it, which is governed by Ignorance and based upon the Inconscient, whereas the other one will be a complete reversal, the sudden appearance of something which will belong to quite a different world, and which instead of being based on Ignorance will be based upon Truth. That is why it will truly be a new world."

(MCW. Vol. 9, p. 158)

''ଶ୍ରୀଅରବିନ୍ଦ କହନ୍ତି ଏହି ନୂତନ ପଦକ୍ଷେପ ପ୍ରକୃତରେ ହେବ ଗୋଟିଏ ଜଗତର ଆଉ ଏକ ଜଗତକୁ ପରିବର୍ତ୍ତନ । କାରଣ ଆଜିପର୍ଯ୍ୟନ୍ତ ସମସ୍ତ ସୃଷ୍ଟି 'ନିମ୍ନ ଗୋଲାର୍ଦ୍ଧର ଅନ୍ତର୍ଭୁକ୍ତ', ଯାହା ଅଜ୍ଞାନ ଦ୍ୱାରା ଚାଳିତ ଏବଂ ନିଶ୍ଚେତନାହିଁ ଯାହାର ଭିତ୍ତି । କିନ୍ତୁ ଅନ୍ୟ ଜଗତଟି ହେବ ଠିକ୍ ଏହାର ଓଲଟା, ଏହା ହେବ

ସଂପୂର୍ଣ୍ଣ ଭିନ୍ନ ଏକ ଜଗତ୍, ଅଜ୍ଞାନ ଉପରେ ଭିତ୍ତି ନକରି ଏହା ପ୍ରତିଷ୍ଠିତ ହେବ ସତ୍ୟର ଭିତ୍ତି ଉପରେ । ସେଇଥି ପାଇଁ ଏହା ଯଥାର୍ଥରେ ହେବ ଏକ ନୂତନ ପୃଥିବୀ ।''

ବାସ୍ତବିକ ଆମେ ବର୍ତ୍ତମାନ ଏପରି ଏକ ଯୁଗରେ ବାସ କରୁଛେ ଯେତେବେଳେ କି ଏହିପରି ଏକ ନୂତନ ପୃଥିବୀର ପ୍ରସ୍ତୁତି ଓ ନିର୍ମାଣ ପାଇଁ ବାଟ ଛାଡ଼ି ଦେବାକୁ ପୁରାତନ ପୃଥିବୀ ଉପରେ ଦିବ୍ୟଶକ୍ତିର କ୍ରିୟା ଚାଲିଛି । ଆମରି ସମ୍ମୁଖରେ, ଆମରି ଚତୁଃପାର୍ଶ୍ୱରେ, ଆମରି ଭିତରେ ଏହି କ୍ରିୟା ଚାଲିଛି । ଆମରି ଭିତରେ ମଧ୍ୟ ଏକ ସଙ୍ଗରେ ରହିଛନ୍ତି ଉଭୟ ପୁରାତନ ଓ ନୂତନ ପୃଥିବୀ । ଭଗବାନଙ୍କ କର୍ମ ସହ ଯଥାର୍ଥ ସହଯୋଗିତାର ଅର୍ଥ ହେଉଛି ଆମ ନିଜ ଭିତରୁ ପୁରାତନ ପୃଥିବୀକୁ ଅପସାରିତ କରି ତା' ସ୍ଥାନରେ ନୂତନ ପୃଥିବୀକୁ ସ୍ଥାପିତ କରିବା । ଆମକୁ ଏଥିପାଇଁ କ'ଣ କରିବାକୁ ହେବ ? ମା' ଏ ସମ୍ପର୍କରେ କହିଛନ୍ତି : ''ଏଠାରେ ପହଞ୍ଚିବା ପାଇଁ ବିଭିନ୍ନ ବାଟ ରହିଛି ଏବଂ ଲକ୍ଷ୍ୟରେ ପହଞ୍ଚି ପାରିଲେ ସମସ୍ତ ପଥହିଁ ଉତ୍ତମ । ଗୋଟିଏ ବାଟ ହେଉଛି ବର୍ତ୍ତମାନର ଜଗତ୍ ସମ୍ପର୍କରେ ସମ୍ପୂର୍ଣ୍ଣ ବିରକ୍ତ ହୋଇ (thoroughly disgusted) ସେଥିରୁ ବାହାରି ଆସିବା ପାଇଁ ଓ ଏହାଠାରୁ ଭିନ୍ନ ଅନ୍ୟ କିଛି ଲାଭ କରିବା ପାଇଁ ତୀବ୍ର ଭାବରେ ଚାହିଁବା । ଆଉ ଏକ ବାଟ, ଯାହାକି ଅଧିକ ଅସ୍ତିବାଚକ, ତା' ହେଲା ସୁନ୍ଦର ଓ ସତ୍ୟତର କିଛି ଆମର ନିକଟବର୍ତ୍ତୀ ହେଉଛି ବୋଲି ତା'ର ସ୍ପର୍ଶ ଓ ସଂଯୋଗ ଅନୁଭବ କରିବା, ଯାହା ଫଳରେ ଏହାଛଡ଼ା ଅନ୍ୟ ସବୁକିଛିକୁ ଦୃଢ଼ ସଂକଳ୍ପର ସହ ପ୍ରତ୍ୟାଖ୍ୟାନ କରିବା ଯେପରିକି ଏହି ନୂତନ ସୌନ୍ଦର୍ଯ୍ୟ ଓ ସତ୍ୟ ଦିଗରେ ଆଗେଇଯିବା ପାଇଁ ଆମର ଯାତ୍ରାରେ କୌଣସି ବୋଝର ଭାର ଆମକୁ ବହନ କରିବାକୁ ନପଡ଼େ ।''

''କିନ୍ତୁ ଯାହାହେଲେ ମଧ୍ୟ ଅପରିହାର୍ଯ୍ୟ ବିଷୟଟି ହେଲା ଆଗେଇ ଯିବା ପାଇଁ ଏକ ଦୃଢ଼ ସଙ୍କଳ୍ପ, ଅଗ୍ରଗତିକୁ ବ୍ୟାହତ କରୁଥିବା ସବୁକିଛିକୁ ଏକ ସ୍ୱେଚ୍ଛାକୃତ ଆନନ୍ଦ ନିମିତ୍ତ ପ୍ରତ୍ୟାଖ୍ୟାନ । ସେହି ଅଜଣା ସତ୍ୟ ପଥରେ ଆଗେଇଯିବା ପାଇଁ ଯାହାକିଛି ପ୍ରତିବନ୍ଧକ ସୃଷ୍ଟିକରେ ସେଗୁଡ଼ିକୁ ନିଜ ଭିତରୁ ଝାଡ଼ି ଫୋପାଡ଼ି ଦେବାକୁ ହେବ । ଦୃଢ଼ ବିଶ୍ୱାସ ରଖିବାକୁ ହେବ ଯେ ଆଗାମୀ କାଲିର ଏହାହିଁ ହେଉଛି ଅନିବାର୍ଯ୍ୟ ସତ୍ୟ, ଏହା ନିଶ୍ଚିତରୂପେ ଘଟିବାକୁ ବାଧ୍ୟ । ଏହା ଏପରି ଏକ ସତ୍ୟ ଯାହା ବାସ୍ତବରେ ପରିଣତ ହେବା ଦିଗରେ କେହି ବାଧା ଦେଇପାରିବେ ନାହିଁ, କୌଣସି ବ୍ୟକ୍ତି, କୌଣସି ଅସଦିଚ୍ଛା ଏପରିକି ପ୍ରକୃତିର ଇଚ୍ଛା ମଧ୍ୟ ଏହାକୁ ପ୍ରତିହତ କରିପାରିବ ନାହିଁ । ଏହାର ବାସ୍ତବତା ଅନିବାର୍ଯ୍ୟ, ସମ୍ଭବତଃ ସୁଦୂର ଭବିଷ୍ୟତରେ ନୁହେଁ, ବରଂ ଏହି ସତ୍ୟ ନିଜକୁ ପ୍ରତିଷ୍ଠିତ କରିବା ପାଇଁ କ୍ରିୟା କରିଚାଲିଛି ଏବଂ ଯେଉଁମାନେ ଜାଣନ୍ତି ନିଜକୁ କିପରି ପରିବର୍ତ୍ତିତ କରିବାକୁ ହୁଏ, ପୁରାତନ ଅଭ୍ୟାସର ବୋଝରୁ କିପରି ମୁକ୍ତ ହେବାକୁ ହୁଏ, ସେମାନେ ଏହି ସତ୍ୟକୁ କେବଳ ଯେ ଦେଖିପାରିବେ, ଖାଲି ସେତିକି ନୁହେଁ – ଏହାକୁ ପୂର୍ଣ୍ଣ ଭାବରେ ସିଦ୍ଧ ଓ ଉପଲବ୍ଧି କରିବାର ଆନନ୍ଦ ମଧ୍ୟ ଲାଭ କରିବେ ।''

କିନ୍ତୁ ମା' ଆମକୁ ବାରଂବାର ଏହି ନୂତନ ସତ୍ୟ ଓ ବର୍ତ୍ତମାନର ବିପୁଳ ସମ୍ଭାବନା ବିଷୟରେ ସଚେତ କରିଦେଲେ ମଧ୍ୟ ଆମେ ତାହା ଭୁଲିଯାଉଛୁ । ଏକ ନୂତନ ପୃଥିବୀର ଜନ୍ମଗ୍ରହଣ ସମୟରେ ଉପସ୍ଥିତ ରହିବା ଓ ତାହାର ନିର୍ମାଣରେ ଭାଗନେବାର ଯେଉଁ ଦିବ୍ୟ ସୁଯୋଗ ଆମେ ପାଇଛୁ, ତାହାକୁ ସ୍ମରଣ ରଖିବା ଓ ସେସମ୍ପର୍କରେ ନିରନ୍ତର ସଚେତ ରହିବାହିଁ ପ୍ରଧାନ କଥା । ତାହାହିଁ ଆଜି ଆମର ପ୍ରଧାନ ସଂକଳ୍ପ ହେଉ । ମା'ଙ୍କର ଏହି କଥାଗୁଡ଼ିକୁ ଯେପରି ଆମେ ବରାବର ମନେରଖୁ ଓ ସଂକଳ୍ପରେ କୌଣସି ଶିଥିଳତାକୁ ପ୍ରଶ୍ରୟ ନଦେଉ । ମା କହିଥିଲେ :

''ତୁମେ ଯଦି ମନେରଖନ୍ତ – ଯଦି ମନେରଖନ୍ତ ଯେ ତୁମେ ଏକ ଅସାଧାରଣ ମୁହୂର୍ତ୍ତରେ, ଏକ ମହାନ୍ ତାତ୍ପର୍ଯ୍ୟ-ପୂର୍ଣ୍ଣ ଯୁଗରେ ବାସ କରୁଛ, ଏକ ନୂତନ ପୃଥିବୀ ଜନ୍ମ ନେଲାବେଳେ ଉପସ୍ଥିତ ରହିବାର ଏହି ମହାନ୍ ଆନନ୍ଦ ଓ ଅମୂଲ୍ୟ ସୁଯୋଗ ତୁମେ ପାଇଛ, ତେବେ ଯାହାକିଛି ତୁମକୁ ବାଧା ଦିଏ, ତୁମ ଅଗ୍ରଗତିକୁ ବ୍ୟାହତ କରେ, ତୁମେ ଅତି ସହଜରେ ସେଗୁଡ଼ିକ କଟାଇ ଦେଇ ପାରନ୍ତ ।

''ତେଣୁ ପ୍ରଧାନ କଥା ହେଲା ଏହି ବିଷୟଟିକୁ ସର୍ବଦା ସ୍ମରଣ ରଖିବା, ଏପରିକି ଯେତେବେଳେ ଏସମ୍ପର୍କରେ ତୁମର କୌଣସି ନିର୍ଦ୍ଦିଷ୍ଟ ଅନୁଭୂତି ନଥାଏ ସେତେବେଳେ ମଧ୍ୟ ତୁମେ ନିଜ ଭିତରେ ଏ ସମ୍ପର୍କରେ ଏକ ଦୃଢ଼ ନିଶ୍ଚିତତା ଓ ଗଭୀର ବିଶ୍ୱାସ ରଖିବା ଉଚିତ । ଏହାକୁ ସବୁ ସମୟରେ ସ୍ମରଣ ରଖିବାକୁ ହେବ, ଏହାକୁ ନିରନ୍ତର ମନେ ପକାଇବାକୁ ହେବ, ଯେପରି ଏହି ବିଷୟଟି କଥା ଭାବିଭାବିହିଁ ତୁମେ ଶୋଇବାକୁ ଯାଅ ଓ ପୁଣି ନିଦରୁ ଉଠି ଏହି ଅନୁଭୂତିର କଥାହିଁ ମନେ

ପକାଅ; ତୁମେ ଯାହାକିଛି କର ଯେପରି ତା'ର ପୃଷ୍ଠପଟରେ ନିରନ୍ତର ଏକ ସମର୍ଥନରୂପେ ଏହି ମହାନ୍ ସତ୍ୟକୁ ସ୍ମରଣ ରଖ ଯେ ଏକ ନୂତନ ପୃଥିବୀର ଜନ୍ମବେଳେ ତୁମେ ଉପସ୍ଥିତ ରହିଛ ।

''ତୁମେ ଏଥିରେ ଅଂଶଗ୍ରହଣ କରିପାରିବ, ତୁମେ ସ୍ୱୟଂ ଏହି ନୂତନ ପୃଥିବୀ ହୋଇ ଉଠିପାରିବ ।''

ସେହି ନବବର୍ଷ ବାଣୀରେ ମା' ଯାହା କହିଛନ୍ତି, ''ତୁମେ ସାହାଯ୍ୟ କରିବ କି ?'' ସେ ସଂପର୍କରେ ମା'ଙ୍କୁ ଜଣେ ପଚାରିଥିଲେ, 'କିପରି ଭାବରେ ଆମେ ସାହାଯ୍ୟ କରିପାରିବୁ ?' ମା'ଙ୍କର ଉତ୍ତରଟିକୁ ଏଠାରେ ଉଲ୍ଲେଖକରି ଆମେ ଏ ଆଲୋଚନାଟି ଶେଷ କରୁଛୁ ।

ମା' କହିଥିଲେ,''The best way of helping is to let the Consciousness that has come down upon earth work in you for transformation.'' (MCW. 15, p. 181)

''ସାହାଯ୍ୟର ସର୍ବୋତ୍ତମ ପଥ ହେଲା ପୃଥିବୀ ଉପରେ ଯେଉଁ ଚେତନା ଉତରି ଆସିଛି, ତାହାକୁ ତୁମ ଭିତରେ ରୂପାନ୍ତରର କାର୍ଯ୍ୟ କରିବା ପାଇଁ ଛାଡ଼ିଦେବା ।'' ✥

Love of man, love of woman, love of things, love of thy neighbour, love of thy country, love of animals, love of humanity are all the love of God reflected in these living images. So love and grow mighty to enjoy all, to help all and to love for ever.

(*SABCL, Vol 12*, p. 491) – Sri Aurobindo

*With best compliments from :*

**SRI HANUMAN FLOUR MILL**

**MAITAPUR, BALASORE (ORISSA)**